# ଧରିତ୍ରୀ
DHARITRI

ଢେଙ୍କାନାଳ, ବୁଧବାର, ମାର୍ଚ୍ଚ ୨୫/୨୦୨୦ (୧୨ ପୃଷ୍ଠା) Dhenkanal, Wednesday, March 25 / 2020 ★★★★★

୧୬ଶ ଭାଗ ୩୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-







**ଗୃହପାଳିତ ପ୍ରାଣୀଙ୍କୁ ଘରୁ ବାହାର କରନ୍ତୁନି**

କରୋନା ଭାଇରସ୍ ଯୋଗୁ ପୋଷା ଜୀବଙ୍କୁ ଏହା ସଂକ୍ରମିତ ହେବା ଆଶଙ୍କାରେ ଏମାନଙ୍କୁ ଘରୁ ବାହାର ନ କରିବା ଲାଗି ବଲିଉଡ୍ ନାୟିକା ଅନୁଷ୍କା ଶର୍ମା ଅନୁରୋଧ କରିଛନ୍ତି। ୦୮

୧୨ **ଆଇପିଏଲ୍-୧୩କୁ ନେଇ ଗାଙ୍ଗୁଲିଙ୍କ ପାଖରେ ଉତ୍ତର ନାହିଁ**



ନିରବଚ୍ଛିନ୍ନ ଖବର ପ୍ରକାଶ କରିବାକୁ ଗଣମାଧ୍ୟମକୁ ସହଯୋଗ କର ୪

ଟୋକିଓ ଅଲିମ୍ପିକ୍ସ ବର୍ଷେ ଘୁଞ୍ଚିଲା ୧୨

**ଆଜିର ସମ୍ପାଦକୀୟ**

**ଭୟ ଖାଉଛି**

**ଆଜିର ମନ୍ତବ୍ୟ**

"ଦେଶବାସୀ ନିଜ ଘରେ ଉତ୍ସବ ପାଳନ କରି କରୋନା ଭାଇରସ୍ ବିରୋଧରେ ସରକାରଙ୍କ ଲଢ଼େଇକୁ ସମର୍ଥନ କରନ୍ତୁ। –ଏମ୍. ଭେଙ୍କାୟା ନାଇଡୁ, ଉପରାଷ୍ଟ୍ରପତି


Vencobb FRESH CHICKEN — Taste the difference!

24.03.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 64 | 112 | 121 |
| CTC | 64 | 111 | 121 |
| DKL | 64 | 111 | 121 |
| BDK | 64 | 111 | 121 |
| BLS | 64 | 111 | 121 |
| ANG | 64 | 111 | 121 |
| BMP | 64 | 111 | 121 |

*Conditions Apply

Issued in the Interest of Consumers


# ୨୧ ଦିନ ଯାଏ ଦେଶ ଲକ୍‌ଡାଉନ୍

**ଘୋଷଣା କଲେ ପ୍ରଧାନମନ୍ତ୍ରୀ**



- ନିର୍ଣ୍ଣାୟକ ଯୁଦ୍ଧ ଲଢ଼ିବା ପାଇଁ ଲକ୍‌ଡାଉନ୍ ଏକ ଜରୁରୀ ପଦକ୍ଷେପ
- ୩ ସପ୍ତାହ ଧରି ଘରେ ରହିବେ ଲୋକେ
- ପଦାକୁ ଗୋଡ଼ କାଢ଼ିବା ସମ୍ପୂର୍ଣ୍ଣ ମନା

ନୂଆଦିଲ୍ଲୀ,୨୪।୩(ପି.ଟି.)

ଘାତକ କରୋନା ଭୂତାଣୁର ସଂକ୍ରମଣ ସାରା ବିଶ୍ୱକୁ କବଳିତ କରିଛି। ଏହାକୁ ରୋକିବା ପାଇଁ ଦେଶବ୍ୟାପୀ ୩ ସପ୍ତାହ ପାଇଁ ସମ୍ପୂର୍ଣ୍ଣ ଲକ୍‌ଡାଉନ୍ କରାଯିବ। ମଙ୍ଗଳବାର ମଧ୍ୟରାତ୍ରିରୁ ଏହି କଟକଣା ଲାଗୁ ହେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘୋଷଣା କରିଛନ୍ତି। ପୂର୍ବରୁ 'ଜନତା କର୍ଫ୍ୟୁ'କୁ ସମର୍ଥନ ଓ ସଫଳ କରିଥିବାରୁ ସେ ଦେଶବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ମଙ୍ଗଳବାର ରାତି ୮ଟାରେ ଟେଲିଭିଜନ ମାଧ୍ୟମରେ ଜାତି ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ଉଦ୍‌ବୋଧନ ଦେଇଛନ୍ତି। ମୋଦି କହିଛନ୍ତି, ମଙ୍ଗଳବାର ରାତି ୧୨ଟାରୁ ସାରା ଦେଶରେ ସମ୍ପୂର୍ଣ୍ଣ ଲକ୍‌ଡାଉନ୍ କରାଯିବ। କରୋନା ଏଭଳି ଘାତକ ଭୂତାଣୁ, ଯାହା ୬୭ ଦିନରେ ୧ ଲକ୍ଷ ଲୋକଙ୍କୁ ସଂକ୍ରମିତ କରିଥିଲା। କିନ୍ତୁ ପରେ ଆଉ ୩ ଲକ୍ଷ ଲୋକଙ୍କୁ ସଂକ୍ରମିତ କରିବା ☞ପୃଷ୍ଠା–୪

## 'ଘରୁ ନ ବାହାରିବା ଲାଗି ଶପଥ ନିଅନ୍ତୁ'



- 'ମୋ ଜୀବନ କାର୍ଯ୍ୟକ୍ରମ' ଆରମ୍ଭ କଲେ ନବୀନ
- ଶପଥ ପାଠ କରି ପଠାଇବାକୁ କହିଲେ

ଭୁବନେଶ୍ୱର,୨୪।୩(ବ୍ୟୁରୋ)

କରୋନା ସଂକ୍ରମଣ ରୋକିବାକୁ ସାରା ବିଶ୍ୱ ଜୋର୍‌ଦାର ଉଦ୍ୟମ ଚଳାଇଥିବାବେଳେ ଓଡ଼ିଶା ମଧ୍ୟ ସମାନ ଆଭିମୁଖ୍ୟ ଗ୍ରହଣ କରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜେ ଲୋକମାନଙ୍କୁ ଘରୁ ନ ବାହାରିବା ଲାଗି ଅନୁରୋଧ କରିଛନ୍ତି। ଏହାସହ କରୋନା ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀ ମଙ୍ଗଳବାର 'ମୋ ଜୀବନ କାର୍ଯ୍ୟକ୍ରମ' ଆରମ୍ଭ କରିଛନ୍ତି। ଘର ଭିତରୁ ନ ବାହାରିବାକୁ ପରିବାର ବର୍ଗଙ୍କ ନାମରେ ଶପଥ ନେବାକୁ ନବୀନ କହିଛନ୍ତି। ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ନବୀନ କହିଛନ୍ତି ଯେ, କରୋନା ଭାଇରସ୍ ☞ପୃଷ୍ଠା–୪

# 'ଶୀଘ୍ର ଆସିବ ଆର୍ଥିକ ପ୍ୟାକେଜ'

## ଜୁନ ୩୦ ଯାଏ ବଢ଼ିଲା ଆଇଟି ରିଟର୍ନ ଅବଧି

ନୂଆଦିଲ୍ଲୀ,୨୪–୩

କରୋନା ପ୍ରତିରୋଧ ଲାଗି ଏବେ ସାରା ଦେଶରେ ଲକ୍ ଡାଉନ ଘୋଷଣା କରାଯାଇଛି। ଏଥିଲାଗି ଦେଶର ଅର୍ଥ ବ୍ୟବସ୍ଥା ଗଭୀର ଭାବେ ପ୍ରଭାବିତ ହେଉଛି। କ୍ଷତିଗ୍ରସ୍ତ ଅର୍ଥ ବ୍ୟବସ୍ଥାକୁ ସୁଧାରିବା ଲାଗି କେନ୍ଦ୍ର ସରକାର ଶୀଘ୍ର ଏକ ଆର୍ଥିକ ପ୍ୟାକେଜ ଆଣିବେ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ମଙ୍ଗଳବାର ସୂଚନା ଦେଇଛନ୍ତି। ଏ ନେଇ ସରକାର ଶୀଘ୍ର ଘୋଷଣା କରିବେ। ସେହିଭଳି ସୀତାରାମନ ଆଉ କେତେକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି। ୨୦୧୮–୧୯ ଆର୍ଥିକ ବର୍ଷ ଲାଗି ଆୟକର(ଆଇଟି) ରିଟର୍ନର ଶେଷ ତାରିଖକୁ ଜୁନ ୩୦ ଯାଏ ବୃଦ୍ଧି କରାଯାଇଥିବା ସେ ସୂଚନା ଦେଇଛନ୍ତି। ଏହାବାଦ ବିଳମ୍ବ ରିଟର୍ନ ପଇଠ କ୍ଷେତ୍ରରେ ସୁଧକୁ ୧୨ ଓ ୧୮% ରୁ ୯%କୁ ଖସାଯାଇଛି। ସେହିଭଳି ଆଧାର–ପାନ ଲିଙ୍କ କରାଇବାର ଶେଷ ସୀମାକୁ ଜୁନ ୩୦ ଯାଏ ବୃଦ୍ଧି କରାଯାଇଛି। ପରୋକ୍ଷ ଟିକସ କ୍ଷେତ୍ରରେ ବିବାଦ ସମାଧାନ ଲାଗି ଆସିଥିବା 'ବିବାବ ସେ ବିଶ୍ୱାସ' ସ୍କିମକୁ ମଧ୍ୟ ଜୁନ ୩୦ ଯାଏ ବୃଦ୍ଧି କରାଯାଇଥିବା ବେଳେ କୌଣସି ଅତିରିକ୍ତ ଚାର୍ଜ ଏଥି ଲାଗି ସରକାର ଲାଗୁ କରାଇବେ ନାହିଁ। ୨୦୨୦ ବର୍ଷ ମାର୍ଚ୍ଚ, ଏପ୍ରିଲ ଏବଂ ମେ ମାସର ଜିଏସ୍‌ଟି ରିଟର୍ନ ଏବଂ କମ୍ପୋଜିଶନ ସ୍କିମ ରିଟର୍ନ ଫାଇଲ କରିବାର ଶେଷ ସୀମା ଜୁନ ୩୦ ଯାଏ ବଢାଯାଇଛି। ୫ କୋଟି ଟଙ୍କାରୁ କମ୍ କାରବାର କରୁଥିବା କମ୍ପାନୀଗୁଡିକ ଲାଗି କୌଣସି ସୁଧ କିମ୍ବା ପେନାଲଟି ଲାଗୁ କରାଯିବନାହିଁ। ୫ କୋଟି ଟଙ୍କାରୁ ଊର୍ଦ୍ଧ୍ୱ କାରବାର କରୁଥିବା ବଡ କମ୍ପାନୀଙ୍କ ଲାଗି ସୁଧକୁ ୯%କୁ ହ୍ରାସ କରାଯାଇଛି।

ରପ୍ତାନିକାରୀ ଏବଂ ଆମଦାନୀକାରୀଙ୍କ ଆଶ୍ୱସ୍ତି ଲାଗି ପଦକ୍ଷେପ ସ୍ୱରୂପ କଷ୍ଟମ୍‌ସ ମଞ୍ଜୁରୀରୁ ଆବଶ୍ୟକୀୟ ସେବା ଭାବେ ଘୋଷଣା କରାଯାଇଛି। ଜୁନ ୩୦ ଯାଏ ଏହା ୨୪ ଘଣ୍ଟା ଭିତ୍ତିରେ ଅନବରତ ଭାବେ କାର୍ଯ୍ୟ କରିବ। ନୂଆ କରି ଗଠନ ହୋଇଥିବା କମ୍ପାନୀଗୁଡିକ ଲାଗି ☞ପୃଷ୍ଠା–୪



- ବିଳମ୍ବ ରିଟର୍ନ ପଇଠରେ ସୁଧ ୯%କୁ ହ୍ରାସ
- ପାନ୍-ଆଧାର ଲିଙ୍କ ସମୟ ୩ ମାସ ବଢ଼ିଲା
- ଜୁନ ୩୦ଯାଏ କରିହେବ ଜିଏସ୍‌ଟି, କମ୍ପୋଜିଶନ ଫାଇଲ
- ୫ କୋଟିରୁ କମ୍ କାରବାର କରୁଥିବା କମ୍ପାନୀଙ୍କ ଲାଗି ଜରିମାନା ଛାଡ
- ବଡ କମ୍ପାନୀଙ୍କ ଲାଗି ସୁଧ ରିହାତି
- ବିନା ଦେୟରେ ବ୍ୟବହାର କରିହେବ ବିଭିନ୍ନ ଏଟିଏମ୍
- ୩ ମାସ ଯାଏ ଲାଗୁ ହେବନି ଖାତାରେ ସର୍ବନିମ୍ନ ବାଲାନ୍ସ ନିୟମ




ଧରିତ୍ରୀ
DHARITRI
ଢେଙ୍କାନାଳ, ବୁଧବାର ୨୫ ମାର୍ଚ୍ଚ, ୨୦୨୦



ରାଜଧାନୀ ଦିଲ୍ଲୀରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୦କୁ ବୃଦ୍ଧିପାଇ ଥିବାବେଳେ ସମଗ୍ର ଅଞ୍ଚଳକୁ ସମ୍ପୂର୍ଣ୍ଣ ଲକ୍‌ଡାଉନ୍ କରାଯାଇଛି। ଲୋକମାନେ ବାହାରକୁ ନ ଯାଇ ଘରେ ରହୁଛନ୍ତି। ଏଭଳି ସ୍ଥିତିରେ ଦିଲ୍ଲୀ ସରକାର ନିର୍ମାଣ ଶ୍ରମିକଙ୍କ ଜୀବନ ଜୀବିକା ଲାଗି ୫ ହଜାର ଟଙ୍କା ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ମଙ୍ଗଳବାର ଏନେଇ ଖବରଦାତା ସମ୍ମିଳନୀରେ ଘୋଷଣା କରିଛନ୍ତି।



# ବିଶ୍ୱରେ ୧୭,୨୫୦ କରୋନା ମୃତ୍ୟୁ

ନୂଆଦିଲ୍ଲୀ୨୪।୩

ବିଶ୍ୱବ୍ୟାପୀ କରୋନା ମୃତ୍ୟୁସଂଖ୍ୟା ମଙ୍ଗଳବାର ୧୭, ୨୫୦ରେ ପହଞ୍ଚିଛି। ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧିପାଇ ୩୯୬,୨୩୬ ଛୁଇଁଛି। ଚାରିଆଡ଼େ ଲୋକଙ୍କ ମନରେ ଭୟର ବାତାବରଣ। ବିଭିନ୍ନ ପଦକ୍ଷେପ ଗ୍ରହଣ କରିବା ସତ୍ତ୍ୱେ ଏହି ଭୂତାଣୁ ମୁଣ୍ଡ ଗଡ଼ାଇଚାଲିଛି। ଚାଇନା ପରେ ପ୍ରାଣଘାତୀ କରୋନା ଭାଇରସ୍ ୟୁରୋପ, ଆମେରିକା ଦେଶଗୁଡ଼ିକରେ ଭୟଙ୍କର ତାଣ୍ଡବ ରଚିଛି। ଇଟାଲୀରେ ଅଦ୍ୟାବଧି କରୋନା ଭାଇରସ୍ ଜନିତ ମୃତ୍ୟୁସଂଖ୍ୟା

## ସଂକ୍ରମିତଙ୍କ ସଂଖ୍ୟା ୩୯୬,୨୩୬ ଛୁଇଁଲା

୬,୦୭୭ରେ ପହଞ୍ଚିଥିବା ବେଳେ ୬୩,୯୨୭ ସଂକ୍ରମିତ ଥିବା ଜଣାପଡ଼ିଛି। ସେହିଭଳି ସ୍ପେନରେ ୨,୬୯୬ ବ୍ୟକ୍ତି ପ୍ରାଣ ହରାଇଥିବା ବେଳେ ସଂକ୍ରମିତଙ୍କ ସଂଖ୍ୟା ୩୯,୬୭୩ରେ ପହଞ୍ଚିଛି। ଇରାନରେ ୧୯୩୪ଜଣ ମୃତ୍ୟୁବରଣ କରିଥିବା ବେଳେ ସଂକ୍ରମିତଙ୍କ ସଂଖ୍ୟା ପାଖାପାଖି ୨୫ ହଜାରରେ ପହଞ୍ଚିଛି। ଚାଇନାରେ ୩,୨୭୭ ଜଣ ପ୍ରାଣ ହରାଇଥିଲେ ହେଁ ପୂର୍ବାପେକ୍ଷା ସ୍ଥିତିରେ ନିୟନ୍ତ୍ରଣ ଆସିପାରିଛି। ଏଠାରେ ସଂକ୍ରମିତଙ୍କ ସଂଖ୍ୟା ରହିଛି ୮୧,୧୭୧। ସେହିଭଳି ଆମେରିକାରେ ମୃତକଙ୍କ ସଂଖ୍ୟା ୫୮୮କୁ ବୃଦ୍ଧି ପାଇଥିବା ବେଳେ ସଂକ୍ରମିତଙ୍କ ସଂଖ୍ୟା ରହିଛି ୪୬, ୨୫୬। ଫ୍ରାନ୍ସରେ ୮୬୦, ଜର୍ମାନୀରେ ୧୩୩, ସ୍ୱିଜରଲାଣ୍ଡରେ ୧୨୨, ବ୍ରିଟେନରେ ୩୩୭, ଦକ୍ଷିଣ କୋରିଆରେ ୧୨୦, ନେଦରଲାଣ୍ଡରେ ୨୭୬ ବ୍ୟକ୍ତି ପ୍ରାଣ ହରାଇଲେଣି। କରୋନା ଭାଇରସ୍ ବିଶ୍ୱର ୧୯୪ ଦେଶକୁ ସଂକ୍ରମିତ ହୋଇଥିବା ବେଳେ ଚାରିଆଡ଼ ଲକ୍‌ଡାଉନ୍ କରାଯାଇଛି। ଲୋକେ ସଚେତନ ନ ହେଲେ ଓ ସାମାଜିକ ଦୂରତ୍ୱ ରକ୍ଷା କରିବାରେ ବିଫଳ ହେଲେ ପରିସ୍ଥିତି ଅଧିକ ଭୟଙ୍କର ହେବ ବୋଲି ଡବ୍ଲ୍ୟୁଏଚ୍‌ଓ ପକ୍ଷରୁ କୁହାଯାଇଛି।



ବ୍ୟାଙ୍କକ୍‌ସ୍ଥିତ ଏକ ଶପିଙ୍ଗ୍ ମଲ୍‌ରେ ଜିନିଷ କ୍ରୟ ଲାଗି ଲୋକମାନେ ସାମାଜିକ ଦୂରତ୍ୱ ରକ୍ଷାକରି ଛାଡି ଛାଡି ହୋଇ ବସିଛନ୍ତି।

## ୬ ଅଧିକାରୀ ନିଲମ୍ବିତ

**କରାଚି, ୨୪।୩:** କ୍ୱାରାଣ୍ଟାଇନ୍ ସେଣ୍ଟର୍‌ରେ ରହି ଚିକିତ୍ସିତ ହେଉଥିବା ଜଣେ କରୋନା ସଂକ୍ରମିତଙ୍କ ସହ ସେଲ୍‌ଫି ନେବା ୬ ଅଧିକାରୀଙ୍କୁ ମହଙ୍ଗା ପଡ଼ିଛି। ଏହି ଫଟୋକୁ ପୋଷ୍ଟ କରାଯିବା ପରେ ସେମାନଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ସଂକ୍ରମିତ ବ୍ୟକ୍ତିଙ୍କ ପାଖରେ ଏମାନେ ଛିଡ଼ାହୋଇ ହସୁଥିବା ବେଳେ ମୁହଁରେ ମାସ୍କ କି କପଡ଼ା ନ ଥିଲା। ସିନ୍ଧ୍ ପ୍ରଦେଶର କରୋନା ସଂକ୍ରମିତ ଅଞ୍ଚଳ ସୁକ୍କୁର ନିକଟ କ୍ୱାରାଣ୍ଟାଇନ୍ ସେଣ୍ଟର୍‌ରେ ଏଭଳି ଘଟଣା ଘଟିଥିଲା। ନିଲମ୍ବିତ ୬ ଆଞ୍ଚଳିକ ଭୂ ଅଧିକାରୀଙ୍କୁ ସରକାର ନିଲମ୍ବନ କରିବା ପରେ ସଙ୍ଗେ ସଙ୍ଗେ ସେମାନଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି ବୋଲି ସୁକ୍କୁର ଡେପୁଟି କମିଶନର ରାଣା ଆଦିଲ କହିଛନ୍ତି।

## ରାଜ୍ୟ ସଭା ନିର୍ବାଚନ ସ୍ଥଗିତ

**ନୂଆଦିଲ୍ଲୀ,୨୪।୩(ପି.ଟି.):** ରାଜ୍ୟ ସଭାର ନିର୍ବାଚନକୁ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସ୍ଥଗିତ ରଖାଯାଇଛି। ମାର୍ଚ୍ଚ ୨୬ରେ ରାଜ୍ୟ ସଭାର ୫୫ ଆସନ ପାଇଁ ନିର୍ବାଚନ ହେବାର ଥିଲା। ଏଥିଲାଗି ଫେବୃୟାରୀ ୨୫ରେ ନିର୍ବାଚନ କମିଶନ (ଇସି) ଘୋଷଣା କରିଥିଲେ। ଘୋଷଣା ଅନୁସାରେ ମାର୍ଚ୍ଚ ୧୩ରେ ନାମାଙ୍କନପତ୍ର ଦାଖଲ ସରିଛି। ତେବେ କରୋନା ଭାଇରସ୍ ଯୋଗୁ ଏହାକୁ ବାତିଲ କରିଦିଆଯାଇଥିବା ଇସି ସ୍ପଷ୍ଟ କରିଛନ୍ତି।

ନିର୍ବାଚନ ସ୍ଥଗିତ ହୋଇଥିଲେ ମଧ୍ୟ ୩୭ ଜଣ ପ୍ରାର୍ଥୀ ରାଜ୍ୟ ସଭାକୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ପୁନଃ ନିର୍ବାଚିତ ସଦସ୍ୟଙ୍କ ମଧ୍ୟରେ ଅଛନ୍ତି ଏନ୍‌ସିପି ମୁଖ୍ୟ ଶରଦ ପାୱାର, ରାଜ୍ୟ ସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂ ଓ କେନ୍ଦ୍ରମନ୍ତ୍ରୀ ରାମଦାସ ଅଠାୱଲେ। ଇତିମଧ୍ୟରେ ଭାରତର ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ୍ ରଞ୍ଜନ ଗୋଗୋଇ ରାଜ୍ୟ ସଭା ସଦସ୍ୟ ଭାବେ ଶପଥ ନେଇସାରିଛନ୍ତି। କରୋନା ସ୍ଥିତି ସମୀକ୍ଷା ପରେ ଅବଶିଷ୍ଟ ୧୮ ଆସନରେ ନିର୍ବାଚନ ପାଇଁ ଇସି ନୂଆ ତାରିଖ ଘୋଷଣା କରିବେ। ଏପ୍ରିଲ ୨ରେ ୧୮ ଏମ୍‌ପିଙ୍କ କାର୍ଯ୍ୟକାଳ ଶେଷ ହେଉଥିବାରୁ ତୁରନ୍ତ ନିର୍ବାଚନ କରା ନ ଗଲେ ରାଜ୍ୟ ସଭାରେ ସେମାନଙ୍କ ଆସନ ଖାଲିପଡ଼ିବ। ପ୍ରକାଶ ଯେ, ସୋମବାରଠାରୁ ପାର୍ଲାମେଣ୍ଟର ଉଭୟ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖାଯାଇଛି।

# ଭାରତରେ ୧୦ ମୁଣ୍ଡ ନେଲାଣି ଭୂତାଣୁ

**ନୂଆଦିଲ୍ଲୀ, ୨୪।୩:** ବିଶ୍ୱବ୍ୟାପୀ କରୋନା ଭାଇରସ୍ ଆତଙ୍କ ସୃଷ୍ଟି କରିଛି। ୧୭ ହଜାରରୁ ଊର୍ଦ୍ଧ୍ୱ ମୁଣ୍ଡ ଏହି ଭୂତାଣୁ ନେଇଥିବା ବେଳେ ପ୍ରାୟ ୪ ଲକ୍ଷ ଲୋକ ଆକ୍ରାନ୍ତ ଅଛନ୍ତି। ଭାରତରେ କରୋନା ଆସ୍ତେ ଆସ୍ତେ କାୟାବିସ୍ତାର କରିବାରେ ସଫଳ ହୋଇଛି। ବିଭିନ୍ନ ସରକାରୀ ପଦକ୍ଷେପ, କଟକଣା ସତ୍ତ୍ୱେ ଭାରତରେ ୧୦ ମୁଣ୍ଡ ନେଲାଣି ଏହି ଭୂତାଣୁ। ମହାରାଷ୍ଟ୍ରରେ କରୋନା ସଂକ୍ରମିତ ଜଣେ ୬୫ ବର୍ଷୀୟ ରୋଗୀ ମଙ୍ଗଳବାର ପ୍ରାଣ ହରାଇଥିବା ଜଣାପଡ଼ିଛି। ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧିପାଇ ୫୧୧ରେ ପହଞ୍ଚିଛି। ବିଭିନ୍ନ ରାଜ୍ୟ ସରକାର ଲକ୍‌ଡାଉନ୍ ଘୋଷଣା କରିଥିଲେ ହେଁ ଏହାକୁ କେତେକ ବେଖାତିର କରୁଥିବା ନଜରକୁ ଆସିଛି। ଏମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଚେତାବନୀ ଦିଆଯାଇଛି। ଆବଶ୍ୟକ ସ୍ଥଳେ ରାଜ୍ୟଗୁଡ଼ିକ କର୍ଫ୍ୟୁ ଲଗାଇପାରିବେ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରକାଶଥାଉ କି, କରୋନା ମହାମାରୀକୁ ରୋକିବା ଲାଗି କେନ୍ଦ୍ର ସରକାର ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ୩୨ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ସମ୍ପୂର୍ଣ୍ଣ ଲକ୍‌ଡାଉନ୍ ଘୋଷଣା କରାଯାଇଛି।




ସମ୍ପୂର୍ଣ୍ଣ ଲକ୍‌ଡାଉନ୍ ଦ୍ୱାରା ଭାରତୀୟ ଶିଳ୍ପ ବହୁଳ ଭାବେ ପ୍ରଭାବିତ ହୋଇଛି। ଲୋକମାନେ କାମଧନ୍ଦା ଛାଡ଼ି ଘରେ ପଡ଼ିରହିଛନ୍ତି। ଏଭଳି ପରିସ୍ଥିତି ଲାଗି ଅର୍ଥନୈତିକ ପ୍ୟାକେଜ୍ ଘୋଷଣା ଖୁବ୍‌ଶୀଘ୍ର

## ଆବଶ୍ୟକ ସ୍ଥଳେ କର୍ଫ୍ୟୁ ଲଗାଇବାକୁ ରାଜ୍ୟକୁ ନିର୍ଦ୍ଦେଶ

କରାଯିବ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ମଙ୍ଗଳବାର ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ପଞ୍ଜାବ, ମହାରାଷ୍ଟ୍ର ସମେତ ପୁଡୁଚେରୀରେ କର୍ଫ୍ୟୁ ଘୋଷଣା କରାଯାଇଥିବା ବେଳେ ଉତ୍ତରପ୍ରଦେଶ, ଓଡ଼ିଶା ଆଦି ରାଜ୍ୟରେ ଲକ୍‌ଡାଉନ୍‌କୁ ସମଗ୍ର ରାଜ୍ୟରେ କାର୍ଯ୍ୟକାରୀ କରାଯାଇଛି।

ମହାରାଷ୍ଟ୍ରରେ କରୋନା ୩ ମୁଣ୍ଡ ନେଇଥିବା ବେଳେ ଆକ୍ରାନ୍ତଙ୍କ ସଂଖ୍ୟା ସର୍ବାଧିକ ୧୦୬ରେ ପହଞ୍ଚିଛି। ଏହାଛଡ଼ା କେରଳରେ ୯୧ ବ୍ୟକ୍ତି ସଂକ୍ରମିତ ଅଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରୁ ଏପର୍ଯ୍ୟନ୍ତ ୩୭ ଜଣ ଆରୋଗ୍ୟ ଲାଭ କରିଥିବା କୁହାଯାଇଛି।

## ଶାହିନବାଗ ବିକ୍ଷୋଭକାରୀଙ୍କୁ ଉଠାଇନେଲା ପୋଲିସ

**ନୂଆଦିଲ୍ଲୀ,୨୪।୩(ପି.ଟି.):** ସିଏଏ ପ୍ରତିବାଦରେ ଦିଲ୍ଲୀର ଶାହିନବାଗରେ ଗତ ଡିସେମ୍ବରରୁ ଧାରଣାରେ ବସିଥିବା ବିକ୍ଷୋଭକାରୀମାନଙ୍କୁ ମଙ୍ଗଳବାର ସକାଳେ ପୋଲିସ ଉଠାଇ ନେଇଛି। କରୋନା ଭାଇରସ୍ ସଂକ୍ରମଣକୁ ନେଇ ଏପରି ପଦକ୍ଷେପ ନିଆଯାଇଥିବା ଦିଲ୍ଲୀ ପୋଲିସ ଡେପୁଟି କମିଶନର (ଦକ୍ଷିଣପୂର୍ବ) ଆର୍.ପି. ମୀନା ସୂଚନା ଦେଇଛନ୍ତି।

ମୀନା କହିଛନ୍ତି, ଶାହିନବାଗ ବିକ୍ଷୋଭସ୍ଥଳରୁ ୬ ମହିଳାଙ୍କ ସମେତ ମୋଟ ୯ ଜଣଙ୍କୁ ନିକଟସ୍ଥ ଏକ ଥାନାକୁ ନିଆଯାଇ ସେଠାରେ ଅଟକ ରଖାଯାଇଛି। କୋଭିଡ୍-୧୯ର ଭୟାବହତାକୁ ଦୃଷ୍ଟିରେ ରଖି ସଂକ୍ରମଣ ଆଶଙ୍କା ଅଧିକ ଥିବାରୁ ୩ ମାସ ଧରି ବିକ୍ଷୋଭ ଚଳାଇଥିବା ମହିଳାମାନଙ୍କୁ ସ୍ଥାନ ଛାଡ଼ି ଚାଲିଯିବା ପାଇଁ ଅନୁରୋଧ କରାଯାଇଥିଲା। ପ୍ରାୟ ୫୦ ଜଣ ବିକ୍ଷୋଭକାରୀ ବିକ୍ଷୋଭସ୍ଥଳରୁ ଉଠି ଚାଲିଯାଇଥିଲେ। ତେବେ ଅନ୍ୟ ୯ ଜଣ କାହା କଥା ନ ଶୁଣିବାରୁ ସେମାନଙ୍କୁ ସେଠାରୁ ହଟାଇଦିଆଯାଇଛି। ତେବେ ଭୂତାଣୁ ସଂକ୍ରମଣ ନିୟନ୍ତ୍ରଣକୁ ଆସିବା ପରେ ପୁଣି ବିକ୍ଷୋଭ କରାଯିବ ବୋଲି ଜଣେ ବିକ୍ଷୋଭକାରୀ କହିଛନ୍ତି। ଶାହିନବାଗ ବ୍ୟତୀତ ଉତ୍ତର-ପୂର୍ବ ଦିଲ୍ଲୀର ଜାଫରାବାଦ, କେନ୍ଦ୍ରୀୟ ଦିଲ୍ଲୀସ୍ଥିତ ତୁର୍କମେନ ଗେଟ୍ ଓ ଦକ୍ଷିଣ ଦିଲ୍ଲୀରେ ଥିବା ହଉଜ୍ ରାନୀ ଭଳି ସ୍ଥାନରେ ମଧ୍ୟ ବିକ୍ଷୋଭ ଉପରେ କଡ଼ା କଟକଣା ଜାରି କରାଯାଇଛି। ରବିବାର 'ଜନତା କର୍ଫ୍ୟୁ' ପାଳନ ବେଳେ ଶାହିନବାଗ ବିକ୍ଷୋଭସ୍ଥଳରେ ମାତ୍ର ୫ ଜଣ ମହିଳା ପ୍ରତୀକାତ୍ମକ ଭାବେ ଧାରଣାରେ ବସିଥିଲେ। ଦିଲ୍ଲୀରେ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ସିଆର୍‌ପିସି ଧାରା ୧୪୪ ଜାରି କରାଯିବା ସହ ସମସ୍ତ ପ୍ରକାର ସଭାସମିତି ଓ ଶୋଭାଯାତ୍ରା ଉପରେ ରୋକ ଲଗାଯାଇଛି।

# 'ନକାରାତ୍ମକତାର ମୁକାବିଲା ଜରୁରୀ'

ନୂଆଦିଲ୍ଲୀ,୨୪।୩(ପି.ଟି.)

ଘାତକ କରୋନା ସଂକ୍ରମଣକୁ ରୋକିବା ପାଇଁ ଦେଶରେ ନୈରାଶ୍ୟବାଦ ଓ ନକାରାତ୍ମକତାର ମୁକାବିଲା ଜରୁରୀ। ଗୁଜବ ପ୍ରସାର ନ ହେବା ଦିଗରେ ମଧ୍ୟ ଗଣମାଧ୍ୟମ ବିଶେଷ ଦୃଷ୍ଟି ଦେବା ଆବଶ୍ୟକ ବୋଲି ମଙ୍ଗଳବାର ବରିଷ୍ଠ ଖବରଦାତାମାନଙ୍କୁ ପରାମର୍ଶ ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ବର୍ତ୍ତମାନ ସମୟରେ ଲୋକଙ୍କୁ ସଚେତନ କରିବାରେ ପ୍ରିଣ୍ଟ ଗଣମାଧ୍ୟମର ଭୂମିକାକୁ ସେ ପ୍ରଶଂସା କରିଛନ୍ତି। ଏହି ଭିଡିଓ କନ୍‌ଫରେନ୍ସିଂ କାର୍ଯ୍ୟକ୍ରମରେ ଓଡ଼ିଶାରୁ 'ଧରିତ୍ରୀ' ଓ 'ଓଡ଼ିଶା ପୋଷ୍ଟ' ସମ୍ପାଦକ ତଥାଗତ ସତପଥୀ ଏବଂ 'ସମ୍ବାଦ' ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ ଭାଗନେଇଥିଲେ।

ପ୍ରଧାନମନ୍ତ୍ରୀ ନୂଆଦିଲ୍ଲୀରୁ ଭିଡିଓ କନ୍‌ଫରେନ୍ସ ଜରିଆରେ ମୁଦ୍ରଣ ଗଣମାଧ୍ୟମ ସହିତ ଜଡ଼ିତ ବିଭିନ୍ନ ରାଜ୍ୟର ବରିଷ୍ଠ ଖବରଦାତାମାନଙ୍କ ସହ ଭାବ ବିନିମୟ କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, କୋଭିଡ୍-୧୯ର ପ୍ରଭାବ ହ୍ରାସ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ନାଗରିକମାନଙ୍କୁ ଆଶ୍ୱସ୍ତ କରିବା ଦରକାର। ଜାତୀୟ ନିରାପତ୍ତାର ସୁରକ୍ଷା ଲାଗି ସାମାଜିକ ଏକତା ବୃଦ୍ଧି କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆଲୋଚନା ବେଳେ ମୋଦି ଗଣମାଧ୍ୟମକୁ ସରକାର ଓ ଲୋକଙ୍କ ମଧ୍ୟରେ ସେତୁ ଭଳି କାର୍ଯ୍ୟ କରିବା ସହ ଜାତୀୟ ତଥା ଆଞ୍ଚଳିକ ସ୍ତରରେ ନିରନ୍ତର ଫିଡ୍‌ବ୍ୟାକ୍ ଦେବା ପାଇଁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ସାମାଜିକ ଦୂରତ୍ୱର ମହତ୍ତ୍ୱକୁ ଗୁରୁତ୍ୱ ଦେଇ ସଚେତନା ସୃଷ୍ଟି, ରାଜ୍ୟଗୁଡ଼ିକ ପକ୍ଷରୁ କରାଯାଉଥିବା ଲକ୍‌ଡାଉନ୍ ନିଷ୍ପତ୍ତି ଉପରେ ଲୋକଙ୍କୁ ଅବଗତ କରାଇବା ପାଇଁ ଅନୁରୋଧ କରିଛନ୍ତି। ଏହାସହ ଖବରକାଗଜରେ କରୋନା ଭାଇରସ୍‌ର ବିସ୍ତାର ନେଇ ଅନ୍ତର୍ଜାତୀୟ ତଥ୍ୟକୁ ଅନ୍ତର୍ଭୁକ୍ତ ଏବଂ ଅନ୍ୟ ଦେଶଗୁଡ଼ିକର




ପ୍ରଧାନମନ୍ତ୍ରୀଙ୍କ ସହ ଭାବ ବିନିମୟ ବେଳେ 'ଧରିତ୍ରୀ' ଓ 'ଓଡ଼ିଶା ପୋଷ୍ଟ' ସମ୍ପାଦକ ତଥାଗତ ସତପଥୀ ଏବଂ 'ସମ୍ବାଦ' ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ।

## କରୋନା ମୁକାବିଲାରେ ପ୍ରିଣ୍ଟ ମିଡିଆର ଭୂମିକାକୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା

କେସ୍ ଷ୍ଟଡିଗୁଡ଼ିକର ଅବତାରଣା କରିବା ପାଇଁ ମୋଦି ଗୁରୁତ୍ୱାରୋପ କରିଛନ୍ତି ବୋଲି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଯୋଗଦାନକାରୀମାନଙ୍କୁ ସେମାନଙ୍କ ଫିଡ୍‌ବ୍ୟାକ୍ ପାଇଁ ଧନ୍ୟବାଦ ଦେବା ସହ ବଞ୍ଚିତ ବର୍ଗର ଲୋକଙ୍କ ପ୍ରତି ସାମାଜିକ ଉତ୍ତରଦାୟିତ୍ୱ ତୁଲାଇବାକୁ ମଧ୍ୟ ସ୍ମରଣ କରାଇଛନ୍ତି। ଦେଶରେ କରୋନା ଭାଇରସ୍ ସଂକ୍ରମଣ ରୋକିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଏହି ପ୍ରଭାବଶାଳୀ ଭୂମିକାକୁ ପ୍ରିଣ୍ଟ ମିଡିଆର ଜର୍ନାଲିଷ୍ଟମାନେ ପ୍ରଶଂସା କରିଛନ୍ତି। ଦେଶର ୧୪ଟି ସ୍ଥାନରୁ ୧୧ଟି ଭାଷାରେ ପ୍ରକାଶିତ ଖବରକାଗଜର ୨୦ ଜଣ ଖବରଦାତା ପ୍ରଧାନମନ୍ତ୍ରୀଙ୍କ ସହ ଭାବବିନିମୟ କରିଥିଲେ।

# ପ୍ରସ୍ତୁତି ଲାଗି ଯଥେଷ୍ଟ ସମୟ ଥିଲା

ନୂଆଦିଲ୍ଲୀ,୨୪।୩

ଭାରତରେ ଏବେ ଚାରିଆଡ଼େ ଭୟ ଓ ଆତଙ୍କର ପରିବେଶ। ବିଭିନ୍ନ ରାଜ୍ୟରେ ଲକ୍‌ଡାଉନ୍ ଘୋଷଣା କରାଯାଇଛି। କରୋନା ଭାଇରସ୍‌ରେ ୫୧୧ ଆକ୍ରାନ୍ତ ହେବା ପରେ ଯୁଦ୍ଧକାଳୀନ ଭିତ୍ତିରେ ସବୁ ଚାଲିଛି। ହେଲେ ବହୁ ଆଗରୁ ଏସବୁ ହୋଇପାରିଥାନ୍ତା। ପ୍ରସ୍ତୁତି ଲାଗି ଯଥେଷ୍ଟ ସମୟ ଥିଲା ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଟୁଇଟ କରି କହିଛନ୍ତି। ହରିୟାଣାର ସରକାରୀ ଡାକ୍ତର କାମନା କକ୍କରଙ୍କ ଟୁଇଟ ଉପରେ ସେ ଏଭଳି ମତ ଦେଇଛନ୍ତି। ହସ୍ପିଟାଲରେ ଅତ୍ୟାବଶ୍ୟକ ମାସ୍କ, ଗ୍ଲୋଭ୍‌ସ ଆଦି ସାମଗ୍ରୀର ଅଭାବ ପରିଲକ୍ଷିତ ହେଉଥିବା ଡାକ୍ତର ଦର୍ଶାଇଥିଲେ। କରୋନା ସଂକ୍ରମିତଙ୍କ ସଂଖ୍ୟା ବଢୁଥିବା ବେଳେ ପ୍ରୋଟେକ୍ଟିଭ୍ ଇକ୍ୱିପ୍‌ମେଣ୍ଟ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ନ ରହିବା ଦୁଃଖର ବିଷୟ ବୋଲି ରାହୁଲ କହିଛନ୍ତି।

କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ, ରାହୁଲ ଫେବୃୟାରୀ ୧୨ରେ ଏନେଇ ସତର୍କ କରାଇଥିବା ବେଳେ ସରକାର ଏହାକୁ ଖାମ୍‌ଖିଆଲ ଭାବେ ନେଇଥିଲେ। ଭେଣ୍ଟିଲେଟର, ସର୍ଜିକାଲ ମାସ୍କ ଭଳି ଲାଇଫ୍ ସେଭିଂ ଇକ୍ୱିପ୍‌ମେଣ୍ଟଗୁଡ଼ିକର ରପ୍ତାନି ଉପରେ କଟକଣା ଲଗାଇବାରେ ବିଳମ୍ବ ଯୋଗୁ ମଧ୍ୟ ରାହୁଲ ସରକାରଙ୍କ ଉପରେ ବର୍ଷିଛନ୍ତି। ପର୍ଯ୍ୟାପ୍ତ ମାସ୍କ ଓ ଭେଣ୍ଟିଲେଟର ମହଜୁଦ ନ ରଖି ବାହାରକୁ ପଠାଯିବାର ମାନେ କ'ଣ ବୋଲି ରାହୁଲ ପ୍ରଶ୍ନ କରିଛନ୍ତି। ଏବେ ଭାରତରେ କରୋନାକୁ ନେଇ ଲୋକେ ଭୟଭୀତ। ସେମାନଙ୍କୁ ମାସ୍କ ମିଳୁନାହିଁ। ଏଭଳି ଷଡ଼ଯନ୍ତ୍ର ପଛରେ କାହାର ହାତ ଅଛି ବୋଲି ରାହୁଲ ପ୍ରଶ୍ନ କରିଛନ୍ତି। କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ପ୍ରଧାନମନ୍ତ୍ରୀଙ୍କୁ ପତ୍ର ଲେଖି କରୋନା ଲକ୍‌ଡାଉନ୍‌ରେ ପ୍ରଭାବିତ ଅସଙ୍ଗଠିତ ଶ୍ରମିକ, ନିର୍ମାଣ ଶ୍ରମିକ ଆଦିଙ୍କ ଲାଗି ରିଲିଫ୍ ଯୋଜନା ଘୋଷଣା କରିବା ଲାଗି କହିଛନ୍ତି।



## ନିର୍ମାଣ ଶ୍ରମିକଙ୍କ ଲାଗି ରିଲିଫ୍ ଯୋଜନା ହେଉ: ସୋନିଆ



## କରୋନାକୁ ନେଇ ବର୍ଷିଲେ ରାହୁଲ

# ଗୃହବନ୍ଦୀରୁ ଓମାର ମୁକ୍ତ

ଶ୍ରୀନଗର/ନୂଆଦିଲ୍ଲୀ,୨୪।୩

ପ୍ରାୟ ୮ ମାସ ଧରି ଗୃହବନ୍ଦୀ ରହିବା ପରେ ମୁକୁଳିଛନ୍ତି ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ନ୍ୟାଶନାଲ କନଫରେନ୍ସ ଉପାଧ୍ୟକ୍ଷ ଓମାର ଅବ୍‌ଦୁଲ୍ଲା। ଅଗଷ୍ଟ ୫ରେ ଅନୁଚ୍ଛେଦ ୩୭୦ ଉଚ୍ଛେଦ ସମୟରୁ ଓମାରଙ୍କ ସହ ଦୁଇ ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବ୍‌ଦୁଲ୍ଲା ଓ ମେହବୁବା ମୁଫ୍‌ତିଙ୍କ ସମେତ ଅନେକ ନେତାଙ୍କୁ ଗୃହବନ୍ଦୀ କରାଯାଇଥିଲା। ଫାରୁକ୍ ନିକଟରେ ମୁକୁଳିଥିବାବେଳେ ମେହବୁବାଙ୍କୁ ମଧ୍ୟ ମୁକ୍ତ କରାଯିବ ବୋଲି ଜଣାପଡ଼ିଛି।

ଧାରା ୩୭୦କୁ କେନ୍ଦ୍ର ସରକାର ଅଗଷ୍ଟ ୫ରେ ହଟାଇଦେଇଥିଲେ। ସେହି ସମୟରେ ଶତାଧିକ କଶ୍ମୀରୀ ନେତା ଓ ସନ୍ଦିଗ୍ଧଙ୍କୁ ଗୃହବନ୍ଦୀ ରଖାଯାଇଥିଲା।



୨୩୨ ଦିନ ପରେ ମୁକ୍ତ ହୋଇ ହରି ନିବାସ ଗେଷ୍ଟ ହାଉସ୍ ଛାଡ଼ିବା ପରେ ଓମାର ପ୍ରଥମଥର ପାଇଁ ଟୁଇଟ୍ କରିଛନ୍ତି। କହିଛନ୍ତି, ଆଜି ବିଶ୍ୱ ସମ୍ପୂର୍ଣ୍ଣ ଭିନ୍ନ ସ୍ଥିତି ଦେଇ ଗତିକରୁଛି। ଆଜି ଆମେ ଜୀବନ ଓ ମୃତ୍ୟୁ ସହ ଲଢ଼େଇ କରୁଛେ। କରୋନାର ମୁକାବିଲା ପାଇଁ ସରକାରଙ୍କ ନିର୍ଦ୍ଦେଶକୁ ମାନିବା। ପ୍ରକାଶ ଯେ, ଅଟକରୁ ମୁକ୍ତ ନ ହେବା ଯାଏ ନିଶଦାଢ଼ି କାଟିବେ ନାହିଁ ବୋଲି ପ୍ରତିଜ୍ଞା କରିଥିଲେ।

# ହନ୍ତା ଭାଇରସ୍ ସଂକ୍ରମଣରେ ଜଣେ ମୃତ

ବେଜିଂ,୨୪।୩

ଚାଇନାର ଉହାନ ସହରରୁ ଚାରିଆଡ଼େ ବ୍ୟାପିଥିବା କରୋନା ଭାଇରସ୍ ବିଶ୍ୱରେ ଆତଙ୍କ ସୃଷ୍ଟି କରିଥିବାବେଳେ ଏବେ ଆଉ ଏକ ନୂଆ ଭୂତାଣୁ ଆସିଛି। ଏହାର ସଂକ୍ରମଣରେ ଚାଇନାର ଜଣେ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ଏହି ଭୂତାଣୁକୁ ହନ୍ତା ଭାଇରସ୍ ବୋଲି ନାମକରଣ କରାଯାଇଛି। ଚାଇନାର ଗ୍ଲୋବାଲ୍ ଟାଇମ୍ସ ପକ୍ଷରୁ କରାଯାଇଥିବା ଟୁଇଟ୍ ଅନୁସାରେ ୟୁନାନ ପ୍ରଦେଶର ଜଣେ ବ୍ୟକ୍ତି ସୋମବାର ଶାନ୍‌ଡୋଙ୍ଗ୍ ପ୍ରଦେଶକୁ କାମ ପାଇଁ ବସ୍‌ରେ ଯାଉଥିବାବେଳେ ଏହି ହନ୍ତା ଭାଇରସ୍‌ରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଛନ୍ତି। ବସ୍‌ରେ ଥିବା ଅନ୍ୟ ଯାତ୍ରୀମାନଙ୍କ



ସ୍ୱାସ୍ଥ୍ୟ ମଧ୍ୟ ପରୀକ୍ଷା କରାଯାଇଛି। ତେବେ ଅନ୍ୟମାନଙ୍କ ଦେହରେ ଏହି ଭୂତାଣୁର ଲକ୍ଷଣ ଥିବା ଜଣାପଡ଼ିନାହିଁ।

## ଚାଇନାକୁ ଆସିଲା ନୂଆ ଭୂତାଣୁ

**ହନ୍ତା ଭାଇରସ୍ କ'ଣ:**

ସେଣ୍ଟର ଫର୍ ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନ୍‌ଶନ (ସିଡିସିପି) ଅନୁସାରେ ହନ୍ତା ଭାଇରସ୍ ହେଉଛି ରୋଡେଣ୍ଟ (ମୂଷକ ବା କର୍ତ୍ତଦନ୍ତୀ ମୂଷା ଜାତୀୟ ଜୀବ)ଠାରୁ ସଂକ୍ରମିତ ଭୂତାଣୁ। ଏହି ଭୂତାଣୁରେ ସଂକ୍ରମିତ ହେଲେ ଲୋକଙ୍କ ଦେହକୁ ବିଭିନ୍ନ ରୋଗ ଆସିବାର ଆଶଙ୍କା ରହିଛି। ଏଥିଯୋଗୁ ହନ୍ତା ଭାଇରସ୍ ପୁଲମୋନାରି ସିଣ୍ଡ୍ରୋମ୍ (ଏଚ୍‌ପିଏସ୍) ଏବଂ ହେମୋରହାଜିକ୍ ଫିଭର ସହ ରିନାଲ ସିଣ୍ଡ୍ରୋମ୍ (ଏଚ୍‌ଏଫ୍‌ଆର୍‌ଏସ୍) ମଧ୍ୟ ସୃଷ୍ଟି ହୋଇଥାଏ। ଏହା ବାୟୁବାହକ ରୋଗ ନୁହେଁ। ରୋଡେଣ୍ଟମାନଙ୍କ ମଳ, ମୂତ୍ର ଓ ଲାଳ ସଂସ୍ପର୍ଶରେ ଆସିଲେ ଏହି ଭୂତାଣୁ ସଂକ୍ରମିତ ହେବାର ଅଧିକ ଆଶଙ୍କା ରହିଥାଏ।

**ହନ୍ତା ଭାଇରସର ଲକ୍ଷଣ:**

ଏଚ୍‌ପିଏସ୍‌ର ପ୍ରାଥମିକ ଲକ୍ଷଣ ହେଉଛି ଏଥିରେ ସଂକ୍ରମିତ ବ୍ୟକ୍ତି କ୍ଳାନ୍ତ ଅନୁଭବ କରିବେ। ତାଙ୍କୁ ଜ୍ୱର ହେବା ସହ ଶିରା ପୀଡ଼ା, ମୁଣ୍ଡବ୍ୟଥା, ମୁଣ୍ଡ ବୁଲାଇବା, ଦେହ ଶୀତାଇବା ଓ ପେଟ ସମସ୍ୟା ଦେଖାଦେବା ଆଦି ଅସୁବିଧା ଦେଖାଦେଇଥାଏ। ସଂକ୍ରମିତ ବ୍ୟକ୍ତିଙ୍କୁ ଚିକିତ୍ସା କରା ନ ଗଲେ କଫ ଜମିବା ସହ ଶ୍ୱାସଜନିତ ସମସ୍ୟା ସୃଷ୍ଟି ହେବ ଓ ତାଙ୍କର ଜୀବନ ମଧ୍ୟ ଚାଲିଯାଇପାରେ। ଏଥିରେ ସଂକ୍ରମିତଙ୍କ ମୃତ୍ୟୁ ଘଟିବା ଆଶଙ୍କା ୩୮% ରହିଛି। ଏଚ୍‌ଏଫ୍‌ଆର୍‌ଏସ୍‌ର ପ୍ରାଥମିକ ଅବସ୍ଥା ମଧ୍ୟ ଅନୁରୂପ ରହିଥାଏ। ଏଥିଯୋଗୁ ନିମ୍ନ ରକ୍ତଚାପ, ତୀବ୍ର ଆଘାତ, ରକ୍ତକୋଷିକାରେ ଲିକେଜ୍ ଓ କିଡ୍‌ନୀ ଫେଲ୍ ହେବାର ମଧ୍ୟ ଆଶଙ୍କା ରହିଛି। ଏଚ୍‌ପିଏସ୍ ଜଣେ ବ୍ୟକ୍ତିଙ୍କଠାରୁ ଅନ୍ୟ ଜଣେ ବ୍ୟକ୍ତିଙ୍କ ପାଖକୁ ଯାଉ ନ ଥିବାବେଳେ ଲୋକଙ୍କ ମଧ୍ୟରେ ଏଚ୍‌ଏଫ୍‌ଆର୍‌ଏସ୍‌ର ଟ୍ରାନ୍ସମିଶନ ବିରଳ ବୋଲି ସିଡିସିପି ପକ୍ଷରୁ କୁହାଯାଇଛି। ଏହି ରୋଗରୁ ବର୍ତ୍ତିବା ପାଇଁ ରୋଡେଣ୍ଟ ସଂଖ୍ୟା ହ୍ରାସ କରିବା ହେଉଛି ପ୍ରାଥମିକ ରଣନୀତି।



# ନିର୍ଣ୍ଣାୟକ ଯୁଦ୍ଧ ଜରୁରୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ରାତି ୮ଟାରେ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇଛନ୍ତି। କରୋନା ଭୂତାଣୁ ସଂକ୍ରମଣର ଭୟାବହତାରୁ ଜନସାଧାରଣଙ୍କୁ ସୁରକ୍ଷା ଦେବା ପାଇଁ ସାରା ଦେଶରେ ମଙ୍ଗଳବାର ମଧରାତିରୁ ୨୧ଦିନ ପର୍ଯ୍ୟନ୍ତ ଲକ୍‌ଡାଉନ ଘୋଷଣା କରିଛନ୍ତି। ଏଭଳି ଏକ ସଙ୍କଟଜନକ ପରିସ୍ଥିତିରେ ସମର୍ଥନ ଜଣାଇ କରୋନାର ମୁକାବିଲା କରୁଥିବାରୁ ମୋଦି ଦେଶବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। କରୋନା ଭୂତାଣୁ ବିରୋଧରେ ନିର୍ଣ୍ଣାୟକ ଯୁଦ୍ଧ ଲଢ଼ିବା ପାଇଁ ଲକ୍‌ଡାଉନ୍ ଏକ ସମୟୋଚିତ ପଦକ୍ଷେପ। ଏହି ମହାମାରି ସମଗ୍ର ବିଶ୍ୱକୁ କବଳିତ କରିଥିବାରୁ ସମସ୍ତେ ୩ ସପ୍ତାହ ପର୍ଯ୍ୟନ୍ତ ନିଜ ନିଜ ଘରେ ଆବଦ୍ଧ ହୋଇ ଏହାର ମୁକାବିଲା କରିବା ଜରୁରୀ ବୋଲି ମୋଦି କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଏହି ଆହ୍ୱାନ ପରେ ସାଧାରଣ ଲୋକଙ୍କ ଠାରୁ ମିଳିଥିବା ପ୍ରତିକ୍ରିୟା:-

## ସତର୍କତା ହିଁ ବଞ୍ଚାଇ ପାରିବ



କରୋନା କେବଳ ଓଡ଼ିଶା କିମ୍ବା ଭାରତ ପାଇଁ ନୁହେଁ। ସାରା ମାନବ ସମାଜ ନିମନ୍ତେ ଏହା ଚିନ୍ତାର କାରଣ ହୋଇଛି। ପ୍ରତି ମୁହୂର୍ତ୍ତରେ ସତର୍କତା ହିଁ କେବଳ ଆମକୁ ବଞ୍ଚାଇ ପାରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଦେଶକୁ କରିଥିବା ସମ୍ବୋଧନ ଅନେକ ଗୁରୁତ୍ୱ ବହନ କରୁଛି। ୨୧ଦିନ ଧୈର୍ଯ୍ୟ ହିଁ ଅନେକ ବିପଦକୁ ଦୂର କରିବ। ଏହି ଘଡ଼ି ସନ୍ଧି ସମୟରେ ଯେଉଁସବୁ ଜରୁରୀ ସାମଗ୍ରୀ ରହିଛି, ତାହା ଯେପରି ଶୃଙ୍ଖଳିତ ଭାବେ ଉପଲବ୍ଧ ହେବ, ସେଥିପାଇଁ ସରକାର ବ୍ୟବସ୍ଥା କରିବା ଦରକାର।

**- ବେବି ବୈଶାଖୀ ମହାନ୍ତି, ଗୃହିଣୀ, ଖଣ୍ଡଗିରି, ଭୁବନେଶ୍ୱର**

## ଜୀବନ ବାଛନ୍ତୁ, କରୋନା ନୁହେଁ



ବିଶ୍ୱର ବହୁ ଉନ୍ନତ ସ୍ୱାସ୍ଥ୍ୟସେବା ଥିବା ଦେଶ କରୋନା ମୁକାବିଲାରେ ବିଫଳ ହୋଇଛି। ଭାରତରେ ଯଦି ସତର୍କତା ଅବଲମ୍ବନ କରା ନ ଯାଏ, ତେବେ ବଡ଼ଧରଣର ବିପର୍ଯ୍ୟୟକୁ ଏଡ଼ାଇ ଦିଆଯାଇ ନ ପାରେ। ଜନତା କର୍ଫ୍ୟୁ ସଫଳ ହୋଇଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମିଳିତଭାବେ ଏହାର ମୁକାବିଲା କରୁଛନ୍ତି। ସମସ୍ତଙ୍କ ପାଇଁ ଅତ୍ୟାବଶ୍ୟକ ସାମଗ୍ରୀ ମଧ ଯଥାସମ୍ଭବ ବ୍ୟବସ୍ଥା ହୋଇଛି। ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁରୋଧ କ୍ରମେ ଆମକୁ କିଛି ଦିନ ଘରେ ରହିବାକୁ ପଡ଼ିବ। ଏହାଦ୍ୱାରା ନିଜର ଏବଂ ଅନ୍ୟମାନଙ୍କ ଜୀବନ ବଞ୍ଚି ଯାଇପାରିବ। ଜୀବନ ବାଛନ୍ତୁ, କରୋନା ନୁହେଁ।

**–ନାରାୟଣ ପ୍ରସାଦ ସିଂ, ଛାତ୍ର ନେତା**

## ସମସ୍ତେ ପାଳନ କରିବା ଜରୁରୀ



ବର୍ତ୍ତମାନର ପରିସ୍ଥିତିରେ ଯେଉଁ ପଦକ୍ଷେପ ନିଆଯାଇଛି ତାହା ସ୍ୱାଗତଯୋଗ୍ୟ। ପ୍ରାଥମିକ ଆବଶ୍ୟକତା ଅନୁଯାୟୀ ଲୋକମାନଙ୍କ ଜୀବନ ସୁରକ୍ଷା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଟେ। ଆର୍ଥିକ ସ୍ଥିତି ପରବର୍ତ୍ତୀ ସମୟରେ ସଜଡ଼ା ଯାଇପାରିବ। ତେଣୁ ପ୍ରଧାନମନ୍ତ୍ରୀ ୨୧ଦିନ ପର୍ଯ୍ୟନ୍ତ ଦେଶବ୍ୟାପୀ ଯେଉଁ ଲକ୍‌ଡାଉନ ଘୋଷଣା କରିଛନ୍ତି ତାକୁ ସମସ୍ତେ ପାଳନ କରିବା ଜରୁରୀ।

**- ଶିବପ୍ରସାଦ ମିଶ୍ର, ଆକାଉଣ୍ଟାଣ୍ଟ**

## ଅତିଷ୍ଠ ନ ହୋଇ ମୁକାବିଲା କରନ୍ତୁ



ପ୍ରଧାନମନ୍ତ୍ରୀ ସମଗ୍ର ଦେଶକୁ ଦେଇଥିବା ବାର୍ତ୍ତା ସ୍ୱାଗତଯୋଗ୍ୟ। ୨୧ଦିନ ପର୍ଯ୍ୟନ୍ତ ଘରେ ରହିବାରେ ଆମର କୌଣସି ଅସୁବିଧା ନାହିଁ। ହେଲେ ଅତ୍ୟାବଶ୍ୟକ ସାମଗ୍ରୀ ଲୋକଙ୍କୁ ଯେପରି ସହଜରେ ମିଳିପାରିବ ତାହାର ବ୍ୟବସ୍ଥା କରିବା ଆବଶ୍ୟକ। ଜନସାଧାରଣ ଯେପରି ଅତିଷ୍ଠ ନ ହୋଇ ପରିସ୍ଥିତିର ମୁକାବିଲା କରିବେ ସେଥିଲାଗି ସମସ୍ତ ବ୍ୟବସ୍ଥା ନିଆଯିବା ଆବଶ୍ୟକ। ଯେଉଁମାନେ ଖାଇବାକୁ ପାଉନାହାନ୍ତି ସେମାନଙ୍କୁ ଖାଦ୍ୟ ଦେବା ଦରକାର। ପୋଲିସ ସାଧାରଣ ଲୋକଙ୍କ ପ୍ରତି ଭଲ ବ୍ୟବହାର କରିବା ସହ ସାଧାରଣ ଲୋକଙ୍କ ଚଳିବା ଦିଗରେ ସରକାର ଯତ୍ନବାନ ହେବା ଆବଶ୍ୟକ।

**- ଦିଲ୍ଲୀପ ହାଲି, ସମ୍ପାଦକ, ଓଡ଼ିଶା ସିନେକ୍ରିଟିକ୍ ଆସୋସିଏଶନ୍**

## ଲକ୍‌ଡାଉନ୍ ଘୋଷଣା ପରେ ମିଳୁନି ସାମଗ୍ରୀ



୨୧ଦିନ ଲକ୍‌ଡାଉନ୍ ହେଲେ ହିଁ କରୋନା ମହାମାରୀର ମୁକାବିଲା କରାଯାଇପାରିବ। ଆମେ ଏହାକୁ ନିଶ୍ଚିତ ସମର୍ଥନ କରିବୁ। ବୃଦ୍ଧ ଓ ରୋଗୀଙ୍କ ପାଇଁ ଆବଶ୍ୟକ ସୁବିଧା ସୁଯୋଗ ସମ୍ପର୍କରେ ସରକାର ବୁଝିବା ସହ ଦରଦାମ୍‌କୁ କିଭଳି ନିୟନ୍ତ୍ରଣରେ ରଖାଯାଇପାରିବ ସେଦିଗରେ ପଦକ୍ଷେପ ନିଅନ୍ତୁ। ଓଡ଼ିଶାରେ ଲକ୍‌ଡାଉନ୍ ଘୋଷଣା ହେବା ପରେ ବଜାରରେ ଅନେକ ଅତ୍ୟାବଶ୍ୟକ ସାମଗ୍ରୀ ମିଳୁନାହିଁ। ସେଥିପ୍ରତି ଦୃଷ୍ଟିଦେବାକୁ ଅନୁରୋଧ। ନଚେତ୍ କରୋନା କିଛି କରିବା ଆଗରୁ ଘରେ ପଡ଼ିକି ମରିଯିବା। ପୋଲିସ, ପ୍ରଶାସନ ଓ ଯୋଗାଣ ବିଭାଗ ଶୃଙ୍ଖଳିତଭାବେ ସମସ୍ତ ବ୍ୟବସ୍ଥା କରିବା ଆବଶ୍ୟକ।

**- ଲୁଟୁ ମହାନ୍ତି, ପ୍ରଯୋଜକ**

## ବ୍ୟବସାୟ, ବ୍ୟବସାୟୀ ଉଭୟ ପ୍ରଭାବିତ ହେବେ



କରୋନା ପାଇଁ ସାରା ବିଶ୍ୱ ଏବେ ହାଇରାଣ ହେଉଛି। ବିଶେଷକରି ବ୍ୟବସାୟ ପ୍ରତିଷ୍ଠାନ ଓ ବ୍ୟବସାୟୀ ଉଭୟେ ଏହାଦ୍ୱାରା ପ୍ରଭାବିତ ହେଉଛନ୍ତି। ବାହାର ରାଜ୍ୟରୁ ଆସୁଥିବା ନିତାନ୍ତ ଆବଶ୍ୟକ ସାମଗ୍ରୀ ଏବେ ଚଢ଼ା ଦରରେ ଆସୁଛି। ଇତିମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲକ୍‌ଡାଉନ୍‌କୁ ଆହୁରି ୨୧ ଦିନ ଘୁଞ୍ଚାଇ ଦେଇଛନ୍ତି। ଫଳରେ ଏବେ ବ୍ୟବସାୟ କ୍ଷେତ୍ର ଅଧିକ ପ୍ରଭାବିତ ହେବ। ବାହାର ରାଜ୍ୟରୁ ଆସୁଥିବା ଆଳୁ, ପିଆଜ ଓ ଅନ୍ୟ ସାମଗ୍ରୀର ପରିମାଣ ହ୍ରାସ ପାଇବା ସହ ଲୋକଙ୍କ ଆବଶ୍ୟକତା ଅନୁସାରେ ଉପଲବ୍ଧ ହେବ ନାହିଁ। ତେଣୁ ଆନ୍ତଃ ରାଜ୍ୟ ଆମଦାନୀ ଓ ରପ୍ତାନୀକୁ ସରକାର ବେଶୀ ଗୁରୁତ୍ୱ ଦିଅନ୍ତୁ।

**- ଗୟାଧର ସ୍ୱାଇଁ, ବ୍ୟବସାୟୀ, ୟୁନିଟ୍ ୧ ହାଟ**

## ସମୟୋପଯୋଗୀ ପଦକ୍ଷେପ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏହା ଏକ ସମୟୋପଯୋଗୀ ପଦକ୍ଷେପ। ୨୧ ଦିନ ପର୍ଯ୍ୟନ୍ତ ସାରା ଭାରତ ଲକ୍‌ଡାଉନ୍‌କୁ ଲୋକ ମାନିବା ଆବଶ୍ୟକ। ନିଜର ଓ ନିଜ ପରିବାରର ସୁରକ୍ଷା ପାଇଁ ଘରେ ରହିବା ଆବଶ୍ୟକ। ଦିନକୁ ଦିନ ଯେଉଁଭଳି ଭାବରେ କୋଭିଡ଼-୧୯ ତା'ର କାୟାବିସ୍ତାର କରୁଛି, ଏହି ସମୟରେ ଦେଶର ପ୍ରତ୍ୟେକ ନାଗରିକ ସଚେତନ ଓ ସୁରକ୍ଷିତ ରହିବା ନିତାନ୍ତ ଆବଶ୍ୟକ।

**- ସୋନାଲି ଦାସ, ଛାତ୍ରୀ**

## ହୋମ୍ କ୍ୱାରାଣ୍ଟାଇନରେ ଶଙ୍କରାଚାର୍ଯ୍ୟ

**ପୁରୀ ଅଫିସ,୨୪।୩:** ହୋମ୍ କ୍ୱାରାଣ୍ଟାଇନରେ ରହିଛନ୍ତି ପୁରୀ ଗୋବର୍ଦ୍ଧନ ମଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ। ମଠ ମୁଖପାତ୍ର ମନୋଜ ରଥଙ୍କ ସୂଚନା ମୁତାବକ, ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ୧୪ ଜଣ ଶିଷ୍ୟ ସାଧକଙ୍କ ସହ ସୋମବାର ସନ୍ଧ୍ୟାରେ ଦିଲ୍ଲୀରୁ ବିମାନ ଯୋଗେ ଆସି ଭୁବନେଶ୍ୱରରେ ପହଞ୍ଚିଥିଲେ। ସେଠାରୁ କାର୍‌ରେ ଆସି ରାତି ସାଢେ ୯ଟାରେ ମଠରେ ପହଞ୍ଚିଥିଲେ। ବର୍ତ୍ତମାନ ମଠରେ ଶଙ୍କରାଚାର୍ଯ୍ୟ ହୋମ୍ କ୍ୱାରାଣ୍ଟାଇନରେ ରହିଛନ୍ତି। ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା ରଥ ଗଣମାଧ୍ୟମକୁ ମଙ୍ଗଳବାର ସୂଚନା ଦେଇଛନ୍ତି। କିନ୍ତୁ ବାହାରୁ ଆସୁଥିବା ବ୍ୟକ୍ତିମାନଙ୍କର ଯେଉଁଭଳି ଭାବେ ପ୍ରଶାସନ ପକ୍ଷରୁ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରାଯାଉଛି ସେଭଳି କରାଯାଇଛି କି ନାହିଁ ସେ ସମ୍ପର୍କରେ କିଛି ସୂଚନା ମିଳିନାହିଁ।



## ୨୯ ପର୍ଯ୍ୟନ୍ତ ଆହାର କେନ୍ଦ୍ର ବନ୍ଦ

**ଭୁବନେଶ୍ୱର,୨୪।୩(ବ୍ୟୁରୋ):** କରୋନା ସଂକ୍ରମଣ ଯେପରି ଗୋଷ୍ଠୀଗତ ଭାବରେ ନ ବ୍ୟାପେ, ସେଥିପାଇଁ ସବୁସ୍ତରରେ ସମ୍ମିଳିତ ଉଦ୍ୟମ କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟର ବିଭିନ୍ନ ସହରାଞ୍ଚଳରେ ଥିବା ଆହାର କେନ୍ଦ୍ରକୁ ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ବନ୍ଦ କରାଯାଇଛି। ଅପରପକ୍ଷରେ ବିଭିନ୍ନ ଡାକ୍ତରଖାନା ପରିସର ମଧ୍ୟରେ ଏବଂ ନିକଟରେ ଥିବା କେନ୍ଦ୍ରଗୁଡ଼ିକ ସମାନ ସମୟ ପର୍ଯ୍ୟନ୍ତ ଖୋଲା ରଖିବା ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ହସ୍ପିଟାଲ ପରିସର ତଥା ନିକଟରେ ଥିବା ଆହାର କେନ୍ଦ୍ରଗୁଡିକ ୨୯ ତାରିଖ ରାତ୍ର ୯ଟା ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଜଣାପଡିଛି। ଏ ନେଇ ପୌର ପ୍ରଶାସନ ନିର୍ଦ୍ଦେଶକ ସଂଗ୍ରାମଜିତ ନାୟକ ରାଜ୍ୟର ସମସ୍ତ ଜିଲାର ଜିଲାପାଳ, ଜିଲା ଆହାର ସୋସାଇଟି ସଭାପତି, ମହାନଗର ନିଗମଗୁଡ଼ିକର କମିଶନରଙ୍କୁ ଚିଠି ଲେଖିଛନ୍ତି।




# ଔଷଧ ପାଇଁ ଲାଗିପାରେ ବର୍ଷେରୁ ଦେଢ଼ବର୍ଷ

**ୱାଶିଂଟନ୍,୨୪।୩:** କରୋନା ସଂକ୍ରମଣ ଯୋଗୁ ସାରା ପୃଥିବୀରେ ଅଚଳାବସ୍ଥା ସୃଷ୍ଟି ହୋଇଛି। କରୋନା ଭୂତାଣୁ ଭିନ୍ନ ଭିନ୍ନ ପରିବେଶରେ ଅଲଗା ଅଲଗା କ୍ରିୟାଶୀଳତା ଦେଖାଉଥିବାରୁ ଏହାକୁ ରୋକିବା ପାଇଁ ଔଷଧ ପ୍ରସ୍ତୁତିରେ ବର୍ତ୍ତମାନ ସୁଦ୍ଧା ସାରା ପୃଥିବୀର ବୈଜ୍ଞାନିକ ଅସଫଳ ରହିଛନ୍ତି। ଶୁଣିବାକୁ ମିଳୁଛି କରୋନା ଲାଗି ଔଷଧ ତିଆରି କରିବାକୁ ବର୍ଷେରୁ ଦେଢ଼ବର୍ଷ ସମୟ ଲାଗିପାରେ। ଆଉ ଯଦି ଏହା ସତ୍ୟହୁଏ ତେବେ ସେତେଦିନ ପର୍ଯ୍ୟନ୍ତ ସାରା ପୃଥିବୀର ଅବସ୍ଥା କ'ଣ ହେବ ତାକୁ ନେଇ ସମସ୍ତଙ୍କ ମନରେ ବିଭିନ୍ନ ପ୍ରଶ୍ନ ଉଙ୍କି ମାରିଲାଣି। ଆମେରିକା, ଚାଇନା ଏବଂ ୟୁରୋପର ବହୁ ରାଷ୍ଟ୍ରର ବୈଜ୍ଞାନିକ କରୋନା ଲାଗି ଔଷଧ ତିଆରିରେ ଦିନରାତି ଗବେଷଣା ଜାରି ରଖିଛନ୍ତି। ପ୍ରତି ଦେଶର ବୈଜ୍ଞାନିକ ନିଜ ଦେଶ ତଥା ସମଗ୍ର ପୃଥିବୀର ସୁରକ୍ଷା ପାଇଁ ଗବେଷଣା କରୁଛନ୍ତି। ଚାଇନାରେ ୧୦୦୦ରୁ ଅଧିକ ବୈଜ୍ଞାନିକ କରୋନା ଔଷଧ ଉପରେ ଗବେଷଣା କରୁଥିବାବେଳେ ଏଥିରେ ସୈନ୍ୟବାହିନୀ ମଧ ଆବଶ୍ୟକ ସହାୟତା ଯୋଗାଇ ଦେଉଛି। ଜର୍ମାନୀର ଏକ ଔଷଧ କମ୍ପାନୀକୁ ଚାଇନା ୧୩୩.୩ ନିୟୁତ ଡଲାର ଯୋଗାଇ ଦେବାକୁ ଘୋଷଣା କରିଛି।



ସେହିପରି ଆମେରିକା ପ୍ରତିଷେଧକ ଟିକା ପ୍ରସ୍ତୁତି ନେଇ ଉଦ୍ୟମ ଅବ୍ୟାହତ ରଖିଛି। ୟୁରୋପର କେତେକ ରାଷ୍ଟ୍ର ମିଳିତ ଭାବେ କରୋନା ମହାମାରୀର ମୁକାବିଲା ଲାଗି ପରୀକ୍ଷା ନିରୀକ୍ଷା ଚଳାଇଛନ୍ତି। କରୋନା ଔଷଧ ତିଆରି ପାଇଁ ୟୁରୋପିଆନ୍ କମିଶନ ପକ୍ଷରୁ ୮୫ ନିୟୁତ ଡଲାରର ସହାୟତା ଯୋଗାଇ ଦେବା ଲାଗି ଘୋଷଣା କରାଯାଇଛି। ଭାରତରେ କରୋନା ସହିତ ଲଢ଼େଇରେ ବିଭିନ୍ନ ଔଷଧ କମ୍ପାନୀ ମଧ ସାମିଲ୍ ହୋଇଛନ୍ତି। ରେସ୍ପିରେଟୋରୀ, ଆଣ୍ଟାଇ-ଫ୍ଲୁ ଆଦିର ଚିକିତ୍ସା ଲାଗି ବ୍ୟବହୃତ ହେଉଥିବା ଔଷଧକୁ କରୋନା ଚିକିତ୍ସାରେ ବ୍ୟବହାର କରାଯାଉଛି। କିନ୍ତୁ ଏହା ଲାଗି ଉପଯୁକ୍ତ ଔଷଧ ପ୍ରସ୍ତୁତି ନେଇ ସଭିଏଁ ଆଶା ଓ ଆଶଙ୍କା ମଧ୍ୟରେ ରହିଛନ୍ତି।

# ମେ' ମଧ ଭାଗରେ ଭାରତରେ ସଂକ୍ରମିତଙ୍କ ସଂଖ୍ୟା ହୋଇପାରେ ୧୩ ଲକ୍ଷ

**ୱାଶିଂଟନ,୨୪।୩:** ଆମେରିକାର ବିଶେଷଜ୍ଞଙ୍କ ମତରେ ଭାରତରେ କରୋନା ଭାଇରସ ସଂକ୍ରମିତଙ୍କ ସଂଖ୍ୟା ଯେଉଁ ପରିମାଣରେ ବୃଦ୍ଧି ପାଉଛି ଏହା ଯଦି ବଳବତ୍ତର ରହିଲା, ତେବେ ଆସନ୍ତା ମେ' ମଧ ଭାଗରେ ଭାରତରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୩ ଲକ୍ଷ ହୋଇପାରେ ବୋଲି ଅନୁମାନ କରାଯାଇଛି। ସେହିପରି ଭାରତର କେତେକ ଚିକିତ୍ସା ଅଧିକାରୀ ଓ ବିଶେଷଜ୍ଞ ମଧ କହିଛନ୍ତି କରୋନା ଭୂତାଣୁ ଭାରତରେ ଯେଉଁ ପରିମାଣରେ ବୃଦ୍ଧି ପାଉଛି ଆଉ ମାତ୍ର କିଛି ସପ୍ତାହ ମଧ୍ୟରେ ଏହା ଦ୍ରୁତ ଗତିରେ ଲକ୍ଷ ଲକ୍ଷ ଲୋକଙ୍କୁ ସଂକ୍ରମଣ କରିବା ସହ ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ଢେର କୁପ୍ରଭାବ ପକାଇବ। ଗବେଷକମାନେ ଆହୁରି ମଧ କହିଛନ୍ତି, କରୋନାକୁ ନେଇ ଯଦି ଅଧିକ ସଚେତନତା ସୃଷ୍ଟି କରାଯାଏ, ଅଧିକ ଟେଷ୍ଟିଂ ସେଣ୍ଟର ଖୋଲାଯାଏ ତେବେ ଏହି ପୂର୍ବାନୁମାନ ମଧ ବଦଳିପାରେ। ଏହି ଗବେଷଣାରେ ସମ୍ପୃକ୍ତ ଥିବା ମିଶିଗାନ ବିଶ୍ୱବିଦ୍ୟାଳୟର ବାୟୋଷ୍ଟାଟିଷ୍ଟିକ୍ସ ଓ ଏପିଡେମିଓଲୋଜିର ପ୍ରଫେସର ଭ୍ରମର ମୁଖାର୍ଜୀ କହିଛନ୍ତି, ଯଦିଓ ଏବେ ଭାରତରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଅଧିକ ହୋଇନାହିଁ ତଥାପି ଏହା ଏକ ଜଟିଳ ପରିସ୍ଥିତି ଆଡକୁ ମୁହାଁଉଛି।

# ଦେଖାଦେଇପାରେ ଜଳସଙ୍କଟ



ୱାଶିଂଟନ,୨୪।୩: କରୋନା ସଂକ୍ରମଣରୁ ଦୂରେଇ ରହିବା ପାଇଁ ସ୍ୱାସ୍ଥ୍ୟ ବିଶେଷଜ୍ଞ ବିଭିନ୍ନ ଉପାୟ ସମ୍ପର୍କରେ ପରାମର୍ଶ ଦେଉଛନ୍ତି। ସେଥିମଧ୍ୟରୁ ମାସ୍କର ବ୍ୟବହାର, ନିୟମିତ ଭାବେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ହାତ ଧୋଇବା ଏବଂ ଆଖି, ନାକ, ପାଟିକୁ ବାରମ୍ବାର ସ୍ପର୍ଶ ନ କରିବାକୁ କୁହାଯାଉଛି। ତେବେ ନିୟମିତ ଦିନରେ ଏକାଧିକ ଥର ହାତଧୋଇବା ଦ୍ୱାରା ବହୁ ପରିମାଣର ପାଣି ନଷ୍ଟ ହେଉଛି। ଯଦି ଏଭଳି ଧାରା ଜାରି ରୁହେ ତେବେ ଆଗାମୀ ଦିନରେ ଜଳସଙ୍କଟର ଆଶଙ୍କା ରହିଥିବା ବିଶେଷଜ୍ଞ ମତପୋଷଣ କରିଛନ୍ତି। ପୂର୍ବରୁ ଜଣେ ବ୍ୟକ୍ତି ୭୦-୭୫ ଲିଟର ପାଣି ବ୍ୟବହାର କରୁଥିବାବେଳେ ଲଗାତାର ହାତ ଧୋଇବା ଯୋଗୁ ଏବେ ଏହାର ପରିମାଣ ୧୨୫ ଲିଟର ପର୍ଯ୍ୟନ୍ତ ବୃଦ୍ଧି ହୋଇଛି। ଶୀଘ୍ର କରୋନା ଆତଙ୍କର ଅନ୍ତ ନ ହେଲେ ଏଭଳି ହାତ ଧୋଉ ଧୋଉ ଦିନେ ନିଶ୍ଚିତ ଭାବେ ପୃଥିବୀର ଜଳଭଣ୍ଡାର ଯେ, ଶେଷ ହୋଇଯିବ ତାହା ନିଶ୍ଚିତ ବୋଲି ବିଶେଷଜ୍ଞ କହିଛନ୍ତି। ଏବେ ବି ପୃଥିବୀର ବହୁ ଅଞ୍ଚଳରେ ଜଳସଙ୍କଟ ଜାରି ରହିଛି। ଏପରିସ୍ଥଳେ ନିୟମିତ ବ୍ୟବଧାନରେ ହାତ ଧୋଇବା ଯୋଗୁ ପିଇବା ପାଣି ଅଭାବରୁ ବହୁ ଲୋକଙ୍କ ମୃତ୍ୟୁ ଘଟିବାର ଆଶଙ୍କା ସୃଷ୍ଟି ହୋଇଛି। ଏହାର ପ୍ରଭାବ ମଧ ଭାରତର ରାଜସ୍ଥାନ, ଦିଲ୍ଲୀ, ତାମିଲନାଡୁ, ମଧ୍ୟପ୍ରଦେଶ ଆଦି କେତେକ ରାଜ୍ୟ ଉପରେ ଅନୁଭୁତ ହେବ ବୋଲି କୁହାଯାଉଛି। ଖରାଦିନେ ଏଭଳି କେତେକ ରାଜ୍ୟରେ ପିଇବା ପାଣିର ଘୋର ଅଭାବ ଦେଖାଦେଇଥାଏ। ଜଳ ବିହୁନେ ଲୋକେ କରୋନାରୁ ରକ୍ଷା ପାଇଁ ହାତ ଧୋଇ ଧୋଇ ଶେଷରେ ଶୋଷରେ ଯେ ଜୀବନ-ମରଣ ସଙ୍କଟରେ ପଡ଼ିବା ନିଶ୍ଚିତ ବୋଲି ବିଶେଷଜ୍ଞ ମତପୋଷଣ କରିଛନ୍ତି।

# ସଂକ୍ରମିତଙ୍କ ଛେପକୁ ସାବଧାନ



**ୱାଶିଂଟନ,୨୪।୩:** କରୋନା ଭୂତାଣୁ ସଂକ୍ରମଣ ନେଇ ବିଶ୍ୱସ୍ୱାସ୍ଥ୍ୟ ସଂଗଠନ(ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ମାର୍ଗଦର୍ଶିକା ଜାରି ହୋଇଛି। ଏଥିରେ ସଂକ୍ରମିତଙ୍କ ଛେପ ପ୍ରତି ସାବଧାନ ରହିବାକୁ ପରାମର୍ଶ ଦିଆଯାଇଛି। କରୋନା ଭୂତାଣୁ ଆର୍ଦ୍ର ପୃଷ୍ଠଭୂମିରେ ଶ 1 ଘ୍ର ବ୍ୟାପିଥାଏ। ତେଣୁ ସଂକ୍ରମିତ ବ୍ୟକ୍ତିଙ୍କୁ ଏଣେତେଣେ ଛେପ ପକାଇବାକୁ ବାରଣ କରାଯାଇଛି। ଛେପ ନ ଶୁଖିଲା ପର୍ଯ୍ୟନ୍ତ ଏଥିରେ ଲକ୍ଷ ଲକ୍ଷ ଭୂତାଣୁ ଜୀବିତ ରହିଥାନ୍ତି। କିନ୍ତୁ ଏହା ଶୁଖିଗଲେ ଭୂତାଣୁ ନଷ୍ଟ ହୋଇଯାଇଥାନ୍ତି ବୋଲି ଡବ୍ଲ୍ୟୁଏଚ୍‌ଓ ପକ୍ଷରୁ ସୂଚନା ଦିଆଯାଇଛି। ଏହାକୁ ଇଣ୍ଡିଆନ୍ ମେଡିକାଲ କାଉନ୍‌ସିଲ୍ ରିସର୍ଚ୍ଚ ମଧ ସମର୍ଥନ କରିଛି। ହାତ ଧୋଇବା, ମାସ୍କ ପିନ୍ଧିବା ଆଦି ସଚେତନତା ଅବଲମ୍ବନ କରିବା ସହିତ ଏଣେତେଣେ ଛେପ ନ ପକାଇବାକୁ କୁହାଯାଇଛି।

# ଗଣମାଧ୍ୟମର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା

**ନୂଆଦିଲ୍ଲୀ,୨୪।୩**

କରୋନା ଭାଇରସ ସଂକ୍ରମଣକୁ ପ୍ରତିହତ କରିବା ପାଇଁ ସାରା ଦେଶ ଏବେ ସମ୍ପୂର୍ଣ୍ଣ ତାଲାବନ୍ଦୀ ଅବସ୍ଥାରେ ରହିଛି। କେବଳ ଜରୁରୀ ଏବଂ ଅତ୍ୟାବଶ୍ୟକ ସାମଗ୍ରୀ କାରବାରକୁ ଛାଡ଼ିଦେଲେ ଅନ୍ୟସବୁ ସେବାକୁ ବନ୍ଦ ରଖାଯାଇଛି। ଏଭଳିସ୍ଥିତିରେ ଲୋକମାନଙ୍କ ନିକଟରେ ସବିଶେଷ ଖବର ପହଞ୍ଚାଇବାରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ଖବରକାଗଜ ପ୍ରସାରଣକୁ ବନ୍ଦ ନ ରଖିବାକୁ କେନ୍ଦ୍ର ସରକାର ଗୁରୁତ୍ୱ ଦେଇଛନ୍ତି। ବର୍ତ୍ତମାନର ପରିସ୍ଥିତିରେ ଉପଯୁକ୍ତ ସୂଚନା ଏବଂ ସଚେତନତା ହିଁ ଲୋକମାନଙ୍କୁ ଏହି ସଂକ୍ରମଣରୁ ଦୂରେଇ ଦେଇପାରିବ। ତେଣୁ ଯେପରି ଭାବେ ଛାପା ଏବଂ ବୈଦ୍ୟୁତିକ ଗଣମାଧ୍ୟମ ଦ୍ୱାରା ଲୋକଙ୍କଠାରେ ଖବର ପହଞ୍ଚି ପାରିବ ସେନେଇ ସମସ୍ତ ପ୍ରକାର ଆବଶ୍ୟକ ସୁବିଧା ଯୋଗାଇ ଦେବାକୁ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବଙ୍କୁ ପତ୍ରମାଧ୍ୟମରେ ଜଣାଇ ଦିଆଯାଇଛି। ଅପରପକ୍ଷରେ ଖବରକାଗଜ ଦ୍ୱାରା ଜଣେ ବ୍ୟକ୍ତିଙ୍କଠାରୁ ଅନ୍ୟଜଣଙ୍କୁ କରୋନା ସଂକ୍ରମଣ ହେଉଥିବା ନେଇ ଯେଉଁ ଗୁଜବ ସୃଷ୍ଟି ହେଉଥିଲା ତାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ଖଣ୍ଡନ କରାଯାଇଛି। ଅଦ୍ୟାବଧି କରୋନା ପ୍ରଭାବିତ ବିଶ୍ୱର କୋଣସି ରାଷ୍ଟ୍ରରେ ଖବରକାଗଜ ପ୍ରସାରଣ ବନ୍ଦ ହୋଇନାହିଁ ବୋଲି କୁହାଯାଇଛି। ସେହିପରି ଖବରକାଗଜ ଦ୍ୱାରା ସଂକ୍ରମଣ ବ୍ୟାପେ ନାହିଁ ବୋଲି ଅନେକ ବିଶେଷଜ୍ଞ ମତ ପ୍ରକାଶ କରିଛନ୍ତି।



**ଖବରକାଗଜ ସୁରକ୍ଷିତ**

## ବିଶେଷଜ୍ଞଙ୍କ ମତରେ...

“କରୋନା ଦ୍ୱାରା ବିଶେଷଭାବେ ପ୍ରଭାବିତ ହୋଇଥିବା ରାଷ୍ଟ୍ରଗୁଡ଼ିକ ମଧ ଛାପାଗଣମାଧ୍ୟମରପ୍ରସାରଣକୁବନ୍ଦକରିନାହାନ୍ତି।କାରଣଖବରକାଗଜକୁ ଛୁଇଁବା, ଧରିବା, ପଢ଼ିବା ଦ୍ୱାରା ସଂକ୍ରମଣ ବ୍ୟାପି ନ ଥାଏ। ଏହା ସମ୍ପୂର୍ଣ୍ଣ ସୁରକ୍ଷିତ।

**- ଡାକ୍ତର ସୁବାସ ସାଲୁଙ୍କେ**
**ମହାରାଷ୍ଟ୍ର ସରକାରଙ୍କ ସଂକ୍ରମଣ ରୋଗ ବୈଷୟିକ ବିଶେଷଜ୍ଞ**

“ଖବର କାଗଜ ଦ୍ୱାରା କରୋନା ସଂକ୍ରମଣ ହୋଇ ନ ଥାଏ। ହେଲେ ଯଦି ଆପଣମାନେ କୌଣସି ଜନଗହଳିପୂର୍ଣ୍ଣ ସ୍ଥାନ କିମ୍ବା ଲୋକଙ୍କ ଗହଳି ଥିବା ଏକ ପ୍ରକୋଷ୍ଠ ମଧ୍ୟରେ ପଢୁଛନ୍ତି ତେବେ ସେଠାରେ ସଂକ୍ରମଣର ଆଶଙ୍କା ଅଧିକ ରହିଛି। କାରଣ ଆପଣ ସେଠାରେ ସାମାଜିକ ଦୂରତ୍ୱ ରକ୍ଷା କରୁ ନାହାନ୍ତି। ଆପଣ ଯଦି ଖବର କାଗଜ ନିଜ ଘର ଭିତରେ ପଢ଼ିବେ ତେବେ ତାହା ସଂକ୍ରମଣ ହେବ ନାହିଁ।

**- ଡାକ୍ତର ଅନୁପ କୁମାର**
**ବେବି ମେମୋରିଆଲ୍ ହସ୍ପିଟାଲ, କୋଝିକୋଡ**

“କୌଣସି ସଂକ୍ରମଣ ବ୍ୟାପିବା ପାଇଁ ଭୂତାଣୁ ଖବରକାଗଜରେ ଅଧିକ ସମୟ ପାଇଁ ତିଷ୍ଠି ପାରି ନ ଥାଏ। ସାଧାରଣଭାବେ କୋଭିଡ-୧୯ ଦ୍ୱାରା କୌଣସି ସଂକ୍ରମିତ ବ୍ୟକ୍ତିଙ୍କ ଦ୍ୱାରା ଖବରକାଗଜ ବିତରଣ କରାଯାଇ ନ ଥାଏ। ତେଣୁ ସଂକ୍ରମଣର କୌଣସି ବିପଦ ନାହିଁ।

**- ଡାକ୍ତର ରଣଦୀପ ଗୁଲେରିଆ,ଏମ୍ସ୍ ନିର୍ଦ୍ଦେଶକ**

“ଖବରକାଗଜକୁ ନେଇ ଲୋକମାନେ ଅଯଥାରେ ଭୟଭୀତ ହେଉଛନ୍ତି। ଏହା ଏକ ଅବାସ୍ତବ ଚିନ୍ତାଧାରା। ଯଦି କେହି କହୁଛନ୍ତି ଖବର କାଗଜରୁ ସଂକ୍ରମଣ ବ୍ୟାପୁଛି , ତେବେ ତା'ର କିଛି ପ୍ରମାଣ ଦେଖାଇପାରିବେ କି ?

**- ଡାକ୍ତର ଓମ୍ ଶ୍ରୀବାସ୍ତବ**
**ଯଶଲୋକ ଏବଂ କସ୍ତୁର୍‌ବା ହସ୍ପିଟାଲର ସଂକ୍ରମଣ ରୋଗ ବିଶେଷଜ୍ଞ**

“ଖବରକାଗଜଦ୍ୱାରାସଂକ୍ରମଣହେବାପାଇଁକିଛିମାତ୍ରାରେଭୂତାଣୁରଆବଶ୍ୟକ ରହିଥାଏ।ଯାହାକିଖବରକାଗଜରେନଥାଏ।ଯଦିଉପଯୁକ୍ତସାମାଜିକଦୂରତ୍ୱ ରଖା ନ ଯିବ ତେବେ ଏହା ବାୟୁ ଦ୍ୱାରା ସଂକ୍ରମଣ ହେବାର ଯଥେଷ୍ଟ ଆଶଙ୍କା ରହିଛି।

**- ଡାକ୍ତର ରମଣନ୍ ଲକ୍ଷ୍ମୀନାରାୟନ**

“ୱାଶିଂଟନ ସେଣ୍ଟର ଫର ଡିଜିଜ୍ ଡାଇମିକ୍ସ, ଇକୋନୋମିକ୍ସ ଡାଇରେକ୍ଟର ଖବରକାଗଜ ଦ୍ୱାରା ସଂକ୍ରମଣ ବ୍ୟାପିବା କିମ୍ବା ଖବରକାଗଜ ଧରିବା ପରେ କୌଣସି ବ୍ୟକ୍ତି ସଂକ୍ରମିତ ହେବା ନେଇ ଏଯାବତ୍ କୌଣସି ପ୍ରମାଣ ମିଳିନାହିଁ। ତେଣୁ ଖବରକାଗଜ ସମ୍ପୂର୍ଣ୍ଣ ସୁରକ୍ଷିତ।

**- ଡାକ୍ତର ସଜିଥ କୁମାର ଆର**
**କୋଟ୍ଟାୟାମ୍ ସରକାରୀ ହସ୍ପିଟାଲ୍‌ର ସଂକ୍ରମଣ ରୋଗ ବିଭାଗ ମୁଖ୍ୟ**

“ଖବରକାଗଜ ଦ୍ୱାରା କରୋନା ଭାଇରସ୍ ସଂକ୍ରମଣ ହେଉଥିବା ନେଇ ଯେଉଁ ଚିନ୍ତା କରାଯାଉଛି ତାହା ବିଜ୍ଞାନ ସମ୍ବନ୍ଧିତ ନୁହେଁ। ଲୋକମାନେ ଏନେଇ ଭୟଭୀତହେବାରକିଛିନାହିଁ।ଖବରକାଗଜଧରିବା, ପଢ଼ିବାସମ୍ପୂର୍ଣ୍ଣସୁରକ୍ଷିତଅଟେ।

**- ଡାକ୍ତର ଦୀପକ ଗଡ଼କରୀ**
**ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଭାଇରୋଲୋଜିର ପୂର୍ବତନ ନିର୍ଦ୍ଦେଶକ**

“କେରାନା ଭୂତାଣୁ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ କେତେ ସମୟ ଜୀବିତ ହୋଇ ରହିଥାଏ, ସେନେଇ କୌଣସି ତଥ୍ୟ କାହାପାଖରେ ନାହିଁ। ଖବରକାଗଜ, କାଗଜ ଟଙ୍କା ଏବଂ କଏନ୍ ସାଧାରଣଭାବେ ଖୁବ୍ କମ୍ ସମୟ ମଧ୍ୟରେ ବିଭିନ୍ନ ଲୋକଙ୍କ ମଧ୍ୟରେ ନେଣଦେଣ ହୋଇଥାଏ। ତେଣୁ ଏଗୁଡ଼ିକୁ କାରବାର କରିବା ପରେ ତୁରନ୍ତ ହାତ ଧୋଇବା ହେଉଛି ସବୁଠୁ ଭଲ ସୁରକ୍ଷିତ ପନ୍ଥା।

**- ଡାକ୍ତର ଭାରତ ପୁରନ୍ଦରେ**
**ପୁଣେ ଡିଏମ୍ ହସ୍ପିଟାଲ ଆଣ୍ଡ ରିଶର୍ଚ୍ଚ ସେଣ୍ଟରର ସଂକ୍ରମଣ ରୋଗ ବିଶେଷଜ୍ଞ**

ଧରିତ୍ରୀ
DHARITRI
ଢେଙ୍କାନାଳ, ବୁଧବାର, ୨୫ ମାର୍ଚ୍ଚ, ୨୦୨୦



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁଡ୍ଡୁ
ପରିବାରବର୍ଗ


ଦେବସ୍ମିତା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ନିରବଚ୍ଛିନ୍ନ ଖବର ପ୍ରକାଶ କରିବାକୁ ସହଯୋଗ କର

**ଭୁବନେଶ୍ୱର,୨୪।୩(ବ୍ୟୁରୋ)**

କରୋନା(କୋଭିଡ୍-୧୯)ର ପ୍ରକୋପ ସମଗ୍ର ବିଶ୍ୱକୁ ଗ୍ରାସ କରିସାରିଲାଣି। ଭାରତରେ ମଧ୍ୟ ଧୀରେ ଧୀରେ ଏହା ଭୟଙ୍କର ସ୍ଥିତି ଦେଇ ଗତି କରୁଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏହି ମହାମାରୀର ମୁକାବିଲା କରିବା ପାଇଁ ଗୋଟିଏ ପରେ ଗୋଟିଏ ପଦକ୍ଷେପ ନେଉଛନ୍ତି। ଏଭଳି ପରିସ୍ଥିତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ପ୍ରିଣ୍ଟ ଓ ଇଲେକ୍‌ଟ୍ରୋନିକ୍ ଗଣମାଧ୍ୟମ ଯେପରି ବିନା ବାଧାରେ ନିୟମିତ ଓ ନିରବଚ୍ଛିନ୍ନ ଭାବେ ଖବର ପ୍ରସାରଣ କରିବେ ତାହା ସୁନିଶ୍ଚିତ କରିବା ପାଇଁ କେନ୍ଦ୍ର ସରକାର ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି।

ସୋମବାର କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖିଛନ୍ତି। ଏଥିରେ କୁହାଯାଇଛି ଯେ, ଏହି ବିଷମ ପରିସ୍ଥିତିରେ ସୂଚନା ପ୍ରଦାନରେ ସହାୟତା କରୁଥିବା ସଂସ୍ଥା ପ୍ରିଣ୍ଟିଂ ପ୍ରେସ୍, ନ୍ୟୁଜ୍‌ପେପର ଏଜେନ୍ସି, ସମସ୍ତ ଟିଭି ଚ୍ୟାନେଲ ଏବଂ ଏହାକୁ ସହାୟତା କରୁଥିବା ଟେଲି ରିପୋର୍ଟ, ଡିଟିଏଚ୍, ଏଫ୍‌ଏମ୍ ରେଡିଓ, କେବୁଲ ଅପରେଟର, କମ୍ୟୁନିଟି ରେଡିଓ ଷ୍ଟେଶନ, ଡିଜିଟାଲ ସାଟେଲାଇଟ ନ୍ୟୁଜ୍‌ଗୁଡ଼ିକ କେବଳ ଯେ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରୁନାହାନ୍ତି ବରଂ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ପ୍ରଦାନ କରିବାରେ ସହାୟତା କରୁଛନ୍ତି। ଖବର ସରବରାହ ସଂସ୍ଥାଗୁଡ଼ିକ ଯେପରି ନିର୍ଭୁଲ୍ ଖବର ପ୍ରସାରଣ କରିବେ ସେ ଦିଗରେ ପଦକ୍ଷେପ ନେବା ପାଇଁ କୁହାଯାଇଛି। କୌଣସି ପ୍ରକାର ଭୁଲ୍ ଓ ମନଗଢ଼ା ଖବର ଯେପରି ପ୍ରକାଶ ନ ହୁଏ ସେଥିପ୍ରତି ଦୃଷ୍ଟିଦେବା ପାଇଁ ରାଜ୍ୟ ସରକାରଙ୍କୁ କୁହାଯାଇଛି। ଉକ୍ତ ଖବର ପ୍ରଦାନକାରୀ ସଂସ୍ଥାଗୁଡ଼ିକ ଯେପରି ସେମାନଙ୍କର ସେବା ନିରବଚ୍ଛିନ୍ନ ଭାବେ ପ୍ରଦାନ କରିବେ ସେ ନେଇ ସମସ୍ତ ପ୍ରକାର ସହାୟତା କରିବାକୁ ରାଜ୍ୟ ସରକାରଙ୍କୁ ପରାମର୍ଶ ଦିଆଯାଇଛି। କୋଭିଡ୍-୧୯ କଟକଣା ବେଳେ ସମସ୍ତ ଖବର ସରବରାହ ସଂସ୍ଥାକୁ ସେମାନଙ୍କର କାର୍ଯ୍ୟ ସୁରୁଖୁରୁରେ କରିବାକୁ ଅନୁମତି ଦେବା, ଖବର ଯୋଗାଣ ଓ ବଣ୍ଟନ କାର୍ଯ୍ୟକ୍ରମକୁ ସୁବିଧାଜନକ କରିବା, ସେବା ଯୋଗାଉଥିବା ସଂସ୍ଥାଗୁଡ଼ିକର କର୍ମଚାରୀମାନଙ୍କୁ ସମସ୍ତ ସୁବିଧା ଯୋଗାଇଦେବା, ଅଧିସ୍ୱୀକୃତ କର୍ମଚାରୀମାନଙ୍କୁ ଚଳପ୍ରଚଳ ପାଇଁ ଅନୁମତି ଦେବା, ଗଣମାଧ୍ୟମ ପ୍ରତିନିଧିମାନଙ୍କ ଯାନବାହନ ଚଳାଚଳକୁ ଅନୁମତି ଦେବା ସହ ସେମାନଙ୍କୁ ଆବଶ୍ୟକ ସ୍ଥଳେ ପେଟ୍ରୋଲ ଯୋଗାଇ ଦେବା, ୨୪ ଘଣ୍ଟିଆ ବିଦ୍ୟୁତ୍ ସେବା ଏବଂ ଅନ୍ୟାନ୍ୟ ଆବଶ୍ୟକ ସୁବିଧା ସୁଯୋଗ ଯୋଗାଇଦେବାକୁ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ଉକ୍ତ ସୁବିଧା ପାଇବାରେ କୌଣସି ଅସୁବିଧା ହେଲେ ସେବା ପ୍ରଦାନକାରୀ ସଂସ୍ଥାଗୁଡ଼ିକ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିବାକୁ କୁହାଯାଇଛି।


No.E-36011/8/2020-BP&L
Government of India
Ministry of Information and Broadcasting
(BP&L Section)

Shastri Bhawan, New Delhi-110011
Dated, the 23rd March, 2020

To

The Chief Secretaries of
all States/ Union Territories

Subject: Ensure operational continuity of Print and Electronic Media in view of threat of COVID-19 outbreak – regarding

Sir/Madam,

As you are aware, the Government of India and the State / UT Governments are taking necessary steps to prevent spread of COVID-19. At this juncture, robust and essential information dissemination networks viz. TV Channels, News Agencies, Teleport Operators, Digital Satellite News Gathering (DSNG), Direct to Home (DTH) and Highend-in-the Sky (HITS), Multi System Operators (MSOs), Cable Operators, Frequency Modulation (FM) Radio and Community Radio Stations (CRSs) are of utmost importance to ensure timely and authentic information dissemination. The proper functioning of these networks is required not only to create awareness among people and to give important messages but also to keep the nation updated of the latest status. False and fake news need to be avoided and good practices need to be promoted and these networks play a pivotal role in ensuring the same.

2. At this critical juncture, ensuring uninterrupted operation of information networks as above and their outreach is of vital importance. The critical infrastructure in this case would include:-

(a) Printing Presses and distribution infrastructure of Newspapers and Magazines;
(b) All TV Channels and supporting services like Teleports and DSNGs;
(c) DTH/HITS operations connected equipment /facilities, etc. including maintenance;
(d) FM/CRS Networks;
(e) Networks of MSOs and Cable Operators; and
(f) News Agencies.

# ଲକ୍‌ଡାଉନ୍‌ରେ ଓଡ଼ିଶାର ଆଉ ୧୬ ଜିଲା

**ଭୁବନେଶ୍ୱର,୨୪।୩(ବ୍ୟୁରୋ)**

ଦେଶରେ କରୋନା ସଂକ୍ରମଣର ବ୍ୟାପକତାକୁ ଦେଖି ସମସ୍ତ ୩୦ ଜିଲା ଅର୍ଥାତ୍ ସମ୍ପୂର୍ଣ୍ଣ ଓଡ଼ିଶା ଲକ୍‌ଡାଉନ୍ ନେଇ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ମଙ୍ଗଳବାର ମଧ୍ୟରାତ୍ରିରୁ ମାର୍ଚ୍ଚ ୨୯ ଯାଏ ଅବଶିଷ୍ଟ ୧୬ ଜିଲା ଲକ୍‌ଡାଇନ୍ କରାଯିବ। ଏ ନେଇ ରାଜ୍ୟ ସରକାରଙ୍କ କରୋନା ଭୂତାଣୁ ସଂକ୍ରମଣ ସଚେତନତା କମିଟି ମୁଖ୍ୟ ପ୍ରବକ୍ତା ସୁବ୍ରତୋ ବାଗ୍‌ଚୀ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାର୍ଚ୍ଚ ୨୧ରେ ୫ ଜିଲା ଖୋର୍ଦ୍ଧା, ଗଞ୍ଜାମ, କଟକ, କେନ୍ଦ୍ରାପଡ଼ା ଏବଂ ଅନୁଗୋଳ ଜିଲା ସହ ୮ ସହର ସମ୍ବଲପୁର, ଝାରସୁଗୁଡ଼ା, ବାଲେଶ୍ୱର, ରାଉରକେଲା, ଭଦ୍ରକ, ପୁରୀ, ଯାଜପୁର ରୋଡ୍ ଏବଂ ଯାଜପୁର ଟାଉନକୁ ସମ୍ପୂର୍ଣ୍ଣ ବନ୍ଦ ଘୋଷଣା କରିଥିଲେ। ପରେ ଅର୍ଥାତ୍ ମାର୍ଚ୍ଚ ୨୩ରେ ଆଉ ୯ ଜିଲାକୁ ଲକ୍‌ଡାଉନ୍ ଘୋଷଣା କରାଯାଇଥିଲା। ଏହି ଜିଲାଗୁଡ଼ିକ ହେଲା ପୁରୀ, ନୟାଗଡ଼, ଜଗତ୍‌ସିଂହପୁର, ଯାଜପୁର, ଭଦ୍ରକ, ବାଲେଶ୍ୱର, ସମ୍ବଲପୁର, ଢେଙ୍କାନାଳ ଓ ଝାରସୁଗୁଡ଼ା। ୧୬ଟି ଜିଲାକୁ ଲକ୍‌ଡାଉନ କରିବା ପୂର୍ବରୁ ମୁଖ୍ୟ ଶାସନ ସଚିବ ସମ୍ପୃକ୍ତ ଜିଲାର ଜିଲାପାଳଙ୍କ ସହ ଆଲୋଚନା କରିଥିଲେ। ଲକ୍‌ଡାଉନ ଯେପରି କଡ଼ାକଡ଼ି ଭାବେ ପାଳନ ହେବ ସେ ନେଇ ପଦକ୍ଷେପ ନେବାକୁ ମୁଖ୍ୟ ଶାସନ ସଚିବ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଲକ୍‌ଡାଉନ ହେବା ପୂର୍ବରୁ ଏସ୍‌ସି/ଏସ୍‌ଟି ଛାତ୍ରାବାସରେ ରହୁଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ସେମାନଙ୍କ ଘରେ ପହଞ୍ଚାଇ ଦିଆଯାଇଛି।

# ଚଢ଼ାଦର ନେଉଛନ୍ତି ବ୍ୟବସାୟୀ

**ଭୁବନେଶ୍ୱର,୨୪।୩(ବ୍ୟୁରୋ)**

କରୋନା(କୋଭିଡ୍-୧୯)ର ମୁକାବିଲା ପାଇଁ ରାଜ୍ୟ ସରକାର ସମଗ୍ର ରାଜ୍ୟକୁ ମଙ୍ଗଳବାର ମଧ୍ୟରାତ୍ରିରୁ ଲକ୍‌ଡାଉନ୍ ଘୋଷଣା କରିଛନ୍ତି। ଏହି ମହାମାରୀର କୌଣସି ପ୍ରତିକାର ନ ଥିବାରୁ ଲୋକମାନେ ନିଜର ତଥା ପରିବାର ବର୍ଗଙ୍କ ଜୀବନ ବଞ୍ଚାଇବା ପାଇଁ ପଦାକୁ ନ ବାହାରିବା ସକାଶେ ରାଜ୍ୟ ସରକାର ବାରମ୍ବାର ନିବେଦନ କରୁଛନ୍ତି। ଦୋକାନ ବଜାର ବନ୍ଦ ରହିଥିବାବେଳେ କେବଳ ଅତ୍ୟାବଶ୍ୟକ ସାମଗ୍ରୀ ତଥା ଡେଜରାତି, ଫଳ, ପନିପରିବା, ମାଛ, ମାଂସ, ଅଣ୍ଡା, ଚିକେନ୍, ଔଷଧ ଆଦି ଦୋକାନ ଖୋଲା ରହିଛି। ଡେଜରାତି ଦୋକାନରେ ଅହେତୁକ ଭିଡ଼ ଦେଖିବାକୁ ମିଳୁଛି। ଲକ୍‌ଡାଉନ୍‌ର ସୁଯୋଗ ନେଇ ଦୋକାନଗୁଡ଼ିକ ଚଢ଼ା ଦରରେ ଜିନିଷ ବିକ୍ରି କରିବା ଆରମ୍ଭ କରିଛନ୍ତି। ହୋଲ୍‌ସେଲ ବଜାରରେ ଆଳୁ କିଲୋ ୧୪ରୁ ୧୫ ଟଙ୍କା ମଧ୍ୟରେ ମିଳୁଥିବା ବେଳେ ଦୁର୍ନୀତିଖୋର ବ୍ୟବସାୟୀମାନେ କିଲୋ ପ୍ରତି ୩୦ ଟଙ୍କାରେ ବିକ୍ରି କରୁଛନ୍ତି। ସେହିପରି ପିଆଜର ହୋଲ୍‌ସେଲ ଦର କିଲୋପ୍ରତି ୨୦ରୁ ୨୨ ଟଙ୍କା ଥିବାବେଳେ ତାହାକୁ ୪୦ ଟଙ୍କାରେ ବିକ୍ରି କରାଯାଉଛି। ଗୋଟିଏ ପଟେ କାମଧନ୍ଦା ବନ୍ଦ ଥିବାବେଳେ ଅନ୍ୟପଟେ ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ମୂଲ୍ୟ ବୃଦ୍ଧି ଗରିବ ଓ ଦିନମଜୁରିଆଙ୍କ ପାଇଁ ବଡ଼ ସମସ୍ୟା ସୃଷ୍ଟି କରିଛି। କେବଳ ଆଳୁ, ପିଆଜ ନୁହେଁ ଡାଲି, ତେଲ, ପନିପରିବା ଆଦିର ଦର ମଧ୍ୟ ଆକାଶଛୁଆଁ ହୋଇଛି। ଲକ୍‌ଡାଉନ୍ ଯୋଗୁ କୌଣସି ମାଲ୍ ଆସୁ ନ ଥିବା ଆଳ ଦେଖାଇ ବ୍ୟବସାୟୀମାନେ ଚଢ଼ା ଦରରେ ଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରି କରୁଥିବା ଜଣାପଡ଼ିଛି। ଏହାକୁ ନେଇ ସାଧାରଣରେ ପ୍ରବଳ ଅସନ୍ତୋଷ ଦେଖାଦେଇଛି। ରାଜ୍ୟ ସରକାର ଏହି ଅସାଧୁ ବ୍ୟବସାୟୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମାନ ମହତ ନାହିଁ ଯା**
**ମଣିଷ ଯାକରେ ଅସାର ।**

ମଣିଷର ଏକ ଉତ୍କୃଷ୍ଟ ଗୁଣ ହେଉଛି ମାନସମ୍ମାନ। ମଣିଷର ମର୍ଯ୍ୟାଦା ପ୍ରାଣଠାରୁ ବି ବିଶାଳ। ଏହାକୁ ଯିଏ ଥରେ ହରାଏ ସିଏ ଆଉ ତାହା ଫେରିପାଏନା। ମାନସମ୍ମାନ ହାନି ଯୋଗୁ ବ୍ୟକ୍ତିତ୍ୱର ବଳିଷ୍ଠତା ହ୍ରାସ ପାଇଥାଏ। ଏଥିପ୍ରତି ଯିଏ ସଜାଗ ନ ଥାଏ ସିଏ ମଣିଷ ପଦବାଚ୍ୟ ବୋଲାଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ମୁଣ୍ଡରେ ରାମ ଟହଲିଆ ଖୋସା**
**ଘରେ ବାଇଆ ଚଢ଼େଇ ବସା ।**

ଅନେକ କ୍ଷେତ୍ରରେ କିଛି ନ ଥିବା ବ୍ୟକ୍ତି ସମାଜରେ ନିଜ ଫମ୍ପା ଆଭିଜାତ୍ୟ ଦେଖାଇ ହେବାରେ କାଣିଚାଏ ହେଳା କରୁ ନ ଥିବା ଲକ୍ଷ୍ୟ କରାଯାଏ। ଘରର ଆର୍ଥିକ ଅବସ୍ଥା ଶୋଚନୀୟ କିନ୍ତୁ ବାହାରେ ଚାତୁରୀ କାହିଁରେ କେତେ। ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇବାକୁ ଅସମର୍ଥ ମହିଳା ବେଶପରିପାଟୀ ହୋଇ ବାହାରେ ବୁଲି ନିଜକୁ ଦେଖେଇହେବା ଗ୍ରହଣୀୟ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ପ୍ରଥମ ପୃଷ୍ଠାରୁ...

### ୨୧ ଦିନ ଯାଏ ଦେଶ...

ପାଇଁ ମାତ୍ର ୪ ଦିନ ସମୟ ନେଇଥିଲା ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ କରାଯାଇଥିବା ଏକ ଅଧ୍ୟୟନର ଅବତାରଣା କରି ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ସତର୍କ କରାଇଛନ୍ତି। ସେ ଆହୁରି କହିଛନ୍ତି, କରୋନା ଭୂତାଣୁ ବିରୋଧରେ ନିର୍ଣ୍ଣାୟକ ଯୁଦ୍ଧ ଲଢ଼ିବା ପାଇଁ ଲକ୍‌ଡାଉନ୍ ଏକ ଜରୁରୀ ପଦକ୍ଷେପ। ଏହି ମହାମାରୀ ସମଗ୍ର ବିଶ୍ୱକୁ କବଳିତ କରିଥିବାରୁ ସମସ୍ତେ ୩ ସପ୍ତାହ ପର୍ଯ୍ୟନ୍ତ ନିଜ ନିଜ ଘରେ ଆବଦ୍ଧ ହୋଇ ରହିବା ଆବଶ୍ୟକ। ସମସ୍ତ ପ୍ରକାର ସାଧନ ଥିବା ବିଶ୍ୱର ବଡ଼ ବଡ଼ ଦେଶ ମଧ୍ୟ ଏହାକୁ ରୋକିବା ପାଇଁ ଉଦ୍ୟମ କରିଛନ୍ତି। ଏହାସତ୍ତ୍ୱେ ସେମାନଙ୍କ ସବୁ ପ୍ରୟାସ ଓ ପ୍ରସ୍ତୁତି ଆଗରେ କରୋନା ଏକ ଆହ୍ୱାନ ଭଳି ଛିଡ଼ା ହୋଇଛି। ଭୂତାଣୁ ସଂକ୍ରମଣ ଆରମ୍ଭ ହେଲେ ଏହାକୁ ରୋକିବା କଠିନ। ତେଣୁ ଚାଇନା, ଆମେରିକା, ଫ୍ରାନ୍ସ, ସ୍ପେନ, ଜର୍ମାନୀ, ଇଟାଲୀ, ଇରାନ ଓ ଅନ୍ୟ ଦେଶଗୁଡ଼ିକରେ କୋଭିଡ୍-୧୯ ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି। କେନ୍ଦ୍ର ସରକାର ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରି କରୋନାର ମୁକାବିଲା ପାଇଁ ୧୫ ହଜାର କୋଟି ଟଙ୍କାର ସ୍ୱତନ୍ତ୍ର ବ୍ୟବସ୍ଥା କରିଛନ୍ତି। ଏଭଳି ସମୟରେ ଲୋକଙ୍କ ଜୀବନ ବଞ୍ଚାଇବା ହେଉଛି ସରକାରଙ୍କ ପ୍ରାଥମିକତା। ସାମାଜିକ ଦୂରତା ବା ସୋସିଆଲ ଡିଷ୍ଟାନ୍ସିଂ ହିଁ କରୋନାରୁ ମୁକ୍ତି ପାଇଁ ଏକମାତ୍ର ବିକଳ୍ପ। ଦେଶବାସୀ ସାମାଜିକ ଦୂରତ୍ୱ ବଜାୟ ରଖି ନିଜ ଘରେ ରହିଲେ ସଂକ୍ରମଣ କମିବ। ଏଥିରୁ ମୁକ୍ତି ପାଇବା ପାଇଁ ଅନ୍ୟ କିଛି ଉପାୟ ନାହିଁ। ଏହି ୨୧ ଦିନ ସଂଯମ ନ ରହିଲେ ଆମ ଦେଶ ଓ ଆପଣମାନଙ୍କ ପରିବାର ୨୧ ବର୍ଷ ପଛକୁ ଫେରିଯିବ। ଏହି ୩ ସପ୍ତାହ ମଧ୍ୟରେ କେହି ପଦାକୁ ବାହାରିବେ ନାହିଁ। କେହି ଦ୍ୱାର ବାହାରେ ପାଦ ଦେଲେ ତାହା ହେବ ବିପଦକୁ ନିମନ୍ତ୍ରଣ। ଏପରି ଅସାବଧାନତା ଜାରି ରହିଲେ ବଡ଼ଧରଣର କ୍ଷତି ହେବ। ସେହି କ୍ଷତିର ପରିମାଣ ଅନୁମାନ କରିବା କଷ୍ଟକର। ରାଜ୍ୟ ସରକାରମାନେ ମଧ୍ୟ ସ୍ଥିତିର ଗମ୍ଭୀରତାକୁ ବୁଝି ଏହାର ମୁକାବିଲା କରନ୍ତୁ। ପ୍ରତ୍ୟେକ ନାଗରିକଙ୍କୁ ବଞ୍ଚାଇବା ପାଇଁ ସମ୍ପୂର୍ଣ୍ଣ କଟକଣା ଲାଗିବ। ରାଜ୍ୟ, ଜିଲା, ଗାଁ ଓ ଗଳିକନ୍ଦି ସବୁଠି ଲକ୍‌ଡାଉନ୍ କରାଯିବ। ଏହା ଏକପ୍ରକାର କର୍ଫ୍ୟୁ, ଯାହାକି 'ଜନତା କର୍ଫ୍ୟୁ'ଠାରୁ ମଧ୍ୟ ଅଧିକ କଡ଼ାକଡ଼ି ହେବ। ତେଣୁ ସମସ୍ତେ ଏହାକୁ ପାଳନ କରି କରୋନାକୁ ପ୍ରତିହତ କରିବାରେ ସହାୟକ ହୁଅନ୍ତୁ ବୋଲି ପ୍ରଧାନମନ୍ତ୍ରୀ ହାତଯୋଡ଼ି ଅନୁରୋଧ କରିଛନ୍ତି। କୋଭିଡ୍-୧୯ର ତାତ୍ପର୍ଯ୍ୟ ବୁଝାଇବାକୁ ଯାଇ ପ୍ରଧାନମନ୍ତ୍ରୀ କହିଛନ୍ତି କରୋନା ଅର୍ଥ ହେଉଛି 'କୋଇ ରୋଡ୍ ପର ନା ନିକ୍‌ଲେ'। ପ୍ରକାଶ ଯେ, ମଙ୍ଗଳବାର ଭାରତରେ କୋଭିଡ୍-୧୯ ସଂକ୍ରମିତଙ୍କ ସଂଖ୍ୟା ୫୧୯ରେ ପହଞ୍ଚିଥିବାବେଳେ ମୃତ୍ୟୁସଂଖ୍ୟା ୧୦ ଛୁଇଁଛି।

### 'ଶୀଘ୍ର ଆସିବ ଆର୍ଥିକ ...

ଆଗାମୀ ୬ ମାସ ଯାଏ ବାଣିଜ୍ୟ ଆରମ୍ଭ ସମ୍ପର୍କିତ କୌଣସି ଘୋଷଣା କରିବାକୁ ପଡ଼ିବ ନାହିଁ। ଏହି ଅବଧିକୁ ଆଉ ୬ ମାସ ବଢ଼ାଯାଇଛି। କମ୍ପାନୀର ନିର୍ଦ୍ଦେଶକ ଯଦି ସର୍ବନିମ୍ନ ବାସସ୍ଥାନ ନିୟମ ଅନୁପାଳନ ନ କରନ୍ତି ତେବେ ଏକ୍ଷେତ୍ରରେ କୋହଳ ନୀତି ଅବଲମ୍ବନ କରାଯିବ। ୬୦ ଦିନରେ ବସୁଥିବା ବାଧ୍ୟତାମୂଳକ ବୋର୍ଡ ବୈଠକ ନିୟମକୁ ମଧ୍ୟ କୋହଳ କରାଯାଇଛି। ଆଗାମୀ ୨ ତ୍ରୈମାସ ଯାଏ ଏହି ନିୟମ କୋହଳ ରହିବ। କ୍ଷୁଦ୍ର ବାଣିଜ୍ୟଗୁଡ଼ିକର ସୁବିଧାକୁ ଧ୍ୟାନରେ ରଖି ସରକାର ଦେବାଳିଆ ପ୍ରକ୍ରିୟାର ସୀମାକୁ ୧ ଲକ୍ଷ ଟଙ୍କାରୁ ୧ କୋଟି ଟଙ୍କାକୁ ବଢାଇଛନ୍ତି। ଆଗାମୀ ୩ ମାସ ଯାଏ ଗ୍ରାହକ ଡେବିଟ୍ କାର୍ଡକୁ ଯେକୌଣସି ବ୍ୟାଙ୍କ ଏଟିଏମ୍‌ରେ ବ୍ୟବହାର କରିପାରିବେ। ଏଥି ଲାଗି କୌଣସି ଅତିରିକ୍ତ ଦେୟ ଦେବାକୁ ପଡିବ ନାହିଁ। ଆଗାମୀ ୩ ମାସ ଯାଏ ବ୍ୟାଙ୍କ ଖାତାରେ କୌଣସି ନ୍ୟୁନତମ ବାଲାନ୍ସ ରଖିବାର ଆବଶ୍ୟକତା ପଡିବ ନାହିଁ। ବାଣିଜ୍ୟିକ ଏବଂ ଫାଇନାନ୍ସ ଗ୍ରାହକଙ୍କ ଲାଗି ବ୍ୟାଙ୍କ ଚାର୍ଜକୁ ହଟାଯାଇଛି। ଏହାବାଦ ଆଉ କିଛି କ୍ଷେତ୍ରରେ ମଧ୍ୟ ସମୟ ସୀମାକୁ ଜୁନ ୩୦ ଯାଏ ବଢାଯାଇଥିବା ସୀତାରାମନ ସ୍ପଷ୍ଟ କରିଛନ୍ତି।

କରୋନା ଭାଇରସ ଏବେ ସାରା ଦେଶରେ ବ୍ୟାପୁଥିବାରୁ ଏହା ବିରୋଧରେ ବ୍ୟକ୍ତିଗତ ସ୍ତରରେ ସାରା ଦେଶର ଲୋକମାନେ ଲଢେଇ କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିବେଦନ କରିଛନ୍ତି। ସୋମବାର ମୋଦି ଦେଶର ଶିଳ୍ପ ଜଗତ ଲିଡର, ପ୍ରମୁଖ ବ୍ୟାଙ୍କର ଏବଂ ନୀତି ନିର୍ଦ୍ଧାରକଙ୍କ ସହ ଆଲୋଚନା କରିଛନ୍ତି। ଅର୍ଥ ବ୍ୟବସ୍ଥା ଲାଗି କି ପ୍ରକାରର ପଦକ୍ଷେପ ଗ୍ରହଣ କରାଯାଇ ପାରିବ ସେ ନେଇ ବୈଠକରେ ଆଲୋଚନା ହୋଇଛି। ବ୍ୟାଙ୍କଗୁଡ଼ିକ ପକ୍ଷରୁ ସୁଧହାର ହ୍ରାସ, ଗରିବ ଲୋକଙ୍କୁ ଆର୍ଥିକ ସହାୟତା, ଋଣ ପଇଠକୁ କିଛି ସମୟ ଯାଏ ବିରତି ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ବୈଠକରେ ସ୍ଥାନିତ ହୋଇଥିଲା। ମାର୍ଚ୍ଚ ୧୯ରେ ପ୍ରଧାନମନ୍ତ୍ରୀ କୋଭିଡ-୧୯ ଇକୋନୋମିକ ରେସ୍‌ପନ୍ସ ଟାସ୍କ ଫୋର୍ସ ଘୋଷଣା କରିଥିଲେ। ଗତ ୩ ଦିନ ଧରି ଦେଶର ବିଭିନ୍ନ ରାଜ୍ୟ କର୍ଫ୍ୟୁ ଘୋଷଣା କରିଛନ୍ତି। ଭାରତ ଏହାର ଅନ୍ତର୍ଜାତୀୟ ସୀମାକୁ ମାର୍ଚ୍ଚ ୧୧ ପରଠାରୁ ବନ୍ଦ କରି ଦେଇଛି। କରୋନାର ସଂକ୍ରମଣକୁ ରୋକିବା ସରକାରଙ୍କ ପାଇଁ ଏକ ଚ୍ୟାଲେଞ୍ଜ ପାଲଟିଛି। ଅର୍ଥବ୍ୟବସ୍ଥା ବର୍ତ୍ତମାନ ଦଶନ୍ଧିର ସବୁଠାରୁ ଖରାପ ସ୍ଥିତିରେ ରହିଥିବା ବେଳେ ନୂଆ ଚ୍ୟାଲେଞ୍ଜ ସରକାରଙ୍କ ସାମ୍ନାରେ ରହିଛି। ବିଦେଶୀ ନିବେଶକମାନେ ଏବେ ପୁଞ୍ଜି ବଜାର ଉପରୁ ମୁହଁ ଫେରାଉଥିବା ବେଳେ କଳକାରଖାନା ଗୁଡିକରୁ ଉତ୍ପାଦନ ଗଭୀର ଭାବେ କ୍ଷତିଗ୍ରସ୍ତ ହୋଇଛି। ଏପ୍ରିଲ ୩ରେ ରିଜର୍ଭ ବ୍ୟାଙ୍କର ମୁଦ୍ରାନୀତି କମିଟି ବୈଠକ ଅନୁଷ୍ଠିତ ହେବାକୁ ଯାଉଛି। ସୋମବାର କେନ୍ଦ୍ରୀୟ ବ୍ୟାଙ୍କ ବଜାରକୁ ୧ ଲକ୍ଷ କୋଟି ଟଙ୍କାର ନଗଦ ଛାଡିବା ଲାଗି ଘୋଷଣା କରିଛି।

### 'ଘରୁ ନ ବାହାରିବା ...

ସମ୍ପର୍କରେ ସମସ୍ତେ ଭଲରେ ଜାଣି ସାରିଲେଣି। ଏହି ଭାଇରସ୍ ବହୁ ଦୂର ଅର୍ଥାତ୍ ଚାଇନା, ଆମେରିକା ଏବଂ ୟୁରୋପରେ ଥିଲା। ପରବର୍ତ୍ତୀ ସମୟରେ ଇରାନ ଏବଂ ଦିଲ୍ଲୀକୁ ଆସିଲା। ବର୍ତ୍ତମାନ ଏହି ଭାଇରସ ଆମ ଘର ପାଖରେ ପହଞ୍ଚିଛି। ନିଜ ଘର ଏବଂ ପରିବାରର ଭଲ ପାଇଁ ଆମ ଦାୟିତ୍ୱ ଏହି ଭାଇରସ୍‌କୁ ଘରେ ପଶିବାକୁ ଦେବାନାହିଁ। ତେଣୁ ଲକ୍ ଡାଉନ ରାଜ୍ୟବାସୀଙ୍କ ଭଲ ପାଇଁ କରାଯାଇଛି। ୨୦ବର୍ଷ ମଧ୍ୟରେ ରାଜ୍ୟବାସୀଙ୍କ ଅନେକ ଅନୁରୋଧ ରଖିଛନ୍ତି। ସମସ୍ତ ଅନୁରୋଧକୁ ରାଜ୍ୟବାସୀ ପାଳନ କରିଥିବାରୁ ସେ ଋଣୀ। ବର୍ତ୍ତମାନ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଅନୁରୋଧ ରଖୁଛି। ଲୋକମାନଙ୍କ ସୁରକ୍ଷା ଲାଗି 'ମୋ ଜୀବନ କାର୍ଯ୍ୟକ୍ରମ' ଆରମ୍ଭ କରୁଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସମସ୍ତେ ନିଜ ବାପା, ମା', ପିଲାଛୁଆଙ୍କ ନାମରେ ଶପଥ କରି କୁହନ୍ତୁ, ଅତିଜରୁରୀ ନ ଥିଲେ କେହି ବାହାରକୁ ଯିବେ ନାହିଁ। ଯଦି କେହି ଜରୁରୀ କାର୍ଯ୍ୟରେ ବାହାରକୁ ଯାଉଛନ୍ତି ତେବେ ଆସିବାପରେ ନିଜ ହାତକୁ ସାବୁନ୍ ଦ୍ୱାରା କୋଡିଏ ସେକେଣ୍ଡ ପାଇଁ ଭଲରେ ଧୋଇବେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ରାଶ୍ୟାଧିପତି ପୂର୍ଣ୍ଣବଳବାନ୍ ଯୋଗୁ ଯେକୌଣସି ପରିସ୍ଥିତିର ସମ୍ମୁଖୀନ ହେଲେ ମଧ୍ୟ ପଶ୍ଚାତ୍‌ପଦ ହେବେନାହିଁ। ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ଅଥବା ସାମାଜିକ ସ୍ତରରେ ପ୍ରଶଂସିତ ହୋଇପାରନ୍ତି। ସକାଳୁ ସକାଳୁ ପାରିବାରିକ ମତପାର୍ଥକ୍ୟ ଜନିତ ମାନସିକ ଅସ୍ଥିରତା ଅନୁଭବ କରିବେ।

**ବୃଷ** ସ୍ୱଗୃହାଭିମୁଖୀ ଶୁକ୍ର ସ୍ୱାସ୍ଥ୍ୟ ସମସ୍ୟାକୁ ନିୟନ୍ତ୍ରଣ କରିବା ସହ ଋଣ ମାଧ୍ୟମରେ ଅର୍ଥ ଓ ଦୂରଯାତ୍ରାର ପ୍ରସ୍ତୁତି କରିପାରନ୍ତି। ପରୋକ୍ଷ ଶତ୍ରୁତା ପ୍ରଭାବରେ କର୍ମକ୍ଷେତ୍ରରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ଦୀର୍ଘଦିନର ଆଶା ଫଳବତୀ ହେବାରେ ସହକର୍ମୀଙ୍କ ଅବଦାନ ଅବିସ୍ମରଣୀୟ ରହିବ।

**ମିଥୁନ** ବୁଧ କର୍ମସ୍ଥାନରେ ଅବସ୍ଥାନ କରି ତୃତୀୟଭାବକୁ ଦୃଷ୍ଟି ଦେଉଥିବାରୁ ବନ୍ଧୁ, ପରିଜନଙ୍କ ଆଦରଣୀୟ ହେବେ। ମିତ୍ରବନ୍ଧୁଙ୍କ ସାହାଯ୍ୟ, ସହଯୋଗ ଲାଭକରି ଅଭିଳଷିତ କର୍ମ ସମ୍ପାଦନ କରିପାରନ୍ତି। ଧାରକରଜ କରି ପାରିବାରିକ ଆବଶ୍ୟକତା ଚଳାଇ ନେବାକୁ ବାଧ୍ୟହେବେ। ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି।

**କର୍କଟ** ଚନ୍ଦ୍ର କର୍ମସ୍ଥାନରେ ରବିଙ୍କ ସହ ରହି ଭାଇ, ବନ୍ଧୁଙ୍କ ସହଯୋଗରେ କାର୍ଯ୍ୟ ହାସଲ କରିବେ। କିନ୍ତୁ କର୍ମକ୍ଷେତ୍ରରେ ଗୁରୁଦାୟିତ୍ୱ ବହନ କରି ବ୍ୟସ୍ତବିବ୍ରତ ହୋଇପାରନ୍ତି। ନିଜ ପରିସରରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। କଳା,ସାହିତ୍ୟ, ଚଳଚ୍ଚିତ୍ର କ୍ଷେତ୍ରରେ ରହିଥିବା ସମସ୍ୟାକୁ ସମାଧାନ କରିବାରେ ସମର୍ଥ ହେବ।

**ସିଂହ** ରବି ଭାଗ୍ୟସ୍ଥାନସ୍ଥ ଯୋଗୁ ଆପଣଙ୍କ ଉଦ୍ୟମ କଦାପି ନିଷ୍ଫଳ ହେବନାହିଁ। କିନ୍ତୁ ସ୍ୱଗୃହରୁ ବ୍ୟୟଭାବସ୍ଥ ଶୁକ୍ର ପ୍ରଭାବରେ ଦୀର୍ଘଦିନରୁ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ। ବ୍ୟୟ ବୃଦ୍ଧି କିମ୍ବା ପରିବହନରେ ସମସ୍ୟାଜନିତ ବ୍ୟସ୍ତତା ଅନୁଭବ କରିପାରନ୍ତି। ସାମାଜିକ ସ୍ତରରେ ବିଳାସ ପ୍ରାଚୁର୍ଯ୍ୟ ମଧ୍ୟରେ ସମୟ ଅତିବାହିତ ହେବ।

**କନ୍ୟା** ରାଶ୍ୟାଧିପ ବୁଧ ଷଷ୍ଠଭାବରେ ରହି ପ୍ରତ୍ୟେକ ପରିସ୍ଥିତିକୁ ସାମନା କରିବା ସହ ସଫଳତା ହାସଲ କରିବେ। କିନ୍ତୁ ଅଫିସ୍ କାମର ଜଞ୍ଜାଳ ବଢ଼ିଯିବା ସହ ପୁରାତନ ରୋଗର ପୀଡ଼ା ଅନୁଭବ ହୋଇପାରେ। ପରିବାର ସ୍ଥାନରେ ବୃହସ୍ପତିଙ୍କ ସହ ପାପଗ୍ରହ ଅବସ୍ଥାନ କରିଥିବାରୁ ନିଜ ଲୋକଙ୍କ ଦ୍ୱାରା ସମସ୍ୟାଗ୍ରସ୍ତ ହୋଇପାରନ୍ତି।

**ତୁଳା** ଶୁକ୍ର ସପ୍ତମକେନ୍ଦ୍ରସ୍ଥ ଯୋଗୁ ଗୃହିଣୀଙ୍କ ପରାମର୍ଶରେ କାମ କରିବା ସହ ଦୂରଯାତ୍ରା କରିପାରନ୍ତି। ଗୃହକୁ ମୂଲ୍ୟବାନ ଜିନିଷ, ଯାନବାହନ କିମ୍ବା ବିଳାସ ଉପକରଣ ଆଣିପାରନ୍ତି। ତଥାପି ପ୍ରତ୍ୟେକ କ୍ଷେତ୍ରରେ ଜିଦ୍‌ଖୋର ମନୋଭାବ ତ୍ୟାଗ କଲେ ଉପକୃତ ହେବେ। ସ୍ଥାନାନ୍ତର ଚିନ୍ତାରେ ମାନସିକ ସ୍ଥିତି ଭଲ ରହି ନ ପାରେ ।

**ବିଛା** ଉଚ୍ଚରାଶିରେ ମଙ୍ଗଳ ଶତ୍ରୁ ଶନି ସହ ରହିଥିବାରୁ ବିବାଦୀୟ ଚିନ୍ତାଧାରା ମାନସିକ ସ୍ଥିତିକୁ ବିକ୍ଷିପ୍ତ କରିବ। ତଥାପି ଶୁକ୍ର ପ୍ରଭାବରେ ପାରସ୍ପରିକ ସହମତି ଓ ଆଲୋଚନା ଦ୍ୱାରା ଶାନ୍ତି ଓ ସମସ୍ୟା ସମାଧାନ ଦିଗରେ ତତ୍ପରତା ପ୍ରକାଶ କରିବେ। କାରବାରରେ ଲାଭବାନ ହେବେ ଏବଂ ଲେଖାପଢ଼ାରେ ରୁଚି ବଳିବ।

**ଧନୁ** ବୃହସ୍ପତି ନିଜଗୃହରେ କେତୁଯୁକ୍ତ କାରଣରୁ ଆପଣଙ୍କ ଯୋଜନା ଦିଗହରା ହୋଇପାରେ। କିନ୍ତୁ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ । ଭୁଲ୍ ବୁଝାମଣା ଓ ସନ୍ଦେହାଛନ୍ନ ଧାରଣାଜନିତ ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ। ପରିବାରରେ ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଦେଖା ଦେଇପାରେ।

**ମକର** ଶନି ସ୍ୱଗୃହରେ ରହି ପରିବାରରେ ଏପରିକି କର୍ମକ୍ଷେତ୍ରରେ ମଧ୍ୟ ନିଜର ଆଧିପତ୍ୟ ଜାହିର କରିପାରନ୍ତି। ନୂତନ କର୍ମାରମ୍ଭ, ଯାନବାହନ, ଲୋକସମ୍ପର୍କ ଓ ପାରିବାରିକ ସମସ୍ୟା ନେଇ କିଛିଟା ଚିନ୍ତା କରିବାକୁ ପଡ଼ିପାରେ। ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ ଏବଂ ଅପରାହ୍ନେ କୌଣସି ଖବର ପାଇ ଖୁସି ହେବେ।

**କୁମ୍ଭ** ମଙ୍ଗଳ ଓ ଶନି ଦ୍ୱାଦଶଭାବରେ ରହି ଆପଣଙ୍କୁ ବିଭିନ୍ନ ସମସ୍ୟାରେ ବ୍ୟତିବ୍ୟସ୍ତ କରାଇପାରନ୍ତି। ତଥାପି ରାଜନୈତିକ କିମ୍ବା ନେତୃସ୍ଥାନୀୟ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଉପକୃତ ହୋଇ କାର୍ଯ୍ୟ ସାଧନ କରିପାରିବେ। ଭୂମିପୁତ୍ର ମଙ୍ଗଳ ପାପଯୁକ୍ତ କାରଣରୁ ଜମିଜମା ବାଦବିବାଦ କ୍ରମେ ଜଟିଳ ହେବ, ମାତ୍ର ସଫଳତା ହାସଲ କରିବେ।

**ମୀନ** ଗୌରବର ଅଧିକାରୀ ଗୁରୁ କବନ୍ଧଗ୍ରହ ସଂଯୋଗରେ ସ୍ୱାସ୍ଥ୍ୟ ସମସ୍ୟା ସାଙ୍ଗକୁ ସମ୍ମାନହାନି କରାଇପାରନ୍ତି। ଫଳତଃ କୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। ଖଳ ଲୋକଙ୍କ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଅବଶ୍ୟ ଅର୍ଥ, ବ୍ୟବସାୟିକ ସ୍ଥିତି ଓ ଯାତ୍ରା ପ୍ରଭୃତି ରେବତୀ ପାଇଁ ପ୍ରତିବନ୍ଧକ ହେବନାହିଁ।

ଆଜି ହିନ୍ଦୁ ନବବର୍ଷ, ଚୈତ୍ର ଶୁକ୍ଳ ପ୍ରତିପଦା ବୁଧବାର, ମାର୍ଚ୍ଚ ୨୫ ତାରିଖ, ରାଶି ନକ୍ଷତ୍ର-ରେବତୀ/ମୀନ, ଧନୁ ରାଶିର ଘାତଚନ୍ଦ୍ର, କର୍କଟ ରାଶିର ଘାତବାର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ପ୍ରାତଃ ଘ୫।୪୯ମି. ଗତେ ଘ୭।୨୬ମି. ମଧ୍ୟେ, ଘ୯।୫୧ମି. ଗତେ ଘ୧୧।୨୮ମି. ମଧ୍ୟେ, ଦିବା ଘ୩।୩୦ମି. ଗତେ ଘ୫।୦୭ମି. ମଧ୍ୟେ, ସନ୍ଧ୍ୟା ଘ୬।୪୩ମି. ଗତେ ଘ୯।୦୫ମି. ମଧ୍ୟେ, ରାତ୍ରି ଘ୧।୫୧ମି. ଗତେ ଘ୫।୪୮ମି. ମଧ୍ୟେ ଅମୃତବେଳା। ଦିବା ଘ୧।୫୩ମି. ଗତେ ଘ୩।୩୦ମି. ମଧ୍ୟେ, ରାତ୍ରି ଘ୯।୦୫ମି. ଗତେ ଘ୧୦।୪୦ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୧୧।୫୨ମି. ଗତେ ଘ୧।୨୩ମି. ମଧ୍ୟେ ରାହୁକାଳ।

## classifieds Everyday

0674-2580101, 2549302




**BRIDE WANTED**

Bania Groom age- 45, height- 5'8" Advocate (Bhubaneswar) caste-no-bar: 8908362959. D-69402

Divorcee Brahmin Boy IAS Officer 35+/5'8". SUHAG: 7978399083, 9090486408. D-69403

Now Matrimonial ads. only on Wednesday & Sunday Book 1 Get 1 FREE

**GROOM WANTED**

ICICI Bankରେ ଚାକିରି କରୁଥିବା 31ବୟସ୍କା divorcee ଖଣ୍ଡାୟତ ଝିଅଙ୍କ ପାଇଁ ଯେକୌଣସି ଜାତିର ପୁଅ ଦରକାର। 9668488654. D-67939

ଜାତିବନ୍ଧନ ନାହିଁ। 34, 5'.4", M.A B.ED, Govt. Teacher, ମାସିକ ଆୟ 38,000/- ପାଇଁ ଅବିବାହିତ, ଘରଜ୍ୱାଇଁ, ଛାଡପତ୍ରପ୍ରାପ୍ତ ବର ଗ୍ରହଣୀୟ ହେବେ। 8462050474. D-17233

**real estate**

**SALE**

Bhubaneswar Patia KIIT University ନିକଟରେ BDA yellowzone plot 30'road, electricity boundary ଥାଇ sqft.-850/-,1000/- (installment/ outrightରେ) ମିଳୁଅଛି। 9937025614, 7008390130. D-68480

ଭୁବନେଶ୍ୱର ହଂସପାଳଠାରେ ତୁରନ୍ତ ଘରକଲାଭଳି ଘରବାରି patta, boundary plot psqft. 1250/-, 750/- ବିକ୍ରିହେବ। 9439270333. D-69108

ଭୁବନେଶ୍ୱରର ପଟିଆ ରଘୁନାଥପୁର, ଫୁଲନଖରା ପାଖରେ 1,2,3,4BHK flat, simplex, duplex ଅଛି। 8327785834, 9658122456. D-69114

ଭୁବନେଶ୍ୱର ପିତାପଲ୍ଲୀ ଛକ ପାଖରେ NH side ପ୍ଲଟ ମିଳୁଅଛି। Owner- 9090963952. D-68497

2BHK ready to move flat sale at Patrapada Market, Bhubaneswar. 6370292040. D-69109

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/- (outright) 9348232008, 7894433357. D-69110

ଭୁବନେଶ୍ୱର ପିତାପଲ୍ଲି ଛକ ପାଖରେ NH side ପ୍ଲଟ୍ ମିଳୁଅଛି। Owner- 9090963952. D-69112

ନଖରା ତ୍ରିନାଥ ବଜାରଠାରେ SC Plot 1200sqft. 4,44,000/- ଘରବାରି (outright)7894433357, 9348232008. D-69111

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**PACKERS & MOVERS**

Shivam logistic packers movers. Household/ car relocation countrywide. 9777044177, 9338461133. D-17135

**ନବମ ଜନ୍ମଦିନ ଶୁଭେଚ୍ଛା**



ଦେବସ୍ମିତା ଦାସ (ଖୁସି)
ଶ୍ରୀରାମ ନଗର, ଓଲ୍ଡ ଟାଉନ, ଭୁବନେଶ୍ୱର
ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମକୁ ଦୀର୍ଘାୟୁ ଓ ତୁମର ଚଲାପଥ କୁସୁମିତ କରନ୍ତୁ।
-:ଶୁଭେଚ୍ଛା ସହ:-
ଦାସ ପରିବାର, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ।
ଧ-୬୮୬୪

ଧରିତ୍ରୀ
DHARITRI
ଢେଙ୍କାନାଳ, ବୁଧବାର, ୨୫ ମାର୍ଚ୍ଚ, ୨୦୨୦






## ନିର୍ମାଣ କାମ ବନ୍ଦ ପାଇଁ ନିର୍ଦ୍ଦେଶ

**ଭୁବନେଶ୍ୱର,୨୪।୩(ବ୍ୟୁରୋ)**

ରାଜ୍ୟ ସରକାର କରୋନା ଭୂତାଣୁ ସଂକ୍ରମଣର ମୁକାବିଲା କରିବା ପାଇଁ ବିଭିନ୍ନ ପଦକ୍ଷେପ ନେଉଛନ୍ତି। ଏହି କ୍ରମରେ ପୂରା ରାଜ୍ୟକୁ ଲକ୍‌ଡାଉନ୍ ଘୋଷଣା କରିଥିବାବେଳେ ମଙ୍ଗଳବାର ନିର୍ମାଣ କାମ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ ଚାଲୁଥିବା ସମସ୍ତ ନିର୍ମାଣ କାମ ବନ୍ଦ ରଖିବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। କାରଣ ନିର୍ମାଣ କାମରେ ଅନେକ ଶ୍ରମିକ ନିୟୋଜିତ ହୋଇଥାଆନ୍ତି। ଫଳରେ ସଂକ୍ରମଣ ବ୍ୟାପିବାର ଆଶଙ୍କା ଥାଏ। ଏହାକୁ ଦୃଷ୍ଟିରେ ରଖି ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ତେବେ ସ୍ୱାସ୍ଥ୍ୟ ଭିତ୍ତିଭୂମି ନିମନ୍ତେ ଚାଲୁଥିବା ନିର୍ମାଣ କାର୍ଯ୍ୟ ଜାରିରହିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ମହାପ୍ରଭୁଙ୍କ ଟଙ୍କା ପାଇଁ ସାନି ଟେଣ୍ଡର

**ପୁରୀ ଅଫିସ,୨୪।୩**

- ପୁରୁଣା ଟେଣ୍ଡର ବାତିଲ କଲା ମନ୍ଦିର ପ୍ରଶାସନ
- ୩ ବର୍ଷିଆ ନୁହେଁ, ବର୍ଷକିଆ ଜମା ରହିବ ଟଙ୍କା

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଟଙ୍କା ଜମା ରଖିବାକୁ ନେଇ ହୋଇଛି ସାନି ଟେଣ୍ଡର। ପୂର୍ବରୁ ୟୁନିୟନ ବ୍ୟାଙ୍କରେ ଟଙ୍କା ଜମା ରଖିବା ଲାଗି ହୋଇଥିବା ନିଷ୍ପତ୍ତିକୁ ରଦ୍ଦ କରିଛି ଶ୍ରୀମନ୍ଦିର ପ୍ରଶାସନ। ପୁରୁଣା ଟେଣ୍ଡର ବାତିଲ କରାଯାଇ ସୋମବାର ପୁନଃ ଟେଣ୍ଡର ଆହ୍ୱାନ କରାଯାଇଛି। ୨୬ତାରିଖ ପୂର୍ବାହ୍ନ ୧୧ଟା ସୁଦ୍ଧା ଟେଣ୍ଡର ପକାଇବାକୁ ବିଭିନ୍ନ ବ୍ୟାଙ୍କକୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି। ଏଣିକି ୩ ବର୍ଷ ନୁହେଁ, ବର୍ଷକିଆ ସ୍ଥାୟୀ ଜମା ପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି ବୋଲି ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି।

ଉନ୍ନୟନ ପ୍ରଶାସକଙ୍କ ସୂଚନା ମୁତାବକ, ୩ ବର୍ଷିଆ ଅପେକ୍ଷା ବର୍ଷକିଆ ଜମାରେ ଅଧିକ ସୁଧ ମିଳିବ। ତେଣୁ ପୁରୁଣାକୁ ବାତିଲ କରି ପୁନଃ ଟେଣ୍ଡର କରାଯାଇ ବିଭିନ୍ନ ବ୍ୟାଙ୍କକୁ ଏଥିରେ ଅଂଶଗ୍ରହଣ କରିବା ଲାଗି ଚିଠି ହୋଇଛି। ଆସନ୍ତା ୨୬ରେ ଟେଣ୍ଡର ଖୋଲାଯିବାକୁ ଥିବାବେଳେ ଯିଏ ଅଧିକ ସୁଧ ଦେବ ସେହି ବ୍ୟାଙ୍କରେ କର୍ପସ ଫଣ୍ଡ ଓ ଟେମ୍ପୁଲ ଫଣ୍ଡର ୫୦ ପ୍ରତିଶତ ଅର୍ଥ ରହିବ। ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଥିବା ବ୍ୟାଙ୍କରେ ନିୟମାନୁଯାୟୀ ଟଙ୍କା ଜମା ରଖାଯିବ। ତେବେ ଫାଉଣ୍ଡେଶନ ଫଣ୍ଡ ୧୦୨ କୋଟି ଟଙ୍କା ଏସ୍‌ବିଆଇରେ ରହିବ ବୋଲି ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଜେନା ସୂଚନା ଦେଇଛନ୍ତି। ଘରୋଇ ୟେସ୍ ବ୍ୟାଙ୍କରେ ମହାପ୍ରଭୁଙ୍କର ୫୪୫ କୋଟି ଟଙ୍କା ଜମା ରଖାଯାଇଥିଲା। କିନ୍ତୁ ବ୍ୟାଙ୍କର ଆର୍ଥିକ ସ୍ଥିତି ଦୁର୍ବଳ ହେବା ଯୋଗୁ ଏଠାରୁ ଅର୍ଥ ଉଠାଇବା ଉପରେ ଆର୍‌ବିଆଇ କଟକଣା ଜାରି କରିଥିଲା। ତେଣୁ ମହାପ୍ରଭୁଙ୍କ ଟଙ୍କାକୁ ନେଇ ବେଶ୍ କିଛିଦିନ ଧରି ହୋହଲ୍ଲା ହେବାପରେ ଗତ ବୁଧବାର ଆର୍‌ବିଆଇ ୟେସ୍ ବ୍ୟାଙ୍କ ଉପରୁ କଟକଣା ଉଠାଇଥିଲା। ଏହାପରେ ଗତ ୧୯ ତାରିଖରେ ୟେସ୍ ବ୍ୟାଙ୍କରୁ ଇ-ଟ୍ରାନ୍ସଫର ମାଧ୍ୟମରେ ୩୧୭କୋଟି ୨୩ଲକ୍ଷ ୨୭ ହଜାର ୬୩୬ ଟଙ୍କା ପୁରୀ ଏସ୍‌ବିଆଇ ମୁଖ୍ୟ ଶାଖାରେ ଥିବା ଶ୍ରୀମନ୍ଦିର ଆକାଉଣ୍ଟକୁ ଫେରିଥିଲା। ମହାପ୍ରଭୁଙ୍କ ଟଙ୍କା ଜମା ରଖିବା ପାଇଁ ଗତ ୧୮ ତାରିଖରେ ଆହ୍ୱାନ କରାଯାଇଥିବା ଟେଣ୍ଡର ୨୦ ତାରିଖରେ ଖୋଲାଯାଇଥିଲା। ଏଥିରେ ୟୁନିୟନ ବ୍ୟାଙ୍କ ସର୍ବାଧିକ ୫.୭୫ ପ୍ରତିଶତ ସୁଧ ଦେବାକୁ ରାଜି ହୋଇଥିଲା। କିନ୍ତୁ ଏହି ଟେଣ୍ଡରକୁ ବାତିଲ କରାଯାଇଛି।

## ଉଲ୍ଲଂଘନକାରୀଙ୍କୁ ‘ମୁଁ ସମାଜର ଶତ୍ରୁ’ ଲେଖା ପୋଷ୍ଟର ଧରାଇଲା ପୋଲିସ

**ଚାମୋଲି,୨୪।୩**



କରୋନା ଭାଇରସ ସଂକ୍ରମଣରୁ ଲୋକଙ୍କୁ ସୁରକ୍ଷା ଦେବାକୁ ଯାଇ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଉତ୍ତରାଖଣ୍ଡରେ ଲାଗୁ ହୋଇଛି ଲକ୍‌ଡାଉନ୍। ହେଲେ ଅନେକ ଲୋକ ଏହାକୁ ପାଳନ କରୁ ନ ଥିବା ଦେଖାଯାଉଛି। ତେଣୁ ଲକ୍‌ଡାଉନ୍ ଉଲ୍ଲଂଘନକାରୀଙ୍କୁ ଉପଯୁକ୍ତ ଶିକ୍ଷା ଦେବାକୁ ଯାଇ ଉତ୍ତରାଖଣ୍ଡ ପୋଲିସ ଅଭିନବ ଉପାୟ ଆପଣାଇଥିବା ଦେଖିବାକୁ ମିଳିଛି। କରନପ୍ରୟାଗ ସହରର ସାହିଗୁଡ଼ିକରେ ବିନା କାରଣରେ ବୁଲୁଥିବା କେତେଜଣ ବ୍ୟକ୍ତିଙ୍କୁ ପୋଲିସ ଧରିବା ପରେ ସେମାନଙ୍କ ହାତରେ ଏକ ପୋଷ୍ଟର ଧରାଇ ତାହାର ଫଟୋ ଉଠାଉଛି। ଉକ୍ତ ପୋଷ୍ଟରରେ ଲେଖାଯାଇଛି ଯେ, ‘ମୁଁ ସମାଜର ଶତ୍ରୁ, ମୁଁ ଘରେ ବନ୍ଦ ହୋଇ ରହୁନାହିଁ, ମୁଁ କରୋନା ଭାଇରସ ବ୍ୟାପିବାକୁ ଚାହୁଁଛି’। ଡେରାଡୁନ ସିଟି ଏସ୍‌ପି ଶ୍ୱେତା ଚୌବେ କହିଛନ୍ତି ଯେ, ଲକ୍‌ଡାଉନ୍‌କୁ ଯେଭଳି କଡ଼ାକଡ଼ି ପାଳନ ହେବ ସେଥିପ୍ରତି ପୋଲିସ ଗୁରୁତ୍ୱ ଦେଉଛି। ଯେଉଁମାନେ ଏହାକୁ ଉଲ୍ଲଂଘନ କରିବେ, ସେମାନଙ୍କ ବିରୋଧରେ ଆଇପିସି ଦଫା ୧୫୧ ଓ ୧୮୮ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିସହିତ କରୋନା ସଂକ୍ରମଣ ସମ୍ପର୍କରେ ଗୁଜବ କରି ଭୟ ଓ ଦ୍ୱନ୍ଦ୍ୱ ସୃଷ୍ଟି କରୁଥିବା ବ୍ୟକ୍ତିମାନଙ୍କ ବିରୋଧରେ ଶକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ତ୍ରିବେନ୍ଦ୍ର ସିଂ ରାୱତ ରାଜ୍ୟର ସମସ୍ତ ଘରୋଇ ହସ୍ପିଟାଲକୁ ନିଜ ନିୟନ୍ତ୍ରଣକୁ ନେଇଛନ୍ତି। ସେହି ହସ୍ପିଟାଲଗୁଡ଼ିକର ୨୫ ପ୍ରତିଶତ ଶଯ୍ୟାକୁ କରୋନା ଆକ୍ରାନ୍ତ ଓ ସନ୍ଦିଗ୍ଧଙ୍କ ଲାଗି ସଂରକ୍ଷିତ ରଖାଯାଇଛି।

## କନିକାଙ୍କ କାର୍ଯ୍ୟକଳାପ ଦାୟିତ୍ୱହୀନ: ବାପି




**ମୁମ୍ବାଇ:** ବଲିଉଡ୍ ଗାୟିକା କନିକା କପୁର କରୋନା ଭାଇରସରେ ଆକ୍ରାନ୍ତ ଥିବା ଜଣାପଡ଼ିବା ପରେ ତାଙ୍କୁ ନେଇ ଆସୁଛି କିଛି ନା କିଛି ଖବର। ନିକଟରେ ସେ ଲଣ୍ଡନରୁ ଫେରି ଲକ୍ଷ୍ନୌ ଓ କାନପୁର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସେ କରୋନା ଭୂତାଣୁରେ ଆକ୍ରାନ୍ତ ଥିବା ଜଣାପଡ଼ିବା ପରେ ତାଙ୍କୁ ଅନେକ ଆକ୍ରୋଶର ଶିକାର ହେବାକୁ ପଡିଛି। କନିକାଙ୍କ କାର୍ଯ୍ୟକଳାପ ଦାୟିତ୍ୱହୀନ ବୋଲି ବିଶିଷ୍ଟ ବଲିଉଡ୍ ଗାୟକ ବାପି ଲାହିରି କହିଛନ୍ତି। କାରଣ କନିକା କରୋନା ଭୂତାଣୁ ଦ୍ୱାରା ଆକ୍ରାନ୍ତ ଥିବା ଜାଣିବା ପରେ ମଧ୍ୟ କ୍ୱାରାଣ୍ଟାଇନରେ ରହି ନ ଥିଲେ। ବିଶେଷ କରି ଲଣ୍ଡନରୁ ସେ ଫେରିବା ତାଙ୍କ ପ୍ରଥମ ଭୁଲ ଥିଲା ବୋଲି ବାପି କହିଛନ୍ତି। କନିକା ଲଣ୍ଡନ ଯିବା ପୂର୍ବରୁ ତାଙ୍କ ସଂସ୍ପର୍ଶରେ ଆସିଥିଲେ। ସେ କରୋନା ଭୂତାଣୁରେ ଆକ୍ରାନ୍ତ ଥିବା ଜଣାପଡ଼ିବା ପରେ ଆଉ କନିକାଙ୍କ ସହ କଥା ହୋଇନାହାନ୍ତି। କନିକା ଲଣ୍ଡନ ଯିବା ପୂର୍ବରୁ ତାଙ୍କ ପ୍ରୋଜେକ୍ଟରେ ଶେଷଥର ପାଇଁ ଗୀତ ଗାଇଥିବା ସେ କହିଛନ୍ତି। ତେବେ ଗଣେଶଙ୍କ ନିକଟରେ ପ୍ରାର୍ଥନା କରି ବାପି କନିକାଙ୍କ ଦୀର୍ଘ ଓ ସୁସ୍ଥ ଜୀବନ କାମନା କରିଛନ୍ତି।

## ଓଡ଼ିଶାରେ ବିସ୍ଫୋରକ ସ୍ଥିତି ଆଣିବ କରୋନା

**ଭୁବନେଶ୍ୱର,୨୪।୩(ବ୍ୟୁରୋ)**

**ମେ’ ୩୧ ସୁଦ୍ଧା ୩୬ହଜାର ଆକ୍ରାନ୍ତ ଆଶଙ୍କା**

କରୋନା ଆଗକୁ ବିସ୍ଫୋରକ ସ୍ଥିତି ଆଣିବ। ଯଦି ଏବେଠାରୁ ଆମେ ଏହାକୁ ପ୍ରତିରୋଧ ନ କରିବା ତେବେ ପରିସ୍ଥିତି ଅସମ୍ଭାଳ ହୋଇଯିବ। କଠୋର ପଦକ୍ଷେପ ହିଁ ବଞ୍ଚାଇପାରିବ ବୋଲି କରୋନା ଭୂତାଣୁ ସଂକ୍ରମଣ ସଚେତନତା କମିଟି ମୁଖ୍ୟ ପ୍ରବକ୍ତା ସୁବ୍ରତୋ ବାଗ୍‌ଚୀ କହିଛନ୍ତି। ମଙ୍ଗଳବାର ବାଗ୍‌ଚୀ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଭାରତରେ ମେ’ ୩୧ ସୁଦ୍ଧା ଅତି କମ୍‌ରେ ୫୮,୬୪୩ ଜଣ ଆକ୍ରାନ୍ତ ହେବାର ସମ୍ଭାବନା ଅଛି। କିନ୍ତୁ ବିଶ୍ୱାସଯୋଗ୍ୟ ଆକଳନ ଅନୁସାରେ ତାହା ୧୦ଲକ୍ଷ ପାଖାପାଖି ମଧ୍ୟ ହୋଇପାରେ। ସେହିପରି ଓଡ଼ିଶାର ଜନସଂଖ୍ୟାକୁ ଦେଖିଲେ ମେ’ ୩୧ ସୁଦ୍ଧା ଅତି କମ୍‌ରେ ୨,୩୪୫ ବ୍ୟକ୍ତି କରୋନା ଆକ୍ରାନ୍ତ ହେବାର ଆଶଙ୍କା ରହିଛି। ଯଦି ଏବେଠାରୁ ଆମେ ଠିକ୍ ଭାବେ ପରିଚାଳନା ନ କରିବା ତେବେ ଓଡ଼ିଶାରେ ଏହି ସଂଖ୍ୟା ୩୬ହଜାର ହୋଇପାରେ ବୋଲି ବାଗ୍‌ଚୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଅନ୍ୟପଟେ କରୋନା ଅର୍ଥନୀତି ଉପରେ ବଡ଼ ପ୍ରଭାବ ପକାଇବ ବୋଲି ବାଗ୍‌ଚୀ କହିଛନ୍ତି। ମାତ୍ର ବର୍ତ୍ତମାନ ମଣିଷର ପ୍ରାଣ ବଞ୍ଚାଇବା ସମୟ। ପ୍ରାଣ ବଞ୍ଚିଲେ ଅର୍ଥନୀତି ପୁଣି ଫେରିଆସିବ। ତେଣୁ ବଞ୍ଚିବାକୁ ହେଲେ ଲକ୍‌ଡାଉନ୍‌ରେ ରହିବାକୁ ପଡ଼ିବ। ଲକ୍‌ଡାଉନ୍ ପିଲା ଖେଳ ନୁହେଁ। ଲକ୍‌ଡାଉନ୍ ସମୟରେ ବହୁତ ଲୋକ ପୋଲିସ୍ ସହିତ ଲୁଚକାଳି ଖେଳି ବାହାରକୁ ଆସୁଛନ୍ତି। ଏହାକୁ ସମସ୍ତେ ଗୁରୁତର ଭାବେ ନେବାକୁ ବାଗ୍‌ଚୀ ଅନୁରୋଧ କରିଛନ୍ତି।

## ୧୦୦ ପଞ୍ଜୀକୃତଙ୍କଠାରେ କରୋନା ଲକ୍ଷଣ ସନ୍ଦେହ

**ଭୁବନେଶ୍ୱର,୨୪।୩(ବ୍ୟୁରୋ)**

ରାଜ୍ୟରେ ବର୍ତ୍ତମାନ ନୂଆ କରୋନା ପଜିଟିଭ୍ ଆକ୍ରାନ୍ତ ଚିହ୍ନଟ ହୋଇ ନାହାନ୍ତି। ସେହି ୨ଜଣ ପଜିଟିଭ୍ ଆକ୍ରାନ୍ତ ରହିଛନ୍ତି। ଏହି ଦୁଇ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ୪୫ ଜଣଙ୍କୁ ଡାକ୍ତରଖାନାରେ ଆଇସୋଲେଶନ୍‌ରେ ରଖାଯାଇଛି। ବର୍ତ୍ତମାନ ସୁଦ୍ଧା ୩୮୬୧ ଜଣ ୧୦୪ ହେଲ୍ପଲାଇନ୍ ଏବଂ ପୋର୍ଟାଲ୍ ଜରିଆରେ ନାମ ପଞ୍ଜୀକରଣ କରିଛନ୍ତି। ଏମାନଙ୍କ ମଧ୍ୟରୁ ୧୦୦ଜଣଙ୍କ ପାଖରେ କିଛି କିଛି ଲକ୍ଷଣ ଥିବା ସନ୍ଦେହ କରାଯାଉଛି। ସେଥିପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଉଛି ବୋଲି କରୋନା ଭୂତାଣୁ ସଂକ୍ରମଣ ସଚେତନତା କମିଟି ମୁଖ୍ୟ ପ୍ରବକ୍ତା ସୁବ୍ରତୋ ବାଗ୍‌ଚୀ କହିଛନ୍ତି। ଓଡ଼ିଶାରେ ୧୧୦ଟି ନମୁନା ପରୀକ୍ଷା ପାଇଁ ପଠାଯାଇଥିବାବେଳେ ସମସ୍ତ ନମୁନାର ରିପୋର୍ଟ ମିଳିଛି। ସବୁ ଥଣ୍ଡା, ଜ୍ୱର କୋଭିଡ୍ ୧୯ ନୁହେଁ। ଯଦି ଜ୍ୱର ଅଧିକ ରହୁଛି ଓ ଶ୍ୱାସରେ କଷ୍ଟ ହେଉଛି ତେବେ ୧୦୪କୁ ଫୋନ୍ କରନ୍ତୁ। ଆପଣ ରୋଗୀକୁ ନେଇ ହସ୍ପିଟାଲ ଯାଆନ୍ତୁ ନାହିଁ। ନିଜେ ସଂକ୍ରମିତ ହେବା ସହିତ ଅନ୍ୟମାନେ ସଂକ୍ରମିତ ହେବେ। ୧୦୪ ନମ୍ବରକୁ ଫୋନ୍ କଲେ ରୋଗୀଙ୍କୁ ଡାକ୍ତରଖାନା ନେବା ଓ ଛାଡ଼ିଦେବା ବ୍ୟବସ୍ଥା କରାଯିବ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ କୋଭିଡ୍-୧୯ ପରି ଲକ୍ଷଣ ହେତୁ ଅସୁସ୍ଥ ଅନୁଭବ କରୁଥିବା କର୍ମଚାରୀ ୧୪ ଦିନ ନିମନ୍ତେ କର୍ମସ୍ଥଳୀ ତ୍ୟାଗ କରି ଅଲଗା ରହିପାରିବେ। ସେହିପରି କୌଣସି ସରକାରୀ କର୍ମଚାରୀ ହେଳା ନ କରି ଆସନ୍ତା ୪୮ଘଣ୍ଟାରେ କାର୍ଯ୍ୟରେ ଯୋଗଦେବେ। ନଚେତ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ବାଗ୍‌ଚୀ କହିଛନ୍ତି।

## ଘରେ ମିଳିବ ଭତ୍ତା, ଗହମ, ଚାଉଳ

**ଭୁବନେଶ୍ୱର,୨୪।୩(ବ୍ୟୁରୋ)**

କରୋନା ଭୂତାଣୁର ସଂକ୍ରମଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସାମାଜିକ ନିରାପତ୍ତା ଯୋଜନାରେ ଥିବା ସମସ୍ତ ହିତାଧିକାରୀଙ୍କୁ ଭତ୍ତା, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ହିତାଧିକାରୀଙ୍କୁ ଖାଦ୍ୟଶସ୍ୟ ସେମାନଙ୍କ ଘରେ ପହଞ୍ଚାଇ ଦେବେ। ହିତାଧିକାରୀଙ୍କୁ ପେନ୍‌ସନ କିମ୍ବା ଖାଦ୍ୟଶସ୍ୟ ନେବା ପାଇଁ ସାଧାରଣ ଖାଉଟି ବଣ୍ଟନ କେନ୍ଦ୍ରକୁ ଆସିବାକୁ ପଡ଼ିବ ନାହିଁ। ଭିଡ଼ କମାଇବା ପାଇଁ ରାଜ୍ୟ ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ଭତ୍ତା ଓ ଖାଦ୍ୟଶସ୍ୟ ହିତାଧିକାରୀଙ୍କ ନିକଟରେ ଯେପରି ପହଞ୍ଚିପାରିବ ସେ ନେଇ ସମସ୍ତ ଜିଲାପାଳ, ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ୍, ସମସ୍ତ ମହାନଗର ନିଗମର କମିଶନର, ଏବଂ ପୌରସଂସ୍ଥାଗୁଡ଼ିକର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଏ ନେଇ କ୍ଷମତା ପ୍ରଦାନ କରାଯାଇଛି।

## ଆନ୍ଧ୍ରରେ ଫସିଛନ୍ତି ୪୨ ଓଡ଼ିଆ ବିଏଡ୍ ପରୀକ୍ଷାର୍ଥୀ

**ବାରିପଦା ଅଫିସ, ୨୪।୩**

**ଉଦ୍ଧାର ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ**

ଓଡ଼ିଶାରୁ ବିଏଡ୍ ଟିଚିଂ ପରୀକ୍ଷା ଦେବା ପାଇଁ ଆନ୍ଧ୍ରକୁ ଯାଇଥିବା ୪୨ ପରୀକ୍ଷାର୍ଥୀ ସେଠାରେ ଫସି ରହିଛନ୍ତି। କରୋନା ଭାଇରସ୍ ସଂକ୍ରମଣକୁ ରୋକିବା ସକାଶେ ଟ୍ରେନ ବାତିଲ ହୋଇଯାଇଥିବାରୁ ପରୀକ୍ଷାର୍ଥୀମାନେ ସେଠାରୁ ଫେରିପାରୁନାହାନ୍ତି। ଓଡ଼ିଶା ଆଣିବାକୁ ସେମାନେ ଏକ ଭିଡିଓ ପୋଷ୍ଟ କରି ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି।

ଫସି ରହିଥିବା ୪୨ ପରୀକ୍ଷାର୍ଥୀଙ୍କ ମଧ୍ୟରେ ୧୮ ପୁରୁଷ ଓ ୨୪ ମହିଳା ଅଛନ୍ତି। ସେମାନଙ୍କ ମଧ୍ୟରୁ ୨ ମହିଳା ଗର୍ଭବତୀ ରହିଛନ୍ତି। ଏମାନଙ୍କ ମଧ୍ୟରୁ ମୟୂରଭଞ୍ଜ ଜିଲାର ୫, ବାଲେଶ୍ୱର ଜିଲାର ୩୨ ଓ ଭଦ୍ରକ ଜିଲାର ୫ ଜଣ ରହିଛନ୍ତି। ଗତ ୧୬ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ ବିଏଡ ପରୀକ୍ଷା ଦେବା ଲାଗି ସେମାନେ ଆନ୍ଧ୍ରପ୍ରଦେଶର ପ୍ରକାଶନ ଜିଲା ମାର୍କାପୁର ଟାଉନକୁ ଯାଇ ଜଣେ ବ୍ୟକ୍ତିଙ୍କ ଭଡ଼ାଘରେ ରହି ପରୀକ୍ଷା ଦେଉଥିଲେ। ପରୀକ୍ଷା ଶେଷ ହେବା ପରେ ୨୨ତାରିଖରେ ଟ୍ରେନ୍ ଟିକେଟ ହୋଇଥିଲା। ଜନତା କର୍ଫ୍ୟୁ ଲାଗି ଟିକେଟ ବାତିଲ ହେବା ପରେ ୩୧ ତାରିଖ ପର୍ଯ୍ୟନ୍ତ କୌଣସି ଟିକେଟ ହୋଇପାରିବ ନାହିଁ ବୋଲି ଜଣାପଡ଼ିଛି। ସେମାନଙ୍କ ପାଖରେ ଖର୍ଚ୍ଚ କରିବାକୁ ଟଙ୍କା ନ ଥିବାରୁ ବହୁ ଅସୁବିଧାରେ ସେଠାରେ ଫଶି ରହିଥିବା ମୟୂରଭଞ୍ଜର ଚିନ୍ମୟ ଦାସ ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ଲକ୍‌ଡାଉନ ଘୋଷଣା ପରଠାରୁ ଆଉ କିଛି ଖାଇବାକୁ ମିଳୁନାହିଁ। ମଙ୍ଗଳବାର ସକାଳେ ସେମାନେ ବିସ୍କୁଟ ଖାଇଥିବା କହିଛନ୍ତି। ଓଡ଼ିଶା ସରକାର ସେମାନଙ୍କୁ ଉଦ୍ଧାର କରି ଫେରାଇ ଆଣିବା ସକାଶେ ଅନୁରୋଧ କରି ଏହାର ଏକ ଭିଡିଓ ସୋସିଆଲ୍ ମିଡିଆରେ ପୋଷ୍ଟ କରିଛନ୍ତି।

## ଦିନକୁ ୧ ଘଣ୍ଟା ଖୋଲିବ ସବୁ କୋର୍ଟ

**ସବୁ ଜିଲା ଲକ୍‌ଡାଉନ୍ ପରେ ହାଇକୋର୍ଟଙ୍କ ସାନି ନିର୍ଦ୍ଦେଶ**

**କଟକ ଅଫିସ,୨୪।୩:** କରୋନା ଭୂତାଣୁର ଭୟାବହତାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସବୁ ଜିଲାକୁ ଲକ୍‌ଡାଉନ୍ ଘୋଷଣା କରିଛନ୍ତି। ଫଳରେ ନିମ୍ନ ଅଦାଲତଗୁଡ଼ିକ ପାଇଁ ପୂର୍ବରୁ ହାଇକୋର୍ଟ ଯେଉଁ ନିର୍ଦ୍ଦେଶ ଜାରି କରିଥିଲେ, ମଙ୍ଗଳବାର ସେଥିରେ ସାମାନ୍ୟ ପରିବର୍ତ୍ତନ କରିଛନ୍ତି। ରେଜିଷ୍ଟ୍ରାର୍ ଜେନେରାଲ୍‌ଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟ ସରକାର ଦୁଇଟି ପର୍ଯ୍ୟାୟରେ ୧୪ ଜିଲାକୁ ଲକ୍‌ଡାଉନ୍ ଘୋଷଣା କରିଥିଲେ। ଫଳରେ ଉକ୍ତ ଜିଲାରେ ଥିବା ନିମ୍ନ ଅଦାଲତଗୁଡ଼ିକରେ ଦିନକୁ ୧ ଘଣ୍ଟା (ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୧ଟା) କୋର୍ଟ କାର୍ଯ୍ୟ ଚାଲିବା ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଥିଲା। ହେଲେ ମଙ୍ଗଳବାର ସରକାର ସମସ୍ତ ଜିଲାକୁ ଲକ୍‌ଡାଉନ୍ ଘୋଷଣା କରିଛନ୍ତି। ଏହି ପରିପ୍ରେକ୍ଷୀରେ ହାଇକୋର୍ଟଙ୍କ ଉକ୍ତ ନିର୍ଦ୍ଦେଶ ସମସ୍ତ ଜିଲାରେ ଥିବା କୋର୍ଟଗୁଡ଼ିକ ପାଇଁ ଲାଗୁ କରାଯାଇଛି। ଆସନ୍ତା ୩୧ତାରିଖ ପର୍ଯ୍ୟନ୍ତ ଏହି ନିର୍ଦ୍ଦେଶ ବଳବତ୍ତର ରହିବ ବୋଲି ହାଇକୋର୍ଟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ହାଇକୋର୍ଟଙ୍କ ପକ୍ଷରୁ ପୂର୍ବ ସର୍କୁଲାର ଜାରି ହୋଇଥିଲା। ଅତି ଜରୁରୀ ମାମଲାଗୁଡ଼ିକର ଶୁଣାଣି ସହ ଜାମିନ ଓ ରିମାଣ୍ଡର ଶୁଣାଣି ହେବ, କମ୍ ସଂଖ୍ୟକ କୋର୍ଟ କର୍ମଚାରୀ କାର୍ଯ୍ୟରେ ଯୋଗଦେବା, ଅପରାହ୍ନ ଗୋଟାଏ ପରେ କୋର୍ଟ ଏବଂ କାର୍ଯ୍ୟାଳୟ ବନ୍ଦ ରଖିବା, ଅଣନିୟୋଜିତ କର୍ମଚାରୀମାନେ ଆବଶ୍ୟକତା ଅନୁଯାୟୀ ଡାକରା ପାଇଲେ କାର୍ଯ୍ୟରେ ଯୋଗଦେବା ପାଇଁ ଉକ୍ତ ସର୍କୁଲାରରେ ଉଲ୍ଲେଖ କରାଯାଇଥିଲା।

## ଅନ୍‌ଲାଇନ୍‌ରେ ଡିଏଲ୍, ଏଲ୍‌ଏଲ୍ ଆବେଦନ ବନ୍ଦ

**କଟକ ଅଫିସ,୨୪।୩:** ନୂତନ ମୋଟର ଯାନ ଆଇନ୍ କଡ଼ାକଡ଼ି ଭାବେ ଲାଗୁ ହେବା ପରେ ରାଜ୍ୟର ପ୍ରାୟତଃ ସମସ୍ତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ(ଆର୍‌ଟିଓ)ରେ ଲୋକମାନଙ୍କ ଭିଡ ଦେଖିବାକୁ ମିଳିଥିଲା। କରୋନା ଭୂତାଣୁର ଭୟାବହତା ସତ୍ତ୍ୱେ ଆର୍‌ଟିଓଗୁଡ଼ିକରେ ଭିଡ଼ କମି ନ ଥିଲା। ଏହାକୁ ନେଇ ରାଜ୍ୟ ପରିବହନ ପ୍ରାଧିକରଣ(ଏସ୍‌ଟିଏ) ଚିନ୍ତା ପ୍ରକାଶ କରି ପୂର୍ବରୁ ଡ୍ରାଇଭିଂ ଲାଇସେନ୍ସ(ଡିଏଲ୍) ଏବଂ ଲର୍ନର୍ସ ଲାଇସେନ୍ସ(ଏଲଏଲ୍) ପରୀକ୍ଷା ବନ୍ଦ କରିଦେଇଥିଲା। କିନ୍ତୁ ଅନ୍‌ଲାଇନ୍‌ରେ ଆବେଦନ ଚାଲୁ ରହିଥିଲା। ବର୍ତ୍ତମାନ ସାରା ରାଜ୍ୟରେ ଲକ୍‌ଡାଉନ୍ ଜାରି ହୋଇଥିଲେ ମଧ୍ୟ ଅନ୍‌ଲାଇନ୍‌ରେ ଲୋକମାନେ ଆବେଦନ କରୁଥିଲେ। ଏଣୁ ଅନ୍‌ଲାଇନ୍ ଆବେଦନକୁ ବନ୍ଦ କରିବାକୁ ରାଜ୍ୟ ପରିବହନ କମିଶନର୍ ତଥା ଏସ୍‌ଟିଏର ଅଧ୍ୟକ୍ଷ ସଞ୍ଜୀବ ପଣ୍ଡା ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୩୧ତାରିଖ ପର୍ଯ୍ୟନ୍ତ ଏହି ସୁବିଧା ବନ୍ଦ ରହିବ। ତେବେ ଆର୍‌ଟିଓଗୁଡ଼ିକରେ ନୂତନ ଗାଡ଼ି ପଞ୍ଜୀକରଣ, ପର୍‌ମିଟ୍ ପ୍ରଦାନ ଏବଂ ଫିଟ୍‌ନେସ୍ ପ୍ରମାଣପତ୍ର ପ୍ରଦାନ ସେବା ଜାରି ରହିବ। କିନ୍ତୁ ମଧ୍ୟାହ୍ନ ସାଢେ ୧୨ଟା ପର୍ଯ୍ୟନ୍ତ ହିଁ ଆର୍‌ଟିଓ ପରିସରରେ ଥିବା କ୍ୟାଶ୍ କାଉଣ୍ଟର୍ ଖୋଲା ରହିବ ବୋଲି ଜଣାପଡ଼ିଛି।

## ଷ୍ଟାଇପେଣ୍ଡ୍ ସହ ହଷ୍ଟେଲ ଛାଡ଼ିଲେ ଛାତ୍ରୀଛାତ୍ର

**ପାଲଲହଡ଼ା, ୨୪।୩(ଡି.ଏନ.ଏ.)-**

ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡରେ ଥିବା ଏସ୍‌ସି/ଏସ୍‌ଟି ଏବଂ ଗଣଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ହଷ୍ଟେଲରୁ ୨୦୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଘରକୁ ଫେରିଛନ୍ତି। ସେମାନଙ୍କ ମଧ୍ୟରେ କରଡ଼ାପାଳ ଆଶ୍ରମ ବିଦ୍ୟାଳୟର ୧୨୦, କମ୍ପରକେଳାର ୧୦୬, ନାଇକାଣିପାଳିର ୪୩୦, ଆଲୋରିର ୧୧୦, ଦେବାହାଳିର ୧୧୨, କୁରୁମୂଳାର ୧୧୦, ନମଗାଁ ଆଶ୍ରମ ସ୍କୁଲର ୧୧୧, ମାଲ୍ୟଗିରି ହାଇସ୍କୁଲର ୩୨୫, ବନ୍ଧାଭୂଇଁ ବାଳିକା ହାଇସ୍କୁଲର ୫୧୧, ଜମରଡ଼ିହ ସେବାଶ୍ରମ ବିଦ୍ୟାଳୟର ୪୦୫ ଏବଂ ସିବିଡା ଶିକ୍ଷାନିକେତନ ହଷ୍ଟେଲର ୨୫୦ ଛାତ୍ରୀଛାତ୍ରଙ୍କୁ ଘରକୁ ପଠାଇ ଦିଆଯାଇଛି। ଗଣଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ମହତାବ ହାଇସ୍କୁଲର ୧୬୭, ଚଷାଗୁରୁଜଙ୍ଗର ୮୯, ବଡୀସୁଆଁ ହଷ୍ଟେଲର ୯୨ ଛାତ୍ରୀଛାତ୍ର ଘରକୁ ବାହୁଡ଼ିଛନ୍ତି। ସମସ୍ତଙ୍କୁ ୩ ମାସର ଷ୍ଟାଇପେଣ୍ଡ ପ୍ରଦାନ କରାଯାଇଥିବା ବ୍ଲକ ମଙ୍ଗଳ ଅଧିକାରୀ ମନୋରଞ୍ଜନ ରାଉତ ସୂଚନା ଦେଇଛନ୍ତି।

## ୧୦୦ କୋଟିର କ୍ଷତି ସହିବ ଟିଭି ଇଣ୍ଡଷ୍ଟ୍ରି

**ମୁମ୍ବାଇ, ୨୪।୩**

କରୋନା ପାଇଁ ଏବେ ପୂରା ଦେଶ ଲକ୍‌ଡାଉନ୍। ସାଧାରଣ ଲୋକଙ୍କ ଦୈନିକ ଜୀବନଠାରୁ ଆରମ୍ଭ କରି ଭାରତୀୟ ଅର୍ଥନୀତି ଉପରେ ଏହାର ପ୍ରଭାବ ପଡିଛି। ଏହି ଲକ୍‌ଡାଉନ୍‌ର ପ୍ରଭାବ ଛୋଟ ପରଦା ଉପରେ ମଧ୍ୟ ପଡିଛି। ଦୁଇ ସପ୍ତାହ ମଧ୍ୟରେ ଟିଭି ଇଣ୍ଡଷ୍ଟ୍ରିକୁ ଶହେ କୋଟିର କ୍ଷତି ସହିବାକୁ ପଡ଼ିବ ବୋଲି ଏକ ସର୍ଭେ ରିପୋର୍ଟରୁ ସୂଚନା ମିଳିଛି। ଏବେକାର ପରିସ୍ଥିତିରେ ସମସ୍ତ ସିରିଏଲ ଶୁଟିଂ ବନ୍ଦ ରହିଛି। ଏହାର ବିଶେଷ ପ୍ରଭାବ ସପୋର୍ଟ ଷ୍ଟାଫଙ୍କ ଉପରେ ପଡୁଛି। "ଏବେ ଡରିଲେ କିଛି ହେବ ନାହିଁ। ପରିସ୍ଥିତି ଜଟିଳ, ଆମେ ଜାଣିନେ କାଲି କ’ଣ ହେବ। କେତେଜଣ ପ୍ରଡ୍ୟୁସରଙ୍କ ପାଖରେ ସିରିଏଲ୍‌ର କିଛିଟା ଏପିସୋଡ ଅଛି। କେତଜଣଙ୍କ ପାଖରେ ନୂଆ ଏପିସୋଡ ନାହିଁ। ଦୁଇ ସପ୍ତାହ ମଧ୍ୟରେ ଟିଭି ଇଣ୍ଡଷ୍ଟ୍ରିକୁ ଶହେ କୋଟିର କ୍ଷତି ସହିବାକୁ ପଡିବ" ଏହା କହିଛନ୍ତି ଆଇଏଫ୍‌ଟିପିସି(ଇଣ୍ଡିଆନ ଫିଲ୍ମ ଆଣ୍ଡ ଟେଲିଭିଜନ ପ୍ରଡ୍ୟୁସର କାଉନସିଲ) ଚେୟାରମ୍ୟାନ ଜେ.ଡି. ମଜିଠିଆ। ଶୁଟିଂ ବନ୍ଦ କାରଣରୁ ଅନେକ ସିରିଏଲ୍‌ର ରିପିଟ୍ ଟେଲିକାଷ୍ଟ କରାଯାଉଛି। ସୋନି ଟିଭିରେ ତାରକ ମେହେଟାକା ଉଲଟା ଚଷମା ସିରିଏଲ୍‌ର ରିପିଟ୍ ଟେଲିକାଷ୍ଟ ଆରମ୍ଭ ହୋଇଯାଇଛି।

## ଏକାଦଶାହରେ କଲେ ଦଶାହ କାର୍ଯ୍ୟ

**ଜନତା କର୍ଫ୍ୟୁକୁ ସମର୍ଥନ କରି ଚର୍ଚ୍ଚାରେ ପରିବାର**

**ଅନୁଗୋଳ ଅଫିସ, ୨୪।୩**

କରୋନା ଭାଇରସ୍ ସଂକ୍ରମଣ ରୋକିବା ଉଦ୍ଦେଶ୍ୟରେ ଗତ ୨୨ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକ୍ରମେ ଦେଶରେ ଜନତା କର୍ଫ୍ୟୁ ପାଳନ କରାଯାଇଥିଲା। ଏହାକୁ ଦେଶବ୍ୟାପୀ ସ୍ୱାଗତ କରାଯାଇଥିବା ବେଳେ ଅନୁଗୋଳ ଜିଲା ସୁନାଭୁଇ ଗ୍ରାମର ଏକ ପରିବାର ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ସମ୍ମାନ ଜଣାଇ ତଥା ଜନତା କର୍ଫ୍ୟୁକୁ ସମର୍ଥନ ଦେଇ ଉକ୍ତ ଦିନ ଜଣେ ମୃତକଙ୍କ ଦଶାହ କର୍ମ ନ କରି ଘୁଞ୍ଚାଇ ଦେବା ଚର୍ଚ୍ଚାର ବିଷୟ ହୋଇଛି। ଦଶାହ କର୍ମ ପାଇଁ ବନ୍ଧୁବାନ୍ଧବ, ସାହିଭାଇ, ବ୍ରାହ୍ମଣ, ବାରିକ ପହଞ୍ଚି ତୁଠକୁ ଯିବାକୁ ବାହାରିଥିଲେ। ହେଲେ କର୍ଫ୍ୟୁ ଲାଗିଥିବାରୁ ଦଶାହ କର୍ମକୁ ସ୍ଥଗିତ ରଖି ଏକାଦଶାହ ଦିନ କରାଯିବ ବୋଲି ପରିବାର ଲୋକେ ନିଷ୍ପତ୍ତି ନେବା ସହ ସୋମବାର ତାହା ସମ୍ପନ୍ନ କରିଥିଲେ। ସମ୍ପୃକ୍ତ ପରିବାର ଲୋକଙ୍କ ଏପରି ନିଷ୍ପତ୍ତିକୁ ଅନୁଗୋଳବାସୀ ଉଚ୍ଚ ପ୍ରଶଂସା କରିଛନ୍ତି।

ମନେ ପଡ଼ନ୍ତି
ଦ୍ୱାଦଶାହ ଉପଲକ୍ଷେ



ସ୍ୱର୍ଗତ ସୁବାସ ଚନ୍ଦ୍ର ରାଜଗୁରୁ ମହାପାତ୍ର
ଜନ୍ମସ୍ଥାନ: ରାୟଗଡ଼ା ନିକଟସ୍ଥ ପିତାମହଲ ଗ୍ରାମ
ଆବିର୍ଭାବ: ୧୯୫୪
ତିରୋଧାନ: ୧୫ ମାର୍ଚ୍ଚ ୨୦୨୦
ପ୍ରଭାତ କାକଳି ଶୁଣି ଦିବସର କର୍ମଠ କର୍ମକୁ ହେଜି,
ଉଠିଥିଲ ପୁଣି ନିଦରେ ଶୋଇଲ ଯେ ନିଦ ନଥାଏ ଚେତି।
ନିଦରେ ନିଦରେ ଚାଲିଗଲ କାହିଁ କହିଲ ନାହିଁ ଠକଣା,
ଯେ ରାଇଜେ ଗଲ ଅଫେରା ତା ପଥ, ନଜାଣିକି ହେଲ ବଣା।
ତୁମ ସ୍ମୃତି ତରୀ ଆହ୍ଲାଇ ନେବୁ, ଭବ ମାୟାର ତରଙ୍ଗେ,
ପାଣି ବା ପବନ ଭୂଇଁ ବା ଗଗନ ଦୋହଲିବ ଆମ ସଙ୍ଗେ।
ତୁମର ଅଭାଗିନୀ ପତ୍ନୀ: ପୁଷ୍ପଲତା, ପୁତ୍ର: ସତ୍ୟବ୍ରତ, ପୁତ୍ରବଧୂ: ମୋନାଲିସା, କନ୍ୟା: ଶୁଭସ୍ମିତା, ଭାଉଜ: ମାମୀ, ପୁତୁରା: ରିଙ୍କୁ ଓ ରାଜା, ଭଣଜା ଓ ରାଜଗୁରୁ ପରିବାରର ସମସ୍ତ ସଦସ୍ୟ
ଧ-୧୭୨୪୭

ଏକମାତ୍ର କର୍ତ୍ତବ୍ୟ ହେଉଛି– ଧୀର, ଶାନ୍ତ ଭାବରେ ଧୈର୍ଯ୍ୟ ଓ ସହିଷ୍ଣୁତା ସହ ଭଲମନ୍ଦ ସବୁକିଛିର ସମ୍ମୁଖୀନ ହେବା। ... ଭୟ କରନାହିଁ। ଅକପଟ ସରଳତା ହିଁ ତୁମର ରକ୍ଷାକବଚ।
– ଶ୍ରୀମା

# ଭୟ ଖାଉଛି

କୋଭିଡ୍‌-୧୯ ବିଶ୍ୱ ଆତଙ୍କ ଭାବେ ଉଭା ହୋଇଛି ବୋଲି ବାରମ୍ବାର ପ୍ରଚାର କରାଯାଉଛି। ଭାରତରେ ଏହି ସଂକ୍ରମଣ ଅଦ୍ୟାବଧି ୧୦ ଜଣଙ୍କ ଜୀବନ ନେଇଛି। କିନ୍ତୁ ସୋସିଆଲ ମିଡିଆ ଓ ସରକାରୀ ଭାବେ ଯେଉଁଭଳି ଏହାକୁ ନେଇ ଉଠାପକା ଚାଲିଛି, ଜନସାଧାରଣ ଭୀତତ୍ରସ୍ତ ହୋଇପଡ଼ିଲେଣି। ଦେଶବ୍ୟାପୀ ଲକ୍‌ଡାଉନ ବା ଅଚଳାବସ୍ଥା ସୃଷ୍ଟି ହୋଇଯାଇଥିବାରୁ ଲୋକେ ଅତ୍ୟାବଶ୍ୟକ ସାମଗ୍ରୀ ଘରେ ମହଜୁଦ କରିବାରେ ଲାଗିଲେଣି। ଫଳରେ ବ୍ୟବସାୟୀମାନେ ଅସମୟରେ ଲାଭ ଉଠାଇବାକୁ ଯାଇ କୃତ୍ରିମ ଅଭାବ ସୃଷ୍ଟି କରିଛନ୍ତି। ଏଭଳି ପରିସ୍ଥିତିରେ ପ୍ରଶ୍ନ ଉଠିଲାଣି ବାସ୍ତବରେ ଯେଉଁ ହାରରେ କୋଭିଡ୍‌-୧୯ର ଭୟାବହତା ନେଇ ପ୍ରଚାର କରାଯାଉଛି, ତାହା ଭାରତକୁ କ୍ଷତି ପହଞ୍ଚାଇବ କି। ଅବଶ୍ୟ ବିପଦ ଆସିବା ପୂର୍ବରୁ ପ୍ରସ୍ତୁତ ହୋଇଯିବା ବୁଦ୍ଧିମାନ୍‌ର କାର୍ଯ୍ୟ। ତଥାପି ଛାତିରେ ଅତ୍ୟଧିକ ଛନକା ପଶାଇ ଦିଆଯାଉଥିବାରୁ ଏହାଦ୍ୱାରା ଲାଭ କାହାର ହେଉଛି ବୋଲି ଆଲୋଚନା ଆରମ୍ଭ ହେଲାଣି।

କରୋନା ଭାଇରସ୍‌କୁ ପ୍ରତିହତ କରିବା ଲାଗି ବ୍ୟକ୍ତିଗତ ସ୍ତରରେ ସ୍ୱଚ୍ଛତା ଓ ସଂଯମ ରକ୍ଷା ସହ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବା ଲାଗି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ନିୟମାବଳୀ ପ୍ରସ୍ତୁତ କରିଛି। ଚାଇନାର ଉହାନରୁ ସୃଷ୍ଟି ହୋଇଥିବା ଭୂତାଣୁ ଇଟାଲୀରେ ସର୍ବାଧିକ ଜୀବନ ନେଇସାରିଲାଣି। ବିଶ୍ୱର ଦ୍ୱିତୀୟ ଜନବହୁଳ ରାଷ୍ଟ୍ର ଭାରତ ଲାଗି ଏହା ବିପଦ ସୃଷ୍ଟି କରିପାରେ ବୋଲି ଆଶଙ୍କା ସୃଷ୍ଟି ହେବା ପରେ ସରକାରୀ, ବେସରକାରୀ ଏବଂ ବ୍ୟକ୍ତିଗତ ସ୍ତରରେ ମିଳିତ ଉଦ୍ୟମ ଆରମ୍ଭ ହୋଇଛି। ଅନ୍ୟପକ୍ଷରେ କେତେକ ଭାରତୀୟ ତୁଚ୍ଛ ଚିନ୍ତାଧାରାରେ ବୁଡ଼ି ରହୁଥିବା ଦେଖିବାକୁ ମିଳୁଛି। ଉଦାହରଣ ସ୍ୱରୂପ ଦୁଇଦିନ ତଳେ ନୂଆଦିଲ୍ଲୀର ବିଜୟ ନଗର ଅଞ୍ଚଳରେ ଜଣେ ମଣିପୁରୀ ଯୁବତୀ ରାସ୍ତାରେ ଯାଉଥିଲେ। ସେହି ସମୟରେ ଏକ ମୋଟର ସାଇକେଲରେ ଯାଉଥିବା ଜଣେ ବ୍ୟକ୍ତି ସମ୍ପୃକ୍ତା ଯୁବତୀଙ୍କୁ କରୋନା କହି ତାଙ୍କ ଟି-ଶାର୍ଟ ଉପରକୁ ପାନଛେପ ପକାଇଥିଲେ। ସିସିଟିଭି ଫୁଟେଜ୍‌ରେ ଉକ୍ତ ବ୍ୟକ୍ତିଙ୍କ ଗାଡ଼ି ନମ୍ବର ଜଣାପଡ଼ି ଯାଇଥିବାରୁ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଛି।

ଏଠାରେ ପ୍ରଶ୍ନ ଉଠୁଛି, କରୋନା କ'ଣ ଏତେ ବିପଦପୂର୍ଣ୍ଣ ହୋଇଯାଇଛି ଯେ ଜଣେ ଯୁବତୀଙ୍କ ପ୍ରତି ସେଭଳି ଟିପ୍ପଣୀ ଦେବାକୁ ଯାଇ ସମ୍ପୃକ୍ତ ବ୍ୟକ୍ତି ପାନଛେପ ପକାଇବାକୁ ଠିକ୍ ମଣିଛନ୍ତି। କିନ୍ତୁ ଭୌଗୋଳିକ ଦୃଷ୍ଟିକୋଣରୁ ଦେଖିଲେ ଉତ୍ତର-ପୂର୍ବାଞ୍ଚଳ ବାସିନ୍ଦାଙ୍କ ଚେହେରା ଚାଇନାବାସୀଙ୍କ ସହ ସାମଞ୍ଜସ୍ୟ ରଖିଥାଏ। ତାହାକୁ ଆଧାରକରି ସେମାନଙ୍କୁ ନ୍ୟୂନ ଦୃଷ୍ଟିରେ ଦେଖାଯିବା ଉଚିତ ନୁହେଁ।

ଏବେ ଦେଶରେ ଘୋର ବିପଦ ସୃଷ୍ଟି ହୋଇନାହିଁ, ସୃଷ୍ଟି କରାଯାଉଛି। ଦିନମଜୁରିଆଙ୍କ କଥା ଭାବିବା ପାଇଁ କେନ୍ଦ୍ର କିମ୍ବା କୌଣସି ରାଜ୍ୟ ସରକାର ପ୍ରସ୍ତୁତ ନୁହେଁ। ଆଜିର ପରିସ୍ଥିତିରେ ଏବେ କ୍ଷମତାସୀନ ବ୍ୟକ୍ତିମାନଙ୍କ ପାଇଁ ଏକ ସୁବର୍ଣ୍ଣ ସୁଯୋଗ ଆସିଛି। ସାଧାରଣ ନାଗରିକର ଅସ୍ୱାଭାବିକ ଚିନ୍ତାଧାରା ଯୋଗୁ ଏହି ନେତାମାନେ ଯେଉଁ କଡ଼ାକଡ଼ି ଆଇନ ଇଚ୍ଛା କରୁଛନ୍ତି, ତାହାକୁ ପ୍ରଣୟନ କରିଦେଇପାରୁଛନ୍ତି। କରୋନା ଯୁଗରେ ପ୍ରଶ୍ନ କରିବାର ଅର୍ଥ ହେଲା ମାଡ଼ ଖାଇବା। କେହି ବୁଝିବାକୁ ପ୍ରସ୍ତୁତ ନୁହେଁ, ପ୍ରତ୍ୟେକ ବର୍ଷ ପୃଥିବୀବ୍ୟାପୀ ୯୦ ଲକ୍ଷ ଲୋକ ଅନାହାରରେ ମୃତ୍ୟୁମୁଖରେ ପଡୁଛନ୍ତି। ତାହା ତୁଳନାରେ କରୋନା ଭାଇରସ୍‌ର କୋପ ତିଳେମାତ୍ର ଭୟ କରିବାର ଯୋଗ୍ୟତା ହାସଲ କରିନାହିଁ। ତଥାପି ଆମେ ସମସ୍ତେ ଭୟରେ ବଞ୍ଚିବାକୁ ଚାହୁଁଛୁ। ଆମ ଭୟକୁ ଶାସକମାନେ ଅତି ଉତ୍ତମ ଢଙ୍ଗରେ ବ୍ୟବହାର କରି ନିଜର କ୍ଷମତା ଦୃଢ଼ୀଭୂତ କରିପାରୁଛନ୍ତି।

# ସରକାର ବିଳମ୍ବ ନ କରନ୍ତୁ



ତତ୍ତ୍ୱ ଓ ତର୍କ

ବିମଳ ପାଣ୍ଡିଆ

ଫେବୃଆରୀ ୨୦ ତାରିଖରୁ ମାର୍ଚ୍ଚ ୨୩ ଭିତରେ ଭାରତର ପ୍ରମୁଖ ଷ୍ଟକ୍ ଏକ୍ସଚେଞ୍ଜ ସୂଚକାଙ୍କ 'ସେନ୍ସେକ୍ସ' ୪୧,୩୯୯ରୁ ୨୫,୯୮୧କୁ ଖସି ସାରିଥିଲା। ମାସକ ଭିତରେ ନିବେଶକାରୀଙ୍କ ୩୭% ପୁଞ୍ଜି ବୁଡି ସାରିଥିଲା। ଆକ୍ସିସ ବ୍ୟାଙ୍କ, ରିଲାଏନ୍ସ ଭଳି ବିଶାଳ କମ୍ପାନୀର ଶେୟାର ଦର ଏହି ମାସକ ମଧ୍ୟରେ ଅଧା ହୋଇଗଲାଣି। ସିନେମା ଥିଏଟର, ନିର୍ମାଣ, ହୋଟେଲ, ପର୍ଯ୍ୟଟନ ଓ ପରିବହନ ଭଳି କ୍ଷେତ୍ରରେ ଥିବା କମ୍ପାନୀଙ୍କ କଥା ନ କହିବା ଭଲ। ସିଏନ୍‌ବିସି ଟିଭି ୧୮ ମାର୍ଚ୍ଚ ୨୦ ତାରିଖରେ ଏକ ରିପୋର୍ଟ ପ୍ରକାଶ କରିଛି ଯେ, ସମ୍ଭବତଃ ଇପିଏଫ୍ ଏହି ଆର୍ଥିକ ବର୍ଷରେ ୮.୫%ର ଘୋଷିତ ସୁଧ ଦେବାରେ ସକ୍ଷମ ହେବ ନାହିଁ। ମାର୍ଚ୍ଚ ୧୯ ତାରିଖରେ ଇଣ୍ଡିଆ ଟୁଡେର ପ୍ରକାଶିତ ଖବର ଅନୁସାରେ ଭାରତୀୟ ରେଳ ୧୬୮ଟି ଟ୍ରେନ୍ ବାତିଲ କରି ସାରିଥିଲା। ଯାତ୍ରୀ ନ ହେବା କାରଣରୁ ତାହା ବାତିଲ କରାଯାଇଥିଲା। ପରେ ୨୨ ମାର୍ଚ୍ଚରୁ ସମସ୍ତ ରେଳଗାଡ଼ିକୁ ସ୍ୱାସ୍ଥ୍ୟ ବିପଦ କାରଣରୁ ବାତିଲ କରାଯାଇ ସାରିଛି। ଟାଇମ୍ସ ଅଫ୍ ଇଣ୍ଡିଆରେ ମାର୍ଚ୍ଚ ୧୭ ତାରିଖରେ ପ୍ରକାଶିତ ଏକ ଖବରର ଶୀର୍ଷକ ଥିଲା 'ସରକାର କିଛି ନ କଲେ ମେ ମାସ ବେଳକୁ ଅଧିକାଂଶ ବିମାନ କମ୍ପାନୀ ଦେବାଳିଆ ହୋଇସାରିଥିବେ'। ୨୪ ମାର୍ଚ୍ଚରୁ ସବୁ ବିମାନ ଉଡିବା ବନ୍ଦ ହୋଇସାରିଛି। ଆଗରୁ କେବେଳ ବଡ଼ ଦୋକାନ ବନ୍ଦ କରାଯାଇଥିଲା, ଏବେ ଜରୁରୀ ଆବଶ୍ୟକତାକୁ ଛାଡିଦେଲେ ପ୍ରାୟ ସବୁ ବ୍ୟବସାୟ ବନ୍ଦ ହୋଇସାରିଛି। ବଡ ବ୍ୟବସାୟୀ ଓ କମ୍ପାନୀମାନେ ପ୍ରବଳ କ୍ଷତିର ଚିନ୍ତାରେ ତ୍ରସ୍ତ ହୋଇସାରିଥିବା ବେଳେ ଗରିବ ଓ ମଧ୍ୟମବର୍ଗ ଆୟ ହରାଇସାରିଲେଣି ବା ହରାଇବାର ଦ୍ୱାରରେ ଅଛନ୍ତି।

ଖାଲି ଭାରତର ନୁହେଁ ବିଶ୍ୱର ଅର୍ଥନୀତି ଏକ ଭୟଙ୍କର ମାନ୍ଦାବସ୍ଥା ଆଡକୁ ତୀବ୍ର ଗତିରେ ଧାଉଁଛି। ଆମେରିକା, ସମସ୍ତ ୟୁରୋପୀୟ ଦେଶ ତଥା ଜାପାନ, କୋରିଆ, ଅଷ୍ଟ୍ରେଲିଆ ଭଳି ବିକଶିତ ଦେଶ ଆର୍ଥିକ ଅବସ୍ଥାକୁ ସୁଧାରିବା ପାଇଁ ପ୍ରତିଦିନ କିଛି ନା କିଛି ନୂଆ ପଦକ୍ଷେପ ନେଉଛନ୍ତି। ସ୍ଥିତି ଏତେ ବିକଟ ଯେ ମାସେ ମଧ୍ୟରେ ଆମେରିକାର ଫେଡେରାଲ ରିଜର୍ଭ ବ୍ୟାଙ୍କ ସୁଧହାରରେ ଦୁଇଥର ବ୍ୟାପକ ହ୍ରାସ କରି ପ୍ରାୟ ଶୂନ ପ୍ରତିଶତକୁ ଖସାଇ ଦେଇଛି। ଆମେରିକାର ରାଷ୍ଟ୍ରପତି ଅଧରାତିରେ ବି ବଡ ନିଷ୍ପତ୍ତି ନେଉଛନ୍ତି। ମାର୍ଚ୍ଚ ୧୮ତାରିଖରେ ଟ୍ରମ୍ପ ଏକ ନୂଆ ଆଇନରେ ଦସ୍ତଖତ କରିଛନ୍ତି। ଅର୍ଥନୀତିକୁ ଉଦ୍ଧାର କରିବା ଲକ୍ଷ୍ୟରେ ଟ୍ରମ୍ପଙ୍କ ତାହା ଥିଲା ସପ୍ତାହେ ମଧ୍ୟରେ ସେହିଭଳି ଦ୍ୱିତୀୟ ବଡ ଉଦ୍ୟମ। ଏହି ଆଇନ ଅନୁସାରେ ଛୁଟିରେ ରହିଲେ ମଧ୍ୟ ଦରମା, ବେକାରୀ ଭତ୍ତା, ପୁଷ୍ଟି ସହାୟତା ଓ ରୋଗ ପରୀକ୍ଷା ପାଇଁ ଅଧିକ ସହାୟତାର ବ୍ୟବସ୍ଥା ଅଛି। ୨୪ ମାର୍ଚ୍ଚରେ ଆମେରିକାର ଫେଡେରାଲ ରିଜର୍ଭ ବ୍ୟାଙ୍କ ଏକ୍ସଚେଞ୍ଜ ଟ୍ରେଡେଡ୍ ଫଣ୍ଡ କିଣିବାର ଐତିହାସିକ ନିଷ୍ପତ୍ତି ନେଇଛି। ୧୯୨୦ ଦଶକର ଡିପ୍ ଡିପ୍ରେସନ ବେଳେ ମଧ୍ୟ ଫେଡେରଲ ରିଜର୍ଭ ସେମିତି ପଦକ୍ଷେପ ନେଇ ନ ଥିଲା। ଆମେରିକାର ରାଷ୍ଟ୍ରପତି ଆଉ ଏକ ବିଶାଳ ପ୍ୟାକେଜ୍ ଆଣିବାକୁ ଯାଉଛନ୍ତି ଯାହା ଏକ ଟ୍ରିଲିୟନ ଡଲାର ବା ଭାରତୀୟ ମୁଦ୍ରାରେ ପ୍ରାୟ ୭୫ ଲକ୍ଷ କୋଟି ଟଙ୍କାର ହେବ ବୋଲି କୁହାଯାଉଛି। ଆମେରିକାର ସେହି ପ୍ୟାକେଜ୍ ଭାରତ ସରକାରଙ୍କ ମୋଟ ବଜେଟର ଦୁଇଗୁଣରୁ ବି ଅଧିକ ହେବାକୁ ଯାଉଛି। ଏମିତି ବଡ଼ ନିଷ୍ପତ୍ତି ନେଇ ଅର୍ଥନୀତିକୁ ସମ୍ଭାଳିବା ସଙ୍ଗେସଙ୍ଗେ ଲୋକଙ୍କ ଦୁଃସ୍ଥତାକୁ ପ୍ରତିହତ କରିବା ପାଇଁ ଦୃଢ ନିଷ୍ପତ୍ତି ନେବାରେ ଆମେରିକା ଏକା ନାହିଁ। ଜର୍ମାନୀ ସରକାର କରୋନାରେ ଆକ୍ରାନ୍ତ ହୋଇପଡିଥିବା ଅର୍ଥନୀତିକୁ ସଜାଡ଼ିବା ପାଇଁ ୧୫୬ ବିଲିୟନ ୟୁରୋ ବା ପ୍ରାୟ ୧୨ ଲକ୍ଷ ୮୭ ହଜାର ଟଙ୍କାର ଅତିରିକ୍ତ ବଜେଟ ଆଣୁଛନ୍ତି। ଜର୍ମାନୀର ଜନସଂଖ୍ୟା ଆମର ୧୬ ଭାଗରୁ ଭାଗେ। ଏହିଭଳି ପ୍ୟାକେଜ୍‌ମାନଙ୍କରେ ଆୟ ଓ ରୋଜଗାର ହରାଉଥିବା ବା ରୋଗରେ ପୀଡିତ ବ୍ୟକ୍ତି ଓ ପରିବାରକୁ ପ୍ରତ୍ୟକ୍ଷ ଅର୍ଥ ପ୍ରଦାନ, ଛୋଟ ବ୍ୟବସାୟ ପାଇଁ ଋଣ, ଇନ୍‌କମ ଟ୍ୟାକ୍ସ ଛାଡ, ବଡ ବ୍ୟବସାୟ ପାଇଁ ଋଣ ସହାୟତା ଆଦି ପ୍ରାବଧାନ ରହିବ ବୋଲି ସୂଚନା ମିଳୁଛି। ଅର୍ଥନୀତି ଯେମିତି ଧ୍ୱସ୍ତ ହୋଇ ନ ଯିବ ଏବଂ ଆୟ ହରାଉଥିବା ଲୋକେ ଯେମିତି ସର୍ବନିମ୍ନ ଆବଶ୍ୟକତାରୁ ବଞ୍ଚିତ ନ ହେବେ ସେଥିପାଇଁ ବିଶ୍ୱର ପ୍ରମୁଖ ଦେଶର ସରକାରମାନେ ଲାଗିପଡ଼ିଛନ୍ତି।

ବିଶ୍ୱର ପ୍ରମୁଖ ଦେଶଗୁଡ଼ିକ ଆର୍ଥିକ ମାନ୍ଦାବସ୍ଥାରୁ ତ୍ରାହି ପାଇବା ପାଇଁ ଗୋଟିଏ ପରେ ଗୋଟିଏ ପୁଟୁଳା ଫିଟାଇ ଚାଲିଥିବା ବେଳେ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତି ଭାରତର ସରକାର କିନ୍ତୁ ନିଷ୍କ୍ରିୟତାର ଗାଢ଼ ନିଦ୍ରାରେ ଥିବା ଭଳି ମନେ ହୁଏ। କରୋନାର ପ୍ରସାର ରୋକିବା ପାଇଁ ଅବଶ୍ୟ ସରକାର ଅନେକ ଦୃଢ ପଦକ୍ଷେପ ନେଇଛନ୍ତି। ପ୍ରାୟ ସମଗ୍ର ଦେଶରେ ଏବେ ଲକ୍ ଡାଉନ ହୋଇସାରିଛି। ତେବେ ଅର୍ଥନୀତିକୁ ସୁଧାରିବା ପାଇଁ ଭାରତ ସରକାର ବା ରିଜର୍ଭ ବ୍ୟାଙ୍କ ଗୋଟିଏ ବି ବଡ ପଦକ୍ଷେପ ୨୩ ମାର୍ଚ୍ଚ ଯାଏ ନେଇ ନାହାନ୍ତି। ଗୋଟିଏ ଦିନ ପୂର୍ବରୁ ଯେତେବେଳେ ଘୋଷଣା ହେଲା ଯେ ପ୍ରଧାନମନ୍ତ୍ରୀ ମୋଦି ମାର୍ଚ୍ଚ ୧୯ତାରିଖ ରାତି ୮ଟାରେ ଦେଶବାସୀଙ୍କୁ ଉଦ୍‌ବୋଧନ ଦେବେ, ସେତେବେଳେ ଅନେକେ ଆଶା କରିଥିଲେ ଯେ କରୋନାର ପ୍ରତିରୋଧ ସହ ତୀବ୍ରଗତିରେ ବୁଡୁଥିବା ଅର୍ଥନୀତିକୁ ଉଦ୍ଧରିବା ପାଇଁ ସେ କିଛି ଠୋସ୍ ଘୋଷଣା କରିବେ। କିନ୍ତୁ, ପ୍ରଧାନମନ୍ତ୍ରୀ ରହିଗଲେ କେବଳ ଜନତା କର୍ଫ୍ୟୁ ଓ ଘଣ୍ଟି ଥାଳି ବଜାଇବା ଭଳି ପ୍ରତୀକତା ପାଳନ କରିବାର ଆହ୍ୱାନ ଦେବାରେ। ସେହିଭଳି ପ୍ରତୀକତାର ଆବଶ୍ୟକତା ନିଶ୍ଚିତ ଅଛି। ମାତ୍ର ବିକଟ ଆର୍ଥିକ ପରିସ୍ଥିତିର ମୁକାବିଲା ପାଇଁ ଅନେକ କିଛି କରିବା ଦରକାର। ସେହି ଉଦ୍‌ବୋଧନରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଅର୍ଥନୀତିର ଆହ୍ୱାନକୁ ମୁକାବିଲା କରିବା ପାଇଁ ଏକ ଟାସ୍କ ଫୋର୍ସ୍ ଗଠନ ହୋଇଛି। ପ୍ରତିଦିନ ସମସ୍ୟା ଜଟିଳ ହୋଇଚାଲିଥିବା ବେଳେ ମାର୍ଚ୍ଚ ୨୩ ତାରିଖ ସୁଦ୍ଧା ସେହି ଟାସ୍କ ଫୋର୍ସ ଗୋଟିଏ ବି ବଡ ଘୋଷଣା କରି ନ ଥିଲା। ଭାରତ ଦୃଢ ପଦକ୍ଷେପ ନେବାରେ ବହୁତ ବିଳମ୍ବ କରିସାରିଲାଣି ଯାହା ଖୁବ୍ ମହଙ୍ଗା ସାବ୍ୟସ୍ତ ହେବାର ଆଶଙ୍କା ରହିଛି।

ଶେୟାରରେ ପୁଞ୍ଜି ନିବେଶ କରିଥିବା ଲୋକେ ତ ତାଙ୍କର ପ୍ରାୟ ଅଧା ସମ୍ପତ୍ତି ମାସକ ମଧ୍ୟରେ ହରାଇ ସାରିଲେଣି କିନ୍ତୁ ତାହା ଅର୍ଥନୀତିକୁ ଗ୍ରାସି ଚାଲିଥିବା ସର୍ବଗ୍ରାସୀ ବିପଦର କାଣିଚାଏ ବି ନୁହେଁ। ପ୍ରଧାନମନ୍ତ୍ରୀ ଯେଉଁ ଦିନ ତାଙ୍କ ଭାଷଣରେ କାହାରି ଦରମା କାଟନ୍ତୁ ନାହିଁ ବୋଲି କମ୍ପାନୀମାନଙ୍କୁ ଆହ୍ୱାନ ଦେଲେ, ସେହି ଦିନ ହିଁ ଭାରତର ସବୁଠାରୁ ବଡ ବିମାନ କମ୍ପାନୀ ଇଣ୍ଡିଗୋ ବ୍ୟାପକ ଦରମା କାଟର ଘୋଷଣା କଲା। ପରିବହନ, ପର୍ଯ୍ୟଟନ, ହୋଟେଲ, ନିର୍ମାଣ, ସିନେମା, ଥିଏଟର ଭଳି ଶିଳ୍ପ ଓ କମ୍ପାନୀ ସ୍ଥାଣୁ ହୋଇ ସାରିଲେଣି। ସେମାନେ କର୍ମଚାରୀଙ୍କ ଦରମା କାଟ କଲେଣି ବା ବିନା ଦରମାରେ କର୍ମଚାରୀଙ୍କୁ ଛୁଟିରେ ପଠାଇବା ଆରମ୍ଭ କଲେଣି। ଋଣ କିସ୍ତି ଖିଲାପ ହେବାର ଆଶଙ୍କା ଢେର ବଢ଼ିଗଲାଣି। ଅଣ-ସଂଗଠିତ କ୍ଷେତ୍ରର ଅବସ୍ଥା ଆହୁରି ଖରାପ। ଆୟ ଭୀଷଣ ଭାବରେ ପ୍ରଭାବିତ ହେଲାଣି। ଲୋକେ ତ୍ରାହି ତ୍ରାହି ଡାକିବା ଆରମ୍ଭ କଲେଣି। ଅନେକଙ୍କ ପାଖରେ ଏବେ ପଇସା ନାହିଁ ବା ଖୁବ୍ ଶୀଘ୍ର ସରିଯିବ। ଏପଟେ କରୋନାର ଭୟ, ସେପଟେ ବିକଟ ହୋଇଚାଲିଛି ଆମ ଅର୍ଥନୀତି। ନିଜକୁ ସୁରକ୍ଷିତ ରଖିବା ପାଇଁ ବ୍ୟକ୍ତିଗତ, ସାମୂହିକ, ସାଙ୍ଗଠନିକ ଓ ସରକାରୀ ସ୍ତରରେ ବ୍ୟାପକ ସତର୍କତା ପ୍ରଥମ ଆବଶ୍ୟକତା ନିଶ୍ଚୟ କିନ୍ତୁ ଆମକୁ ଅର୍ଥବ୍ୟବସ୍ଥାର ସ୍ଖଳନକୁ ରୋକିବା ପାଇଁ ଜରୁରୀ ପଦକ୍ଷେପ ନେବାର ଆବଶ୍ୟକତା ବି କିଛି କମ୍ ନୁହେଁ। ପ୍ରତୀକାତ୍ମକତା ରହୁ କିନ୍ତୁ ଅର୍ଥନୀତିକୁ ପତନରୁ ରକ୍ଷା କରିବା ପାଇଁ ଦୃଢ ପଦକ୍ଷେପ ଆହୁରି ଜରୁରୀ। ଏଥିରେ ବିଳମ୍ବ ନ ହେଉ।

# ପ୍ରତିରୋଧକ ଶକ୍ତି ପରୀକ୍ଷା ଓ ଅର୍ଥନୀତି



ମାର୍କ ରୋ

କରୋନା ଭୂତାଣୁଜନିତ ମହାମାରୀ ବିଶ୍ୱ ଅର୍ଥନୀତିକୁ ଅଚଳ କରିଦେବା ସହ ଷ୍ଟକ୍ ମାର୍କେଟରେ ପତନ ଘଟାଇଛି ଏବଂ ବେକାରୀ ବୃଦ୍ଧି କରିଛି। ଏଭଳି ସ୍ଥିତିରେ ନୀତି ନିର୍ଦ୍ଧାରକମାନେ ଆର୍ଥିକ ଅବନତିକୁ ରୋକିବା ସହ ଏହି ରୋଗକୁ କିପରି ସାମ୍ନା କରାଯାଇପାରିବ ତାହାର ଉପାୟ ବାହାର କରିବାକୁ ବାଧ୍ୟ ହେବେ। ବିକଶିତ ଦେଶଗୁଡିକର ମୁଖ୍ୟ ଅର୍ଥନୈତିକ ପ୍ରସ୍ତାବଗୁଡ଼ିକ ଭିତରେ ରହିଛି: ହିତାଧିକାରୀମାନଙ୍କୁ ନଗଦ ରାଶି ପ୍ରଦାନ, ଟିକସ ଆଦାୟକୁ ସ୍ଥଗିତ ରଖିବା ଏବଂ ବ୍ୟବସାୟିକ ବେଲ୍‌ଆଉଟ ବା ତ୍ରାଣପାଣ୍ଠି ପ୍ରଦାନ। କିନ୍ତୁ ଏବେ ଅର୍ଥନୀତିକୁ ବଞ୍ଚାଇବା ପାଇଁ ବାୟୋମେଡିସିନ ହେଉଛି ଗୁରୁତ୍ୱପୂର୍ଣ୍ଣ ଏବଂ ବର୍ତ୍ତମାନ ଚାଲୁଥିବା ତିନୋଟି ପ୍ରମୁଖ ବାୟୋମେଡିକାଲ ଚ୍ୟାନେଲ ମଧ୍ୟରୁ ଚିକିତ୍ସାଗତ ଦୃଷ୍ଟିରୁ ଯାହା ସବୁଠାରୁ କମ୍ ଗୁରୁତ୍ୱପୂର୍ଣ୍ଣ ତାହା ଏକ ଅର୍ଥନୈତିକ ଆର୍ମାଗେଡନ (ମହାଯୁଦ୍ଧ)କୁ ଅଟକାଇପାରିବ।

ଏହା ହେଉଛି ଏକ ପରୀକ୍ଷା, ଯାହାଦ୍ୱାରା ଜଣାପଡ଼ିବ ଜଣେ କରୋନା ଆକ୍ରାନ୍ତ ରୋଗୀ ଭଲ ହେଲେଣି କି ନାହିଁ ଏବଂ ଭଲ ହୋଇଥିଲେ ତାଙ୍କ ଶରୀରରେ କୋଭିଡ୍‌-୧୯ର ପ୍ରତିରୋଧକ ଶକ୍ତି ସୃଷ୍ଟି ହୋଇଛି କି ନାହିଁ। ବୈଜ୍ଞାନିକମାନେ କହିଛନ୍ତି ଯେ ରୋଗର ପୂର୍ଣ୍ଣ ଲକ୍ଷଣଠାରୁ କମ୍ ଲକ୍ଷଣ ପ୍ରଦର୍ଶନ କରୁଥିବା ଏବଂ ଆଦୌ ଲକ୍ଷଣ ପ୍ରକାଶ କରୁ ନ ଥିବା ଲୋକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଯେତେବେଳେ ଏହି ଲକ୍ଷଣହୀନ ବ୍ୟକ୍ତିମାନେ ସମ୍ପୂର୍ଣ୍ଣ ସଂକ୍ରମଣମୁକ୍ତ ହୋଇଯିବେ ବା ସୁସ୍ଥ ହୋଇଯିବେ, ସେତେବେଳେ ସେମାନେ ନିଜ ନିଜର କାର୍ଯ୍ୟକୁ ଯାଇପାରିବେ। ସେତେବେଳେ ଯେଉଁମାନେ ତାଙ୍କ ସଂସ୍ପର୍ଶରେ ଆସିବେ ସେମାନେ ଆଉ ସଂକ୍ରମିତ ହେବେ ନାହିଁ। କିନ୍ତୁ ଆମେ ଜାଣିବା ଆବଶ୍ୟକ ଯେ କେଉଁମାନେ ସମ୍ପୂର୍ଣ୍ଣ ସଂକ୍ରମଣମୁକ୍ତ ହୋଇଛନ୍ତି।

ମନେକରନ୍ତୁ ଆମେ ଆଜି ରୋଗ ପ୍ରତିରୋଧକ ଶକ୍ତି ପାଇଁ ସ୍ୱଳ୍ପ ଲକ୍ଷଣ ଏବଂ ଲକ୍ଷଣହୀନ କେସ୍‌ଗୁଡ଼ିକର ପରୀକ୍ଷା କରିପାରିବା। କିନ୍ତୁ ଏହା ଏପର୍ଯ୍ୟନ୍ତ ବହୁଳ ଭାବରେ ଉପଲବ୍ଧ ପରୀକ୍ଷା ନୁହେଁ। ଏହି ପରୀକ୍ଷାରୁ ଜଣାପଡ଼େ ଭୂତାଣୁ ଜଣଙ୍କ ଶରୀରରେ ଅଛି କି ନାହିଁ, କିନ୍ତୁ ଏହି ପରୀକ୍ଷାରୁ ଜାଣିହୁଏ ନାହିଁ ଯେ ଭୂତାଣୁ ଆସିଥିଲା, ଯାଇଛି ଏବଂ ରୋଗ ପ୍ରତିରୋଧକ ଶକ୍ତି ପ୍ରଦାନ କରି ଯାଇଛି। ଯେଉଁମାନେ ଆକ୍ରାନ୍ତ ହୋଇଥିଲେ, ଭଲ ହୋଇଯାଇଛନ୍ତି ଏବଂ ଏବେ ସୁସ୍ଥ ଅଛନ୍ତି, ସେମାନଙ୍କୁ ପରୀକ୍ଷା କରି କାର୍ଯ୍ୟକୁ ଫେରିବାର ଅନୁମତି ଦିଆଯାଇପାରେ।

ପ୍ରାରମ୍ଭିକ ଅନୁସନ୍ଧାନରୁ ଜଣାପଡିଛି ଯେ, ଅନ୍ୟ ଭୂତାଣୁଜନିତ ରୋଗ ପରି, କୋଭିଡ୍‌-୧୯ରୁ ଆରୋଗ୍ୟ ଲାଭ ପରେ ଏହା ରୋଗ ପରବର୍ତ୍ତୀ ପ୍ରତିରୋଧକ ଶକ୍ତି ଆଣିଥାଏ। ଏ ବିଷୟରେ ସମ୍ପୂର୍ଣ୍ଣ ରୂପେ ନିଶ୍ଚିତ ହେବା ଆବଶ୍ୟକ ଏବଂ ଏହା ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ। ଯଥାଶୀଘ୍ର ଔଷଧ ଏବଂ ଟିକା ବିକଶିତ କରିବା ଉପରେ ମଧ୍ୟ ଧ୍ୟାନ ଦେବା ଆବଶ୍ୟକ। କିନ୍ତୁ ୧୨ରୁ ୧୮ ମାସ ଭିତରେ କୌଣସି ଟିକା ବା ଔଷଧ ବ୍ୟାପକ ଭାବରେ ଉପଲବ୍ଧ ହେବାର ସମ୍ଭାବନା କମ୍ ଏବଂ ତା' ଭିତରେ ବିଶ୍ୱ ଅର୍ଥନୀତି ଧ୍ୱସ୍ତ ହୋଇସାରିଥିବ। ସେହିଭଳି, ଏହି ରୋଗର ଚିକିତ୍ସା ପାଇଁ ଆଣ୍ଟିଭାଇରାଲଗୁଡ଼ିକକୁ ପ୍ରାଥମିକତା ଦେବା ଆବଶ୍ୟକ, କିନ୍ତୁ ଅର୍ଥନୀତି ଉପରେ ଏହାର ପ୍ରଭାବ କେତେ ତାହା ଅନିଶ୍ଚିତ। ଲୋକମାନେ ତଥାପି ଅସୁସ୍ଥ ହେବେ। ଅଧିକନ୍ତୁ, ପ୍ରଭାବଶାଳୀ ଆଣ୍ଟିଭାଇରାଲ କେଇ ମାସ ଭିତରେ ଆସିଯିବ ବୋଲି ଆଶା କରାଯାଏ, କିନ୍ତୁ କିଛି ସପ୍ତାହ ଭିତରେ ନୁହେଁ। ଅର୍ଥନୀତି ସେତେ ଦିନ ଅପେକ୍ଷା କରିପାରିବ ନାହିଁ।

ଇମ୍ୟୁନିଟି ପରୀକ୍ଷାକୁ କିପରି ବ୍ୟବହାର କରାଯାଇପାରିବ ସେ ବିଷୟରେ ବିଚାର କରନ୍ତୁ। ଗତ ସପ୍ତାହରେ ମୋ ପତ୍ନୀ ଏବଂ ମୁଁ ଗୋଟିଏ ଦିନ ପାଇଁ ଥଣ୍ଡା ଅନୁଭବ କରିଥିଲୁ: ହାଲୁକା, ଶୁଖିଲା କାଶ ଏବଂ ଟିକିଏ ଯନ୍ତ୍ରଣା। ଏହା କୋଭିଡ୍‌-୧୯ର ଏକ ମୃଦୁ ରୂପ ଥିଲା କି, ଯାହାକୁ ଆମର ପ୍ରତିରୋଧକ ପ୍ରଣାଳୀ ଗମ୍ଭୀର ଲକ୍ଷଣ ପ୍ରକାଶ ପୂର୍ବରୁ ଲଢ଼ି ଭଲ କରିଥିଲା? ହୋଇପାରେ, ନ ବି ହୋଇପାରେ ଏବଂ ଏହା ବି ହୋଇପାରେ ଯେ ଆମେ ବର୍ତ୍ତମାନ ଏହି ରୋଗର ପ୍ରତିରୋଧକ ଶକ୍ତିସମ୍ପନ୍ନ। ଯଦି ଏକ ଇମ୍ୟୁନିଟି ପରୀକ୍ଷା ବ୍ୟବସ୍ଥା ଉପଲବ୍ଧ ଥାନ୍ତା, ଆମେ ପରୀକ୍ଷା କରାଇଥାନ୍ତୁ ଏବଂ ଯଦି ଆମେ ରୋଗ ପ୍ରତିରୋଧକ ଶକ୍ତିସମ୍ପନ୍ନ ବୋଲି ପ୍ରମାଣିତ ହୋଇଥାନ୍ତା, ତେବେ ଆମେ ବାହାରକୁ ଓ ଅଫିସକୁ ଯିବା ଆସିବା କରିପାରିଥାନ୍ତୁ। କିନ୍ତୁ ଆମେ ତାହା ଜାଣିନାହୁଁ, ତେଣୁ ଘରେ ରହୁଛୁ।

ସର୍ବସାଧାରଣ ଆଲୋଚନାରେ କୋଭିଡ୍‌-୧୯ ବିଷୟରେ ଅନେକ କଥା ଅସ୍ପଷ୍ଟ ରହିଥାଏ। ତାହା ବିଶେଷଜ୍ଞଙ୍କ ଜ୍ଞାନରେ ଧରାପଡେ। ଉଦାହରଣ ସ୍ୱରୂପ, କେତେ ଲୋକଙ୍କଠାରେ ରୋଗର ଲକ୍ଷଣ ନାହିଁ ଏବଂ ଆଗାମୀ ମାସଗୁଡ଼ିକରେ ସଂକ୍ରମଣର ସାମଗ୍ରିକ ସ୍ତର କେତେ ରହିଛି, ତାହା ଜାଣିବା ଉପରେ ରୋଗ ପ୍ରତିରୋଧକ ଶକ୍ତି ପରୀକ୍ଷଣର ଅର୍ଥନୈତିକ ମୂଲ୍ୟ ନିର୍ଭର କରେ। କିନ୍ତୁ ସେ ବିଷୟରେ ଆମେ ବର୍ତ୍ତମାନ ମଧ୍ୟ ଜାଣି ନାହୁଁ। ଏହି ପରୀକ୍ଷା ସହଜ ଓ ସୁବିଧାଜନକ ହେବା ଦରକାର, କାରଣ ଯାହାଙ୍କଠାରେ ରୋଗର ଲକ୍ଷଣ ନାହିଁ ସେଇମାନେ ଏହାକୁ ବ୍ୟବହାର କରିବେ। ସମ୍ଭବତଃ କେତେକ ବ୍ୟବସାୟ ପ୍ରତିଷ୍ଠାନ ହେବେ ଏହାର ପ୍ରଥମ ବ୍ୟବହାରକାରୀ, ଯେଉଁଗୁଡ଼ିକ ହାତଗଣତି ରୋଗପ୍ରତିରୋଧୀ କର୍ମଚାରୀଙ୍କ ବିନା ବ୍ୟବସାୟ ପ୍ରତିଷ୍ଠାନ ଖୋଲିପାରିବେ ନାହିଁ। ଅପରପକ୍ଷେ, ଜନସ୍ୱାସ୍ଥ୍ୟ ଅବସ୍ଥା ଯେତେ ଖରାପ, ରୋଗ ପ୍ରତିରୋଧକ ପରୀକ୍ଷଣର ଅର୍ଥନୈତିକ ମୂଲ୍ୟ ସେତେ ଅଧିକ। ଯଦି ଅଧିକ ଲୋକ ସଂକ୍ରମିତ ହୁଅନ୍ତି, ତେବେ ଅର୍ଥନୀତି ଅଧିକ ବ୍ୟାହତ ହୁଏ ଏବଂ କ୍ରମେ ଲକ୍ଷଣହୀନ ରୋଗୀଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଥାଏ। ମହାମାରୀରେ ମୃତ୍ୟୁହାର ଯେତେ କମ୍ ହେବ ତାହା ଅର୍ଥନୀତି ପ୍ରତି ସେତେ କମ୍ ଖରାପ ପ୍ରଭାବ ପକାଇବ। ଯେଉଁମାନେ ଭଲ ହେବେ ସେମାନେ ତାଙ୍କର ସାଧାରଣ ଦୈନନ୍ଦିନ କର୍ମ ଆରମ୍ଭ କରିପାରିବେ। ଏହି ସଂଖ୍ୟା କ୍ରମଶଃ ବୃଦ୍ଧି ପାଇବ। କିନ୍ତୁ ସମସ୍ୟା ହେଉଛି ଏହି ଭଲ ହୋଇଥିବା ଲୋକମାନେ କିଏ ବୋଲି ଆମେ କେମିତି ଜାଣିବା।

ଏକ ରୋଗ ପ୍ରତିରୋଧକ ଶକ୍ତି ପରୀକ୍ଷଣ ଆମକୁ କହିପାରିବ ଯେ କାହାକୁ ଅର୍ଥନୈତିକ କାର୍ଯ୍ୟକ୍ରମରୁ ଅଲଗା ରଖିବା ଆବଶ୍ୟକ ନାହିଁ। ଏପ୍ରିଲ ସୁଦ୍ଧା ଆମର ଅର୍ଥନୈତିକ ସ୍ୱାସ୍ଥ୍ୟରେ ଉନ୍ନତି ଆରମ୍ଭ ହୋଇପାରେ କିମ୍ବା ଅଧିକ ଅବନତି ନ ହୋଇପାରେ। (ପ୍ରୋଜେକ୍ଟ ସିଣ୍ଡିକେଟ)

(ଲେଖକ ହାଭାର୍ଡ ଲ' ସ୍କୁଲର ଜଣେ ପ୍ରଫେସର)

## ଏଇ ଭାରତରେ

ଭାରତରେ କରୋନା ଭାଇରସ୍ ସଂକ୍ରମଣ ଧୀରେ ଧୀରେ କାୟା ବିସ୍ତାର କରିବାରେ ଲାଗିଛି। ଏଥିପାଇଁ ପ୍ରଶାସନ ପୂରା ଦମ୍‌ରେ ଏହାକୁ ପ୍ରତିରୋଧ କରିବା ପାଇଁ ଲାଗିପଡିଛି। ପ୍ରତିଷେଧକ ବ୍ୟବସ୍ଥା ଆବିଷ୍କାର କରାଯାଇ ନ ଥିବାରୁ ପ୍ରତିରୋଧ କିଭଳି କରାଯାଇପାରିବ ସେଥିଲାଗି ମଧ୍ୟପ୍ରଦେଶର ଜଣେ ମହିଳା ଆଇଏଏସ୍ ଅଧିକାରୀ ଉଦାହରଣ ସୃଷ୍ଟି କରିଛନ୍ତି। ଜବଲପୁରରେ ପ୍ରଥମ କରୋନା ପଜିଟିଭ ମିଳିବା ପରେ ରାଜ୍ୟରେ ଏହା ଧୀରେ ଧୀରେ ବୃଦ୍ଧି ପାଇବାରେ ଲାଗିଛି। କିନ୍ତୁ ସଗର ଜିଲାରେ ଏହାକୁ ମୁକାବିଲା କରିବାରେ ସେଠାକାର ଜିଲାପାଳ ପ୍ରୀତି ମୈଥିଲୀ ନାଏକଙ୍କ ଭୂମିକା ନିଶ୍ଚିତଭାବେ ପ୍ରଶଂସନୀୟ। ତାଙ୍କ ଜିଲାରେ ଲୋକମାନଙ୍କ ଆବଶ୍ୟତାରେ ଅଭାବ ଯେମିତି ନ ରହିବ ସେଥିପ୍ରତି ସେ ଗୁରୁତ୍ୱ ଦେଇଛନ୍ତି। ସେ ସେଣ୍ଟ୍ରାଲ ଜେଲ୍‌ର କଏଦୀମାନଙ୍କ ଦ୍ୱାରା ମାସ୍କ ତିଆରି କରାଇବାର ବ୍ୟବସ୍ଥା କରିଛନ୍ତି। ସେମାନେ ୧୦,୦୦୦ରୁ ଊର୍ଦ୍ଧ୍ୱ ମାସ୍କ ତିଆରି କରିସାରିଲେଣି। ବଜାରରେ ଗୋଟିଏ ମାସ୍କ ୫୦ରୁ ୮୦ ଟଙ୍କାରେ ବିକ୍ରି ହେଉଥିବାବେଳେ ଏହାକୁ ମାତ୍ର ୧୦ ଟଙ୍କା ମୂଲ୍ୟରେ ରେଡ୍‌କ୍ରସ ଶାଖା ମାଧ୍ୟମରେ ଲୋକମାନଙ୍କୁ ଯୋଗାଇ ଦେଉଛନ୍ତି ଜିଲାପାଳ। ଜିଲାରେ ସେ ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ଦ୍ୱାରା ମାସ୍କ ତିଆରି କରାଯିବାର ବ୍ୟବସ୍ଥା ମଧ୍ୟ କରିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ତତ୍ତ୍ୱାବଧାନରେ ଏମାନେ ବି ହ୍ୟାଣ୍ଡ ସାନିଟାଇଜର ପ୍ରସ୍ତୁତ କରୁଛନ୍ତି। ଏହା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ଅନୁମୋଦିତ ଉପାଦାନ ଉପଯୋଗ କରାଯାଇ ପ୍ରସ୍ତୁତ କରାଯାଉଛି। ଏହାକୁ ଏବେ ହସ୍ପିଟାଲ, ଆର୍ମି, ମେଡିକାଲ ସେଣ୍ଟର, ଆଇସୋଲେସନ ୱାର୍ଡ ଏବଂ ସ୍ଥାନୀୟ ପୋଲିସ ଷ୍ଟେଶନଗୁଡିକୁ ଯୋଗାଇ ଦିଆଯାଉଛି। ଆଗାମୀ ପରିସ୍ଥିତିକୁ ମୁକାବଲା କରିବା ଲାଗି ଏହାକୁ କମ୍ ମୂଲ୍ୟରେ ଲୋକମାନଙ୍କୁ ଯୋଗାଇ ଦେବାର ବ୍ୟବସ୍ଥା କରାଯିବ ବୋଲି କହନ୍ତି ଜିଲାପାଳ ନାଏକ।

## ୨୫ ବର୍ଷ ତଳର ଧରିତ୍ରୀ

୨୫ ମାର୍ଚ୍ଚ ୧୯୯୫

- ରୁଷିଆ ପକ୍ଷରୁ ଇରାନକୁ ଆଣବିକ ରିଆକ୍ଟର ବିକ୍ରି ପ୍ରସଙ୍ଗ ନେଇ ଆମେରିକା ଓ ରୁଷିଆ ମଧ୍ୟରେ ବିବାଦ।
- ଦକ୍ଷିଣ ଚାଇନାର ଜିଆନ୍‌ଜି ପ୍ରଦେଶସ୍ଥିତ ଏକ ଜଳଭଣ୍ଡାରରେ ଏକ ନୌକା ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୩୭ ଜଣଙ୍କ ମୃତ୍ୟୁ।

## ଚିରନ୍ତନୀ

ଜୀବନ ଗୋଟା ଲୋଡେ କରିବାକୁ ଖେଳଛୁଟି
ଧରାରେ ଯେଉଁ ହାସ
ବାର ମାସ ଉଠେ ଫୁଟି,
ପ୍ରଦୋଷ ଉଷା ପରେ ଫୁଲେ ଫୁଲେ ଯାଏ ଲିହି
ଯେ ହାସ ପାଇଁ ତବ
ଅବୟବ ଗଢ଼େ ବିହି।
ସେ ହାସ ପରେ ଚିର ଦେବା ପାଇଁ ବୋଲି କାଳି
ମରଣ ଆସେ ଧୀରେ
ସଜନିରେ ପାଦ ଚାଳି!
ବଧିର କରି ଦେଇ ସକଳର ଶରବଣ
ତିଆଗି ସବୁ ଦୟା
ଆସେ ମହା ଆବରଣ।

(ମରଣ ପାଳି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 1 | 3 | 0 | | D | | 8 | | | | | | | C |
| | | 0 | | | | | 4 | | | B | | | 8 | |
| 6 | | | | | | 3 | 7 | | 1 | | | B | D | |
| | | | 6 | 7 | | | A | | 8 | | E | 9 | 3 | |
| D | 7 | | | | B | | 5 | | | | | | A | |
| | | | 7 | | 3 | 5 | | 4 | 2 | | | | 6 | |
| | C | | | | | D | | | | | 6 | 1 | | 2 |
| B | | | 4 | 0 | | | | | | | | A | 5 | |
| 7 | 3 | | E | D | | | | | | 1 | | | | |
| | | | | | 6 | | | 3 | | 8 | D | | C | 4 |
| | | | | 6 | | 7 | | | | 3 | | | | |
| 2 | B | 6 | | 9 | | 1 | | | | | | | | E |
| | | 5 | | | A | E | | | | | 9 | | | |
| 0 | | | 3 | | 4 | | | | | 6 | 5 | | B | |
| | E | | B | | 1 | | | | | 0 | | 8 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | 8 | C | 0 | B | A | 9 | E | 2 | 4 | 6 | 3 | D | 7 | 5 |
| 9 | 3 | 7 | 6 | D | E | 5 | 8 | C | 1 | A | B | 2 | 4 | 0 |
| 4 | 6 | A | 8 | 2 | 3 | D | 7 | B | 5 | 0 | C | E | 9 | 1 |
| B | 5 | 2 | 7 | 4 | 9 | 3 | 0 | 1 | D | 8 | E | C | 6 | A |
| E | D | 0 | C | 5 | 1 | A | 6 | 4 | 2 | 9 | 7 | B | 3 | 8 |
| 8 | A | 6 | 2 | 1 | C | E | 4 | 7 | B | 3 | 0 | 9 | 5 | D |
| 7 | 1 | B | 3 | 9 | 4 | 2 | D | 6 | C | 5 | 8 | 0 | A | E |
| 5 | 0 | 9 | E | 7 | B | C | 1 | A | 6 | 2 | D | 4 | 8 | 3 |
| D | 2 | 4 | A | 0 | 6 | 8 | 5 | 3 | 9 | E | 1 | 7 | C | B |
| 3 | C | E | D | 8 | 5 | 0 | B | 9 | 7 | 4 | A | 1 | 2 | 6 |
| 6 | E | D | 5 | 3 | 7 | B | 9 | 0 | A | C | 4 | 8 | 1 | 2 |
| A | 9 | 1 | 4 | E | 0 | 7 | 2 | 8 | 3 | D | 5 | 6 | B | C |
| C | 4 | 8 | 9 | 6 | D | 1 | 3 | 5 | E | B | 2 | A | 0 | 7 |
| 0 | B | 3 | 1 | C | 2 | 6 | A | D | 8 | 7 | 9 | 5 | E | 4 |
| 2 | 7 | 5 | B | A | 8 | 4 | C | E | 0 | 1 | 6 | 3 | D | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଗଣପରିବହନ

ମହାଶୟ,

ଡ. ସୁବାସ ଚନ୍ଦ୍ର ପାତ୍ରଙ୍କ ଲେଖା ଗଣ ପରିବହନ ବାସ୍ତବରେ ଏକ ସମୟୋପଯୋଗୀ ଲେଖା। ପରିବହନ ଶୈଳୀ ଏବଂ ଆର୍ଥିକ ସ୍ୱଚ୍ଛଳତା ବଢ଼ିଛି ଏଥିରେ ଦ୍ୱିମତ ନାହିଁ। କିନ୍ତୁ ସମୟ ସ୍ରୋତରେ ୧୯୭୧ ମସିହାରେ ଯେଉଁ ରାଲେ ସାଇକେଲ କଟକରୁ ୩୩୦ଟଙ୍କାରେ କିଣିଥିଲି ଏବେ ପାଖାପାଖି ୧ ବର୍ଷ ହେବ ସେହି ସାଇକେଲକୁ ଚଳାଉଛି। ଘରେ ୨ ଚକିଆ ଯାନ ୪ଟା ଏବଂ ୪ ଚକିଆ ଯାନ ଥାଇ ମଧ୍ୟ। ୪୯ ବର୍ଷ ତଳର ସାଇକେଲ ଚଲେଇ ହେଉଛି। କିନ୍ତୁ ୧୫ ବର୍ଷର ୨ ଚକିଆ ମୋଟରଯାନ ଚଲେଇବାର ନିୟମ ନାହିଁ। ମହାଶୟ ପରିବେଶ ଉପରେ ଯାହା ଆଲୋକପାତ କରିଛନ୍ତି ତାହା ଶତ ପ୍ରତିଶତ ସତ। ପୂର୍ବରୁ କଟକ ମାଲଗୋଦାମରୁ କୁଜଙ୍ଗ ପର୍ଯ୍ୟନ୍ତ ଡଙ୍ଗାରେ ତାଳଦଣ୍ଡା କେନାଲରେ ବି ମାଲ ପରିବହନ ହେଉଥିଲା।

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡମା, ଜଗତ୍‌ସିଂହପୁର

### ଟ୍ରାଫିକ୍ ଲାଇଟ୍‌ରେ ସେକେଣ୍ଡ ମିଟର ଲଗାଯାଉ

ବିଜ୍ଞାପନ ମାଧ୍ୟମରେ ଜନସାଧାରଣଙ୍କୁ ଅବଗତ କରାଯାଉଛି କି ଟ୍ରାଫିକ୍ ଲାଇଟ୍ ପାଖରେ ଗାଡିର ଷ୍ଟାର୍ଟ ବନ୍ଦ କରିଦେବା ଉଚିତ। ଏପରି କଲେ ଇନ୍ଧନ ବଞ୍ଚିବା ସଙ୍ଗେ ସଙ୍ଗେ ପରିବେଶ ନିର୍ମଳ ରହିବ। ତେବେ ଲାଇଟ୍‌ର ଅବଧି ଯଦି ଅନ୍ତତଃପକ୍ଷେ ୧୫ ସେକେଣ୍ଡ ବାକି ଥାଏ ତେବେ ଏହା କରାଯିବା ଉଚିତ। ନ ହେଲେ ଲାଭ ଅପେକ୍ଷା କ୍ଷତି ଅଧିକା ହେବ। ତେଣୁ ଟ୍ରାଫିକ୍‌ର ନାଲି ଲାଇଟ୍ ଆଉ କେତେ ସେକେଣ୍ଡ ଜଳିବାକୁ ବାକି ଅଛି ତାହା ସୂଚାଉଥିବା ସେକେଣ୍ଡ ମିଟର ମଧ୍ୟ ଲଗାଯିବା ଜରୁରୀ। ଦିଲ୍ଲୀର ବିଭିନ୍ନ ଛକ ଜାଗାଗୁଡ଼ିକରେ ଏହି ମିଟର ଲଗାଯାଇଛି ଓ ପରିବେଶ ପ୍ରଦୂଷଣକୁ ରୋକିବାରେ ଖୁବ୍ ସହାୟକ ହେଉଛି। କଟକ, ଭୁବନେଶ୍ୱରରେ ମଧ୍ୟ ଏପରି ବ୍ୟବସ୍ଥା କରାଯାଉ।

ସୁଧାଂଶୁ ଶେଖର ମିଶ୍ର, ବ୍ଲକ କଲୋନୀ, ଆଠଗଡ, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### କଟକଣା ଉଲ୍ଲଂଘନ, ଜଣେ ଗିରଫ

ଅନୁଗୋଳ ଅଫିସ, ୨୪।୩- ଅନୁଗୋଳ ଜିଲାରେ ଲକ୍‌ଡାଉନ୍ କଟକଣା ଉଲ୍ଲଂଘନ ଅଭିଯୋଗରେ ଜଣେ ବ୍ୟକ୍ତି ଗିରଫ ହୋଇଛନ୍ତି। ତାଙ୍କ ଘର ଖମାର ଥାନା ଅଞ୍ଚଳରେ। ସୋମବାର ଲକ୍‌ଡାଉନ ସମୟରେ ସେ ଗାଁରେ ଟ୍ରାକ୍ଟର ଚଢ଼ି ବୁଲୁଥିଲେ। ପୋଲିସ ବାରମ୍ବାର ବାରଣ କରିବା ସତ୍ତ୍ୱେ ସେ ନ ଶୁଣିବାରୁ ତାଙ୍କ ବିରୋଧରେ ମାମଲା ରୁଜୁ ସହ ଗିରଫ କରାଯାଇଥିଲା। ଏଥିସହ ତାଙ୍କ ଟ୍ରାକ୍ଟରକୁ ଜବତ କରାଯାଇଥିବା ଏସ୍‌ପି ଜଗମୋହନ ମୀନା ସୂଚନା ଦେଇଛନ୍ତି।

### ୨୧ ଜଣଙ୍କୁ କ୍ୱାରାଣ୍ଟାଇନରେ ରହିବାକୁ ପରାମର୍ଶ

ତାଳଚେର,୨୪।୩(ନି.ପ୍ର.)- ସରକାରଙ୍କ ପକ୍ଷରୁ ଲକ୍ ଡାଉନ ଘୋଷଣା ପରେ ତାଳଚେରରେ ପ୍ରଶାସନ, ପୋଲିସ, ପୌର ପ୍ରଶାସନ ପକ୍ଷରୁ ଅଧିକ ସତର୍କତାର ସହ ପଦକ୍ଷେପ ନିଆଯାଉଛି। ଗ୍ରୋସରି, ପନିପରିବା, ମାଛ, ମାଂସ ଆଦି ଦୋକାନ ଖୋଲା ଥିବାବେଳେ ଅନ୍ୟ ଦୋକାନଗୁଡିକ ବନ୍ଦ ରହିଛି। ସେହିପରି ଅଦ୍ୟାବଧି ବାହାରୁ ଆସିଥିବା ୨୧ଜଣଙ୍କୁ ଚିହ୍ନଟ କରାଯାଇ ହୋମ କ୍ୱାରାଣ୍ଟାଇନରେ ରହିବାକୁ ପୌର କର୍ତ୍ତୃପକ୍ଷ ଓ ପୋଲିସ ପରାମର୍ଶ ଦେଇଛନ୍ତି।

### ଛେଣ୍ଡିପଦାରେ ୧୬୩ ପଞ୍ଜୀକୃତ

ଛେଣ୍ଡିପଦା,୨୪।୩(ସ୍ୱ.ପ୍ର.)- ଛେଣ୍ଡିପଦା ବ୍ଲକ ଅଞ୍ଚଳର ୧୬୩ ଶ୍ରମଜୀବୀ ରାଜ୍ୟ ବାହାରୁ ଆସିଥିବାରୁ ସେମାନେ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ନାମ ପଞ୍ଜୀକରଣ କରିଥିବା ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ ସଂକ୍ରମଣ ସନ୍ଦେହରେ ଅଧିକ ପରୀକ୍ଷା ପାଇଁ କଟକ ବଡ ମେଡିକାଲକୁ ପଠାଇ ଦିଆଯାଇଛି। କିନ୍ତୁ ସେମାନଙ୍କ ମଧ୍ୟରୁ ଜଣେ କଟକ ନ ଯାଇ ଅନ୍ୟତ୍ର ଚାଲିଯାଇଥିବାରୁ ତାଙ୍କୁ ଖୋଜା ଚାଲିଛି।

### ସାନ୍ତରାପୁରରେ ହାତୀ ଆତଙ୍କ

ବଣଁରପାଳ, ୨୪।୩(ଡି.ଏନ.ଏ.)- ବଣଁରପାଳ ବ୍ଲକ ସାନ୍ତରାପୁର ପଞ୍ଚାୟତରେ ହାତୀ ଆତଙ୍କ ଦେଖାଦେଇଛି। ସୋମବାର ରାତିରେ ଏକ ହାତୀ ଜନବସତିରେ ପଶି ବ୍ୟାପକ କ୍ଷୟକ୍ଷତି କରିଛି। ଫୁଲପଡ଼ା ଅଞ୍ଚଳର ଶରତ ମହାଳିକଙ୍କ କଦଳୀ ବଗିଚାକୁ ଉଜାଡ଼ି ଦେଇଛି। ମହେନ୍ଦ୍ର ସାହୁ, ସମ୍ପିତ ସାହୁ, ଶ୍ରୀକାନ୍ତ ସାହୁଙ୍କ ବଗିଚାରେ ପଶି ଗଛ ସବୁ ନଷ୍ଟ କରିଦେଇଛି। କେତେଜଣ ଚାଷୀଙ୍କ ବାଇଗଣ ଫସଲ ମଧ କ୍ଷୟକ୍ଷତି କରିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସାନ୍ତରାପୁର, କଲଣ୍ଡାପଳ, କୁସୁଣା, ରାମିମୁଣ୍ଡା, ନୂଆସାହି, ଫୁଲପଡ଼ା ସମେତ ଆଖପାଖ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଛନ୍ତି। ହାତୀ ଘଉଡ଼ାଇବାକୁ ଲୋକମାନେ ନିଆଁ ଜାଳି ଜଗି ରହିଛନ୍ତି।

### ନାଲ୍‌କୋରେ ମ୍ୟାନ୍ ପାୱାର ହ୍ରାସ

ବଣଁରପାଳ, ୨୪।୩(ଡି.ଏନ.ଏ.)- କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଓ ଅଧିକ ଗହଳି ନ କରିବାକୁ ଅନୁଗୋଳ ଜିଲା ନାଲ୍‌କୋ ପ୍ଲାଣ୍ଟରେ ମ୍ୟାନ୍ ପାୱାର୍ ହ୍ରାସ କରାଯାଇଛି। ସିପିପି ଓ ସ୍ମେଲଟରରେ ମଧ ଶ୍ରମିକଙ୍କ ସଂଖ୍ୟାକୁ କମାଇ ଦିଆଯାଇଛି। ନାଲ୍‌କୋ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଟାଉନଶିପ୍ ସେଣ୍ଟ୍ରାଲ ମାର୍କେଟ ଗେଟ୍, ଗିରାଙ୍ଗ ଛକ, କନ୍ୟାବେଡ଼ା ଛକରେ ଥିବା ଫାଟକଗୁଡ଼ିକରେ ସୁରକ୍ଷା କର୍ମୀ ମୁତୟନ ହୋଇଛନ୍ତି। କଲୋନୀ ଅଞ୍ଚଳରେ ଜନଗହଳି ଏଡ଼ାଇବାକୁ ଆବଶ୍ୟକ ଦୃଷ୍ଟି ଦିଆଯାଉଛି। ଅଚିହ୍ନା ଲୋକଙ୍କୁ କଲୋନୀରେ ପ୍ରବେଶ କରିବାକୁ ବାରଣ କରାଯିବା ସହ ଯାଞ୍ଚ କଡ଼ାକଡ଼ି କରାଯାଇଛି।

### ଦୁର୍ଘଟଣାରେ ସ୍ୱାମୀ ମୃତ, ସ୍ତ୍ରୀ ଓ ୨ ଶିଶୁ ଗୁରୁତର

ଛେଣ୍ଡିପଦା,୨୪।୩(ସ୍ୱ.ପ୍ର.)- ଅନୁଗୋଳ ଜିଲା ଦେଇ ଯାଇଥିବା ୫୫ନଂ. ଜାତୀୟ ରାଜପଥର ଜରପଡ଼ା ଥାନା ତୁକୁଡା ମୁଣ୍ଡାସାହି ନିକଟରେ ମଙ୍ଗଳବାର ଭୋର୍ ସମୟରେ ଏକ ଅଜଣା ଗାଡ଼ି ଧକ୍କାରେ ରେଢ଼ାଖୋଲ ଅଞ୍ଚଳର ନୀଳମଣି ବେହେରାଙ୍କ ମୃତ୍ୟୁ ଘଟିଛି। ତାଙ୍କ ସ୍ତ୍ରୀ ଏବଂ ଦୁଇ ଶିଶୁ ଗୁରୁତର ହୋଇଛନ୍ତି। ପୋଲିସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ନୀଳମଣି ସ୍ତ୍ରୀ ଏବଂ ୨ ପିଲାଙ୍କୁ ନେଇ ବାଇକ୍‌ରେ ଅନୁଗୋଳରୁ ରେଢ଼ାଖୋଲସ୍ଥିତ ନିଜ ଘରକୁ ଯାଉଥିଲେ। ଭୋର୍ ପ୍ରାୟ ୪ଟାରେ ରାଜପଥରେ ଦ୍ରୁତଗତିରେ ଆସୁଥିବା କୌଣସି ଏକ ଗାଡ଼ି ବାଇକ୍‌କୁ ଧକ୍କା ଦେଇ ପଳାଇ ଯାଇଥିଲା। ଖବରପାଇ ପୋଲିସ ଏବଂ ସ୍ଥାନୀୟ ଲୋକେ ଗୁରୁତର ୪ଜଣଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ନୀଳମଣିଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏକ ଦୁର୍ଘଟଣା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ସଂକ୍ରମଣ ରୋକିବାକୁ ଜାଗତିଆର

ଢେଙ୍କାନାଳ ଅଫିସ, ୨୪।୩



ଜିଲାପାଳ ପରିସ୍ଥିତିର ଅନୁଧ୍ୟାନ କରୁଛନ୍ତି।

■ପୁରୁଣା ଜିଲା ଚିକିତ୍ସାଳୟ ହେବ ଆଇସୋଲେଶନ ସେଣ୍ଟର

■ପ୍ରାଥମିକ ପର୍ଯ୍ୟାୟରେ ୧୫୦ ଶଯ୍ୟା, ଆବଶ୍ୟକସ୍ଥଳେ ବଢ଼ାଯିବ

ଢେଙ୍କାନାଳ ଜିଲାକୁ ଲକ୍‌ଡାଉନ୍ ଘୋଷଣା କରାଯିବାପରେ କରୋନା ସଂକ୍ରମଣ ରୋକିବାକୁ ଜୋର୍ ଦେଉଛି ପ୍ରଶାସନ। ବାଜିଚୌକ୍‌ସ୍ଥିତ ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟରେ ୧୫୦ ଶଯ୍ୟା ବିଶିଷ୍ଟ ଆଇସୋଲେଶନ ୱାର୍ଡ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ, ପିଡି ଡିଆର୍‌ଡିଏ ନରୋତ୍ତମ ବେହେରା, ସିଡିଏମ୍‌ଓ ଡା. ନିରଞ୍ଜନ ମିଶ୍ର ପୁରୁଣା ଚିକିତ୍ସାଳୟ ପରିଦର୍ଶନ କରି ପ୍ରସ୍ତୁତି ବ୍ୟବସ୍ଥାର ଅନୁଧ୍ୟାନ କରିଛନ୍ତି।

ଅନ୍ୟପଟେ ସହରର ଜନଗହଳିପୂର୍ଣ୍ଣ ସ୍ଥାନ ପୋଲିସ ଛାଉଣିରେ ପରିଣତ ହୋଇଛି। ଯାନବାହନ ଯାଞ୍ଚ କଡ଼ାକଡ଼ି କରାଯାଇଛି। ଅଜ୍ଞାତ ବ୍ୟକ୍ତିଙ୍କଠାରୁ ତଥ୍ୟ ସଂଗ୍ରହ କରାଯାଉଛି। ମଙ୍ଗଳବାର ଅପରାହ୍ନରେ ଉତ୍ତର କେନ୍ଦ୍ରାଞ୍ଚଳ ଆଇଜି ନରସିଂହ ଭୋଳ, ଏସ୍‌ପି ଅନୁପମା ଜେମ୍‌ସ ପୋଲିସ ଅଧିକାରୀଙ୍କ ସହ ସହରର ପ୍ରମୁଖ ଅଞ୍ଚଳ ପରିଦର୍ଶନ କରି ସୁରକ୍ଷା ବ୍ୟବସ୍ଥାର ତଦାରଖ କରିଥିଲେ। ଜିଲାରେ ପୋଲିସ ପ୍ରସ୍ତୁତି ସନ୍ତୋଷଜନକ ବୋଲି ଆଇଜି କହିଛନ୍ତି। ଲକ୍‌ଡାଉନ୍ ଲାଗୁ କରାଯିବା ପରେ ପରିବା ମାର୍କେଟ ସମେତ ଜରୁରୀ ସାମଗ୍ରୀ ବିକ୍ରି ହେଉଥିବା ବ୍ୟବସାୟିକ ପ୍ରତିଷ୍ଠାନରେ ପ୍ରବଳ ଭିଡ଼ ନିୟନ୍ତ୍ରଣ କରିବାକୁ ଗାଇଡ୍‌ଲାଇନ ପ୍ରସ୍ତୁତ କରାଯାଇଛି। ସକାଳ ୭ଟାରୁ ପୂର୍ବାହ୍ନ ୧୦ଟା ଏବଂ ଅପରାହ୍ନ ୪ଟାରୁ ସନ୍ଧ୍ୟା ୬ଟା ଯାଏ ଦୋକାନ ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଛି। ବର୍ତ୍ତମାନ ପରିସ୍ଥିତିରେ ଏହି ନିୟମ ଆସନ୍ତା ୨୯ ତାରିଖ ଯାଏ ବଳବତ୍ତର ରହିବ ବୋଲି ସୂଚନା ଦିଆଯାଇଛି।

ଏ ସଂକ୍ରାନ୍ତରେ ଜିଲାପାଳ କୁହନ୍ତି, ପୁରୁଣା ଜିଲା ଚିକିତ୍ସାଳୟରେ ୧୫୦ ଶଯ୍ୟା ବିଶିଷ୍ଟ ଆଇସୋଲେଶନ ୱାର୍ଡ କରିବାକୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ପ୍ରସ୍ତାବ ଦିଆଯାଇଥିଲା। ଏଥିଲାଗି ଅନୁମତି ମିଳିଛି। ଆବଶ୍ୟକ ପଡ଼ିଲେ ଏହାକୁ ୨୦୦ ଶଯ୍ୟାକୁ ବୃଦ୍ଧି କରାଯିବ। ଜିଲା ଚିକିତ୍ସାଳୟରୁ ବସ୍‌ଷ୍ଟାଣ୍ଡକୁ ସୁବିଧାରେ ଯିବାଆସିବା ଲାଗି ୨୦ଟି ଅଟୋରିକ୍ସା ବ୍ୟବସ୍ଥା ହୋଇଛି। ନିଜେ ନିଜର ସୁରକ୍ଷା କରିବା ସହିତ ଅନ୍ୟର ସୁରକ୍ଷା ବ୍ୟବସ୍ଥା ପ୍ରତି ଧ୍ୟାନ ଦେବାକୁ ଜିଲାପାଳ ନିବେଦନ କରିଛନ୍ତି।

# ଦାନା ଛଡ଼ାଇନେଲାଣି କରୋନା



ଗୁଲିଆ ସିର୍‌କା



ମଧୁ ଗୋପ



ମୁରଲୀ ପଧାନ



ସାଲୁରାମ ହାଁସଦା

କାମାକ୍ଷାନଗର, ୨୪।୩(ଡି.ଏନ.ଏ.)

## ମେହନତି ମଣିଷଙ୍କୁ ପେଟପାଟଣା ଚିନ୍ତା

କରୋନା କଟକଣା ପାଇଁ ପ୍ରଭାବିତ ହୋଇଛି ସ୍ୱାଭାବିକ ଜୀବନଯାତ୍ରା। ଅତି ଜରୁରୀ କାମ ନ ଥିଲେ ବାହାରକୁ ବାହାରିବାକୁ ଜାରି ହୋଇଛି କଡ଼ା ନିର୍ଦ୍ଦେଶ। ହେଲେ ଏମିତି ଅନେକ ଲୋକ ଅଛନ୍ତି, ଯାହାଙ୍କର ଘରୁ ଗୋଡ଼ ନ କାଢ଼ିଲେ ଜଳେନି ଚୁଲି। ଝାଳ ନ ବୁହାଇଲେ ଅପୋଷା ରହିଯାଏ ପେଟ, ଏମିତି ଗରିବ ଖଟିଖିଆଙ୍କ ଉପରେ ଦୁଃଖର ପାହାଡ଼ ହୋଇ ଛିଣ୍ଡିପଡ଼ିଛି କରୋନା। ହାତରେ କାମନାହିଁ। ସେପଟେ ପରିବାର ଅନାଇଛି ଫେରିବା ବାଟକୁ। ଏଭଳି ହଜାର ହଜାର ମେହନତି ମଣିଷଙ୍କ ରୋଜଗାର ପନ୍ଥା ବନ୍ଦ ହୋଇଯାଇଛି। ଏବେ ସମସ୍ତଙ୍କ ମନରେ କେବଳ ଗୋଟିଏ ପ୍ରଶ୍ନ କେବେ ସୁଧୁରିବ ସ୍ଥିତି, କେବେ ପୁଣି ଫେରିବ ସ୍ୱାଭାବିକ ଅବସ୍ଥା।

ଢେଙ୍କାନାଳ ଜିଲାର କାମାକ୍ଷାନଗର। ଶ୍ରମଜୀବୀଙ୍କ ସହର ଭାବେ ପରିଚିତ ଏହି ସ୍ଥାନକୁ କାମ ଖୋଜିବାକୁ ଜିଲାର ବିଭିନ୍ନ ସ୍ଥାନରୁ ଧାଇଁ ଆସନ୍ତି ଗରିବ, ଖଟିଖିଆ, ଶ୍ରମିକ ଶ୍ରେଣୀର ଲୋକେ। ଏଠାକୁ ଆସିଲେ କେହି କେବେ ଖାଲି ହାତରେ ଫେରେନି। କେଉଁଠି ନା କେଉଁଠି ମିଳିଯାଏ କାମ। ହେଲେ ଏବେ କରୋନା ମାଡ଼ରେ ଦୋହଲି ଯାଇଛି ବ୍ୟବସ୍ଥା। ଖାଁ ଖାଁ ପରିବେଶ। ହୋଟେଲ ବନ୍ଦ। ଦୋକାନରେ ଝୁଲୁଛି ତାଲା। କାମ ଖୋଜିବାକୁ କଙ୍କଡ଼ାହାଡ଼ ବ୍ଲକ ବାଟଗାଁ ପଞ୍ଚାୟତ ଶାଳିଅ ଗ୍ରାମର ମଧୁ ଗୋପ ସକାଳୁ ସକାଳୁ ଧାଇଁ ଆସିଥିଲେ କାମାକ୍ଷାନଗର। ହେଲେ କାମ ମିଳିଲାନି। ଏବେ ମଧୁଙ୍କ ଗୋଟିଏ ଚିନ୍ତା କେମିତି ମିଳିବ କାମ। ଘରକୁ ଖାଲି ହାତରେ କେମିତି ଯିବେ। ପରିବାର ପାଇଁ ଦାନା ଯୋଗାଡ଼ କେଉଁଠୁ କରିବେ।

ସମାନ କଥା ଦୋହରାଇଥିଲେ ମଧୁଙ୍କ ସାଙ୍ଗ ଗୁଲିଆ ସିର୍‌କା। ସେ କହିଥିଲେ ସହରରେ ରୋଗକୁ ନେଇ ଏତେ ସଚେତନତା। ଗାଁରେ କିଛି ନାହିଁ। ସେ ଯାହା ହେଉ ୫ଦିନ ଭୋକରେ ପଛେ ରହିବୁ ହେଲେ ଜୀବନ ବଞ୍ଚିଯାଉ। ଭୁବନ ବ୍ଲକ କଁସରଗୋଡ଼ା ଗ୍ରାମର ସାଲୁରାମ ହାଁସଦା କୁହନ୍ତି, ସେ ଏକ ଠିକା ସଂସ୍ଥାରେ ଶ୍ରମିକ ଭାବେ କାମ କରୁଥିଲେ। କରୋନା ପାଇଁ କଟକଣା ଲାଗିଥିବାରୁ ମାଲିକ ଫେରାଇଦେଲେ। ୫ଦିନ ପାଇଁ ଅଗ୍ରିମ ଅର୍ଥ ଦେଇଛନ୍ତି। ପୁଣି କାମ ଚାଲିଲେ ଡାକିବେ ବୋଲି କହିଛନ୍ତି। ସେହିପରି କାମାକ୍ଷାନଗର କାଦୁଆ ପଞ୍ଚାୟତ ମର୍କଟା ଗ୍ରାମର ଅଟୋରିକ୍ସା ଚାଳକ ମୁରଲୀ ପଧାନ କୁହନ୍ତି, ସକାଳୁ ରୋଜଗାର ଆଶାରେ ସହରକୁ ଆସିଥିଲେ। ଏଠି ଆସି ଦେଖିବା ବେଳକୁ ସବୁ ବନ୍ଦ। ନିରାଶରେ ଫେରିବାକୁ ପଡୁଛି। ଏପରି ସ୍ଥିତି କେତେଦିନ ରହିବ ଜଣାନାହିଁ। ସବୁ ଈଶ୍ୱରଙ୍କ ଇଚ୍ଛା। ସେ ହିଁ ବିପଦରୁ ରକ୍ଷା କରିବେ।

ଏହି ସମସ୍ୟା କେବଳ ମଧୁ, ଗୁଲିଆ, ସାଲୁରାମ କିମ୍ବା ମୁରଲୀଙ୍କର ନୁହେଁ। ଅଞ୍ଚଳର ଛୋଟବଡ଼ ବ୍ୟବସାୟୀ, ଠେଲା ଦୋକାନୀ, ଉଠାଦୋକାନୀଙ୍କୁ ମଧ ଘାରିଛି ପେଟପାଟଣା ଚିନ୍ତା। କରୋନା ସହ ଦୁନିଆ ଲଢ଼େଇ କରୁଥିବାବେଳେ ପେଟର ଭୋକ ସହ ନିତି ଲଢୁଥିବା ଏପରି ମେହେନତି ମଣିଷଙ୍କ କଥା କିଏ ବୁଝିବ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ପ୍ରଶାସନ ତତ୍ପର, ଘନଘନ ବୈଠକ

କାମାକ୍ଷାନଗର, ୨୪।୩(ଡି.ଏନ.ଏ.)

କରୋନା ଭୟ ସାରା ବିଶ୍ୱକୁ ଗ୍ରାସିଥିବାବେଳେ ଏଥିରୁ ବାଦ୍ ପଡ଼ିନି କାମାକ୍ଷାନଗର। ଜିଲାରେ ଲକ୍‌ଡାଉନ ଘୋଷଣା କରାଯାଇଥିବାବେଳେ ସମଗ୍ର ସହର ଖାଁ ଖାଁ ହୋଇପଡ଼ିଛି। ଅନ୍ୟପଟେ ସଂକ୍ରମଣ ପ୍ରତିରୋଧ ଲାଗି ଘନ ଘନ ବୈଠକ ଚାଲିଛି। ଉପଜିଲାପାଳ ଇଂ. ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ବୈଠକରେ ବିଭିନ୍ନ ସତର୍କତାମୂଳକ ପଦକ୍ଷେପ, ଯାଞ୍ଚ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଛି। ବିଡିଓ ବିକାଶ ମହାନ୍ତି, ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକ, ତହସିଲଦାର ସଞ୍ଜୟ ରାଉତ, କାମାକ୍ଷାନଗର ସ୍ୱାସ୍ଥ୍ୟକେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ଡା. ରତ୍ନାକର ସାମଲ, ସିଡିପିଓ ସୈରେନ୍ଦ୍ରୀ ପଟେଲ, ଏନ୍‌ଏସି ନିର୍ବାହୀ ଅଧିକାରୀ ଇଂ. ବିରଜା ପ୍ରସାଦ ରଥ ପ୍ରମୁଖ ଉପସ୍ଥିତ ଥିଲେ। କରୋନା ଆତଙ୍କ ପରେ ଗାଁ ମୁହାଁ ହୋଇଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରାଯିବ। ଏଥିପାଇଁ ଅଙ୍ଗନୱାଡି ଏବଂ ଜନପ୍ରତିନିଧିଙ୍କ ସହଯୋଗ ଲୋଡ଼ାଯାଇଛି। ଅଦ୍ୟାବଧି କାମାକ୍ଷାନଗର ବ୍ଲକକୁ ୨ଜଣ ପ୍ରବାସୀ ଭାରତୀୟ ଏବଂ ରାଜ୍ୟ ବାହାରେ କାମ କରୁଥିବା ୨୨ଜଣ ଆସିଛନ୍ତି। ଏନ୍‌ଏସିରେ ୮ ଜଣଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କୁ ହୋମ୍ କ୍ୱାରାଣ୍ଟାଇନରେ ରହିବାକୁ କୁହାଯାଇଛି। ଅନ୍ୟପଟେ ଲକଡାଉନର ଫାଇଦା ନେଉଛନ୍ତି ବ୍ୟବସାୟୀ। ସହରରେ ମଙ୍ଗଳବାର ଆଳୁ, ପିଆଜର କୃତ୍ରିମ ଅଭାବ ପରିଲକ୍ଷିତ ହୋଇଥିଲା। ସୂଚନା ମିଳିବା ପରେ ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇଥିଲା।

# ନିର୍ଦ୍ଦେଶ ନ ମାନିଲେ କାର୍ଯ୍ୟାନୁଷ୍ଠାନ

ଢେଙ୍କାନାଳ ଅଫିସ, ୨୪।୩

ଢେଙ୍କାନାଳ ଜିଲାରେ ଲକ୍‌ଡାଉନ୍ ବ୍ୟବସ୍ଥାକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ମଙ୍ଗଳବାର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜରୁରୀ କାର୍ଯ୍ୟ ବ୍ୟତୀତ ଜନସାଧାରଣଙ୍କ ଯାତାୟତ ନିଷିଦ୍ଧ କରାଯାଇଛି। ଅତ୍ୟାବଶ୍ୟକ କାର୍ଯ୍ୟ ସମ୍ପାଦନ ପାଇଁ ଯାନବାହନ ଚଳାଚଳ ଲାଗି ଜିଲାପାଳ ଏବଂ ଉପଖଣ୍ଡସ୍ତରରେ ଉପଜିଲାପାଳ ଅନୁମତି ଦେବେ। ପରିବା ବିକ୍ରେତା ଅନ୍ୟୁନ ୧୦ଫୁଟ ଦୂରତା ରଖି ବ୍ୟବସାୟ କରିବେ। ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ କରୁଥିବା ଗାଡିଚାଳକ ନିଜ ପାଖରେ ପରିବହନ କରୁଥିବା ସାମଗ୍ରୀର ବିଲ୍, ଚାଲାଣ ରଖିବେ। ଏଥିରେ ନିୟୋଜିତ କର୍ମଚାରୀଙ୍କୁ ସମ୍ପୃକ୍ତ ମାଲିକ ପରିଚୟପତ୍ର ଓ ଅନୁମତି ପତ୍ର ପ୍ରଦାନ କରିବେ। ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ୍ ରହିଛି। ଏଥିରେ କେହି ଭୟଭୀତ ହେବା ଅନୁଚିତ। ଅନ୍ୟପଟେ ଲକ୍‌ଡାଉନ ସମୟରେ ଜାରି କରାଯାଇଥିବା ନିର୍ଦ୍ଦେଶାନାମା ପାଳନ ନ କଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ କହିଛନ୍ତି। ବୈଠକରେ ଏସ୍‌ପି ଅନୁପମା ଜେମସ୍, ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ, ପିଡି ଡିଆର୍‌ଡିଏ ନରୋତ୍ତମ ବେହେରା, ଢେଙ୍କାନାଳ ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ଆପତ୍‌କାଳୀନ ଅଧିକାରୀ ଶଶାଙ୍କ ଶେଖର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱାସ୍ଥ୍ୟକେନ୍ଦ୍ରରେ ମିଳୁନି ଔଷଧ



ବଇଣ୍ଡା,୨୪।୩(ଡି.ଏନ.ଏ.)

କରୋନା ପାଇଁ ଅନୁଗୋଳ ଜିଲା ଲକ୍ ଡାଉନ୍ ଥିବାବେଳେ କିଶୋରନଗର ବ୍ଲକ ବଇଣ୍ଡା ଓ ହଣ୍ଡପା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଔଷଧ ମିଳୁ ନ ଥିବା ଅଭିଯୋଗ ହେଉଛି। ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି ଯେ, ଲକ୍ ଡାଉନ୍ ପାଇଁ ଘରୁ ନ ବାହାରିବାକୁ ବ୍ଲକର ବିଭିନ୍ନ ଅଞ୍ଚଳ ବୁଲି ପ୍ରଶାସନ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଉଛି। କିଶୋରନଗର ତହସିଲଦାର ଡ. ଲକ୍ଷ୍ମୀପ୍ରସାଦ ସାହୁ, ବିଡିଓ ଅମୃତା ପ୍ରିୟମ୍ବଦା, ହଣ୍ଡପା ଆଇଆଇସି ଲବ ବୋଡା, କିଶୋରନଗର ଆଇଆଇସି ପ୍ରତିଭା ମାଝିଙ୍କ ସହ ୪ଟି ସ୍ୱତନ୍ତ୍ର ଟିମ୍ ଦୋକାନ ବଜାର, ଗାଡ଼ି ଚଳାଚଳ ବନ୍ଦ କରାଉଛନ୍ତି। ଏପରି ଅବସ୍ଥାରେ ବଇଣ୍ଡା ଓ ହଣ୍ଡପା ମେଡିକାଲ ଆସୁଥିବା ରୋଗୀମାନେ ଔଷଧ ନ ପାଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି କି ଜ୍ୱର ରୋଗୀମାନେ ମଧ ଏହି ଦୁଇ ସ୍ୱାସ୍ଥ୍ୟକେନ୍ଦ୍ରରୁ ଔଷଧ ପାଇପାରୁ ନାହାନ୍ତି। ଫଳରେ ସେମାନେ ଚାଲି ଚାଲି ବାହାର ଦୋକାନକୁ ଯାଇ ଔଷଧ କିଣୁଛନ୍ତି। ତୁରନ୍ତ ଉଭୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ଔଷଧ ଯୋଗାଇ ଦେବାକୁ ଦାବି ହେଉଛି।

# କଳାବଜାର କଲେ ୭ ବର୍ଷ ଜେଲ୍

ଅନୁଗୋଳ ଅଫିସ, ୨୪।୩

ଅନୁଗୋଳ ଜିଲା ଲକ୍‌ଡାଉନ୍ ହୋଇଥିବା ବେଳେ ଅନେକ ସ୍ଥାନରେ ଅତ୍ୟାବଶ୍ୟକ ସାମଗ୍ରୀର କଳାବଜାର ହେଉଥିବା ଅଭିଯୋଗ ହେଉଛି। ଏହାକୁ ଦୃଷ୍ଟିରେ ରଖି ମଙ୍ଗଳବାର ଜିଲା ଯୋଗାଣ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି। କଳାବଜାର ବା ନିର୍ଦ୍ଧାରିତ ଦର ଠାରୁ ଅଧିକ ମୂଲ୍ୟରେ ସାମଗ୍ରୀ ବିକ୍ରି କରୁଥିଲେ ବ୍ୟବସାୟୀଙ୍କ ବିରୋଧରେ ମାମଲା ରୁଜୁ କରାଯିବ। ଏ ନେଇ ୭ ବର୍ଷ ଜେଲ ଦଣ୍ଡର ବ୍ୟବସ୍ଥା ରହିଥିବା ଜିଲା ଯୋଗାଣ ବିଭାଗ ଅଧିକାରୀ ଉମାଶଙ୍କର ପତି ସୂଚନା ଦେଇଛନ୍ତି। କଳାବଜାର ଉପରେ ନଜର ରଖିବାକୁ ପ୍ରଶାସନ ପକ୍ଷରୁ ସ୍କ୍ୱାଡ୍ ଗଠନ କରାଯାଇଛି। ଜିଲାର ବିଭିନ୍ନ ସ୍ଥାନ ସହ ଅନୁଗୋଳ ସହରରେ ସ୍କ୍ୱାଡ୍ କାର୍ଯ୍ୟ କରୁଛି। କଳାବଜାର ବା ଚଢ଼ା ଦରରେ ସାମଗ୍ରୀ ବିକ୍ରି ହେଉଥିବା ଲୋକେ ଅଭିଯୋଗ କଲେ ଚଢ଼ାଉ କରାଯାଇ ସମ୍ପୃକ୍ତ ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଯୋଗାଣ ଅଧିକାରୀ ପତି କହିଛନ୍ତି।

# ଶିଳ୍ପାନୁଷ୍ଠାନରେ ବ୍ୟାପକ ସତର୍କତା

ଓଡ଼ାପଡ଼ା, ୨୪।୩(ଡି.ଏନ.ଏ.)



ଟାଟାଷ୍ଟିଲ ବିଏସ୍‌ଏଲ ପରିସରରେ ଇନ୍‌ଫ୍ରାରେଡ୍ ଥର୍ମୋମିଟର ଟେଷ୍ଟିଂ କରାଯାଉଛି।

■୪ କମ୍ପାନୀକୁ ଚଳାଇବାକୁ ଅନୁମତି

■ନିର୍ଦ୍ଦେଶାବଳୀ ଅନୁଯାୟୀ ଚାଲିବ

କରୋନା ମୁକାବିଲା ଲାଗି ଢେଙ୍କାନାଳ ଜିଲାରେ ଥିବା ବିଭିନ୍ନ ଶିଳ୍ପାନୁଷ୍ଠାନ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ନିଆଯାଇଛି। ଜିଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାସୁଦ୍ଧା ଟାଟାଷ୍ଟିଲ ବିଏସ୍‌ଏଲ୍, ନର୍ଭେରାମ ପାୱାର ଆଣ୍ଡ୍ ଷ୍ଟିଲ, ଶକ୍ତିସୁଗାର୍ସ ଲିମିଟେଡ୍ ଏବଂ ଏମ୍‌ଜିଏମ୍ ମିନେରାଲ୍ସ କମ୍ପାନୀକୁ ସରକାରୀ ନିୟମ ଅନୁଯାୟୀ ଚଲାଇବାକୁ ଅନୁମତି ପ୍ରଦାନ କରାଯାଇଛି।

ନରେନ୍ଦ୍ରପୁରସ୍ଥିତ ଟାଟାଷ୍ଟିଲ ବିଏସ୍‌ଏଲ୍ କମ୍ପାନୀ ପକ୍ଷରୁ ପରିସ୍ଥିତି ଉପରେ ନଜର ରଖାଯାଇଛି। ଗ୍ରୁପ୍ କମ୍ପାନୀର ନିର୍ଦ୍ଦେଶାବଳୀ ଅନୁଯାୟୀ, ଜରୁରୀସ୍ଥିତିରେ ଅନୁପସ୍ଥିତ ଶ୍ରମିକ ଏବଂ ଦିନ ମଜୁରିଆଙ୍କୁ ସମ୍ପୂର୍ଣ୍ଣ ବେତନ ପ୍ରଦାନ କରାଯିବ। କରୋନା ସଂକ୍ରମଣ ପ୍ରତିରୋଧ କରିବାକୁ କମ୍ପାନୀ ଏବଂ ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁସରଣ କରିବାକୁ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଭିନ୍ନ ମାଧ୍ୟମରେ ସଚେତନ କରାଯାଉଛି। ଏଥିସହ ଆବଶ୍ୟକ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି। ଭିଜିଟର ଗେଟ୍ ପାସ୍‌ରେ ପ୍ରତିବନ୍ଧକ ଲଗାଯାଇଛି। ଅତ୍ୟାବଶ୍ୟକ ସ୍ଥଳେ ଜରୁରୀ ପରିଦର୍ଶକଙ୍କ ପାଇଁ ବରିଷ୍ଠ ଅଧିକାରୀଙ୍କ ଦ୍ୱାରା ଅନୁମତି ପ୍ରଦାନ କରାଯାଉଛି। ସନ୍ଦିଗ୍ଧ କର୍ମଚାରୀଙ୍କ ପାଇଁ ସରକାରଙ୍କ ଆଦେଶ ଅନୁସାରେ ସ୍ୱତନ୍ତ୍ର ନିରୀକ୍ଷଣ କକ୍ଷ ବ୍ୟବସ୍ଥା କରାଯାଇଥିବା ଟାଟାଷ୍ଟିଲ ବିଏସ୍‌ଏଲର କର୍ପୋରେଟ୍ ସର୍ଭିସେସ୍ ମୁଖ୍ୟ ମଣିକାନ୍ତ ନାୟକ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି। ଜିଏମ୍‌ଆର୍, ନବଭାରତ ଭେଞ୍ଚର୍ସ, ନର୍ଭେରାମ ପାୱାର ଆଣ୍ଡ୍ ଷ୍ଟିଲ କମ୍ପାନୀରେ ପ୍ରବେଶ ପଥରେ ଇନ୍‌ଫ୍ରାରେଡ୍ ଥର୍ମୋମିଟର ବ୍ୟବସ୍ଥା କରାଯାଇଛି। ସେହିପରି କମଳାଙ୍ଗସ୍ଥିତ ଜିଏମ୍‌ଆର୍ କମଳାଙ୍ଗ ଏନର୍ଜି ଲିମିଟେଡ୍, ନବଭାରତ ଭେଞ୍ଚର୍ସ ଲିମିଟେଡ, ନର୍ଭେରାମ ପାୱାର ଆଣ୍ଡ୍ ଷ୍ଟିଲ, ଏମ୍‌ଜିଏମ୍ ଷ୍ଟିଲ୍ସ, ରୁଙ୍ଗଟା ମାଇନ୍ସ, ଶକ୍ତିସୁଗାର୍ସ ଆଦି କମ୍ପାନୀରେ ସରକାରଙ୍କ ନିର୍ଦ୍ଦେଶନାମାକୁ କଡ଼ାକଡ଼ି ଭାବରେ ପାଳନ କରାଯାଉଛି।

# ଓଲଟିଲା କୋଇଲା ବୋଝେଇ ଟ୍ରକ୍

ବଣଁରପାଳ, ୨୪।୩(ଡି.ଏନ.ଏ.)

ନାଲ୍‌କୋ ଥାନା କୁଲାଡ଼ ଥର୍ମାଲ ରାସ୍ତାର ବଳରାମପ୍ରସାଦ କେନ୍ଦୁଡ଼ିପ ସାହି ନିକଟରେ ସୋମବାର ବିଳମ୍ବିତ ରାତିରେ ଏକ ଟ୍ରକ୍ ଓଲଟି ପଡ଼ିଛି। ଉକ୍ତ ଟ୍ରକ୍‌ଟି ତାଳଚେରରୁ କୋଇଲା ନେଇ ଜିଏମ୍‌ଆର୍ ଅଭିମୁଖେ ଆସିଥିଲା। ତେବେ ବଳରାମପ୍ରସାଦ ଆଡ଼କୁ ଆସୁଥିବା ସମୟରେ ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଓଲଟି ପଡ଼ିଥିଲା। ଦୁର୍ଘଟଣା ପରେ ଉକ୍ତ ରାସ୍ତାରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା।

# ହୋମ୍ ଆଇସୋଲେଶନ ତଦାରଖ

ଅନୁଗୋଳ ଅଫିସ, ୨୪।୩

ଅନୁଗୋଳ ଜିଲାକୁ ଲକ୍‌ଡାଉନ କରାଯାଇଥିବାବେଳେ ମଙ୍ଗଳବାର ଜିଲା ପ୍ରଶାସନ ପକ୍ଷରୁ ସହରର ହେମସୁରପଡ଼ା, ଅମଲାପଡ଼ା ଓ ରାଣୀଗୁଡ଼ା ଅଞ୍ଚଳରେ ହୋମ୍ ଆଇସୋଲେଶନ୍‌ରେ ଥିବା ବିଦେଶ ଫେରନ୍ତାଙ୍କ ସ୍ୱାସ୍ଥ୍ୟବସ୍ଥା ତଦାରଖ କରାଯାଇଛି। ଅପରାହ୍ନରେ ଜିଲାପାଳ ମନୋଜ କୁମାର ମହାନ୍ତି, ଏସ୍‌ପି ଜଗମୋହନ ମୀନା ଓ ପୌରନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା ହୋମ୍ ଆଇସୋଲେଶନ୍‌ରେ ଥିବା ବିଦେଶ ଫେରନ୍ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ବିଶେଷକରି ଥଣ୍ଡା, ଛିଙ୍କ, କାଶ ଭଳି ଲକ୍ଷଣ ଦେଖାଦେଇଛି କି ନାହିଁ ତାହା ପଚାରିଥିଲେ। ଏପରି କୌଣସି ଲକ୍ଷଣ ଦେଖାଦେଲେ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିବାକୁ ପରାମର୍ଶ ଦେଇଥିଲେ।

# ମାଲ୍ ପରିବହନ ପାଇଁ ସଜାଗ ରୁହ

ଅନୁଗୋଳ ଅଫିସ, ୨୪।୩



ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

## ପରିବହନ ସଂଘ ସହ ପ୍ରଶାସନର ବୈଠକ

ଅନୁଗୋଳ ଜିଲାରେ ଲକ୍‌ଡାଉନ ସହ ୧୪୪ ଧାରା ବଳବତ୍ତର ଥିବାରୁ ଲୋକମାନଙ୍କୁ କିପରି ଅତ୍ୟାବଶ୍ୟକ ସାମଗ୍ରୀ ସହଜରେ ଉପଲବ୍ଧ କରାଯାଇପାରିବ ସେଥିପାଇଁ ମଙ୍ଗଳବାର ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଏସ୍‌ପି ଜଗମୋହନ ମୀନା ଉପସ୍ଥିତ ଥିଲେ। ଅତ୍ୟାବଶ୍ୟକ ସାମଗ୍ରୀ ଯଥା ରାଶନ ସାମଗ୍ରୀ ଓ ପନିପରିବା, ଔଷଧ ପରିବହନରେ ଯେପରି କୌଣସି ସମସ୍ୟା ସୃଷ୍ଟି ନ ହୁଏ ସେଥିପାଇଁ ସଜାଗ ରହିବାକୁ ଜିଲାପାଳ ଟ୍ରକ୍ ମାଲିକ ସଂଘ ଓ ଅନ୍ୟ ପରିବହନ ସଂଘର କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ।

ମାଲ ପରିବହନ ସମୟରେ ଚାଳକମାନଙ୍କୁ ଖାଦ୍ୟ ଉପଲବ୍ଧ କରାଇବା ପାଇଁ ଜାତୀୟ ରାଜପଥର କିଛି ଢାବାକୁ ଖୋଲା ରଖାଯିବା ସହ ସହରର ୨/୩ଟି ପ୍ରମୁଖ ଛକରେ ଥିବା ଗାଡ଼ିରେ ଯନ୍ତ୍ରାଂଶ ଦୋକାନ ଖୋଲା ରଖାଯିବ ବୋଲି ଜିଲାପାଳ ମହାନ୍ତି ସୂଚନା ଦେଇଥିଲେ। ସେହିପରି ଅତ୍ୟାବଶ୍ୟକ ସାମଗ୍ରୀର କୃତ୍ରିମ ଅଭାବ ଭଳି ପରିସ୍ଥିତି ସୃଷ୍ଟି ନ କରିବାକୁ ଜିଲାପାଳ ପାଇକାରୀ ବିକ୍ରେତାମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବହୁ ସାମଗ୍ରୀ ପଶ୍ଚିମବଙ୍ଗ, କର୍ନାଟକ, ନାଗପୁର ଓ ରାୟପୁରରୁ ଆସୁଥିବାରୁ ପରିବହନରେ ହେଉଥିବା ବିଭିନ୍ନ ଅସୁବିଧା ସମ୍ପର୍କରେ ବିକ୍ରେତାମାନେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରତି ୭ ଦିନରେ ଥରେ ଉପଲବ୍ଧ ରାଶନ ସାମଗ୍ରୀର ସ୍ଥିତି ସମ୍ପର୍କରେ ସମ୍ପୃକ୍ତ ପାଇକାରୀ ବିକ୍ରେତାମାନେ ଅବଗତ କରିବା ସହ ରିଟେଲର ପଏଣ୍ଟକୁ ଆବଶ୍ୟକତା ଅନୁଯାୟୀ ମାଲ୍ ପଠାଇବାକୁ ଜିଲାପାଳ କହିଥିଲେ। ବୈଠକରେ ରାଜ୍ୟ ଟ୍ରକ୍ ମାଲିକ ସଂଘ ଓ ଜିଲା ଟ୍ରକ୍ ମାଲିକ ସଂଘ ସଭାପତି ବିଭୂତି ଭୂଷଣ ଦାସ, ଜିଲା ଯୋଗାଣ ଅଧିକାରୀ ଉମାଶଙ୍କର ପତି, ଆଞ୍ଚଳିକ ପରିବହନ ଅଧିକାରୀ ଜିତେନ୍ଦ୍ର କୁମାର ଭୋଇ, ତାଳଚେର ଆଞ୍ଚଳିକ ପରିବହନ ଅଧିକାରୀ ସମରେନ୍ଦ୍ର ପଟ୍ଟନାୟକ, ଡ୍ରଗସ୍ ଇନ୍ସପେକ୍ଟର ଏମ୍. ଶତପଥୀ, ଜିଲା କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏଶନ୍‌ର ସମ୍ପାଦକ ନିର୍ମଳ ଚନ୍ଦ୍ର ମିଶ୍ର, ବିଭିନ୍ନ ଔଷଧ ବିତରକ ସଂସ୍ଥା, ରାଶନ ସାମଗ୍ରୀ ପାଇକାରୀ ବିକ୍ରେତା ଓ ପରିବହନ ସଂସ୍ଥାର କର୍ମକର୍ତ୍ତାଙ୍କ ସହ ପ୍ରଶାସନିକ ଅଧିକାରୀମାନେ ଯୋଗଦେଇଥିଲେ।



ବଲିଉଡ୍‌ର କିସିଂ ଷ୍ଟାର ଇମରାନ୍ ହାସ୍‌ମୀ ମଙ୍ଗଳବାର ୪୧ ବର୍ଷରେ ପାଦ ଦେଇଛନ୍ତି। ସେ ୧୯୭୯ ମାର୍ଚ୍ଚ ୨୪ରେ ମୁମ୍ବାଇଠାରେ ଜନ୍ମଗ୍ରହଣ କରିଥିଲେ। ପ୍ରାଥମିକ ପର୍ଯ୍ୟାୟରେ କ୍ୟାରିୟରରେ ସେ ଅସଫଳ ରହିଥିଲେ। ତେବେ ପରବର୍ତ୍ତୀ ସମୟରେ ସେ ବଲିଉଡ୍‌ରେ କିସିଂ ଏବଂ ଲିପ୍‌ଲକ୍ ଟ୍ରେଣ୍ଡ୍ ଆରମ୍ଭ କରି ଦର୍ଶକଙ୍କର ପ୍ରଥମ ପସନ୍ଦର ହିରୋ ପାଲଟି ଯାଇଥିଲେ। ଇଣ୍ଡଷ୍ଟ୍ରିରେ ସେ ଆକ୍ସନ ହିରୋ ହେବାକୁ ଆସି ରୋମାଣ୍ଟିକ୍ ହିରୋ ବନିଗଲେ। ବଲିଉଡ୍‌ରେ ସେ ତାଙ୍କ ଅପୋଜିଟ୍‌ରେ ଥିବା ହିରୋଇନ୍‌ଙ୍କ ସହିତ ଅତି ଅନ୍ତରଙ୍ଗ ସିନ୍ କରିଥିଲେ ମଧ୍ୟ କୌଣସିଙ୍କ ସହିତ ଆଫେୟାର୍ସ ନ ଥିବା ନେଇ ଚର୍ଚ୍ଚା ହୋଇଥାଏ। ଅଭିନୟ ପରେ ସେ ସ୍ତ୍ରୀ ଏବଂ ନିଜ ପରିବାର ସହିତ ସମୟ ବିତାଇବାକୁ ପସନ୍ଦ କରିଥାନ୍ତି।



## ସାନିଟାଇଜର ପ୍ରସ୍ତୁତ କଲେ ଆଇଆଇଟି ଖଡ଼ଗପୁର ବିଶେଷଜ୍ଞ

**କୋଲକାତା:** ମାନବ ଜାତି ପ୍ରତି ବଡ଼ ସଙ୍କଟ ଭାବେ ଉଭା ହୋଇଥିବା ମାରାତ୍ମକ କରୋନା ଭାଇରସ୍ ଦୈନିକ ଶହ ଶହ ଜୀବନ ନେଉଥିବା ବେଳେ ଏହାର ମୁକାବିଲା ପାଇଁ ଚିକିତ୍ସା ବିଜ୍ଞାନୀମାନେ ସେମାନଙ୍କ ଉଦ୍ୟମ ଜାରି ରଖିଛନ୍ତି। ତେବେ ଏହି ଭାଇରସ୍ ସଂକ୍ରମଣରୁ ବର୍ତ୍ତିବା ପାଇଁ ସାନିଟାଇଜରର ବହୁଳ ବ୍ୟବହାର ହେଉଥିବାରୁ ଏହା ସାଧାରଣତଃ ଆଉ ବଜାରରେ ଉପଲବ୍ଧ ହେଉନାହିଁ। ଏପରି ସ୍ଥଳେ ପଶ୍ଚିମବଙ୍ଗସ୍ଥିତ ଆଇଆଇଟି ଖଡ଼ଗପୁରର ବିଶେଷଜ୍ଞମାନେ ଦୁଇ ପ୍ରକାରର ସାନିଟାଇଜର ପ୍ରସ୍ତୁତ କରିଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ଦ୍ୱାରା ଦିଆଯାଇଥିବା ଗାଇଡଲାଇନ୍ ଅନୁସାରେ ହିଁ ଏହି ଆଲକହଲଯୁକ୍ତ ସାନିଟାଇଜର ପ୍ରସ୍ତୁତ କରାଯାଇଥିବା ସଂସ୍ଥା ପକ୍ଷରୁ ଏକ ବକ୍ତବ୍ୟରେ କୁହାଯାଇଛି। ଆଇଆଇଟିର ସ୍କୁଲ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିର ଏକ ବିଶେଷଜ୍ଞ ଟିମ୍ ଏହି ସଫଳତା ପାଇପାରିଛନ୍ତି। ଗୋଟିଏ ସାନିଟାଇଜରରେ ଆଇସୋପ୍ରୋପିଲ ଆଲକହଲ, ହାଇଡ୍ରୋଜେନ ପେରାକ୍‌ସାଇଡ୍, ଗ୍ଲାୟସେରାଲ ଏବଂ ପାଣି ଥିବାବେଳେ ଅନ୍ୟଟିରେ ୭୦ ପ୍ରତିଶତ ଇଥେନାଲ ଓ ୩୦ ପ୍ରତିଶତ ଏଲୋଭେରା ଜେଲ୍ ରହିଛି। ଏହି ଦୁଇପ୍ରକାର ସାନିଟାଇଜରକୁ ଉକ୍ତ ସଂସ୍ଥାର କର୍ମଚାରୀମାନଙ୍କୁ ବ୍ୟବହାର ପାଇଁ ଦିଆଯାଇଛି। ବିକ୍ରି ଉଦ୍ଦେଶ୍ୟରେ ଏହା ପ୍ରସ୍ତୁତ କରାଯାଇ ନ ଥିବା ଆଇଆଇଟି ଖଡ଼ଗପୁରର ବିଶେଷଜ୍ଞ ଅତୁଲ କୁମାର ଓଝା କହିଛନ୍ତି।

# କରୋନା ବିଜୟୀ ଯୋଦ୍ଧା



**ନୂଆଦିଲ୍ଲୀ:** ଗୋଟିଏ ବର୍ଷର ମହତ୍ତ୍ୱକୁ ଭଲ ଭାବେ ବିଶ୍ଳେଷଣ କରିପାରିବ ଜଣେ ଉତ୍ତମ ବିଦ୍ୟାର୍ଥୀ ଅଥବା ଚାଷୀ। ଟ୍ରେନ୍, ବସ୍‌କୁ ହାତଛଡ଼ା କରିଥିବା ମଣିଷଟେ ବଖାଣିପାରିବ କେଇ ମିନଟ୍‌ର ମହତ୍ତ୍ୱ। ହେଲେ ମୃତ୍ୟୁ ସହ ସାମ୍ନାସାମ୍ନି ହୋଇ ଫେରିଥିବା ମଣିଷ ହିଁ ଭଲ ଭାବେ ଜାଣେ ପ୍ରତି କ୍ଷଣ କେତେ ମୂଲ୍ୟବାନ। କରୋନା ଆତଙ୍କରେ ବିଶ୍ୱ ଥରହର ହେଉଥିବାବେଳେ ଏହି ମାରାତ୍ମକ ଭାଇରସ୍‌କୁ ହରାଇ ଫେରିଛନ୍ତି ଅନେକେ। ଏହି କରୋନା ବିଜୟୀ ମଣିଷ ମଧ୍ୟରେ ଅଛନ୍ତି ଇଟାଲୀର ୯୫ ବର୍ଷୀୟ ଅଲ୍‌ମା କ୍ଲାରା କୋର୍ସିନୀ, ୱାଶିଂଟନର ୩୭ ବର୍ଷୀୟା ଏଲିଜାବେଥ୍ ସ୍ନାଇଡର ଏବଂ ଦିଲ୍ଲୀର ୨୮ ବର୍ଷୀୟ ରୋହିତ ଦତ୍ତ। କଠୋର ଧୈର୍ଯ୍ୟ, ବଞ୍ଚିବାର ମାନସିକତା ଏବଂ ଅନୁଶାସନ ହିଁ ଏମାନଙ୍କୁ ମୃତ୍ୟୁମୁଖରୁ ଫେରାଇ ଆଣିଛି। ଏମାନେ ଏବେ ସାଜିଛନ୍ତି ସଂକ୍ରମଣର ଶିକାର ହୋଇଥିବା ରୋଗୀଙ୍କ ପ୍ରେରଣା। କିଛିଦିନ ତଳେ କରୋନା ଭୂତାଣୁ ବଳୟ ଭିତରେ ଥିଲେ ଅଲ୍‌ମା, ଏଲିଜାବେଥ ଏବଂ ରୋହିତ। ଏବେ ହାତଗଣତି ଦେଶକୁ ବାଦ୍‌ଦେଲେ ସାରା ପୃଥିବୀର କୋଭିଡ୍-୧୯ ସହ ଯୁଦ୍ଧ କରୁଛି। ଏପରିସ୍ଥିତି କରୋନାକୁ ପରାସ୍ତ କରିଥିବା ସମ୍ପୃକ୍ତ ୩ଜଣଙ୍କ ଜୀବନ ସଂଘର୍ଷର ଅଙ୍ଗେନିଭା କାହାଣୀ ପାଲଟିଛି ଉଦାହରଣ। ସେମାନେ ଏପରି ଭୟଙ୍କର ସଂକ୍ରମଣରୁ ବାହାରିବାର ଉପାୟ ବତାଇଛନ୍ତି। ବିଶେଷ କରି ଏପରି ଘଡ଼ିସନ୍ଧି ମୁହୂର୍ତ୍ତରେ ବ୍ୟସ୍ତବିବ୍ରତ ନ ହେବା, ସଚେତନ ରହିବା, ନିଜକୁ ଭିଡ଼ଠାରୁ ବାହାରେ ରଖିବା, ଆବଶ୍ୟକତାଠାରୁ ଅତିରିକ୍ତ ସତର୍କତା ଅବଲମ୍ବନ କରିବା ଦ୍ୱାରା କରୋନାକୁ ପରାସ୍ତ କରାଯାଇପାରିବ ବୋଲି କହିଛନ୍ତି କରୋନା ବିଜୟୀ ଯୋଦ୍ଧା। ଏଲିଜାବେଥ ସ୍ନାଇଡର ଏକ ପାର୍ଟିକୁ ଯାଇଥିଲେ। ୭ ମାର୍ଚ୍ଚରେ ତାଙ୍କ ବନ୍ଧୁଙ୍କ ଫେସ୍‌ବୁକ୍ ପୋଷ୍ଟରୁ ସେ ଜାଣିବାକୁ ପାଇଥିଲେ ଯେ, ଉକ୍ତ ପାର୍ଟିରେ ଉପସ୍ଥିତ ଅଧିକାଂଶ ବ୍ୟକ୍ତି କରୋନା ସଂକ୍ରମିତ। ପରୀକ୍ଷାରୁ ତାଙ୍କ ରିପୋର୍ଟ ମଧ୍ୟ ପଜିଟିଭ୍ ବାହାରିଥିଲା। ଏହାକୁ ନେଇ ସେ ବେଶ୍ ଚିନ୍ତିତ ହୋଇପଡ଼ିଥିଲେ। ଏହି ସମୟରେ ଡାକ୍ତର ତାଙ୍କୁ ୧୫ଦିନ ଘରେ କ୍ୱାରାଣ୍ଟାଇନ୍‌ରେ ରହିବାକୁ ପରାମର୍ଶ ଦେଇଥିଲେ। ସଂକ୍ରମଣ ସମୟରେ ଅନୁଭବ ବାଣ୍ଟିବାକୁ ଯାଇ ସେ କହିଛନ୍ତି, କରୋନା ସଂକ୍ରମିତମାନେ ବ୍ୟତିବ୍ୟସ୍ତ ହେବା ଅନୁଚିତ। ଅଧିକ ମାତ୍ରାରେ ପାଣି ପିଇବା ସହ ଘରେ ଯଥେଷ୍ଟ ଆରାମ କଲେ ଜଣେ ଶୀଘ୍ର ଆରୋଗ୍ୟ ଲାଭ କରିପାରିବ। ଇଟାଲୀର ଆଲ୍‌ମା କୁହନ୍ତି, କରୋନା ସଂକ୍ରମଣର ଶିକାର ହେବା ପରେ ମାର୍ଚ୍ଚ ୫ରେ ସେ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଜଣେ ଚାହିଁଲେ ଆଣ୍ଟାଇ ଭାଇରାଲ ଥେରାପି ବିନା ଆରୋଗ୍ୟ ଲାଭ କରିପାରିବ। ଏଥିଲାଗି ଖାଇବା ସମୟର ଯଥେଷ୍ଟ ଧ୍ୟାନ ଦେବା ଜରୁରୀ। ପାଣି, ଫଳ ରସ ପିଇବା ସହ ଡାକ୍ତରଙ୍କ ପରାମର୍ଶ ମାନି ଚଳିବା ଉଚିତ। ସଂକ୍ରମଣ ହେବାର ୧୫ଦିନ ମଧ୍ୟରେ ସେ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିପାରିଛନ୍ତି। ଏବେ ଡାକ୍ତର ତାଙ୍କୁ ଘରକୁ ଯିବାକୁ ଅନୁମତି ଦେଇଥିବା ସେ କହିଛନ୍ତି। କରୋନା ଲଢ଼େଇରେ ବିଜୟୀ ହୋଇଥିବା ଅନ୍ୟ ଜଣେ ହେଲେ ଦିଲ୍ଲୀର ରୋହିତ ଦତ୍ତ। ଏହି ୪୫ ବର୍ଷୀୟ ବ୍ୟକ୍ତିଜଣକ ଏକ ଟେକ୍ସଟାଇଲ ଫ୍ୟାକ୍ଟ୍ରିର ମାଲିକ। କରୋନାର ଶିକାର ହେବା ପରେ ୨୯ ଫେବୃୟାରୀରେ ସେ ସଫଦରଜଙ୍ଗ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତର ସକାରାତ୍ମକ ଭାବନା ସୃଷ୍ଟି କରିଥିଲେ। ଡାକ୍ତରଙ୍କ ପରାମର୍ଶ କାମରେ ଆସିଛି। ସେ ଏବେ ସମ୍ପୂର୍ଣ୍ଣ ସୁସ୍ଥ ବୋଲି କହିଛନ୍ତି। ଏମ୍ସର ପୂର୍ବତନ ମନୋବିଜ୍ଞାନୀ ଡା. ରାମତୀର୍ଥ ଅଗ୍ରୱାଲ କୁହନ୍ତି, କରୋନା ସଂକ୍ରମିତ ହେଲେ କିମ୍ବା ଏହାର ଲକ୍ଷଣ ଦେଖାଦେଲେ ଅସ୍ତବ୍ୟସ୍ତ ହେବା କିମ୍ବା ଚିନ୍ତାଗ୍ରସ୍ତ ଅନୁଚିତ। ଏହି ସମୟରେ ଅଧିକରୁ ଅଧିକ ଶୋଇବା ଆବଶ୍ୟକ। ନିଜ ସ୍ୱାସ୍ଥ୍ୟ ବିଷୟରେ ସଜାଗ ରହିବା ସହିତ ଅନ୍ୟମାନଙ୍କ ପ୍ରତି ଧ୍ୟାନ ଦେବା ମଧ୍ୟ ଜରୁରୀ। ମନକୁ ଦ୍ୱନ୍ଦ୍ୱମୁକ୍ତ ରଖିବା, ଡାକ୍ତରଙ୍କ ପରାମର୍ଶ ମାନିବା ଉଚିତ ବୋଲି ସେ ପରାମର୍ଶ ଦେଇଛନ୍ତି।

## ବହି ପାଲଟିଛି ସାହାରା



**ଶ୍ରୀନଗର:** ଏବେ କ୍ୱାରାଣ୍ଟାଇନରେ ରହୁଥିବା ଲୋକଙ୍କ ପାଇଁ ସମୟ କଟାଇବା ଏକ ବଡ଼ ସମସ୍ୟା ହୋଇଛି। ଲଗାତର ଅନେକ ଦିନ ପର୍ଯ୍ୟନ୍ତ ଏକୁଟିଆ ରହିବା ନିଶ୍ଚିତ କଷ୍ଟଦାୟକ। କିନ୍ତୁ ଏଭଳି ଏକ ପରିସ୍ଥିତିରେ ସମସ୍ତଙ୍କ ପାଇଁ ସମୟ କଟାଇବାର ଏକ ଭଲ ବିକଳ୍ପ ହୋଇପାରେ ପୁସ୍ତକ। ଏହି କଥାକୁ ଅନୁଭବ କରି ଏବେ କଶ୍ମୀରର ଏକ ପ୍ରତିଷ୍ଠିତ ପ୍ରକାଶନ ସଂସ୍ଥା ଲୋକଙ୍କୁ ମାଗଣାରେ ବିଭିନ୍ନ ପ୍ରକାରର ପୁସ୍ତକ ବାଣ୍ଟିବା ଆରମ୍ଭ କରିଛି। କରୋନା ଯୋଗୁଁ କ୍ୱାରାଣ୍ଟାଇନରେ ରହୁଥିବା ଲୋକଙ୍କୁ ଏହି ସଂସ୍ଥା ମାଗଣାରେ ବହି ଉପହାର ଦେଇ ଚାଲିଛି। ପ୍ରକାଶନ ସଂସ୍ଥା ବିଶ୍ୱର ବହୁ ପ୍ରତିଷ୍ଠିତ ଲେଖକଙ୍କ ଉପନ୍ୟାସ, ଆତ୍ମକଥା, ବିଜ୍ଞାନ ତଥା ଆଧ୍ୟାତ୍ମିକ ପୁସ୍ତକମାନ ଉପହାର ଦେଉଛି। କାଶ୍ମୀରରେ ଏବେ ବହୁ ସଂଖ୍ୟାରେ ଲୋକ ବିଦେଶରୁ ଫେରି ଥିବାରୁ କ୍ୱାରାଣ୍ଟାଇନ କେନ୍ଦ୍ରରେ ରହୁଛନ୍ତି। ଲିମକା ବୁକ୍ ଅଫ୍ ରେକର୍ଡରେ ନିଜ ଷ୍ଟୋରରେ ୮୦ ହଜାରରୁ ଅଧିକ ପୁସ୍ତକ ରଖି ରେକର୍ଡ କରିଥିବା ଗୁଲଶନ୍ ବୁକ୍ସର ମାଲିକ ମଧ୍ୟ ବହି ଦେବା ନିମନ୍ତେ ଇଚ୍ଛା ପ୍ରକାଶ କରିଛନ୍ତି। ତେଣୁ ଯଦି ଆବଶ୍ୟକ ହୁଏ ତା'ହେଲେ ପ୍ରଶାସନକୁ ତାଙ୍କ ଷ୍ଟୋରରୁ ସେ ବହି ଦେବାକୁ ପ୍ରସ୍ତୁତ ବୋଲି କହିଛନ୍ତି।

## ମାଗଣାରେ ଘରକୁ ଆସୁଛି ପିଜା

**ବୁଦାପେଷ୍ଟ:** କ୍ୱାରାଣ୍ଟାଇନରେ ରହୁଥିବା ଲୋକଙ୍କ ପାଇଁ ଏବେ ମାଗଣାରେ ଘରେ ପିଜା ମିଳୁଛି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ହଙ୍ଗେରୀର ବୁଦାପେଷ୍ଟଠାରେ। ଏଠାରେ ଥିବା ପିଜେରିଆ ଦୋକାନର ମାଲିକ ମିଲନ ଭାର୍ଗା ଏଭଳି ଏକ ନିଆରା ପଦକ୍ଷେପ ନେଇ ଚର୍ଚ୍ଚାକୁ ଆସିଛନ୍ତି। କରୋନା ଭାଇରସ୍ ଯୋଗୁଁ ଏବେ ସବୁଆଡେ ସବୁକିଛି ବନ୍ଦ ହୋଇଯାଇଛି। ଦୋକାନବଜାର ସବୁ ବନ୍ଦ କରିଦିଆଯାଇଛି। ଏଭଳି ଏକ କାରଣ ପାଇଁ ମିଲନ ମଧ୍ୟ ତାଙ୍କ ପିଜା ଦୋକାନକୁ ବନ୍ଦ କରି ଦେଇଥିଲେ ଏବଂ ସମସ୍ତ କର୍ମଚାରୀଙ୍କୁ ଛୁଟି ଦେଇ ଦେଇଥିଲେ। କିନ୍ତୁ ନିଜେ ଏକା ରହି ଦୋକାନରେ ପିଜା ପ୍ରସ୍ତୁତ କରିଥିଲେ ଏବଂ କ୍ୱାରାଣ୍ଟାଇନରେ ରହିଥିବା ଲୋକମାନଙ୍କ ପାଖକୁ ଯାଇ ପିଜା ଦେଇଥିଲେ। ୨୦ ବର୍ଷର ଏହି ଯୁବକଙ୍କର ଏଭଳି ଉଦ୍ୟମକୁ ଲୋକେ ପ୍ରଶଂସା କରିଛନ୍ତି। ଅବଶ୍ୟ କିଛି ଲୋକ



ବର୍ତ୍ତମାନ ସ୍ଥିତିରେ ଏପରି ଏକ କାମ କରିବା ବିପଦଜନକ ବୋଲି କହିଛନ୍ତି। ମାତ୍ର ମିଲନ କୁହନ୍ତି, ସେ ସମ୍ପୂର୍ଣ୍ଣଭାବେ ସ୍ୱଚ୍ଛତାକୁ ଦୃଷ୍ଟିରେ ରଖି ସବୁ କାମ କରୁଛନ୍ତି। ଏଭଳି କରିବା ଦ୍ୱାରା ସେ ତାଙ୍କର କ୍ଷତିକୁ ଅନେକାଂଶରେ ଭରଣା କରିଛନ୍ତି ବୋଲି କହନ୍ତି। କାରଣ ଦେଶକୁ ପର୍ଯ୍ୟଟକଙ୍କ ଆସିବାରେ କଟକଣା ଜାରି ହେବା ସହ ସବୁ ସହର ଲକ୍ ଡାଉନ୍ ହୋଇଯିବା ଫଳରେ ତାଙ୍କର ବ୍ୟବସାୟ ପୁରା ବନ୍ଦ ହୋଇ ବିପୁଳ କ୍ଷତି ହୋଇଥାନ୍ତା। କିନ୍ତୁ ଏଭଳି ମାଗଣାରେ ପିଜା ତିଆରି କରି ଦେବା ଫଳରେ ତାଙ୍କର ଅନେକ ଜିନିଷ ବ୍ୟବହାରରେ ଲାଗିଯାଇଛି।

## ଗୃହପାଳିତ ପ୍ରାଣୀଙ୍କୁ ଘରୁ ବାହାର କରନ୍ତୁନି



**ମୁମ୍ବାଇ:** କରୋନା ଭାଇରସର ସଂକ୍ରମଣ ଧୀରେ ଧୀରେ ବ୍ୟାପିବାରେ ଲାଗିଥିବା ବେଳେ ଏବେ ଦେଶରେ ଏହା ୫୦୦ ଅତିକ୍ରମ କରିଛି। ସେହିପରି କରୋନାରେ ମୃତକଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଦେଖି ଲୋକେ ଭୟଭୀତ ହୋଇଯାଇଥିବା ବେଳେ ସେମାନଙ୍କ ପୋଷା ଜୀବଙ୍କୁ ଏହା ସଂକ୍ରମିତ କରିପାରେ ବୋଲି ଅନେକେ ଆଶଙ୍କା ପ୍ରକାଶ କରୁଛନ୍ତି। ଏହି ସମୟରେ ବଲିଉଡ୍ ନାୟିକା ଅନୁଷ୍କା ଶର୍ମା ଅନୁରୋଧ କରିଛନ୍ତି, ଆପଣମାନେ ଆପଣଙ୍କ ପୋଷା ପ୍ରାଣୀଙ୍କୁ ଘରୁ ବାହାର କରି ଦିଅନ୍ତୁ ନାହିଁ। ଆପଣଙ୍କ ସହ ସେମାନଙ୍କୁ ରଖନ୍ତୁ। ସେମାନଙ୍କୁ ପୂର୍ବପରି ସ୍ନେହ କରନ୍ତୁ ଓ ସେମାନଙ୍କର ଯତ୍ନ ନିଅନ୍ତୁ। ଏହି ଘଡିସନ୍ଧି ମୁହୂର୍ତ୍ତରେ ଆପଣମାନେ ହିଁ ସେମାନଙ୍କର ସବୁକିଛି ବୋଲି ଅନୁଷ୍କା କହିଛନ୍ତି। ଏବେ କରୋନା ଭାଇରସ ଯୋଗୁ ଅନୁଷ୍କା ନିଜ ଘରେ ବନ୍ଦ ହୋଇଥିବା ବେଳେ ସୋସିଆଲ ମିଡିଆ ମାଧ୍ୟମରେ ଲୋକଙ୍କୁ ଏହି ବାର୍ତ୍ତା ଦେଇଛନ୍ତି। ସୂଚନାଯୋଗ୍ୟ, ଚାଇନାରୁ ଆରମ୍ଭ ହୋଇଥିବା କରୋନା ଭାଇରସ ଯେତେବେଳେ ସେଠାରେ ମହାମାରୀ ରୂପ ନେଇଥିଲା ସେତେବେଳେ ଲୋକେ ସେମାନଙ୍କ ପୋଷା ପ୍ରାଣୀଙ୍କୁ ବାହାରକୁ ଛାଡ଼ି ଦେଉଥିବା ଖବର ଆସିଥିଲା।

## ଆମେରିକାରେ ଭାରତୀୟଙ୍କ ଦେବଦୂତ


ପ୍ରମିତ ମାକୋଡେ

**ୱାଶିଂଟନ:** ଆମେରିକାର ଇଣ୍ଡୋ-ୟୁଏସ୍ ହେଲ୍‌ଥ ଇନିସିଏଟିଭ୍‌ର କୋ-ଫାଉଣ୍ଡର ଭାରତୀୟ ମୂଳ ବାସିନ୍ଦା ପ୍ରମିତ ମାକୋଡେ ଆମେରିକାର କରୋନା ସହ ଲଢୁଥିବା ଭାରତୀୟଙ୍କ ପାଇଁ ଦେବଦୂତ ସାଜିଛନ୍ତି। ଇନ୍ଦୋରର ଏହି ମୂଳ ବାସିନ୍ଦା ଆମେରିକାର ବୋଷ୍ଟନରେ କିଛି ବର୍ଷ ହେବ ରହି ଆସୁଛନ୍ତି। ସେଠାରେ ଥିବା କମ୍ପ୍ୟୁଟର ସୋସାଇଟି ଅଫ୍ ଇଣ୍ଡିଆର ସେ ଅଧ୍ୟକ୍ଷ ମଧ୍ୟ ଅଛନ୍ତି। ତେବେ କମ୍ପ୍ୟୁଟର ସୋସାଇଟି ଅଫ୍ ଇଣ୍ଡିଆ(ସିଏସ୍‌ଆଇ) ଉତ୍ତର ଆମେରିକାରେ ଥିବା ଭାରତୀୟଙ୍କୁ ସାହାଯ୍ୟର ହାତ ବଢାଉଛି। ବିଶେଷକରି ଆଇଟି ସେକ୍ଟରରେ କାମ କରୁଥିବା ଲୋକଙ୍କ ପାଇଁ ଏବେ ସିଏସ୍‌ଆଇ ଦେବଦୂତ ସାଜିଛି ବୋଲି କୁହାଯାଉଛି। ସିଏସ୍‌ଆଇ ଦ୍ୱାରା ଉତ୍ତର ଆମେରିକାରେ ଥିବା ଭାରତୀୟ ହୋଟେଲ ଗୁଡିକର ମାଲିକଙ୍କୁ ସହାୟତା ମାଗିଛି। ଉତ୍ତର ଆମେରିକାରେ କରୋନା ଭାଇରସ ଯୋଗୁ ଲକ୍‌ଡାଉନ୍ ଘୋଷଣା କରାଯାଇଥିବା ବେଳେ ଏହି ହୋଟେଲ ମାଲିକମାନେ ନିଜ ନିଜ ହୋଟେଲରେ ଭାରତୀୟଙ୍କୁ ରହିବାକୁ ସୁଯୋଗ ଦେବା ସହ ସେମାନଙ୍କର ଖାଦ୍ୟପାନୀୟ ବ୍ୟବସ୍ଥା କରିଥିବା ଜଣାପଡିଛି। ଏଠାରେ ରହୁଥିବା ଭାରତୀୟ ସେମାନଙ୍କ ପରିଜନଙ୍କ ସହ ସମ୍ପର୍କ କରିବା ପାଇଁ ଏକ ହେଲ୍‌ପ ଲାଇନ୍ ନମ୍ବର ଓ ମେଲ୍ ଆଇଡି ମଧ୍ୟ ଜାରି କରାଯାଇଛି। ଏ କ୍ଷେତ୍ରରେ ସହଯୋଗ କରିଥିବାରୁ ହୋଟେଲ ମାଲିକ, ଭାରତୀୟ ଦୂତାବାସକୁ ସିଏସ୍‌ଆଇ ଧନ୍ୟବାଦ ଜଣାଇଛି। ବିଶେଷ କରି ଏଥିରେ କାମ କରୁଥିବା ପ୍ରମିତ ମାକୋଡେଙ୍କ ଏଭଳି କାର୍ଯ୍ୟକୁ ସମସ୍ତେ ପ୍ରଶଂସା କରିଥିବା ଜଣାପଡିଛି।

# ସାମାଜିକ ଦୂରତା ହିଁ ପ୍ରତିକାର

କରୋନା ଭାଇରସ ସଂକ୍ରମଣ ଏବେ ବିଶ୍ୱର ଚିନ୍ତା ବଢାଇ ଦେଇଛି। ୨୦୦୯ରେ ଯେତେବେଳେ ସ୍ୱାଇନ୍ ଫ୍ଲୁ ସଂକ୍ରମଣ ବ୍ୟାପିଥିଲା ତା'ଠାରୁ ଏହା ଭୟଙ୍କର ବୋଲି କୁହାଯାଉଛି। ବିଶ୍ୱରେ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଅନେକ ଦେଶ ଏହାକୁ ନିୟନ୍ତ୍ରଣ କରିବାରେ ସଫଳ ହେଉଥିବାବେଳେ ଅନ୍ୟ କେତେକ ଦେଶ ଏତେଟା ସଫଳତା ପାଇପାରୁନାହାନ୍ତି। ଆମ ଦେଖାନ୍ତରେ ଏବେ ଦୁଇଟି ଉପାୟକୁ ଗୁରୁତ୍ୱ ଦିଆଯାଉଛି। ଗୋଟିଏ ସାମାଜିକ ଦୂରତା ଓ ଅନ୍ୟଟି ସେଲ୍ଫ ଆଇସୋଲେଶନ। ପ୍ରତ୍ୟେକ ଦେଶରେ ଏହି ଉପାୟକୁ କାର୍ଯ୍ୟକାରୀ କରିବା ନୀତିରେ ସାମାନ୍ୟ ପ୍ରଭେଦ ରହିଥିବା ଲକ୍ଷ୍ୟ କରାଯାଉଛି।ତେବେ ଏହି ଦୁଇଟି ଉପାୟର ନିୟମ ସମାନ। କେତେକ ଏହାକୁ ନେଇ ଦ୍ୱନ୍ଦ୍ୱରେ ପଡୁଛନ୍ତି ଅନେକ । ତେବେ ଆମେ ଇଂଲଣ୍ଡରେ ଲାଗୁ କରାଯାଇଥିବା ଏବକାର ଏହି ଦୁଇଟି ଉପାୟର ଉଦାହରଣ ନେଇପାରିବା। ସାମାଜିକ ଦୂରତା ଆମେ ପ୍ରତ୍ୟେକ ପାଳନ କରିବା ଉଚିତ। କିନ୍ତୁ ପ୍ରକୃତ ଉପଦେଶରେ ଭିନ୍ନତା ପରିଲକ୍ଷିତ ହେଉଛି। ଯଥା ସମ୍ଭବ ଘରେ ରହି କାର୍ଯ୍ୟ କରିବା, କେବଳ ଆବଶ୍ୟକ ପଡିଲେ ଯାତ୍ରା କରିବା, ସିନେମା ଘର ଏବଂ କ୍ଲବ୍ ଠାରୁ ଦୂରେଇ ରହିବା, ଅଧିକ ଲୋକ ଏକାଠି ନ ହେବା, ପର୍ଯ୍ୟଟକଙ୍କ ଲାଗି କଟକଣା ଲଗାଇବା ଏବଂ ଯଦି ଆପଣ ବାହାରକୁ ଯାଉଛନ୍ତି ତେବେ ଅନ୍ୟମାନଙ୍କଠାରୁ ପାଖାପାଖି ଦୁଇ ମିଟର ସୁରକ୍ଷିତ ଦୂରତା ରକ୍ଷା କରିବା ଆଦି ଏଥିରେ ସାମିଲ ରହିଛି। ଯେହେତୁ କରୋନା ଭାଇରସ କାଶ ବା ଛିଙ୍କ ସମୟରେ ସଂକ୍ରମିତ ହେବାର ଆଶଙ୍କା ରହିଛି ସେଥିଯୋଗୁ ସୁରକ୍ଷିତ ଦୂରତାରେ ରହିଲେ ଏହି ଭାଇରସ ସଂକ୍ରମଣରୁ ରକ୍ଷା ମିଳିପାରିବ। ସାମାଜିକ ଦୂରତା ଦ୍ୱାରା ଲୋକମାନଙ୍କ ମଧ୍ୟରେ କଥାବାର୍ତ୍ତ କମିଯିବ। ଏହାଦ୍ୱାରା କରୋନା ଭାଇରସ ଅନ୍ୟମାନଙ୍କୁ ସଂକ୍ରମିତ ହେବାର ଆଶଙ୍କା ରହିବନି। ଯେଉଁମାନଙ୍କୁ କରୋନା ସଂକ୍ରମଣ ଦ୍ୱାରା ପରିସ୍ଥିତି ଭୟଙ୍କର ହେବାର ଆଶଙ୍କା ରହିଛି ସେମାନଙ୍କ ପାଇଁଏହି ସତର୍କତା ଗୁରୁତ୍ୱପୂର୍ଣ୍ଣ। ଏମାନଙ୍କ ମଧ୍ୟରେ ରହିଛନ୍ତି ୭୦ ବର୍ଷ ବୟସରୁ ଊର୍ଦ୍ଧ୍ୱ ତଥା ଦୀର୍ଘଦିନ ଧରି ଲାଗି ରହିଥିବା ଫୁସଫୁସ ସମସ୍ୟା , ହାର୍ଟ ଡିଜିଜ ତଥା ଦୁର୍ବଳ ପ୍ରତିରୋଧକ ଶକ୍ତି, ଡାଇବେଟିସ, ସ୍ନାୟବିକ ସମସ୍ୟା, କିଡନୀ ସମସ୍ୟାରେ ରହିଥିବା ବ୍ୟକ୍ତି ଓ ଗର୍ଭବତୀ ମହିଳା।

ସେଲ୍ଫ ଆଇସୋଲେଶନରେ କରୋନା ଭାଇରସ ଲକ୍ଷଣ ଥିବା କିମ୍ବା କରୋନା ଭାଇରସ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବ ଲୋକେ କ'ଣ କରିବାକୁ ପଡିବ। ଏହା ସେମାନଙ୍କ ଲାଗି ଯେଉଁମାନଙ୍କୁ ସଂକ୍ରମଣ ହେବାର ସମ୍ଭାବନା ରହିଛି। ଏହା ମଧ୍ୟ ସଂକ୍ରମଣ ରୋକିବାର ଉପାୟ। ଏଥିରେ ଅଧିକ ସଂଯମତା ରକ୍ଷା କରିବାକୁ ହେବ ଏବଂ ସାମାଜିକ ଦୂରତାକୁ ଅଧିକ ପାଳନ କରିବାକୁ ପଡିବ। ଯେଭଳି କାର୍ଯ୍ୟକ୍ଷେତ୍ରକୁ ନଯିବା, ଯାତ୍ରା ନ କରିବା, ଘର ନ ଛାଡିବା, ଯଦି କିଛି ଦରକାର କରୁଛ ଅନ୍ୟର ସାହାଯ୍ୟ ନେବା, ଏକାଠି ନ ଶୋଇବା ଏବଂ ଘରେ ଏକାଠି ବାସନ ,ଟାୱେଲ ଆଦି ଜିନିଷ ବ୍ୟବହାର ନ କରିବା ସେଲ୍ଫ ଆଇସୋଲେଶନକୁ ବୁଝାଏ। ସାମାଜିକ ଦୂରତା ଅଧିକ ଦିନ ଧରି ପାଳନ କରାଯାଉଥିବାବେଳେ ସେଲ୍ଫ ଆଇସୋଲେଶନ ସାଧାରଣତଃ ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ ପାଳନ କରାଯାଏ। ଇଂଲଣ୍ଡରେ କରୋନା ଭାଇରସ ଲକ୍ଷଣ ରହିଥିଲେ ସେଲ୍ଫ ଆଇସୋଲେଶନରେ ଅତି କମ୍‌ରେ ୭ ଦିନ ରହିବାକୁ ପରାମର୍ଶ ଦିଆଯାଉଛି । ସେମାନଙ୍କ ପରିବାର ସଦସ୍ୟ ଓ ଅନ୍ୟମାନେ ଯେଉଁମାନେ ସେମାନଙ୍କ ସଂସ୍ପର୍ଶରେ ଆସିଛନ୍ତି ସେମାନଙ୍କୁ ୧୪ ଦିନ ଯାଏ ଆଇସୋଲୋନରେ ରଖାଯାଉଛି। ସେମାନଙ୍କ ଠାରେ ଏହି ଲକ୍ଷଣ ପ୍ରକାଶ ପାଉଛି କି ନାହିଁ ତାହା ଦେଖିବାକୁ ଏହା କରାଯାଉଛି।



## କରୋନା ଭାଇରସ ପ୍ରତିରୋଧୀ ଖାଦ୍ୟ

କୋଭିଡ- ୧୯କୁ ପ୍ରତିରୋଧ କରିବାକୁ ଏବେ ସୁଦ୍ଧା କୌଣସି ଔଷଧ ଆବିଷ୍କାର କରାଯାଇନଥିବାରୁ ଆମକୁ ଖାଦ୍ୟ ମାଧ୍ୟମରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧିକରି ଏହାକୁ ମୁକାବିଲା କରିବାକୁ ପଡିବ। ଏହି ଖାଦ୍ୟ ଗୁଡିକ ମଧ୍ୟରେ ରହିଛି..



**ଅଦା ଓ ରସୁଣ:** ଗ୍ୟାସ୍ଟ୍ରିକ ସମସ୍ୟା ଦୂରକରି ପାକସ୍ଥଳୀକୁ ସଫା ରଖିବା ସହ ସଂକ୍ରମଣରୁ ରକ୍ଷା କରିବାରେ ଅଦା ଓ ରସୁଣ ସାହାଯ୍ୟ କରେ। ଏଣୁ ଚା'ରେ ଅଦା ପକାଇ ପିଅନ୍ତୁ। ତରକାରି କିମ୍ବା ସୁପ୍‌ରେ ଅଦା ପେଷ୍ଟ ଓ ରସୁଣ ମିଶାଇ ଖାଇବା ସବୁଠୁ ଭଲ।

**ଷ୍ଟାର ଆନିସ୍:** ଫୁଲ ଭଳି ଦେଖାଯାଉଥିବା ଏହି ମସଲାରେ ଶିକିମିକ୍ ଏସିଡ୍ ରହିଛି। ଇନଫ୍ଲୁଏଞ୍ଜା ଭାଇରସ୍ ପାଇ ବ୍ୟବହାର କରାଯାଉଥିବା ଟାମିଫ୍ଲୁ ସୃଷ୍ଟି କରିବାରେ ଏହା ଦରକାରରେ ଆସେ। ଏହାକୁ ଚୂର୍ଣ୍ଣ କରି କିମ୍ବା ଗୋଟାସୁଦ୍ଧା ତରକାରି, ସୁପ ଆଦିରେ ଖାଇପାରିବେ।

**ତୁଳସୀ ଓ ହଳଦୀ:** ସାଧାରଣତଃ ଥଣ୍ଡା, କାଶ, ଗଳା ଫୁଲା କି ଫ୍ଲୁ ଥିଲେ ଏଥିରୁ ରକ୍ଷା ପାଇବା ଲାଗି କେତୋଟି ତୁଳସୀ ପତ୍ର ଖାଆନ୍ତୁ। ଶୋଇବାକୁ ଯିବା ପୂର୍ବରୁ ଏକ ଗ୍ଲାସ୍ କ୍ଷୀରରେ ହଳଦୀଗୁଣ୍ଡ ମିଶାଇ ପିଅନ୍ତୁ।

**ନଡିଆ ତେଲ:** ନଡ଼ିଆ ତେଲରେ ଲାଉରିକ ଏସିଡ୍ ଓ କ୍ୟାପ୍ରିଲିକ ଏସିଡ ରହିଛି। ଏହାକୁ ଖାଇଲେ ଶରୀରରେ ଭୂତାଣୁ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ।

**ବିଭିନ୍ନ ପ୍ରକାର କୋଳି:** ବ୍ଲୁବେରି, କ୍ୟାନବେରି, ଷ୍ଟ୍ରବେରି, ଅଙ୍ଗୁର, ପିସ୍ତା, ବାଦାମ ଆଦିରେ ପ୍ରଚୁର ରେସଭେରାଟ୍ରଲ ରହିଛି। ଏହା ଫଙ୍ଗାଲ ସଂକ୍ରମଣ, ଅତିବାଇଗଣୀ ରଶ୍ମି, ମାନସିକ ଚାପରୁ ମୁକ୍ତ ରଖି ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରେ।

**ଭିଟାମିନ୍ ସି'ଯୁକ୍ତ ଖାଦ୍ୟ:** ଅଁଳା , ଲାଲ ଲଙ୍କା ,ହଳଦିଆ ଲଙ୍କାରେ ପ୍ରଚୁର ଭିଟାମିନ ସି 'ରହିଛି। ଏହି ଭିଟାମିନ ଶରୀରରେ ଆଣ୍ଟି ଅକ୍ସିଡାଣ୍ଟ ଭାବେ କାର୍ଯ୍ୟ କରେ। ଏହା ଭୂତାଣୁ ସଂକ୍ରମଣରୁ ରକ୍ଷା କରିବାରେ ସାହାଯ୍ୟ କରେ। ଏହାବାଦ ଭିଟାମିନ ସି' ସପ୍ଲିମେଣ୍ଟ ମଧ୍ୟ ନେଇପାରିବେ।

### ଏମିତି କରନ୍ତୁ

- କଞ୍ଚା ପରିବା ଖାଆନ୍ତୁନି। ଖାଇବା ପୂର୍ବରୁ ପରିବାକୁ ଭଲ ଭାବେ ଧୁଅନ୍ତୁ।
- ଦୀର୍ଘ ସମୟ ଧରି ଉପବାସ କରନ୍ତୁନି।
- ଯଦି ଆବଶ୍ୟକ ହେଉଛି ରୋଷେଇ କିମ୍ବା ଖାଇବା ପୂର୍ବରୁ ପରିବାକୁ ଏକ ଚାମଚ ଲୁଣ ଓ ହଳଦୀ ମିଶା ପାଣିରେ ଅଧ ଘଣ୍ଟା ରଖନ୍ତୁ।



“ ସରକାର ବିତ୍ତୀୟ ନିଅଣ୍ଟକୁ ଧ୍ୟାନ ନ ଦେଇ ଦେଶର ପ୍ରଭାବିତ ଆର୍ଥିକ ସ୍ଥିତି ଏବଂ ଲୋକଙ୍କର ସ୍ୱାସ୍ଥ୍ୟ ପ୍ରସଙ୍ଗକୁ ବିଚାର କରିବା ଆବଶ୍ୟକ। ସମୟ ଥିଲା ବିତ୍ତୀୟ ନିଅଣ୍ଟ ୫.୮ % ରହିଥିଲା। ସେ ସମୟରେ ଅସୁବିଧା ହୋଇ ନ ଥିଲା।

– ଆଦିତ୍ୟ ପୁରୀ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ ମୁଖ୍ୟ



“ କରୋନା ଯୋଗୁ ଉପୁଜିଥିବା ସ୍ଥିତିକୁ ନେଇ ଅର୍ଥ ମନ୍ତ୍ରଣାଳୟ ଏବଂ ନିୟାମକ ଷ୍ଟକ ବଜାର ଉପରେ ନିରନ୍ତର ଦୃଷ୍ଟି ରଖିଛନ୍ତି। ପ୍ରତି ୩ ଦିନରେ ଥରେ ବଜାର ଉପରେ ସମୀକ୍ଷା କରାଯାଉଛି।

– ନିର୍ମଳା ସୀତାରାମନ୍, ଅର୍ଥମନ୍ତ୍ରୀ

# ନିବେଶକଙ୍କ ୫୨ ଲକ୍ଷ କୋଟି କ୍ଷତି

- ଷ୍ଟକ ବଜାରର କ୍ଷତି ଜିଡିପିର ୪୦% ସହ ସମାନ
- ବିତ୍ତୀୟ ନିଅଣ୍ଟର ୭ ଗୁଣା



ମୁମ୍ବାଇ,୨୪-୩

କରୋନା ଯୋଗୁ ଭାରତୀୟ ଅର୍ଥ ବ୍ୟବସ୍ଥାକୁ କେତେ ପରିମାଣର କ୍ଷତି ହୋଇଛି ତାହାର ସମ୍ପୂର୍ଣ୍ଣ ଆକଳନ କରିବା ବର୍ତ୍ତମାନ କଷ୍ଟକର ବ୍ୟାପାର। ମାତ୍ର ଭାରତୀୟ ପୁଞ୍ଜି ବଜାରକୁ କରୋନାର ପ୍ରଭାବ ସମ୍ପୂର୍ଣ୍ଣ ଦୋହଲାଇ ଦେଇଛି। ଚଳିତ ଆର୍ଥିକ ବର୍ଷରେ କରୋନା ଝଟକାରେ ପୁଞ୍ଜି ବଜାରକୁ ଯେତେ ପରିମାଣର କ୍ଷତି ହୋଇଛି ତାହା ଦେଶର ମୋଟ ଘରୋଇ ଉତ୍ପାଦ(ଜିଡିପି)ର ପ୍ରାୟ ୪୦% ହେବ। ବମ୍ବେ ଷ୍ଟକ ଏକ୍ସଚେଞ୍ଜର ସୂଚୀଭୁକ୍ତ କମ୍ପାନୀଗୁଡିକର ମୋଟ ବଜାର ପୁଞ୍ଜୀକରଣରୁ ପ୍ରାୟ ୫୨ ଲକ୍ଷ କୋଟି ଟଙ୍କା ଏହି ସମୟ ମଧ୍ୟରେ କ୍ଷତି ହୋଇଛି। ୨୦୧୯ ଡିସେମ୍ବର ୩୧ରେ ବଜାର ପୁଞ୍ଜୀକରଣ ୧୫୫.୫୩ ଲକ୍ଷ କୋଟି ଟଙ୍କା ରହିଥିବାବେଳେ ୨୦୨୦ ମାର୍ଚ୍ଚ ୨୪ରେ ୧୦୩.୬୯ ଲକ୍ଷ କୋଟି ଟଙ୍କାକୁ ଖସିଛି।

ଜାନୁୟାରୀ ୧୭ରୁ ମାର୍ଚ୍ଚ ୨୩ ମଧ୍ୟରେ ବିଏସ୍‌ଇର ବଜାର ପୁଞ୍ଜୀକରଣ ପ୍ରକୃତ ପକ୍ଷେ ୫୮ ଲକ୍ଷ କୋଟି ଟଙ୍କା ଖସିଛି। ୨୦୧୯-୨୦ ଆର୍ଥିକ ବର୍ଷ ଭାରତର ଧାର୍ଯ୍ୟ ବିତ୍ତୀୟ ନିଅଣ୍ଟ ୭.୬୭ ଲକ୍ଷ କୋଟିର ଏହା ୭ ଗୁଣା। ଚଳିତ ଆର୍ଥିକ ବର୍ଷରେ ସରକାର ଯେତେ ପରିମାଣର ଆୟ ଆଶା କରିଛନ୍ତି ବଜାରର କ୍ଷତି ତାଠାରୁ ୩ ଗୁଣ ଅଧିକ ହୋଇଥିବାବେଳେ ବଜେଟରେ ଖର୍ଚ୍ଚ ଲାଗି ଧାର୍ଯ୍ୟ ଲକ୍ଷ୍ୟର ଏହା ଦୁଇଗୁଣ।

ସୋମବାର ବଜାର ସହିଥିବା ୧୪.୨୨ ଲକ୍ଷ କୋଟି ଟଙ୍କାର କ୍ଷତି ଆଲଜେରିଆ ଦେଶର ମୋଟ ଜିଡିପିଠାରୁ ଅଧିକ। ସେନ୍‌ସେକ୍ସ ଇତିହାସରେ ଏହା ସବୁଠାରୁ ବଡ ଧରଣର ଦୈନିକ କ୍ଷତି ହୋଇଥିବାବେଳେ ସାରା ବିଶ୍ୱର ୧୩୦ ଦେଶର ଜିଡିପି ସହ ସମାନ ବୋଲି ଜଣାପଡିଛି। ବଜାରର ଏହି ଅବସ୍ଥା କ୍ଷୁଦ୍ର ନିବେଶକଙ୍କଠାରୁ ବଡ ନିବେଶକ ସମସ୍ତଙ୍କ ଲାଗି କ୍ଷତିକାରକ ହୋଇଛି। ଦେଶର ୧୪ ଅତିଧନୀ ଏଭଳି ସମସ୍ୟା ଲାଗି ୫୩ ବିଲିୟନ ଡଲାର ବା ୪ ଲକ୍ଷ କୋଟି କ୍ଷତି ସହିଛନ୍ତି। ଶୀର୍ଷ ୨ ଅତିଧନୀ ମୋଟ ୨୫ ବିଲିୟନ ବା ୧.୫୮ ଲକ୍ଷ କୋଟି କ୍ଷତି ସହିଛନ୍ତି ବୋଲି ବ୍ଲୁମବର୍ଗ ବିଲିୟନେୟାର ସୂଚକାଙ୍କରେ କୁହାଯାଇଛି। ୨୦୨୦ ବର୍ତ୍ତମାନ ସୁଦ୍ଧା ମୁକେଶ ଅମ୍ବାନୀଙ୍କ ଶେୟାର ପ୍ରାୟ ୪୧% ଖସିଛି।

# ଆବଶ୍ୟକ ସାମଗ୍ରୀ ପରିବହନରେ ରେଲୱେର ନିରନ୍ତର ସେବା

ନୂଆଦିଲ୍ଲୀ,୨୪-୩



ଆବଶ୍ୟକ ସାମଗ୍ରୀର ପରିବହନ ଲାଗି ରେଳପଥ ନିରନ୍ତର ଭାବେ ୨୪ ଘଣ୍ଟିଆ ସେବା ଯୋଗାଇ ଦେଉଛି। ରେଲୱେ କରୋନା ପ୍ରଭାବକୁ କମ୍ କରିବା ଲାଗି ଏହାର ପାସେଞ୍ଜର ଟ୍ରେନଗୁଡିକୁ ବନ୍ଦ କରି ଦେଇଥିବା ବେଳେ ମାଲବାହୀ ଟ୍ରେନଗୁଡିକୁ ନିୟମିତ ଭାବେ ପରିଚାଳନା କରୁଛି। ଖାଦ୍ୟଶସ୍ୟ, କୋଇଲା, ପେଟ୍ରୋଲିୟମ ସାମଗ୍ରୀ, ସାର, କଣ୍ଟେନର ଭଳି ସେବା ଦେଶର ବିଭିନ୍ନ ସ୍ଥାନକୁ ପହଞ୍ଚାଇବା ଦିଗରେ ରେଲୱେ ଯୋଗଦାନ ରଖୁଥିବା କହିଛି। ମାର୍ଚ୍ଚ ୨୩ରେ ମୋଟ୍ ୪୭୪ ରେକ୍‌ରେ ଖାଦ୍ୟ ସାମଗ୍ରୀ, ଲୁଣ, ଖାଇବା ତେଲ, ଚିନି, କ୍ଷୀର, ପନିପରିବା, ଫଳ, ପିଆଜ ଏବଂ ପେଟ୍ରୋଲିୟମ ସାମଗ୍ରୀ ଲୋଡ କରାଯାଇ ପରିବହନ ହୋଇଛି।

ଦିନ ମଧ୍ୟରେ ରେଲୱେର ୮୯୧ ରେକ୍ ଲୋଡ କରାଯାଇଛି। ଏହା ମଧ୍ୟରେ ଲୁହା ପଥର ପରିବହନ ଲାଗି ୧୨୧ ରେକ୍, ଷ୍ଟିଲ ଲାଗି ୪୮ ରେକ୍, ସିମେଣ୍ଟ ପାଇଁ ୨୫ ରେକ୍, ସାର ପାଇଁ ୨୮ ଏବଂ ଅନ୍ୟ ସାମଗ୍ରୀ କଣ୍ଟେନର ଲାଗି ୧୦୬ ରେକ୍ ଲୋଡ ହୋଇଛି। ସାରା ଦେଶରେ ରେଲୱେର ମାଲବାହୀ ଟ୍ରେନଗୁଡିକ ପରିଚାଳିତ ହେଉଛି। ସାମଗ୍ରୀ ଯେଭଳି ଠିକ୍ ଭାବେ ପରିବହନ ହୋଇ ପାରିବ ସେ ନେଇ ବ୍ୟବସ୍ଥା କରାଯାଇଥିବା ରେଲୱେ ପକ୍ଷରୁ ସୂଚନା ଦିଆଯାଇଛି। ଏ ନେଇ ରାଜ୍ୟ ସରକାରଙ୍କ ସହ ସମନ୍ୱୟ ରକ୍ଷା କରାଯାଇଛି। ସେହିଭଳି ସାମଗ୍ରୀ ପାର୍ସଲ ରେଟ୍ କ୍ଷେତ୍ରରେ ରେଲୱେ ପକ୍ଷରୁ ମାର୍ଚ୍ଚ କିଛିଟା କୋହଳ ବ୍ୟବସ୍ଥା କରାଯାଇଛି। ରେଲୱେ ଏହାର କଣ୍ଟ୍ରୋଲ ରୁମ, ଲାଇନ ଷ୍ଟାଫ, ନିରାପତ୍ତା ଷ୍ଟାଫ, ମେଡିକାଲ ଷ୍ଟାଫଙ୍କୁ ନିରନ୍ତର ଭିତ୍ତିରେ କାମ କରିବା ଲାଗି କହିଛି। ଅସୁବିଧା ସମୟରେ ଅଂଶୀଦାରଙ୍କ ଆବଶ୍ୟକତାକୁ ବିଚାର କରି ସମସ୍ତ ସହାୟତା ଯୋଗାଣ କରାଯାଉଥିବା ରେଲୱେ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ଏହି ସମୟରେ ଠିକା କର୍ମଚାରୀଙ୍କୁ ପୂର୍ଣ୍ଣ ବେତନ ପ୍ରଦାନ କରାଯିବ ବୋଲି ରେଲୱେ କହିଛି।

# ସ୍ଥିତି ପାଇଁ ସଂଗ୍ରାମ କରୁଛନ୍ତି କ୍ଷୁଦ୍ର, ମଧ୍ୟମ ଶିଳ୍ପ

ନୂଆଦିଲ୍ଲୀ,୨୪-୩



- ଲୋଡା ପ୍ରୋତ୍ସାହନ ପ୍ୟାକେଜ
- ବିକାଶ ହାର ହ୍ରାସ ଚିନ୍ତା ବଢ଼ାଉଛି

କରୋନା ଭାଇରସ୍‌ର ପ୍ରଭାବରେ ଦେଶର କ୍ଷୁଦ୍ର ଶିଳ୍ପଗୁଡିକର ଅଣ୍ଟା ଭାଙ୍ଗିଯାଇଛି। ନିଜର ସ୍ଥିତି ବଜାୟ ରଖିବା ଲାଗି ଦେଶର କ୍ଷୁଦ୍ର ମଧ୍ୟମ ଶିଳ୍ପଗୁଡିକ ଏବେ ସଂଗ୍ରାମ ଜାରି ରଖିଛନ୍ତି। ସରକାର ଯଦି ଏହି ଶିଳ୍ପ ଅନ୍ତର୍ଜାତୀୟ ସ୍ତରରେ ଗ୍ରହଣ କରାଯାଉଥିବା ପଦକ୍ଷେପ ଦ୍ୱାରା ସହାୟତା ନ କରନ୍ତି ତେବେ ସ୍ଥିତି ଆହୁରି ବିଗିଡିବ ବୋଲି ବିଶେଷଜ୍ଞମାନେ କହିଛନ୍ତି। କରୋନା ଦ୍ୱାରା ଏବେ ସାରା ଦେଶରେ ୯ ଲୋକ ମୃତ୍ୟୁ ମୁଖରେ ପଡିଛନ୍ତି। ଏହି ଭାଇରସ୍‌କୁ ପ୍ରତିରୋଧ କରିବା ଲାଗି ସରକାରଙ୍କ ପ୍ରସ୍ତୁତି ପର୍ଯ୍ୟାପ୍ତ ହେଉନାହିଁ। ଲୋକଙ୍କୁ ଘରେ ରହିବା ଲାଗି କୁହାଯାଇଛି। ଏବେ ସୁଦ୍ଧା ସରକାର ବଜେଟ ସହାୟତା କିମ୍ବା ସୁଧହାର ଭଳି ପଦକ୍ଷେପ ଘୋଷଣା କରିନାହାନ୍ତି। କ୍ଷୁଦ୍ର ମଧ୍ୟମ ଶିଳ୍ପ ଶ୍ରମିକ ଆଧାରିତ ହୋଇଥିବା ଏଥିରେ ପ୍ରାୟ ୧୦୦ ନିୟୁତ ଲୋକ କାମ କରୁଛନ୍ତି। ଏହି କ୍ଷେତ୍ରକୁ ତ୍ୱରିତ ଭିତ୍ତିରେ ଆର୍ଥିକ ସହାୟତା ଏବଂ ଋଣ ଯୋଗାଣ ହେବାର ଆବଶ୍ୟକତା ରହିଛି। ଏହା ହେଲେ ଶ୍ରମଶକ୍ତିକୁ ଠିକ୍ କରି ରଖିବା ସହ ପ୍ଲାଣ୍ଟ ଏବଂ ମେସିନାରୀଗୁଡିକୁ ଚଳାଇ ରଖିବା ଦିଗରେ ସହାୟକ ହେବ ବୋଲି ଇଞ୍ଜିନିୟରିଂ ଏକ୍ସପୋର୍ଟ ପ୍ରମୋଶନ କାଉନସିଲ ଅଫ୍ ଇଣ୍ଡିଆର ମୁଖ୍ୟ ରବି ଶେହଗଲ କହିଛନ୍ତି।

ଏହି ସମୟରେ ଭାରତର ଅଭିବୃଦ୍ଧି ଆକଳନକୁ ଅନେକ ଅନ୍ତର୍ଜାତୀୟ ଏଜେନ୍ସି ଏବେ କମ୍ କରୁଛନ୍ତି। ଆସନ୍ତା ଆର୍ଥିକ ବର୍ଷରେ ଭାରତର ଅଭିବୃଦ୍ଧି କମିବ ବୋଲି ଅନେକେ ଆକଳନରେ କହିଛନ୍ତି। ଏହା ହେଲେ ସ୍ଥିତି ଆହୁରି ବିଗିଡିବ ବୋଲି କୁହାଯାଉଛି। ଅର୍ଥ ବ୍ୟବସ୍ଥାକୁ ନଗଦ ଯୋଗାଣ ଦିଗରେ ରିଜର୍ଭ ବ୍ୟାଙ୍କ କିଛି ପଦକ୍ଷେପ ନେଇଛି। ଆଗାମୀ ଦିନରେ ସୁଧହାର ହ୍ରାସ ଘୋଷଣା କରାଗଲେ ମଧ୍ୟ ଏହା ଅର୍ଥ ବ୍ୟବସ୍ଥା ଲାଗି ପର୍ଯ୍ୟାପ୍ତ ହେବ ନାହିଁ ବୋଲି କେତେକ ବଜାର ବିଶେଷଜ୍ଞ ଯୁକ୍ତି ବାଢିଛନ୍ତି। ପୂର୍ବତନ ରିଜର୍ଭ ବ୍ୟାଙ୍କ ଗଭର୍ନର ରୟଟର୍ସକୁ କହିଛନ୍ତି ଯେ, ବିତ୍ତୀୟ ନିୟନ୍ତ୍ରଣକୁ ସରକାର ନ ବିଚାର କରି ଅର୍ଥ ବ୍ୟବସ୍ଥାର ସୁଧାର ଦିଗରେ ପଦକ୍ଷେପ ନେବା ଆବଶ୍ୟକ। କମ୍ପାନୀଗୁଡିକୁ ପୁନଃ ଫାଇନାନ୍ସ ପ୍ରଦାନ ଏବଂ ସ୍ୱଳ୍ପମିଆଦୀ ଲାଏବିଲିଟି ଉପରେ ନିୟାମକ ବିଚାର କରିବାର ଆବଶ୍ୟକତା ରହିଥିବା ଡାନଟ୍ରନ ଇନଭେଷ୍ଟମେଣ୍ଟର ପୋର୍ଟଫୋଲିଓ ମ୍ୟାନେଜର ଭେଙ୍କଟ ପଶୁପୁଲେଟି କହିଛନ୍ତି।

ଅକ୍ଟୋବର-ସେପ୍ଟେମ୍ବର ତ୍ରୈମାସରେ ଦେଶର ଅର୍ଥ ବ୍ୟବସ୍ଥା ୬ ବର୍ଷର ସର୍ବନିମ୍ନ ସ୍ତର ୪.୭% ରହିଛି। ସାରା ବର୍ଷ ବିକାଶ ହାର ୫% ରହିବା ନେଇ ଆକଳନ କରାଯାଇଛି। ୨୦୦୮ ବିଶ୍ୱ ମାନ୍ଦାବସ୍ଥା ପରଠାରୁ ଏହା ଭାରତର ସବୁଠାରୁ ସର୍ବନିମ୍ନ ସ୍ତର। ଆସନ୍ତା ଆର୍ଥିକ ବର୍ଷ ଏପ୍ରିଲ ଜୁନ ତ୍ରୈମାସରେ ବିକାଶ ହାର ୩.୧%ରୁ ୩.୪% ରହିବ ବୋଲି ୨ ବରିଷ୍ଠ ସରକାରୀ ଅଧିକାରୀ ମତ ରଖିଛନ୍ତି। ବିଶ୍ୱର ୫ମ ବୃହତ୍ ଅର୍ଥ ବ୍ୟବସ୍ଥା ଭାବେ ଭାରତ ପରିଗଣିତ ହେଉଥିବା ବେଳେ ସମସ୍ୟା ସମାଧାନକୁ ଏଭଳି ଅଣଦେଖା ନ କରିବା ଆବଶ୍ୟକ ବୋଲି ଆସୋଚାମର ମୁଖ୍ୟ ନିରଞ୍ଜନ ହୀରାନନ୍ଦିନୀ କହିଛନ୍ତି। ବାଣିଜ୍ୟଗୁଡିକ ଦେବାଳିଆ ହୋଇଯିବା ପୂର୍ବରୁ ଆର୍ଥିକ ଏବଂ ବିତ୍ତୀୟ ସହାୟତା ପ୍ରଦାନ ଦ୍ୱାରା ସେଗୁଡିକୁ ସୁରକ୍ଷା ପ୍ରଦାନ ଜରୁରୀ ବୋଲି ସେ ମତ ପ୍ରକାଶ କରିଛନ୍ତି।

## ଶ୍ରମ ମନ୍ତ୍ରଣାଳୟର ନିର୍ଦ୍ଦେଶ

# ନିର୍ମାଣ ଶ୍ରମିକଙ୍କୁ ଦିଅ ଆର୍ଥିକ ସହାୟତା

ନୂଆଦିଲ୍ଲୀ,୨୪-୩

ଦେଶର ୩.୫ କୋଟି ନିର୍ମାଣ ଶ୍ରମିକଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବା ଲାଗି ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କୁ କେନ୍ଦ୍ର ଶ୍ରମମନ୍ତ୍ରୀ ସନ୍ତୋଷ ଗଙ୍ଗୱାର ମଙ୍ଗଳବାର କହିଛନ୍ତି। ବର୍ତ୍ତମାନ କରୋନା ବ୍ୟାପିଥିବା ବେଳେ ବିଭିନ୍ନ କ୍ଷେତ୍ର ପ୍ରଭାବିତ ହେବା ଯୋଗୁ ନିର୍ମାଣ ଶ୍ରମିକମାନେ ସମସ୍ୟା ସାମ୍ନା କରୁଛନ୍ତି। ନିର୍ମାଣ ସେସ୍ ବାବଦ ରାଜ୍ୟଗୁଡିକ ନିକଟରେ ଏବେ ୫୨,୦୦୦ କୋଟି ଟଙ୍କା ରହିଛି। ଏହି ଅର୍ଥ ମଧ୍ୟରୁ ନିର୍ମାଣ ଶ୍ରମିକଙ୍କୁ ସହାୟତା ପ୍ରଦାନ କରିବାକୁ ଗଙ୍ଗୱାର ରାଜ୍ୟର ମୁଖ୍ୟମନ୍ତ୍ରୀ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡିକର ଲ୍ୟୁଟନାଣ୍ଟ ଗଭର୍ନରଙ୍କୁ ଏକ ଆଡଭାଇଜରିରେ କହିଛନ୍ତି। ଶ୍ରମିକ ଜନମଙ୍ଗଳ ବୋର୍ଡ ଦ୍ୱାରା ସଂଗ୍ରହ କରାଯାଇଥିବା ଅର୍ଥକୁ ଡାଇରେକ୍ଟ ବେନିଫିଟ ଟ୍ରାନ୍ସଫର (ଡିବିଟି) ଦ୍ୱାରା ଶ୍ରମିକଙ୍କ ବ୍ୟାଙ୍କ ଖାତାରେ ଅର୍ଥ ପ୍ରଦାନ କରିବାକୁ ମନ୍ତ୍ରଣାଳୟ କହିଛି। ଶ୍ରମିକ କଲ୍ୟାଣ ବୋର୍ଡରେ ପର୍ଯ୍ୟାପ୍ତ ପରିମାଣର ଅର୍ଥ ରହିଛ। ଏହି କଷ୍ଟ ସମୟରେ ଦୈନିକ ଭିତ୍ତିରେ କାମ କରୁଥିବା ଶ୍ରମିକ ମାନଙ୍କର ଜୀବନ ଧାରଣ ଲାଗି ଅର୍ଥ ପ୍ରେରଣ କରାଯିବା ଉପରେ ଗଙ୍ଗୱାର ମତ ରଖିଛନ୍ତି।



# ସାନିଟାଇଜର, ଭେଣ୍ଟିଲେଟର ରପ୍ତାନି ବନ୍ଦ



ନୂଆଦିଲ୍ଲୀ,୨୪-୩

ସମସ୍ତ ପ୍ରକାରର ସାନିଟାଇଜର ଏବଂ ଭେଣ୍ଟିଲେଟର ରପ୍ତାନିକୁ ତୁରନ୍ତ ଭିତ୍ତିରେ ବନ୍ଦ କରିବାକୁ କେନ୍ଦ୍ର ସରକାର ମଙ୍ଗଳବାର ନିର୍ଦ୍ଦେଶ ଦେଇଛନ୍ତି। କରୋନା ବ୍ୟାପୁଥିବାରୁ ଏହାକୁ ଧ୍ୟାନରେ ରଖି ସରକାର ପଦକ୍ଷେପ ଗ୍ରହଣ କରିଥିବା ବୈଦେଶିକ ବାଣିଜ୍ୟ ମହାନିର୍ଦ୍ଦେଶାଳୟ (ଡିଜିଏଫ୍‌ଟି) ପକ୍ଷରୁ ଏକ ବିଜ୍ଞପ୍ତିରେ କୁହାଯାଇଛି। ସମସ୍ତ ପ୍ରକାରର ଭେଣ୍ଟିଲେଟର ସହ ଆର୍ଟିଫିସିଆଲ ରେସ୍ପିରେଟୋରି ଆପାରଟସ୍ କିମ୍ବା ଯେକୌଣସି ବ୍ରିଦିଂ ଆପ୍ଲାଏନ୍ସ ଏବଂ ଡିଭାଇସକୁ ଏହା ମଧ୍ୟରେ ସାମିଲ କରାଯାଇଛି। ଗତ ସପ୍ତାହରେ କିଛି ଭେଣ୍ଟିଲେଟର ରପ୍ତାନି ଉପରେ ସରକାର କଟକଣା ଲଗାଇଥିଲେ। ଏହାବାଦ ଡିସ୍ପୋଜେବଲ ମାସ୍କ, ସର୍ଜିକାଲ ମାସ୍କ, ମାସ୍କ ପ୍ରସ୍ତୁତି ଟେକ୍ସଟାଇଲ ର ମାଟେରିଆଲକୁ ମଧ୍ୟ ଏହା ମଧ୍ୟରେ ସାମିଲ ରହିଥିଲା। କରୋନା ଲାଗି ବଜାରରେ ସାନିଟାଇଜର ଏବଂ ଫେସ୍ ମାସ୍କର ଏବେ ଅଭାବ ରହିଥିବାରୁ ବଜାର ସ୍ଥିତିକୁ ଠିକ୍ ରଖିବା ଲାଗି ସରକାର ଏଭଳି ପଦକ୍ଷେପ ନେଇଥିବା ଜଣାପଡିଛି।


OFFICE OF THE EXECUTIVE ENGINEER
U.K. HEAD WORKS DIVISION, KOLABNAGAR (K), PIN - 764011
E-mail ID: eeukhwdiv2014@rediffmail.com
QUOTATION CALL NOTICE No. 30/2019-20 Dated:

No.: A-777: Quotations in sealed cover duly super scribed the Quotation Call Notice No. on the body of the cover are invited by the undersigned from the Manufacturers/Authorized Dealers/Regd. Govt. Order Suppliers/Reputed firms having PAN Card & G.S.T. Registration as per G.S.T. Act 2017 for supply of the following items. Rate may be quoted for the items in complete shape.

| Name of Work | Item No. | Description of Items | Unit | Qnty. |
|---|---|---|---|---|
| Supplying and Installation of 7.50 hp Submersible Pump for Drainage Gallery of Satigud Dam | 1 | Supplying, Installation, Testing & Commissioning of 3 Phase 7.50 hp Kirloskar make high head submersible pump complete set for dewatering from drainage gallery including all cost, taxes, transportation to site & labour charges for installation complete. | Set | 1 |
| | 2 | Supplying, Laying, Fixing of 65mm dia heavy duty G.I. Pipes including of all accessories like sockets, bends, elbows, GMFW valves etc. complete for jointing from the submersible pump to delivery point etc. complete. | Rmt. | 45 |
| | 3 | Supplying, fitting & fixing of control panel having DOL suitable upto 7.50 HP motor consisting of isolater contractors, phase indicating lamps, selectors switch, single phase prevent or relay including all cost, conveyance, labour charges etc complete. | Set | 1 |
| | 4 | Supplying, fitting & fixing of 6 $mm^2$ submersible flat copper cable suitable for 7.5 HP pump set for electrical wiring including all cost and conveyance etc. complete. | Rmt. | 15 |
| | | (Four Items) Only. | | |

The quotation will be received in the Office of the Executive Engineer, U.K. Head, Works Division, Kolabnagar, Dist.- Koraput - 764011(O) upto **4.00 P.M. on 06.04.2020** and will be opened by the undersigned or authorized representative on the same day at 4.30 P.M. in presence of the quotationers or their authorized agents who wish to be present. Copies of PAN Card, valid GSTIN Clearance Certificate, Certificate of authorized dealership and EMD @ 2% in shape of TDR/STDR duly pledged in favour of the E.E., UKHW Division, At/P.O.- Kolabnagar, Dist.- Koraput (O) should accompany the quotation failing which the quotation will not be accepted. The quoted rates must be valid for a period of 90 (Ninety) days from the date of receipt of quotaions unless extended by mutual agreement. Supply must be completed within 15 (Fifteen) days from the date of issue of supply order. Rate quoted shall be for supply of the articles at U.K.H.W. Division, Kolabnagar, Dist.- Koraput, Odisha - 764011, **inclusive of Cost, Transportation, Labour Cess, but excluding G.S.T.** applicable as per the Govt. rules. The materials should be according to I.S.I. Specification. Warranty period for the materials should be mentioned by the bidders during bidding the quotations and the warranty cards should be submitted by the successful bidders at the time of payment. Payment will be made only on receipt of the articles in full and good condition as per specifications. Terms of advance payment will not be entertained. All the prevailing rules & regulations as per O.P.W.D. Code & rules of O.G.S.T. Act. 2017 is binded with the quotationer. Other details can be had from the Office of the undersigned during office hours. The authority reserves the right to accept/ reject any or all the quotations without assinging any reason thereof.

**Sd./- Executive Engineer, U.K. Head Works Division**
OIPR - 32015/11/0028/1920



OHPC
OFFICE OF THE SR. GENERAL MANAGER (ELECTRICAL)
UPPER INDRAVATI HYDRO ELECTRIC PROJECT, MUKHIGUDA,
DIST: KALAHANDI-766026, Ph.No.7328840415, E-mail: sgmel_uihep@ohpcltd.com
ODISHA HYDRO POWER CORPORATION LTD.
(A GOVERNMENT OF ODISHA UNDERTAKING)
Regd. Office OSPH & W.C Building, Vanivihar Chhak, Janpath, Bhoinagar, Bhubaneswar-751022,
Tel: 91-0674-2542983, 2542802, 2545526, 2542826, Fax:2542102,
E-Mail: ohpc.co@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963
No. CAD-1167:

2nd CORRIGENDUM TO Tender Call Notice No. 28/2019-20 DATE.20.02.2020

Name of work: **Supply, Erection, Testing & Commissioning of 245KV Voltage Transformers Under PSDF Grant.**

The period of sale / submission and opening of this office Tender Call Notice No.28/2019-20 Dtd.20.02.2020 for – **"Supply, Erection, Testing & Commissioning of 245KV Voltage Transformers Under PSDF Grant"** is extended as follows -

1. Sale of tender paper – Up to 13:00 Hrs of 10.04.2020
2. Last date and time of Receipt of tender paper – Up to 16:00 Hrs of 10.04.2020
3. Date and time of Opening of tender – On 16.04.2020 (at 12:00 Hrs.)

All other terms and conditions of the original tender call notice remain unaltered.
Please visit us at www.ohpcltd.com

Unit Head, UIHEP, Mukhiguda
OIPR-32136/11/0043/1920



GOVERNMENT OF ODISHA No. B-837
OFFICE OF THE SUPERINTENDING ENGINEER
SOUTHERN (R&B) CIRCLE, BERHAMPUR
Phone: 0680-2281582, FAX: 0680-2281582, e-mail: sescpwd@yahoo.co.in

INVITATIONS FOR BIDS (IFB) [e-Procurement]

Bid Identification No. S.E, S.C (R&B)-BAM-08/2019-20 No. 939 // Dated : 20.03.2020

1) The Superintending Engineer, Southern (R&B) Circle, Berhampur on behalf of Governor of Odisha invites percentage rate bid in double cover system in ONLINE MODE from eligible contractors for construction of Road works as detailed in the table below.
2) Nature of work : Road work
3) No. of work : 04 Nos.
4) Tender Cost : Rs.10,000/- (online)
5) Class of Contractor : "B", "A" & Special Class
6) Availability of Bid document in the website : From 27.03.2020 10.00 AM to 15.04.2020 4.00 PM
7) Date of Opening of Bid : 16.04.2020 at 11.30 AM
8) The Bidders have to participate in ONLINE bidding only. Further details can be seen from the website https://tendersorissa.gov.in.
9) Any addendum / corrigendum / cancellation of tender can also be seen in the said website only.

*Sd./- Superintending Engineer*
*Southern (R&B) Circle, Berhampur*
OIPR-34103/11/0012/1920



CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165









VINOYANA FINANCE
VINOYANA FINANCE ସବୁପ୍ରକାର LOAN 2% ସୁଧରେ ସହଜ କିସ୍ତିରେ ଘରେ ବସି ପାଆନ୍ତୁ ପର୍ସନାଲ, ପ୍ରପର୍ଟି, ବ୍ୟବସାୟ, କୃଷି, ଗୃହ, ମାର୍କଶିଟ୍, ପଶୁପାଳନ ଓ ଗ୍ରୁପ୍ ଋଣ।
7657025084
8658458039
7657027331
GANGANAN, CHHEPILIPALI, DEBAGARH

M GROUP FINANCE COMPANY
M GROUP ସବୁପ୍ରକାର LOAN 2% ସୁଧରେ ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜ୍‌ନେସ୍ ଲୋନ୍, ପ୍ରପର୍ଟି, ମାର୍କଶିଟ୍, ସାଲାରୀ ସ୍ଲିପ୍। ମହିଳାଙ୍କ ପାଇଁ 50% ରିହାତି।
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ।
9911417461
9911417764

ହରପ୍ରୀତ କର୍ପୋରେଶନ୍
ଡିଜିଟାଲ କମ୍ପାନୀ
ଡିଜିଟାଲ ଟାୱାର ସ୍ଥାପନ ପାଇଁ ଗ୍ରାମ ଓ ସହରରେ ଜମି/ ଛାତ/ କ୍ଷେତ ଆବଶ୍ୟକ + ଅଗ୍ରିମ 65 ଲକ୍ଷ + ଭଡ଼ା 45 ହଜାର
ଯୋଗାଯୋଗ:-
9811014559

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ ୫୦% ଛାଡ଼
- ବିଜିନେସ୍ ଋଣ
- ସମ୍ପତ୍ତି ଋଣ
- ମାର୍କଶିଟ୍ ଋଣ
- ଆଧାର କାର୍ଡ ଋଣ
- ବ୍ୟକ୍ତିଗତ ଋଣ
- ବିପିଏଲ୍ ଋଣ
ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସ୍‌ବୁକ୍ ଉପରେ ମଧ୍ୟ ଋଣ ଉପଲବ୍ଧ
୨୫ ବର୍ଷ ଧରି ଆପଣଙ୍କ ସେବାରେ, ଲକ୍ଷେ ଲୋକଙ୍କ ଭରସା
ସମସ୍ତ ପ୍ରକାର ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ବିଶ୍ୱାସ ଆପଣଙ୍କର, ସହଯୋଗ ଆମର
କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
08765414481, 09126344980

HINDUSTAN FINANCE LIMITED
(Reg. No. 3367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8480089848

ପଇସା ଆମର ସଫଳତା ଆପଣଙ୍କର
(ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା
ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ
• ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
8766320840
7982465910


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



## ସଉଦା ପାଇଁ ଚାଲି ଯିବାକୁ ହେବ

**ଭୁବନେଶ୍ୱର, ୨୪।୩(ବ୍ୟୁରୋ):** କରୋନା ଯୋଗୁ ସବୁଆଡେ ଲକ୍‌ଡାଉନ୍। ଲୋକେ ନିଜକୁ ଘରେ ଆବଦ୍ଧ କରି ରଖିବାକୁ ସରକାର କହୁଛନ୍ତି। କିନ୍ତୁ ଅନେକ ଲୋକ କଟକଣାକୁ ମାନୁ ନ ଥିବା ପରିଲକ୍ଷିତ ହୋଇଛି। ବିଶେଷକରି ସହରାଞ୍ଚଳରେ ଲୋକମାନେ ଯାନବାହନରେ ଯାତାୟାତ କରୁଥିବା ଦେଖାଯାଇଛି। ଲକ୍‌ଡାଉନ୍ ମାନୁ ନ ଥିବାରୁ ସରକାର ଆଇନ ଉଲ୍ଲଂଘନକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ନିଷ୍ପତ୍ତି ନେଇଛନ୍ତି। ଜରୁରୀ ସାମଗ୍ରୀ ଆଣିବା ପାଇଁ ଲୋକେ ଯାନବାହନ ବଦଳରେ ଚାଲିକରି ଯିବେ। ଯେଉଁମାନେ ଏହି ନିର୍ଦ୍ଦେଶନାମାକୁ ଉଲ୍ଲଂଘନ କରିବେ ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

# GOVERNMENT OF ODISHA
# FOREST AND ENVIRONMENT DEPARTMENT

No.O-1299 **10F (Cons) 55/2020 6072 /F&E Date 17.03.2020**

From

Sri Debidutta Biswal, IFS
Special Secretary to Government

To

The Principal Chief Conservator of Forests, Odisha,
Bhubaneswar.

Sub: Proposal for diversion of 2.428ha of forest land under FC Act, 1980 for construction of Water Treatment Plant (WTP) by the Executive Engineer, RWSS Division, Keonjhar in Champua Range of Keonjhar District of Keonjhar Forest Division.
**(Proposal No. FP/ OR/ WATER/ 42503/ 2019, State Sl. No. OR-075/2019 dtd. 22.10.2019).**

Sir,

With reference to your letter No.5166 dtd.28.02.2020 on the subject cited above. I am directed to say that the proposal for diversion of 2.428ha of forest land under FC Act 1980 for construction of Water Treatment Plant (WTP) by the Executive Engineer, RWSS Division, Keonjhar in Champua Ranger of Keonjhar District of Keonjhar Forest Division was examined as per the Hand book of Guidelines & Clarifications by Govt. of India. MoEF&CC dtd.28.03.2019 in the matter of taking up establishment of certain critical public utility infrastructures by Govt. Departments involving forest land upto 5ha in LWE affected districts of the State.

It is observed that the mega power water supply project under RWSS Division, Keonjhar is aimed for providing portable drinking water to rural population of 7.1 lakhs in 589 villages with 2500 habitations in Champua, Jhumpura, Keonjhar and Banspal Blocks under Keonjhar district, which is one of the notified LWE affected districts, by constructions of intake well of Baitarani River as a source, Water Treatment Plant (WTP), over Head Reservoir with laying of DI & HDPE pipelines.

The proposed forest land over 2.428ha is located within Baitarani East-A PRF which is notified by Govt. of Odisha under Section 4 (i) vide No. FS.50/78-12079/R dtd. 20.02.1978. The main reason of the project is to supply safe drinking water to all people of said Block.

The proposal for permission to use 2.428ha of Revenue Forest Land of the Baitarani East-A PRF in Khata No. 273, Plot No. 85 (Kisam-Jungle) of village Kodagadia under Champua Tahasil of Keonjhar District for construction of Water Treatment Plant (WTP) by the Executive Engineer, RWSS Division, Keonjhar in Champua Range of Keonjhar district of Keonjhar Forest Division. The Tahasildar Champua has furnished the authenticated land schedule as on 25.10.1980.

The Divisional Forest Officer, Keonjhar Forest Division has reported that the applied area does not form part of any National park. Wildlife Sanctuary, Biosphere Reserve, Tiger Reserve etc. No rare or endangered species is available in the applied area. Wild elephant often visit the Baitarani East-A PRF. There is no archeologlcal monument or any heritage site or defence establishment or other important monument within the applied area. There will be no displacement of human habitation due to this project. The project will provide regular employment to 150 persons and temporary employment to 900 persons. The total cost of the project is 943.86 lakhs.

Since, the intake source to be taken at River Baitarani near Miriga-singa village. Champua Block and nearby land has been identified which is just 2.00Kms from source point for construction of Water Treatment Plant in Kodagadia village, Champua Block. The user agency have surveyed in and around Champua Block with the concerned Revenue Inspectors and Tahasildar to identify the non-forest lands, but finally there is no possible lands to locate the Water Treatment Plant and finally selected the forest land which is only possible options.

The user agency has furnished the required DGPS maps, duly authenticated by all concerned.

The Divisional Forest Officer, Keonjhar Forest Division in Part-II and in site inspection report has reported that the applied area falls within Baitarani East-A PRF and the crown density of the prevailing vegetation found to be eco-value class-I & canopy density is 0.2. The Rane Officer, Champua Range has reported that 120 no. of standing trees are to be felled.

Compensatory Afforestation is not applicable as per guidelines of Govt. of India, MoEF&CC as the forest area involved is less than 5 ha and number of trees to be felled is less than 50 per ha. The User Agency has furnished undertaking to pay the NPV and additinoal amount of NPV as per norm/ rule. Environmental Clearence is not required for this project as per MoEF, Govt. of India Notification No.J-11013/56/2004-IA-II(I) 09.2006. The user agency has furnished undertaking to furnish FRA Certificate. The Divisional Forest Officer, Keonjhar has reported that no violation has been made by the project proponent, Part-II, Part-III and site inspection reports have been furnished with the proposal. The Divisional Profile, District Profile and State Profile have also been furnished.

The Govt. of India, MoEF&CC vide their Guidelines have granted general approval under the provisions of Forest Conservation Act, 1980 for diversion of forest land upto 5.00ha for carrying out certain kinds of critical public utility infrastructure projects by Government Departments in such LWE affected districts for the period upto 31.12.2020 under approval of the State Government.

In view of the urgency involved, the proposal for to use 2.428ha of forest land for construction of Water Treatment Plant (WTP) by the Executive Engineer, RWSS Division, Keonjhar in Champua Range of Keonjhar District, requirement of felling only 120 no. of trees from the forest land proposed for use (around 49 trees per ha. limit being 50 no. ot trees per ha) and General approval of Govt. of India, MoEF&CC accorded vide their Hand Book of Guidelines & Clarifications dtd.28.03.2019. State Govt. have been pleased to grant permission in favour of Executive Engineer, RWSS Division, Keonjhar for construction of Water Treatment Plant (WTP) in Keonjhar district of Keonjhar Forest Division, Odisha subject to fulfilment of the following conditions.

1. The legal status of the forest land so diverted shall remain unchanged.
2. The diverted forest land of 2.428ha shall not be used for any purpose other than specified in the proposal.
3. To pay the cost of the approved scheme for planting 5 times of the number of trees to be felled in lieu of the forest area proposed for diversion, preferably in the vicinity of the project site in consultation with the DFO.
4. The user agency shall pay the Net Present Value of the forest land so diverted as per revised rate communicated by the State Government vide letter No.21687/F&E dtd.22.12.2009 pursuant to orders dtd.28.3.2008 and dtd.09.05.2008 of Hon'ble Supreme Court of India in I.A. No. 566 in W.P.(C) No. 202/1995.
5. No other fresh forest land shall be used for construction of this infrastructure project.
6. No labour camps shall be established on the forest land. The labourers to be engaged in the further construction/ maintenance work, if any, shall be provided with the fire wood by the implementing agency by purchasing the same from the depots of the Odisha Forest Development Corporation Ltd. In the alternative they may LPG to the labourers so engaged.
7. Demarcation of the forest land so diverted, shall be taken up at project cost using low feet high reinforced cement concrete pillars with serial number, forward and backward bearing and distance from pillar to pillar.
8. No project construction/maintenance work shall be allowed after sunset,
9. The permission granted by the State Government shall be subject to monitoring by the Eastern Regional Office, GoI, MoEF&CC.
10. The User Agency shall be responsible for any loss to the flora/ fauna in the surroundings and therefore shall take all possible measures to conserve the same. Any damage done in this regard shall be compensated by the User Agency from the project cost as per assessment of the Divisional Forest Officer.
11. The compliance with regard to guidelines of provisions Government of India, MoEF&CC circulars pertaining to the Scheduled Tribes & other Traditional Forest Dwellers (Recognition of Forest Rights) Act. 2006 shall be ensured.
12. Any other condition that the State Forest Department/PCCF, Odisha/ RCCF, Rourkela/ Divisional Forest Officer, Keonjhar /Eastern Regional Office,. MoEF&CC, Government of India may impose from time to time for protection and improvement of flora and fauna in the forest area, shall be complied with by the user agency.
13. The User Agency shall pay evaluated royalty of trees over forest land.
14. The Principal Chief Conservator of Forests (Forest Diversion) & Nodal Officer, FC Act. O/O PCCF, Odisha shall submit monthly report to the Eastern Regional Office, MoEF&CC, Government of India by 5th of every month without fail regarding approval of State Government accorded for use of forest land for the projects included in the general approval order under reference. Besides, six monthly reports for the period ending 30th June and 31st December containing details of all forest land diverted under the general approval by the Ministry along with status of actual utilization of the forest land so diverted for the purpose, shall be submitted to the MoEF&CC, Government of India.

The Divisional Forest Officer, Keonjhar shall not formally hand over the forest land to the user agency for the project until the user agency complies with the stipulation No. 3, 4, 7 and 11 along with furnishing undertakings pertaining to other relevant conditions imposed i.e. The DFO, Keonjhar Division may be asked to supervise the further construction/ maintenance work and any deviation to the stipulations mentioned above by the User Agency shall be reported by him to the PCCF, Odisha/ State Government/ Eastern Regional Office, MoEF&CC along with action taken report.

**The compliance to the condition No.3, 4, 7 and 11 may be reported to Sate Government for reference.**

Sd./-
**Special Secretary to Government**
**OIPR- 25023/11/0008/1920**

## ଓଏଏସ୍ ସ୍ତରରେ ଅଦଳବଦଳ

**ଭୁବନେଶ୍ୱର,୨୪।୩(ବ୍ୟୁରୋ):** ଓଡ଼ିଶା ସରକାର ମଙ୍ଗଳବାର କନିଷ୍ଠ ପ୍ରଶାସନ(ଓଏଏସ୍)ସ୍ତରରେ ବ୍ୟାପକ ଅଦଳବଦଳ କରିଛନ୍ତି। ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ନୂଆ ବିଜ୍ଞପ୍ତି ଅନୁଯାୟୀ ବରିଷ୍ଠ ଅଧିକାରୀ ସଂଗ୍ରାମୀ କେଶରୀ ସ୍ୱାଇଁ ଇସ୍ପାତ ଓ ଖଣି ସ୍ୱତନ୍ତ୍ର ସଚିବ, ଶିବ ନାରାୟଣ ନନ୍ଦଙ୍କୁ ସରକାରୀ ଉଦ୍ୟୋଗ ବିଭାଗ ଅତିରିକ୍ତ ଶାସନ ସଚିବ ସହ ଓଡ଼ିଶା ବନ ଉନ୍ନୟନ ନିଗମର ଜେନେରାଲ ମ୍ୟାନେଜର ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି। କରୁଣାକର ରାଇକାଙ୍କୁ ଗଜପତି ଜିଲା ଏଡିଏମ୍(ରାଜସ୍ୱ) ସହ ଛେଣ୍ଡିପଦା ଜଳସେଚନ ପ୍ରକଳ୍ପର ଜମି ଅଧିଗ୍ରହଣ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଲିଲି କୁମାର କୁଲୁ ଝାରସୁଗୁଡା ଏଡିଏମ୍(ରାଜସ୍ୱ), ଅରୁଣ କୁମାର ମହାପାତ୍ର ଭଦ୍ରକ ଜିଲା ଏଡିଏମ୍(ରାଜସ୍ୱ), ନରହରି ସେଠୀ କେନ୍ଦ୍ରାପଡା ଏଡିଏମ୍(ରାଜସ୍ୱ), ନିବେଦିତା ମିଶ୍ରଙ୍କୁ ଜଗତ୍‌ସିଂହପୁର ଏଡିଏମ୍(ରାଜସ୍ୱ) ଏବଂ ରସାଇ ଲାଗୁରି ସୁନ୍ଦରଗଡ ଜିଲା ଏଡିଏମ୍(ରାଜସ୍ୱ) ଭାବେ ଦାୟିତ୍ୱ ନିର୍ବାହ କରିବେ। ସେହିଭଳି ସୁଦାମ ଚରଣ ମଣ୍ଡଳଙ୍କୁ ଗଞ୍ଜାମ ଜିଲା ଏଡିଏମ୍(ରାଜସ୍ୱ) ସହ ଜିଲାରେ ଥିବା ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସୌଦାମିନୀ ସେଠୀଙ୍କୁ ଢେଙ୍କାନାଳ ଜିଲା ଏଡିଏମ୍(ରାଜସ୍ୱ), ସନ୍ତୋଷ କୁମାର ନାୟକ କେନ୍ଦୁଝର ଜିଲା ଏଡିଏମ୍(ରାଜସ୍ୱ), ଜ୍ୟୋତିର୍ମୟୀ ପ୍ରଧାନ ମାଲକାନଗିରି ଜିଲା ଏଡିଏମ୍(ରାଜସ୍ୱ), ଅନୁଜ କୁମାର ଦାସ ପଟ୍ଟନାୟକଙ୍କୁ ଖୋର୍ଦ୍ଧା ଜିଲା ଏଡିଏମ୍(ରାଜସ୍ୱ), ଅକ୍ଷୟ କୁମାର ମଲ୍ଲିକଙ୍କୁ ଯାଜପୁର ଜିଲା ଏଡିଏମ୍(ରାଜସ୍ୱ) ଦାୟିତ୍ୱ ଦିଆଯାଇଛି। ସନ୍ତୋଷ କୁମାର ପ୍ରଧାନଙ୍କୁ ଅନୁଗୋଳ ଏଡିଏମ୍(ରାଜସ୍ୱ), ଲିପ୍ସା ଦାସଙ୍କୁ ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ଯୁଗ୍ମ ସଚିବ, ସନ୍ତୋଷୀ ସାହୁଙ୍କୁ ନୟାଗଡ ଜିଲା ଏଡିଏମ୍(ରାଜସ୍ୱ), ସୁବାସ ଚନ୍ଦ୍ର ନାଥଶର୍ମାଙ୍କୁ ପୁରୀ ଜିଲା ଏଡିଏମ୍(ରାଜସ୍ୱ), ଶୁଭାଶିଷ ମାନସିଂଙ୍କୁ ନବରଙ୍ଗପୁର ଏଡିଏମ୍(ରାଜସ୍ୱ), ଉମାକାନ୍ତ ରାଜଙ୍କୁ ସମ୍ବଲପୁର ଜିଲା ଏଡିଏମ୍(ରାଜସ୍ୱ), ବିବେକାନନ୍ଦ ସାହୁଙ୍କୁ ମୟୂରଭଞ୍ଜ ଜିଲା ଏଡିଏମ୍(ରାଜସ୍ୱ), ଦୁର୍ଗାପ୍ରସାଦ ମହାରଣାଙ୍କୁ ନୂଆପଡା ଜିଲା ଏଡିଏମ୍(ରାଜସ୍ୱ) ଭାବେ ନୂତନ ଦାୟିତ୍ୱ ମିଳିଛି।

## ଆୟୁଷ୍ମାନ୍ ଯୋଜନା ଲାଗୁ କରାଯାଉ: ଧର୍ମେନ୍ଦ୍ର

**ଭୁବନେଶ୍ୱର,୨୪।୩(ବ୍ୟୁରୋ):** କରୋନାର ଭୟାବହତା ପରିପ୍ରେକ୍ଷୀରେ ରାଜ୍ୟରେ ଆୟୁଷ୍ମାନ ଯୋଜନା ଲାଗୁ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ସେ ଟୁଇଟ୍ କରି କହିଛନ୍ତି, ସାରା ବିଶ୍ୱ ଓ ଦେଶ ସମେତ ଓଡ଼ିଶା କରୋନା ଭୂତାଣୁ ସଂକ୍ରମଣ ଯୋଗୁ ଅଭାବନୀୟ ପରିସ୍ଥିତିର ସାମ୍ନା କରୁଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏହି ମହାମାରୀ ଆତଙ୍କ କବଳରୁ ଜନସାଧାରଣଙ୍କୁ ସୁରକ୍ଷା ଦେବାକୁ ପ୍ରାଣପଣେ ଉଦ୍ୟମ କରୁଛନ୍ତି। ଏଭଳି ଘଡିସନ୍ଧି ମୁହୂର୍ତ୍ତରେ ରାଜ୍ୟବାସୀ ତଥା ଦେଶର ବିଭିନ୍ନ ସ୍ଥାନରେ ରହୁଥିବା ଓଡ଼ିଆଙ୍କୁ ଚିକିତ୍ସା ପାଇଁ ସହଯୋଗର ହାତ ବଢ଼ାଇବା ନିତାନ୍ତ ଜରୁରୀ। ତେଣୁ ରାଜ୍ୟ ସରକାର ବିଶେଷଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କେନ୍ଦ୍ରର ଗରିବଙ୍କ ସ୍ୱାସ୍ଥ୍ୟସେବା ପାଇଁ ଆସିଥିବା ଯୋଜନା ଆୟୁଷ୍ମାନ ଭାରତକୁ ଏହି ସମୟରେ ଲାଗୁ କରାଯାଉ। ରାଜ୍ୟବାସୀ ବଡ଼ ସଙ୍କଟର ସାମ୍ନା କରୁଥିବାବେଳେ କେନ୍ଦ୍ର ସରକାର ରାଜ୍ୟବାସୀଙ୍କୁ ସହଯୋଗର ହାତ ବଢ଼ାଇବାକୁ ତତ୍ପର ଅଛନ୍ତି ବୋଲି ସେ ଉଲ୍ଲେଖ କରିଛନ୍ତି। ଏ ନେଇ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସ କହିଛନ୍ତି, ରାଜ୍ୟରେ ସମସ୍ତ ରୋଗୀଙ୍କ ପାଇଁ ଡାକ୍ତରଖାନାରେ ପରୀକ୍ଷା, ନିରୀକ୍ଷା, ଚିକିତ୍ସା ଓ ଔଷଧ ଆଦି ସମ୍ପୂର୍ଣ୍ଣ ମାଗଣାରେ ଯୋଗାଇ ଦିଆଯାଉଛି। ଏ କ୍ଷେତ୍ରରେ ବିପିଏଲ କିମ୍ବା ଏପିଏଲ୍ କୌଣସି ବାଛ ବିଚାର କରାଯାଉନି। ପ୍ରତ୍ୟେକ ବ୍ୟକ୍ତିଙ୍କୁ ସରକାର ମାଗଣାରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେଉଛନ୍ତି। ବର୍ତ୍ତମାନ ଦେଖାଦେଇଥିବା କୋଭିଡ-୧୯(କରୋନା) ପାଇଁ ମଧ ଓଡ଼ିଶାରେ ସମସ୍ତ ପରୀକ୍ଷା ଓ ଚିକିତ୍ସା ସମ୍ପୂର୍ଣ୍ଣ ମାଗଣା କରାଯାଇଛି। କେନ୍ଦ୍ର ସରକାର ଯଦି ବିପିଏଲ ମାନଦଣ୍ଡ ଉଚ୍ଛେଦ କରିବେ ତେବେ ଓଡ଼ିଶା ତତ୍କାଳ ଆୟୁଷ୍ମାନ ଭାରତ ଯୋଜନାରେ ରାଜ୍ୟ ସାମିଲ ହେବ ବୋଲି ନବ ସ୍ପଷ୍ଟ କରିଛନ୍ତି।

## ଛତିଶଗଡ଼ ସୀମାନ୍ତ ଖୋଲା, ଯାତାୟତ ସ୍ୱାଭାବିକ

**ନୂଆପଡ଼ା ଅଫିସ,୨୪।୩:** କେନ୍ଦ୍ର ଓ ରାଜ୍ୟ ସରକାର କରୋନା (କୋଭିଡ୍-୧୯)କୁ ଯୁଦ୍ଧକାଳୀନ ଭିତ୍ତିରେ ମୁକାବିଲା କରିବାକୁ ପଦକ୍ଷେପ ନେଇଛନ୍ତି। ମଙ୍ଗଳବାର ରାଜ୍ୟର ସମସ୍ତ ୩୦ ଜିଲାକୁ ଲକ୍‌ଡାଉନ ଘୋଷଣା କରାଯାଇଛି। ଏ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ହେଲେ ଏପରି ପରିସ୍ଥିତିରେ ନୂଆପଡାକୁ ଲାଗି ରହିଥିବା ପଡୋଶୀ ଛତିଶଗଡ ସୀମାନ୍ତରେ ଲୋକେ, ଗାଡି ମୋଟର ଯାତାୟାତ ସ୍ୱାଭାବିକ ରହିଛି। ଅନ୍ୟ ରାଜ୍ୟର କୌଣସି ବସ୍ ଓଡ଼ିଶାକୁ ପ୍ରବେଶ କରି ପାରିବ ନାହିଁ ବୋଲି ଘୋଷଣା କରାଯାଇଛି। ହେଲେ ସେହି ନିୟମକୁ କେହି ମାନୁ ନ ଥିବା ଲକ୍ଷ୍ୟ କରାଯାଇଛି। ନୂଆପଡାଠାରୁ ୧୨୦ କି.ମି. ଦୂର ରାୟପୁରରେ ଜଣେ ବ୍ୟକ୍ତି କରୋନାରେ ଆକ୍ରାନ୍ତ ଥିବା ଜଣାପଡିବା ପରେ ଏ ନେଇ ଆତଙ୍କ ସୃଷ୍ଟି ହୋଇଛି। ଏଥିପ୍ରତି ଦୃଷ୍ଟି ଦିଆ ନ ଗଲେ ଏହା ଓଡ଼ିଶାବାସୀଙ୍କ ପାଇଁ ବିପଦ ହେବ ବୋଲି କୁହାଯାଉଛି। ଏସଂକ୍ରାନ୍ତରେ ସୀମାନ୍ତ ଜୋନ୍ଙ୍କ ଥାନାଧିକାରୀ ଅନିରୁଦ୍ଧ ମୁଦୁଲିଙ୍କୁ ପଚାରିବାରେ ଜିଲା ପୋଲିସ ଏଥିପ୍ରତି ଦୃଷ୍ଟି ରଖିଛି। ଖୁବ ଶୀଘ୍ର ସୀମାନ୍ତ ଅଞ୍ଚଳ ସିଲ କରାଯିବ ବୋଲି ସେ କହିଛନ୍ତି।

## ୫୦ରୁ ଊର୍ଦ୍ଧ୍ୱ ବୟସ୍କ କର୍ମଚାରୀଙ୍କୁ ଏପ୍ରିଲ ୪ ପର୍ଯ୍ୟନ୍ତ ଅଫିସ ମନା

**ଭୁବନେଶ୍ୱର,୨୪।୩(ବ୍ୟୁରୋ)**

- ଯେଉଁମାନେ ଗୁରୁତର ରୋଗରେ ପୀଡ଼ିତ ସେମାନଙ୍କ କ୍ଷେତ୍ରରେ ଏହି ନିୟମ ଲାଗୁ ହେବ
- ବିନା ଡାକ୍ତରୀ ସାର୍ଟିଫିକେଟରେ ଛୁଟିରେ ରହିପାରିବେ

କରୋନା ଭାଇରସ ସଂକ୍ରମଣରୁ ଲୋକଙ୍କୁ ସୁରକ୍ଷା ଦେବା ପାଇଁ ସରକାର ନୂଆ ନିର୍ଦ୍ଦେଶନାମା ଜାରି କରିବାରେ ଲାଗିଛନ୍ତି। ମଙ୍ଗଳବାର ୫୦ବର୍ଷ ଏବଂ ତା'ଠାରୁ ଅଧିକ ବୟସର ସରକାରୀ କର୍ମଚାରୀଙ୍କ ଲାଗି ନୂଆ ନିୟମ ଘୋଷଣା କରାଯାଇଛି। ୫୦ବର୍ଷରୁ ଅଧିକ ବୟସ୍କ କର୍ମଚାରୀ ଯେଉଁମାନେ ଡାଇବେଟିସ, ଶ୍ୱାସଜନିତ ସମସ୍ୟା, କିଡ୍‌ନୀଜନିତ ରୋଗ, ହୃଦ୍‌ରୋଗ ଏବଂ ଅନ୍ୟାନ୍ୟ ଗୁରୁତର ରୋଗରେ ପୀଡିତ ସେମାନେ ଛୁଟିରେ ରହିବାକୁ କୁହାଯାଇଛି। ବିନା ଡାକ୍ତରୀ ସାର୍ଟିଫିକେଟ ଦେଖାଇ କଥାବାର୍ତ୍ତା ମାଧ୍ୟମରେ ନିଜ ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କରେ ଜଣାଇ ଆସନ୍ତା ଏପ୍ରିଲ ୪ ତାରିଖ ଯାଏ ଛୁଟିରେ ରହିପାରିବେ। ଅଯଥା ବୋଝ ନ ନେଇ ଅଧିକାରୀମାନଙ୍କୁ ନିଜ ସ୍ୱାସ୍ଥ୍ୟର ଯତ୍ନ ନେବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶ ରାଜ୍ୟ ସରକାରଙ୍କ ସମସ୍ତ ସ୍ୱୟଂଶାସିତ କିମ୍ବା ବୈଧାନିକ ସଂସ୍ଥା, ପିଏସୟୁଏସ ଏବଂ ନିଗମରେ କାର୍ଯ୍ୟରତ ଅଧିକାରୀଙ୍କ କ୍ଷେତ୍ରରେ ଲାଗୁ କରାଯାଇଛି। କରୋନା ସଂକ୍ରମଣ ବୟସ୍କ ଲୋକମାନଙ୍କ କ୍ଷେତ୍ରରେ ଅଧିକ ବିପଦ ସୃଷ୍ଟି କରୁଛି। ସେହିପରି ବିଭିନ୍ନ ରୋଗ ସହ ଜଡିତ ରୋଗୀଙ୍କ କ୍ଷେତ୍ରରେ ସଂକ୍ରମଣ ହେଲେ ଏହା ଜୀବନ ନେଇଯିବାର ସମ୍ଭାବନା ରହିଛି। ଯେଉଁ ଅଧିକାରୀମାନେ ଅସୁସ୍ଥତା ଅନୁଭବ କରିବେ ଏବଂ କରୋନା ଭାଇରସ୍ ଥିବାର ଲକ୍ଷଣ ବିଷୟରେ ଅନୁଭବ କରିବେ ସେମାନେ ଛୁଟିରେ ରହିବା ସହିତ ୧୪ଦିନ ପର୍ଯ୍ୟନ୍ତ କ୍ୱାରାଣ୍ଟାଇନରେ ରହିବେ। ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଏବଂ ଜନ ଅଭିଯୋଗ ବିଭାଗ ପକ୍ଷରୁ ଏକ ଚିଠି ସମସ୍ତ ବିଭାଗର ମୁଖ୍ୟ, ଆର୍‌ଡିସି ଏବଂ ଜିଲାପାଳମାନଙ୍କୁ ଦିଆଯାଇ ଏ ସଂକ୍ରାନ୍ତରେ ସ୍ପଷ୍ଟ କରାଯାଇଛି।

## ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ସହାୟତାର ସୁଅ

**ଭୁବନେଶ୍ୱର,୨୪।୩(ବ୍ୟୁରୋ):** ରାଜ୍ୟ ସରକାର କରୋନା ମୁକାବିଲା ପାଇଁ ଜନପ୍ରତିନିଧିମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି (ସିଏମ୍ଆରଏଫ୍)କୁ ସହାୟତା କରିବା ଲାଗି ଅନୁରୋଧ କରିଥିଲେ। ସ୍ୱୟଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ ନିଜ ୩ ମାସର ଦରମା କରୋନା ମୁକାବିଲା ପାଇଁ ଦାନ କରିଥିଲେ। ଏହା ପରେ ସିଏମ୍ଆର୍‌ଏଫ୍‌କୁ ବିଭିନ୍ନ ବ୍ୟକ୍ତିବିଶେଷ, ଜନ ପ୍ରତିନିଧି ଏବଂ ମନ୍ତ୍ରୀ ୩ ମାସର ଦରମା (୨ ଲକ୍ଷ ୯୪ ହଜାର ଟଙ୍କା) ପ୍ରଦାନ କରିଛନ୍ତି। ଏହି ଧାରା ଏବେ ବି ବଳବତ୍ତର ରହିଛି।

କ୍ୟାବିନେଟ୍ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଟୁକୁନି ସାହୁ, ଜଳସମ୍ପଦ ରାଷ୍ଟ୍ରମନ୍ତ୍ରୀ ରଘୁନନ୍ଦନ ଦାସ, ବିଜେଡି ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ବିଧାୟକ ସୁଶାନ୍ତ ରାଉତ, କୁସୁମ ଟେଟେ, ଶଶିଭୂଷଣ ବେହେରା, ଧ୍ରୁବ ସାହୁ, ଅମର ଶତପଥୀ, ସୁଧୀର ସାମଲ, ପ୍ରଶାନ୍ତ ମୁଦୁଲି, ପ୍ରଶାନ୍ତ ଜଗଦ୍ଦେବ, ସଞ୍ଜୀବ ମଲ୍ଲିକ, ଦେବୀ ପ୍ରସାଦ ମିଶ୍ର, ଭାଗିରଥି ସେଠୀ, ଅତନୁ ସବ୍ୟସାଚୀ ନାୟକ, ସାବିତ୍ରୀ ଅଗ୍ରୱାଲ, ବିଧାୟିକା ପ୍ରମିଳା ମଲ୍ଲିକ ଓ ଲତିକା ପ୍ରଧାନ ପ୍ରମୁଖ ନିଜ ଦରମା ଟଙ୍କା ରିଲିଫ ପାଣ୍ଠିକୁ ଦାନ କରିଛନ୍ତି। ପ୍ରାୟ ସମସ୍ତ ରାଜନେତା ମୁଖ୍ୟମନ୍ତ୍ରୀଙ୍କ ପରି ନିଜର ୩ ମାସର ଦରମା ପ୍ରଦାନ କରିଥିବା ଜଣାପଡ଼ିଛି। ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଏବଂ ଦେବୀ ପ୍ରସାଦ ତ୍ରିପାଠୀ ମାସକର ଦରମା ଦାନ କରିଛନ୍ତି। ମନ୍ତ୍ରୀ ପ୍ରତାପ ଜେନା ବିଧାୟକ ପାଣ୍ଠିରୁ କରୋନା ମୁକାବିଲା ପାଇଁ ଅର୍ଥ ପ୍ରଦାନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଖଦି ବୋର୍ଡ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାୟ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ସହାୟତା ରାଶି ପ୍ରଦାନ କରିଛନ୍ତି। ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମ(ଓଏସ୍ଆଇସି) ଚଳିତ ବର୍ଷ ନିଜର ପ୍ରତିଷ୍ଠା ଦିବସ ପାଳନ କରିବ ନାହିଁ। ଓଏସ୍ଆଇସି ଅଧ୍ୟକ୍ଷ ଚିନ୍ମୟ ସାହୁ ମଙ୍ଗଳବାର ଏହି ସୂଚନା ଦେଇଛନ୍ତି। ନିଗମ ପକ୍ଷରୁ କରୋନା ମୁକାବିଲା ପାଇଁ ୩ ଲକ୍ଷ ଟଙ୍କାର ସହାୟତା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପ୍ରଦାନ କରାଯାଇଛି। ଶିଳ୍ପପତି ତାରା ପଟ୍ଟନାୟକ ମଧ କୋଟିଏ ଟଙ୍କାର ସହାୟତା ଦେଇଛନ୍ତି। ଏଥି ସହିତ ତାରା ଅନ୍ୟ ଶିଳ୍ପ ସଂସ୍ଥାକୁ ସହାୟତା ପାଇଁ ଅନୁରୋଧ କରିଛନ୍ତି। ନବରଙ୍ଗପୁର ଜିଲା ପରିଷଦ ଉପାଧ୍ୟକ୍ଷା ନିବେଦିତା ମହାନ୍ତି ମଧ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ସହାୟତା ପ୍ରଦାନ କରିଛନ୍ତି। ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ର ଏକାଧିକ ପୂର୍ବତନ କର୍ପୋରେଟର ମଧ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ସହାୟତା ପ୍ରଦାନ କରିଛନ୍ତି। ଅନୁରୂପଭାବେ ନିଖିଳ ଉତ୍କଳ ଅନୁଦାନପ୍ରାପ୍ତ(୪୮୮ ବର୍ଗ) ମହାବିଦ୍ୟାଳୟର ଅଧ୍ୟାପକ ଓ କର୍ମଚାରୀ ସଂଘ ପକ୍ଷରୁ ମଧ କରୋନା ମୁକାବିଲା ପାଇଁ ସହାୟତା ରାଶି ପ୍ରଦାନ କରାଯାଇଛି।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

ଟାଟା ଏସି ପାଇଁ ଲାଇସେନ୍ସ ଥିବା **ଡ୍ରାଇଭର -୨ଜଣ, ଅଭିଜ୍ଞତା ଇଲେକ୍ଟ୍ରି ଆର୍କ ୱେଲ୍ଡର - ୧, ।** ଦରମା-୧୦୦୦୦/୧୨୦୦୦, ରହିବା ସୁବିଧା ଅଛି। ଶୀଘ୍ର ଯୋଗାଯୋଗ
**ଓଡ଼ିଶା ଆଗ୍ରୋ ମେସିନାରି, ସାକ୍ଷିଗୋପାଳ, ପୁରୀ**
**9437048854**
**9238579309**

URGENTLY REQUIRED
1. **Import & Export Manager** - 1 No. (Experienced)
2. **Data Entry Operator** - 2 Nos. (Tally & MS office)
Mobile = 9338554697
Email : kukumina_bbsr@rediffmail.com

URGENT REQUIRED
(1) Diploma Civil - 10 Nos.
(2) Graduate - 20 Nos.
*Salary (5000 to 50,000)*
Contact : 7873563668
9556880775

Urgent requirement of a DTP Operator cum Graphics Designer (Photoshop, Pagemaker, Coreldraw).
**Salary:** 12000+ pm.
Contact No:-
9437529732, 9861040318
Kalinga Vihar, BBSR

OFFICIALLY JOB
ଯୋଗ୍ୟତା : ଦଶମ ପାସ୍/ଫେଲ୍,
ବୟସ : (18-40)yrs.
Monthly salary upto
Rs. 25,000/-
Contact : Immediately
Mob : 8763257042

Experienced and well behaved **Driver** with valid license and experience certificate needed for private cars.
Contact : 9437180218

नालको NALCO
National Aluminium Company Limited
(A Government of India Enterprise)
Nalco Bhawan, Nayapalli, Bhubaneswar - 751 013, Odisha
CIN : L27203OR1981GOI000920
A NAVRATNA COMPANY

**RECRUITMENT OF GRADUATE ENGINEERS THROUGH GATE-2020**

**National Aluminium Company Limited(NALCO)**, a Navratna Company is looking for recruitment of committed, promising and competent young Graduate Engineers with brilliant academic career in the disciplines of Mechanical, Electrical, Metallurgy, Instrumentation, Cvil, Chemical & Mining from Graduate Aptitude Test in Engineering - 2020 scores(GATE-2020).

- Candidates willing to apply in NALCO may visit career section of NALCO website **www.nalcoindia.com** or Employment News dated 21st March,2020 for further details.

**Important Dates :**

| | | |
|---|---|---|
| 1 | Opening of online submission of application | 20/03/2020 (11:30 AM) |
| 2 | Last date of submission of online application | 09/04/2020 (05:30 PM) |

Advt. No.10200207 NALCO Recruitment-2020

ଚେନ୍ନାଇରେ ଚାକିରି। ହିନ୍ଦୀ କହିପାରୁଥିବା ଜରୁରୀ। ବେତନ ୧୪୦୦୦ - ୧୭୦୦୦ + ରୁମ୍। ଘର ରୋଷେୟା / ଘରୋଇ ଚାକର/ ହେଲ୍‌ପର/ ଅଫିସ୍ ଆସିଷ୍ଟାଣ୍ଟ।
ଏଫ୍‌ଏଫ୍‌ଏଫ୍ ଲିଃ
9884761210

WANTED
DRIVER FOR ASHOK LEYLAND DOST PLUS
SALARY : Negotiable
CONTACT
Mobile : 9438820370
Mobile : 9437027670
Mobile : 9437047010

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

# କରୋନାଠାରୁ ଦୂରେଇ ରଖିବ ବାତାପି



ଚାଷୀ ଭାଇମାନଙ୍କ ପାଇଁ ଖୁସି ଖବର। ନିକଟରେ ବୈଜ୍ଞାନିକମାନେ ମଞ୍ଜି ନ ଥିବା ଏକ ଭିନ୍ନ କିସମର ବାତାପି ବିକଶିତ କରିଛନ୍ତି। କୃଷକଙ୍କ ପାଇଁ ଏଭଳି ସଫଳ ସୁଯୋଗ ଆଣି ଦେଇଛି ବିହାରରେ ଥିବା ଭାରତୀୟ କୃଷି ଅନୁସନ୍ଧାନ କେନ୍ଦ୍ର ପୁସା। ଏହି ନୂଆ କିସମର ନାଁ ରଖାଯାଇଛି 'ପୁସା ଅରୁଣ'। ପ୍ରଥମ ଥର ପାଇଁ ମଞ୍ଜି ନ ଥିବା ଏଭଳି କିସମର ବାତାପିକୁ ବିକଶିତ କରିବାରେ ବୈଜ୍ଞାନିକମାନେ ସକ୍ଷମ ହୋଇଛନ୍ତି।

ଅଧିକ ରସଥିବା ଏହି ଫଳର ବିହାର ଏବଂ ଉତ୍ତରପ୍ରଦେଶରେ ଢେର ଚାହିଦା ରହିଛି। ଛଟ୍ ପୂଜା ସମୟରେ ଏହି ଫଳକୁ ବିଶେଷଭାବେ ବ୍ୟବହାର କରାଯାଏ। କରୋନା ଭାଇରସ୍‌ରୁ ରକ୍ଷା କରିବା ପାଇଁ ଏଥିରେ ମଧ୍ୟ ଢେର ରୋଗ ପ୍ରତିରୋଧକ ଶକ୍ତି ରହିଛି। ସାଧାରଣତଃ ଏହି ଫଳ ଏକ କିଲୋଗ୍ରାମରୁ ଅଧିକ ଓଜନର ହୋଇଥାଏ। କିନ୍ତୁ ନୂଆ କିସମର ପୁସା ଅରୁଣ ବାତାପିର ଓଜନ ୫୦୦ଗ୍ରାମରୁ ଅଧିକ ହେବ ନାହିଁ। ବୈଜ୍ଞାନିକମାନଙ୍କ ସୂଚନାଅନୁସାରେ ଏହା ଅନ୍ୟ ପୁରୁଣା କିସମ ବାତାପି ତୁଳନାରେ ଅଧିକ ରସଯୁକ୍ତ।

ଏହି ନୂଆ କିସମ ବାତାପିର ଏକ ବିଶେଷତ୍ୱ ହେଉଛି ଏହାକୁ ଅଧିକ ଦିନ ଗଛରେ ସୁରକ୍ଷିତ ରଖାଯାଇପାରିବ। ଏମିତିକି ଫଳ ପାଚିବା ପରେ ବି ଏହାକୁ ଗଛରେ ଦୁଇରୁ ତିନି ମାସ ପର୍ଯ୍ୟନ୍ତ ରଖିହେବ। ତେଣୁ କୃଷକମାନେ ଏହାକୁ ଅଧିକ ମୂଲ୍ୟରେ ବିକ୍ରି କରିବା ପାଇଁ ଅପେକ୍ଷା କରିପାରିବେ।

ଏହି କିସମର ମଞ୍ଜିକୁ ଜୁଲାଇରୁ ସେପ୍ଟେମ୍ବର ମାସ ମଧ୍ୟରେ ଲଗାଯାଇପାରିବ। ଏହା ବ୍ୟତୀତ ଫେବୃୟାରୀରୁ ମାର୍ଚ୍ଚ ମଧ୍ୟରେ ବି ଏହାକୁ ଲଗାଇହେବ। କେତେକ ଅଞ୍ଚଳରେ ପ୍ରାୟ ସବୁ ସମୟରେ ଏହି ଫଳକୁ ଚାଷ କରାଯାଉଛି। ଏହି କିସମର ଗୋଟିଏ ଗଛରୁ ପ୍ରାୟ ୪୫ରୁ ୪୬ କିଲୋଗ୍ରାମ ପର୍ଯ୍ୟନ୍ତ ଫଳ ମିଳିପାରିବ। ଏବେ ଚାଷୀମାନଙ୍କୁ ଏହି ପ୍ରକାରର ନୂଆ କିସମ କୃଷି ଅନୁସନ୍ଧାନ କେନ୍ଦ୍ରରେ ହିଁ ମିଳିପାରିବ।




# ଚାଷ ପାଇଁ ଅଧ୍ୟାପନା ଛାଡ଼ିଲେ ମାନସ

ନିଜ କ୍ଷେତରେ ମାନସ କୁମାର ପାଳ

ପିଲା ବେଳୁ ପାଠ ପଢା ସହିତ ଚାଷ ପ୍ରତି ଥିଲା ତାଙ୍କର ଅହେତୁକ ଆଗ୍ରହ। ଭଲ ପଢନ୍ତି ଆଉ ବାପାଙ୍କୁ ଚାଷ କାମରେ ବି ସାହାଯ୍ୟ କରନ୍ତି। ୧୯୯୬ ମସିହାରେ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ୧୯୯୮ରେ ମୟୂରଭଞ୍ଜ ଜିଲାର ବେତନଟୀ କଲେଜରେ ଅଧ୍ୟାପକ ଭାବେ କ୍ୟାରିୟର ଆରମ୍ଭ କରିଥିଲେ। ହେଲେ ଏହା ତାଙ୍କୁ ବେଶୀ ଦିନ ବାନ୍ଧି ରଖି ପାରି ନ ଥିଲା। ଚାଷକୁ ନେଇ ତାଙ୍କର ସ୍ୱପ୍ନ ବଢିଲା। ମାତ୍ର ୨ ବର୍ଷ ପରେ ଅଧ୍ୟାପନା ଛାଡି ଘରକୁ ଫେରିଲେ। ଆଉ ସ୍ୱପ୍ନକୁ ସାକାର ରୂପ ଦେବା ଲାଗି ଚାଷରେ ନିଜକୁ ନିୟୋଜିତ କରିଦେଲେ। ମାତ୍ର ବର୍ଷ କେଇଟାରେ ଜଣେ ସଫଳ ଚାଷୀ ଭାବେ ନିଜର ପରିଚୟ ସୃଷ୍ଟି କରିବାରେ ସେ ହୋଇଛନ୍ତି ସକ୍ଷମ। ସେ ହେଲେ ମାନସ କୁମାର ପାଳ(ମୋ: ୬୩୭୦୩୫୫୯୯୭)। ଭଦ୍ରକ ଜିଲା ବନ୍ତ ବ୍ଲକ କାଦବରାଙ୍ଗ ପଞ୍ଚାୟତ ଅନ୍ତର୍ଗତ ନିମଗଡିଆ ଗ୍ରାମରେ ତାଙ୍କ ଘର। ମା' ତୁଳସୀ ଓ ବାପା ନାଗେଶ୍ୱର ପାଳଙ୍କର ସେ ବଡ ପୁଅ। ବାପାଙ୍କର ଥିବା ୧୭ ଏକର ଜମିରେ ଖରିଫ ଋତୁରେ ଧାନ ଚାଷ କରିବା ସହିତ ରବି ସମୟରେ ପନିପରିବା ଓ ଡାଲି ଜାତୀୟ ଶସ୍ୟ ଚାଷ କରନ୍ତି। ଚଳିତ ବର୍ଷ ସେ ୩ ଏକର ଜମିରେ କେବଳ ବାଇଗଣ ଚାଷ କରିବା ସହିତ ଅବଶିଷ୍ଟ ଜମିରେ ପୋଟଳ, ଭେଣ୍ଡି, କଲରା, କାକୁଡି, ଜହ୍ନି ଓ ମୁଗ ବିରି ଚାଷ କରିଛନ୍ତି। ତାଙ୍କ ଚାଷ ପ୍ରଣାଳୀ ପରିଦର୍ଶନ କରିବାକୁ ବିଭିନ୍ନ ସମୟରେ ବ୍ଲକ କୃଷି ଅଧିକାରୀ, ଜିଲା କୃଷି ଅଧିକାରୀଙ୍କ ସମେତ ବିଭାଗୀୟ ଅଧିକାରୀ ମାନେ ଆସିଥାନ୍ତି। ମାନସ ପରିବା ଚାଷୀ ଭାବରେ ବେଶ ସଫଳ ହୋଇପାରିଛନ୍ତି। ଆମ ବିଭାଗ ପକ୍ଷରୁ ବହୁ ସମୟରେ ତାଙ୍କ କ୍ଷେତ୍ର ପରିଦର୍ଶନ କରି ଆବଶ୍ୟକ ପରାମର୍ଶ ଦିଆଯାଇଥାଏ ବୋଲି ଆଗରପଡା ସହ କୃଷି ଅଧିକାରୀ ତୁଷାରକାନ୍ତ ପତି କହିଛନ୍ତି। ବର୍ଷକୁ ଚାଷ ଜମିରୁ ମୋଟ ୪ ଲକ୍ଷ ଟଙ୍କା ରୋଜଗାର ହେଉଥିବା କୁହନ୍ତି ମାନସ। ଏହି ରୋଜଗାରରୁ ସେ ତାଙ୍କ ପିଲାଙ୍କୁ ଉଚ୍ଚ ଶିକ୍ଷା ଦେବା ସହ ପରିବାର ପ୍ରତିପୋଷଣ କରିପାରୁଛନ୍ତି। ତାଙ୍କର ଏହି ଅଦମ୍ୟ ଚେଷ୍ଟା ଓ ଆତ୍ମବିଶ୍ୱାସ ତାଙ୍କୁ ସଫଳତା ଆଣି ଦେଇଛି ବ୍ୟକ୍ତ କରନ୍ତି। ପ୍ରତିକୂଳ ପାଗ ଓ ସରକାରୀ ପ୍ରୋତ୍ସାହନର ଅଭାବ ଯୋଗୁଁ ବାଧା ସୃଷ୍ଟି ହେଉଥିଲେବି ସେ ଆଗକୁ ଆଗକୁ ବଢି ଚାଲିଛନ୍ତି। ବର୍ତ୍ତମାନର ଶିକ୍ଷିତ ବେକାରମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ମାନସ।

– ସନାତନ ରାଉତ

# ଖରାଦିନିଆ ଚିନାବାଦାମ ଚାଷ

**ଖରାଦିନିଆ ଚିନାବାଦାମ ଚାଷରେ ରୋଗପୋକ ଓ ଅମଳ ପରିଚାଳନା ସମ୍ପର୍କରେ କେତୋଟି ଜାଣିବା କଥା...**







ଡ. ପରେଶ କୁମାର ପଣ୍ଡା

ନିୟମିତ ଭାବେ ଚିନାବାଦାମ ଚାଷରେ ରୋଗ ଓ ପୋକ ପରିଚାଳନା ବ୍ୟବସ୍ଥା ଗ୍ରହଣ କରାଯିବା ଜରୁରୀ। ଫସଲରେ ପ୍ରଥମରୁ ୫ ପ୍ରତିଶତ ନିମ୍ବଜାତ କୀଟନାଶକ ପ୍ରୟୋଗ କରିବା ଆବଶ୍ୟକ। ନଚେତ୍ ଦୁର୍ବଳିଆ ଫଳ ସଂଖ୍ୟାରେ ବୃଦ୍ଧି ଘଟି ଦାନାର ପରିମାଣ, ଆକାର ଓ ତେଜରେ ହ୍ରାସ ପରିଲକ୍ଷିତ ହୋଇ ଦାନା ସଂକ୍ରମଣରେ ବୃଦ୍ଧି ଓ ଗଜା ଶକ୍ତିରେ ହ୍ରାସ ଘଟିଥାଏ। ବେକ/ଗଣ୍ଠି ପଚା ହେଲେ ଥିରାମ୍ ୭୫% ଡବ୍ଲ୍ୟୁ.ଏସ୍.ର ୩ ଗ୍ରାମ୍/ଟେବୁକୋନାଜୋଲ୍ ୨% ଡି.ଏସ୍. ୨.୫ ଗ୍ରାମ୍‌କୁ ୧ କି.ଗ୍ରା. ବିହନ ପ୍ରତି ବିଶୋଧନ କରନ୍ତୁ। ଟିକା ଓ କଳଙ୍କ ରୋଗ ନିୟନ୍ତ୍ରଣ ନିମନ୍ତେ ମାନ୍‌କୋଜେବ୍ ୭୫% ଡବ୍ଲ୍ୟୁ.ପି. ୩୦ ଗ୍ରାମ ବା କ୍ଲୋରୋଥାଲୋନିଲ୍ ୭୫% ଡବ୍ଲ୍ୟୁ.ପି. ୨୦ ଗ୍ରାମ୍, ପତ୍ରଚିତା ନିମନ୍ତେ ପ୍ରୋପିକୋନାଜୋଲ୍ ୨୫% ଇ.ସି./ଡାଇଫେନ୍ କୋନାଜୋଲ୍ ୨୫% ଇ.ସି. ୧୦ ମି.ଲି., କାଣ୍ଡ/ଚେର ପଚା ପାଇଁ କାର୍ବେଣ୍ଡାଜିମ୍ ୫୦% ଡବ୍ଲ୍ୟୁ.ପି. ୧୫ ଗ୍ରାମ୍ ଓ ପତ୍ର ମୁକୁଳ ପୋଡ଼ା ରୋଗ ଲାଗି ଥାୟୋମେଥୋକ୍ସାମ୍ ୨୫% ଡବ୍ଲ୍ୟୁ.ଜି. ୧୦ ଗ୍ରାମ୍/ଆସେଟାମିପ୍ରିଡ୍ ୨୦% ଏସ୍.ପି. ୩.୫ ଗ୍ରାମ୍ ପ୍ରତି ୧୦ ଲିଟର ପାଣିରେ ମିଶାଇ ସିଞ୍ଚନ କରିବା ଦରକାର। ମଞ୍ଜି ଶୀଘ୍ର ଲଗାଇଲେ ରୋଗ, ପୋକ ଆଶଙ୍କା କମିଯାଏ।

ମିଶ୍ରିତ ଚାଷ ଦ୍ୱାରା ତାହା ପୋକର ଯନ୍ତା ଫସଲ ରୂପେ କାର୍ଯ୍ୟ କରିଥାଏ। ଏକର ପ୍ରତି ୨ଟି ଫେରୋମୋନ୍ ଯନ୍ତା ଲଗାନ୍ତୁ। ଏକର ପ୍ରତି ୪-୫ଟି କଣି ଥିବା ବାଉଁଶ ବା ଡାଳ ପୋତି ପକ୍ଷୀ ଆଶ୍ରୟ ସ୍ଥଳ ସୃଷ୍ଟି କରନ୍ତୁ। ଫଳରେ ବଣି, କଜଳପାତି ଓ ବଗ ଇତ୍ୟାଦି ପୋକଗୁଡ଼ିକୁ ଖାଇଯାଆନ୍ତି। ପତ୍ର ସୁଡ଼ଙ୍ଗକାରୀ ଓ ପତ୍ରଖିଆ ପୋକ ନିୟନ୍ତ୍ରଣ ଲାଗି ଏକର ପ୍ରତି ୨୦ ହଜାର ଟ୍ରାଇକୋଗ୍ରାମା ଚିଲୋନିସ୍ ଅଥବା ବ୍ରାକନ୍ ହିବେଟର୍ ଅଣ୍ଡା ପ୍ରତି ସପ୍ତାହ ବା ୧୦ ଦିନ ଅନ୍ତରରେ ୨ ଥର ଫସଲରେ ଛାଡନ୍ତୁ।

ଉଇ ଲାଗୁଥିବା ମୃତ୍ତିକାରେ ଏକର ପ୍ରତି ୧୦ କି.ଗ୍ରା. କ୍ଲୋରୋପାଇରିଫସ୍ ୫ ପ୍ରତିଶତ ଗୁଣ୍ଡକୁ ଶେଷ ଓଡ଼ ଚାଷ ସମୟରେ ଜମିରେ ମିଶାଇ ଦିଅନ୍ତୁ। ଉଇ, ଧବଳ ଭୃଙ୍ଗର ନିୟନ୍ତ୍ରଣ ନିମନ୍ତେ କ୍ଲୋରୋପାଇରିଫସ୍ ୨୦% ଇ.ସି.ର ୪୦ ମି.ଲି., ପତ୍ର ସୁଡ଼ଙ୍ଗୀ, ଲାଲ ଶଁବାଳୁଆ ଧୂଆଁପତ୍ର ଗୋଟିପୋକ ଓ ପତ୍ର ବୁଢ଼ିଆଣୀ ନିମନ୍ତେ ପ୍ରୋଫେନୋଫସ୍ ୫୦% ଇ.ସି. ୨୦ ମି.ଲି., ଜଉ, ପତ୍ର ଉକୁଣୀ ଓ ସବୁଜ ପତ୍ରଡିଆଁ ପୋକ ପାଇଁ ଥାୟୋମେଥୋକ୍ସାମ୍ ଫିମ୍ପି-ଆସ୍ପରଜିଲସ୍ ଫ୍ଲାଭସ୍ ଓ ଆସ୍ପରଜିଲସ୍ ପାରାସିଟିକସ୍ ଦ୍ୱାରା ମୃତ୍ତିକା ଏବଂ ବାୟୁବାହିତ ଭାବେ ବିହନ/ମିର ସୂକ୍ଷ୍ମ ଫାଟ ଦେଇ ଫଳ ତଥା ମଞ୍ଜିରେ ପ୍ରବେଶ କରିଥାଏ। ଏହି ସଂକ୍ରମିତ ମଞ୍ଜି ନ ଖାଇବା ଆବଶ୍ୟକ। ଜଳାଭାବ କିମ୍ବା ଦାନାରେ ଅଧିକ ଆର୍ଦ୍ରତା ରହିଲେ ଏହାର ସଂକ୍ରମଣ ଅଧିକ ହୋଇଥାଏ। କେତେକ ସତର୍କ ବ୍ୟବସ୍ଥା ହେଲା- ଫଳ ଓ ମଞ୍ଜିର ପରିପୁଷ୍ଟ ସମୟରେ ହାଲୁକା ଜଳସେଚନ ନିୟମିତ ଦିଆଯିବା ଆବଶ୍ୟକ। ଫଳ ପାକଳ ବା ଅମଳ ଅବସ୍ଥା ପ୍ରାପ୍ତ ହେବାମାତ୍ରେ ଫସଲକୁ ତୁରନ୍ତ ଅମଳ କରିବା ପ୍ରୟୋଜନ। ଫଳଗୁଡ଼ିକୁ ଶୁଖାଇ ୮-୯ ପ୍ରତିଶତ ଆର୍ଦ୍ରତା ବା ନିମ୍ନ ସ୍ତରକୁ ଆଣିବା ଆବଶ୍ୟକ। କ୍ଷତଯୁକ୍ତ ଓ ଅଣପାକଳଯୁକ୍ତ ଫଳକୁ ଅଲଗା କରି ଦିଅନ୍ତୁ। ଅମଳ ଏକର ପ୍ରତି ୪-୧୦ କୁଇଣ୍ଟାଲ ମିଳିଥାଏ। ଏହି ଋତୁରେ ବର୍ଷାଦିନ ତୁଳନାରେ ଅମଳ ଅଧିକ ମିଳିଥାଏ। ୨୫% ଡବ୍ଲ୍ୟୁ.ଜି. ୨ ଗ୍ରାମ/ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୨.୫ ମି.ଲି, ଅଷ୍ଟପଦୀ ପୋକ ପାଇଁ ଫେନାଜାକୁଇନ୍ ୧୦% ଇ.ସି. ୨୦ ମି.ଲି. ପ୍ରତି ୧୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

**ଅମଳ ଓ ସାଇତା ପ୍ରଣାଳୀ:**

ଉପଯୁକ୍ତ ସମୟରେ ଅମଳ କରାଗଲେ ଅମଳ ପରିମାଣ ଠିକ୍ ମିଳିଥାଏ। ପତ୍ର ହଳଦିଆ ପଡ଼ି ୭୦-୭୫ ପ୍ରତିଶତ ଫଳର ଭିତର ଅଂଶରେ କଳା ଶିରା ଦେଖାଗଲେ ଏବଂ ଫଳଠାରୁ ଦାନା ଅଲଗା ହେବା ଅବସ୍ଥା ଆସିଗଲେ ଫସଲ ଅମଳ କରାଯାଇଥାଏ। ବୃଷ୍ଟିପୁଷ୍ଟ ଚାଷରେ ବର୍ଷା ଶୀଘ୍ର ଛାଡ଼ିଗଲେ ଅସ୍ୱାଭାବିକ ବା ଶୀଘ୍ର ପାକଳ ଅବସ୍ଥା ଆସିଯାଏ ଓ ମୃତ୍ତିକା କଠିନ ହେବା ପୂର୍ବରୁ ଅମଳ କରିବା ଆବଶ୍ୟକ। ମାଟି ଟାଣ ଥିଲେ ହାଲୁକା ଜଳସେଚନ ଦେଇ ଅମଳ କରାଯାଏ।

ଚିନାବାଦାମ ଚଛ ଉପାଡ଼ିବା ପରେ ବାଦାମକୁ ନ ଛିଡ଼ାଇ ଗଛଗୁଡ଼ିକୁ ଛୋଟ ଛୋଟ ବିଡ଼ାରେ ବାନ୍ଧି ଦିଆଯାଏ। ବାଦାମ ଉପରକୁ ଓ ଗଛ ତଳକୁ ଥିବା ଅବସ୍ଥାରେ ୫-୬ ଦିନ ଖରାରେ ଶୁଖାଯାଏ। ଗଛ ଶୁଖିବା ପରେ ବାଦାମଗୁଡ଼ିକୁ ତୋଳି ଛାଇରେ ଖେଳାଇ ଭଲଭାବରେ ଶୁଖାନ୍ତୁ। ଏହାଦ୍ୱାରା ବାଦାମ ମଞ୍ଜିର ଦାନା ଠିକ୍‌ରୂପେ ପୂରଣ ହୋଇ ଅମଳରେ ୧୦% ବୃଦ୍ଧି ଘଟେ। ବାଦାମ ଫଳର ଆର୍ଦ୍ରତା ୯ ପ୍ରତିଶତରୁ ଅଧିକ ହେଲେ ଫିମ୍ପି ସଂକ୍ରମଣର ସମ୍ଭାବନା ବେଶି। ଯେଉଁ ଅଞ୍ଚଳରେ ଅମଳ ସମୟରେ ଅଧିକ ତାପମାତ୍ରା ଅନୁଭୂତ ହୋଇଥାଏ, ଫଳକୁ ସିଧାସଳଖ ଖରାରେ ଶୁଖାଯାଏ ନାହିଁ ଏବଂ ଗୋଲାକାର ଗଦାରେ ଫଳ ଅଂଶକୁ ମଧ୍ୟଭାଗରେ ରଖାଯାଇ ଶୁଖାଯାଏ। ବାଦାମ ଭଲଭାବେ ଶୁଖିଗଲେ ଝଣ ଝଣ ଶବ୍ଦ ହୋଇ ବାଦାମକୁ ଚିପିଲେ ସହଜରେ ଦୁଇଫାଳ ହୋଇଯାଏ। ବାଦାମ ମଞ୍ଜିକୁ ମକଚିଲେ ବାଦାମରୁ ବାଦାମି ଚୋପା ସହଜରେ ବାହାରି ଆସେ ଓ ହାତରେ ତେଲ ଲାଗିଯାଏ। ବିହନ ନିମନ୍ତେ କେବଳ ଭଲ, ପାକଳ, ପରିଷ୍କାର ଏବଂ ପରିପୁଷ୍ଟ ଫଳଗୁଡ଼ିକୁ ବାଛିବା ଉଚିତ।

ମଞ୍ଜି ଅପେକ୍ଷା ଫଳକୁ ଅପେକ୍ଷାକୃତ ଭଲ ଭାବେ ସାଇତି ରଖିହୁଏ। ସାଧାରଣତଃ ବିହନ ବସ୍ତାରେ ଯେତେ ଉତ୍ତାପ କମ୍ ହେବ, ସାଇତା କାଳ ସେତେ ଅଧିକ ହେବ। ବସ୍ତାଗୁଡ଼ିକୁ କାଠ ପଟାର ଭାଡ଼ି ଉପରେ ଅଳ୍ପ ଉଚ୍ଚ ଥାକରେ ରଖନ୍ତୁ। ଗୋଦାମ ଘରୁ ସର୍ବଦା ଅଳିଆ ସଫା କରନ୍ତୁ। ପୋକ ସଂକ୍ରମଣ ଘଟିଲେ ସାଇତା ଫସଲ ପାଇଁ ଅନୁମୋଦିତ ନିରାପଦ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଏ। ରବି ଓ ଖରାଦିନିଆ ଚିନାବାଦାମକୁ ପରବର୍ତ୍ତୀ ବର୍ଷା ଦିନିଆ ବିହନ ହିସାବରେ ବ୍ୟବହାର କରନ୍ତୁ।

*–ସହକାରୀ କୃଷି ଅଧିକାରୀ, ଭୁବନେଶ୍ୱର, ମୋ: ୭୨୦୫୦୯୬୦୮୦*

# ନଳିତା କିସମ



ନଳିତା ମାର୍ଚ୍ଚମାସ ଶେଷରୁ ଆରମ୍ଭ କରି ଏପ୍ରିଲ ଶେଷ ପର୍ଯ୍ୟନ୍ତ ବୁଣାଯାଇଥାଏ। ଜେ.ଆର.ଓ -୫୨୪(ନବୀନ) କିସମ ମଧୁର ନଳିତା ଆମ ରାଜ୍ୟ ପାଇଁ ଅନୁମୋଦିତ କିସମ। ଏହା ୧୩୦ରୁ ୧୪୦ ଦିନ ମଧ୍ୟରେ ଅମଳ ହୁଏ ଓ ଏହାର ହଳଦିଆ ଅଷ୍ଟପଦୀ ପୋକ ସହଣୀ ଶକ୍ତି ଅଛି। ଏହି କିସମର ତନ୍ତୁର ମାନ ଉନ୍ନତ ଓ ଏଥରୁ ତନ୍ତୁ ବାହାର କରିବା ମଧ୍ୟ ଖୁବ୍ ସହଜ। ଫସଲରେ କାଣ୍ଡସଢ଼ା ଓ ମୂଳସଢ଼ା ରୋଗ ନ ହେବା ଲାଗି ପ୍ରତିଷେଧକ ସ୍ୱରୂପ ବିହନ ବିଶୋଧନ ନିତାନ୍ତ ଆବଶ୍ୟକ। ଜମିକୁ ଭଲଭାବେ ଗୁଣ୍ଡଚାଷ କରି ଘାସ ବାଛି ଦିଅନ୍ତୁ। ଏକର ପ୍ରତି ୫ଗାଡି ଗୋବର ଖତ ଚାଷ ବେଳେ ପ୍ରୟୋଗ କରନ୍ତୁ। ଶେଷ ଓଡ ଚାଷରେ ଏକର ପ୍ରତି ପିତା ନଳିତାରେ ୧୨ କି.ଗ୍ରା ଯବକ୍ଷାରଜାନ, ୧୨କି.ଗ୍ରା ଫସଫରସ ଓ ୧୨କି.ଗ୍ରା ପଟାସ୍ ଏବଂ ମଧୁର ନଳିତାରେ ୮କି.ଗ୍ରା ଯବକ୍ଷାରଜାନ,୮କି.ଗ୍ରା ଫସଫରସ ଓ ୮କି.ଗ୍ରା ପଟାସ୍ ମୂଳ ସାର ଆକାରରେ ପ୍ରୟୋଗ କରନ୍ତୁ।

# ରାଶିରେ ସାର ପ୍ରୟୋଗ



ରାଶି ୨ରୁ ୩ ସପ୍ତାହର ହୋଇ ଯାଇଥିଲେ କୋଡାଖୁସା କରି ଘାସ ବାଛନ୍ତୁ। ଏକର ପ୍ରତି ୧ କିଗ୍ରା ୟୁରିଆ ସାର ପ୍ରୟୋଗ କରି ହୁଡା ଟେକି ଦିଅନ୍ତୁ। ମାଟିର ବତର ଦେଖି ଜଳସେଚନ କରନ୍ତୁ। କୋଡାଖୁସା, ଘାସ ବଛା ଓ ସାର ପ୍ରୟୋଗ ଆଦି କାମ ମଞ୍ଜି ବୁଣିବାର ୨୫ ଦିନ ଭିତରେ ସାରି ଦିଅନ୍ତୁ। କାରଣ ୨୫ ଦିନ ପରେ ଫୁଲ ଧରିବା ଆରମ୍ଭ ହୁଏ। ପତ୍ରଛଦ୍ଧା ପୋକ ଦେଖାଦେଲେ ଏକର ପ୍ରତି ୪୦୦ ମିଲି ଏଣ୍ଡୋସଲ୍‌ଫାନ୍ ସିଞ୍ଚନ କରନ୍ତୁ।

# ପନିପରିବା



ମେଘୁଆ ପାଗ ହୋଇଥିଲେ କଖାରୁ ଜାତୀୟ ପନିପରିବାରେ ନିମ୍ନମୁଖି ପାଉଁଶିଆ ରୋଗ ଲାଗିବାର ଆଶଙ୍କା ଅଛି। ତା'ର ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ମିଲି ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ। ରସୁଣରେ ପତ୍ରପୋଡ଼ା ରୋଗ ଲାଗିଥିଲେ ତାହାର ନିରାକରଣ ସକାଶେ ଏକର ପିଛା ୬୦୦ଗ୍ରାମ୍ ମାଙ୍କୋଜେବ୍ କବକନାଶକକୁ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

# ମଲ୍ଲୀଫୁଲର କାଣ୍ଟଛାଣ୍ଟ

ମଲ୍ଲୀଗଛର ପୁରୁଣା ଡାଳ, ରୋଗାକ୍ରାନ୍ତ, ଦୁର୍ବଳ ତଥା ମରି ଯାଇଥିବା ଡାଳଗୁଡ଼ିକୁ କାଟିବାକୁ କାଣ୍ଟଛାଣ୍ଟ କୁହାଯାଏ। ଗଛରେ ଅଧିକ କଢ଼ ଧରିବା ଏବଂ ଫୁଲ ଫୁଟିବାରେ କାଣ୍ଟଛାଣ୍ଟର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ବର୍ତ୍ତମାନ ମଲ୍ଲୀଗଛକୁ କାଣ୍ଟଛାଣ୍ଟ କରିବା ପ୍ରକୃଷ୍ଟ ସମୟ। ଗଛର ପ୍ରତ୍ୟେକ ଡାଳକୁ ମାଟି ଉପରୁ ୪୫ରୁ ୫୦ସେ.ମି ରଖି ଅବଶିଷ୍ଟ ଅଂଶ କାଟି ଦିଅନ୍ତୁ। କାଣ୍ଟଛାଣ୍ଟ କରିବା ପରେ କଟାଅଂଶରେ ବୋର୍ଡୋମିକ୍ସଚର କିମ୍ବା କପର ଅକ୍ସିକ୍ଲୋରୋଇଡ୍ ପ୍ରଲେପ ଲଗାନ୍ତୁ।

# ଜାଣିରଖନ୍ତୁ



ଗୋରୁଙ୍କର ସାହାଣ, ବଜବଜିଆ ଓ ଫାଟୁଆ ରୋଗରୁ ରକ୍ଷା ଲାଗି ଏଫ୍.ଏମ୍.ଡି ଭେକ୍ସିନ୍ ଓ ଛେଳିମାନଙ୍କର ପିପିଆର ରୋଗ ଲାଗି ପିପିଆର ପ୍ରତିଷେଧକ ଟିକା ବ୍ୟବସ୍ଥା ଗ୍ରହଣ କରନ୍ତୁ।

-କୁକୁଡ଼ାଙ୍କର ନାଲି ଝାଡ଼ା ହେଉଥିଲେ ଅଧା ଗ୍ରାମ ଫ୍ୟୁରାସଲକୁ ଏକ ଲିଟର ପାଣିରେ ମିଶାଇ ୩ଦିନ ପର୍ଯ୍ୟନ୍ତ ଦିଅନ୍ତୁ। କୁକୁଡ଼ାର ଘୁମା ରୋଗର ନିୟନ୍ତ୍ରଣ ସକାଶେ ୭ଦିନରେ ଲାସୋଟା ପ୍ରତିଷେଧକ ଟିକା ଓ ୧୩-୧୫ଦିନ ଭିତରେ ଆଇ.ବି.ଡି ଟିକା ଆଖିରେ ପକାଇବାର ବ୍ୟବସ୍ଥା କରନ୍ତୁ। ବନରାଜା ଓ ଗ୍ରାମପ୍ରିୟ କୁକୁଡ଼ା ପାଳନ ପ୍ରତି ଲୋକଙ୍କ ଆଗ୍ରହ ବଢୁଥିବା ଯୋଗୁ ଚିଆଁପାଇଁ ଆଞ୍ଚଳିକ ସରକାରୀ କୁକୁଡ଼ା ଫାର୍ମ ସହ ଯୋଗାଯୋଗ କରନ୍ତୁ। ଗୋରୁଙ୍କର ଫାଟୁଆ ରୋଗ ଓ ଛେଳିଙ୍କର ପିପିଆର ରୋଗ ଲାଗି ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରନ୍ତୁ।

# ଟୋକିଓ ଅଲିମ୍ପିକ୍ସ ବର୍ଷେ ଘୁଞ୍ଚିଲା

**ଲାଉସାନେ,୨୪।୩(ଏଏଫ୍‌ପି)**

କୋଭିଡ -୧୯ ସଂକ୍ରମଣକୁ ଦୃଷ୍ଟିରେ ରଖି ବିଶ୍ୱର ସର୍ବବୃହତ୍ କ୍ରୀଡ଼ା ମହାକୁମ୍ଭ ଅଲିମ୍ପିକ୍ସକୁ ଗୋଟିଏ ବର୍ଷ ଘୁଞ୍ଚାଇ ଦିଆଯାଇଛି। କରୋନା ଭାଇରସ୍ ସାରା ବିଶ୍ୱରେ ମହାମାରୀରେ ପରିଣତ ହୋଇଥିବାରୁ ଅଲିମ୍ପିକ୍ସକୁ ବର୍ଷେ ଘୁଞ୍ଚାଇ ଦିଆଯାଇଛି ବୋଲି ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ଘୋଷଣା କରିଛି। ଟୋକିଓରେ ଅଲିମ୍ପିକ୍ସ ପୂର୍ବରୁ ଆସନ୍ତା ଜୁଲାଇ ୨୪ରୁ ଅଗଷ୍ଟ ୯ ତାରିଖ ମଧ୍ୟରେ ଆୟୋଜନ ହେବାର କାର୍ଯ୍ୟକ୍ରମ ଥିଲା।

ଜାପାନ ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେ ଓ ଆଇଓସି ଅଧ୍ୟକ୍ଷ ଥୋମାସ ବାକ୍ ଟେଲିଫୋନରେ ବିସ୍ତୃତ ଭାବେ ଆଲୋଚନା କରି ଶେଷରେ ମିଳିତ ଭାବେ ଏହି ଐତିହାସିକ ନିଷ୍ପତ୍ତି ନେଇଛନ୍ତି। ବିଶ୍ୱରେ ବର୍ତ୍ତମାନ ଶାନ୍ତି ବିରାଜମାନ ଥିବା ବେଳେ ପ୍ରଥମଥର ପାଇଁ ଅଲିମ୍ପିକ୍ସ ଘୁଞ୍ଚାଯାଇଛି। ଏକ ମିଳିତ ବିବୃତିରେ ଆବେ ଓ ବାକ ଏ ନେଇ ଘୋଷଣା କରିଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ସୂଚନାକୁ ପାଥେୟ କରି ଏହି ନିଷ୍ପତ୍ତି ନିଆଯାଇଛି ଓ ଏହି ମେଗା ଇଭେଣ୍ଟକୁ ଘୁଞ୍ଚାଇବାକୁ ନିଷ୍ପତ୍ତି ନିଆଯାଇଛି। ୨୦୨୧ ଗ୍ରୀଷ୍ମ ପୂର୍ବରୁ ଅଲିମ୍ପିକ୍ ଆୟୋଜନ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଆଥଲେଟ ଓ ଅଲିମ୍ପିକ୍ ସହ ଜଡିତ ଥିବା ଲୋକଙ୍କ ସ୍ୱାସ୍ଥ୍ୟ ଓ ନିରାପତ୍ତାକୁ ଦୃଷ୍ଟିରେ ରଖି ଏପରି ନିଷ୍ପତ୍ତି ନେବାକୁ ହେଲା ବୋଲି ବିବୃତିରେ କୁହାଯାଇଛି।

ଏହାପୂର୍ବରୁ ଆବେ ଅଲିମ୍ପିକ୍ସ ଘୁଞ୍ଚାଇବାକୁ ପ୍ରସ୍ତାବ ଦେଇଥିଲେ। ଏହି ମେଗା ଇଭେଣ୍ଟ ଘୁଞ୍ଚାଇବାକୁ ଆଇଓସି ଉପରେ ବିଭିନ୍ନ ମହଲରୁ ମଧ୍ୟ ଚାପ ପଡୁଥିଲା। ଆଇଓସି ମଧ୍ୟ ଗୋଟିଏ ମାସ ପରେ ଏ ସଂକ୍ରାନ୍ତରେ ଅନ୍ତିମ ନିଷ୍ପତ୍ତି ନେବ ବୋଲି କହିଥିଲା। ତେବେ ବିଶ୍ୱବ୍ୟାପୀ ବିଭିନ୍ନ ଆଥଲେଟ, କ୍ରୀଡ଼ା ସଂଗଠନ, ଦଳ ଅଲିମ୍ପିକ ଘୁଞ୍ଚାଇବାକୁ ଦାବି କରିଆସୁଥିଲେ। ସୋମବାର ଅଷ୍ଟ୍ରେଲିଆ, କାନାଡ଼ା ଭଳି ଦେଶ ଅଲିମ୍ପିକ୍ସରୁ ଓହରିଯିବାକୁ ନିଷ୍ପତ୍ତି ନେଇଥିଲେ। ଶେଷରେ ବାକ୍ ମୁଣ୍ଡ ନୁଆଇଁ ଓ ଏହି ପ୍ରସ୍ତାବରେ ରାଜି ହୋଇଛନ୍ତି। ଏହା ପୂର୍ବରୁ ଆବେଙ୍କ ବାସଭବନରେ କ୍ୟାବିନେଟ ବୈଠକ ବସିଥିଲା। ମହାମାରୀ ଭୟଙ୍କର ରୂପ ନେଇଥିବା ବେଳେ ଏତିକି ବେଳେ ଅଲିମ୍ପିକ୍ ଆୟୋଜନ ସମ୍ଭବ ନୁହଁ ଓ ଏବେ ଅଲିମ୍ପିକକୁ ସ୍ଥଗିତ ରଖିବା ଛଡ଼ା ଅନ୍ୟ କୌଣସି ବିକଳ୍ପ ନାହିଁ ବୋଲି ଆବେ କହିଥିଲେ। ଉଲ୍ଲେଖଥାଉ କି, ଏହାପୂର୍ବରୁ ଅଲିମ୍ପିକ୍ ଆୟୋଜନ ନେଇ ଗୋଟିଏ ମାସ ପରେ ଅନ୍ତିମ ନିଷ୍ପତ୍ତି ନିଆଯିବ ବୋଲି ଆଇଓସି କହିଥିଲା। ବାକ୍ ଆମ ପ୍ରସ୍ତାବରେ ଶତପ୍ରତିଶତ ରାଜି ହୋଇଥିଲେ ବୋଲି ଆବେ କହିଛନ୍ତି। ଅଲିମ୍ପିକ୍ ଜ୍ୟୋତି ଜାପାନରେ ରହିବ। ବର୍ଷେ ଘୁଞ୍ଚାଯାଇଥିଲେ ମଧ୍ୟ ଏହି ମେଗା ଇଭେଣ୍ଟ ଅଲିମ୍ପିକ୍ସ ଓ ପାରା ଅଲିମ୍ପିକ ଗେମ୍ସ ଟୋକିଓ ୨୦୨୦ ରୂପେ ଜଣାଯିବ। ପୂର୍ବରୁ

ଏହି ଭାଇରସ୍‌କୁ ରୋକିବା ପାଇଁ ସାରା ବିଶ୍ୱରେ ୧.୭ ବିଲିୟନ ଲୋକ ସାମାଜିକ ଦୂରତ୍ୱ ବଜାୟ ରଖିବା ପାଇଁ ବାହାରକୁ ବାହାରିନାହାନ୍ତି। ଏହି ଭାଇରସ କାରଣରୁ ବିଶ୍ୱରେ ଏପର୍ଯ୍ୟନ୍ତ ୧୭,୦୦୦ ଲୋକ ମୃତ୍ୟୁ ବରଣ କରିଥିବା ବେଳେ ୩,୭୭,୦୦୦ ଲୋକ ସଂକ୍ରମିତ ହୋଇଛନ୍ତି। ୧୯୪୮ ପରେ ପ୍ରଥମଥର ପାଇଁ ଅଲିମ୍ପିକକୁ ସ୍ଥଗିତ ରଖାଯାଇଛି। ପୂର୍ବରୁ ଏହି କ୍ରୀଡ଼ା ମହାକୁମ୍ଭ ବଏକଟ, ଆତଙ୍କବାଦୀ ଆକ୍ରମଣ ଓ ବିକ୍ଷୋଭ ଦ୍ୱାରା ପ୍ରଭାବିତ ହୋଇଥିଲେ ମଧ୍ୟ ପ୍ରତି ୪ ବର୍ଷରେ ଥରେ ଆୟୋଜିତ ହୋଇଆସୁଛି।




ଥୋମାସ ବାକ୍ ଓ ସିଞ୍ଜୋ ଆବେ।

## କେବଳ ଯୁଦ୍ଧ ପାଇଁ ୩ ଥର ବାତିଲ

**ଟୋକିଓ, ୨୪।୩ (ଏଏଫ୍‌ପି)**

ଅଲିମ୍ପିକ୍ସ ଯେତେଥର ଅବା ସମ୍ପୂର୍ଣ୍ଣ ବାତିଲ ହୋଇଛି କେବଳ ଯୁଦ୍ଧ କାରଣରୁ। ଏହାଛଡ଼ା ରାଜନୈତିକ କାରଣରୁ ୧୯୮୦ରେ ମସ୍କୋ ଗେମ୍ସ ଏବଂ ସନ୍ତ୍ରାସବାଦ କାର୍ଯ୍ୟକଳାପ ପାଇଁ ୧୯୭୨ରେ ମ୍ୟୁନିକ୍ ଗେମ୍ସ ପ୍ରଭାବିତ ହୋଇଥିଲା। ଏଥର କରୋନା ଭାଇରସ୍ ସଂକ୍ରମଣ ଆଶଙ୍କାରେ ମଙ୍ଗଳବାର ଅଲିମ୍ପିକ୍ସକୁ ୨୦୨୧ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ ନିଷ୍ପତ୍ତି ହୋଇଛି। ବିଶ୍ୱରେ ଯୁଦ୍ଧ ପରିସ୍ଥିତିକୁ ନେଇ ୧୯୧୬ ବର୍ଲିନ, ୧୯୪୦ ଟୋକିଓ ଏବଂ ୧୯୪୪ ଲଣ୍ଡନ ଗେମ୍ସକୁ ବାତିଲ କରିବାକୁ ପଡ଼ିଥିଲା।



### ବର୍ଲିନ ୧୯୧୬

ଷ୍ଟକ୍‌ହୋମ୍‌ଠାରେ ୧୯୧୨ ଜୁଲାଇ ୪ରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ବୈଠକରେ ୬ଷ୍ଠ ଅଲିମ୍ପିକ ଗେମ୍ସ ଆୟୋଜନ ଜର୍ମାନୀର ବର୍ଲିନକୁ ମିଳିଥିଲା। ୩୩,୦୦୦ ଆସନ କ୍ଷମତା ବିଶିଷ୍ଟ ଆକର୍ଷଣୀୟ ଉଦ୍‌ଘାଟନୀ ଷ୍ଟାଡିୟମ ମାତ୍ର ୨୦୦ ଦିନ ମଧ୍ୟରେ ନିର୍ମିତ ହୋଇଥିଲା। ପ୍ରଥମ ଥର ମହିଳାମାନଙ୍କୁ ସୁଇମିଂ, ଡାଇଭିଂ, ଟେନିସ ଓ ନେଟ୍ ବଲ୍‌ରେ ଅଂଶଗ୍ରହଣ କରିବା ଲାଗି ଆମନ୍ତ୍ରଣ କରାଯାଇଥିଲା। ୧୯୧୪ ଜୁନ୍ ୨୭ ଓ ୨୮ରେ ଦୁଇଟି ଟେଷ୍ଟ ଇଭେଣ୍ଟ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଦିବସରେ ଅଷ୍ଟ୍ରିଆର ଆର୍କଡ୍ୟୁକ୍ ଫ୍ରାଙ୍କ୍ ଫର୍ଦ୍ଦିନାଣ୍ଡ ଓ ତାଙ୍କ ସ୍ତ୍ରୀଙ୍କୁ ସାରାଜେଭୋଠାରେ ହତ୍ୟା କରାଯାଇଥିଲା। ପରେ ଏହିଭଳି କିଛି ହତ୍ୟାକାଣ୍ଡ ପରେ ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଯାଇଥିଲା।

### ଟୋକିଓ ୧୯୪୦

ଟୋକିଓ ଅଲିମ୍ପିକ୍ସ ୧୯୪୦ ମଧ୍ୟ ଯୁଦ୍ଧଜନିତ କାରଣରୁ ବାତିଲ ହୋଇଥିଲା। ଦେଶକୁ ଗେମ୍ସ ଆୟୋଜନ ଅଧିକାର ଆଣିଦେବା କ୍ଷେତ୍ରରେ ଜାପାନର କିମ୍ବଦନ୍ତୀ ବ୍ୟକ୍ତିତ୍ୱ ଜିଗୋରୋ କାନୋ ବିଶେଷ ଭୂମିକା ଗ୍ରହଣ କରିଥିଲେ। କାନୋ ହେଉଛନ୍ତି ଜୁଡୋର ପ୍ରତିଷ୍ଠାତା ଏବଂ ଦେଶରେ ପ୍ରଥମ ଆଇଓସି ସଦସ୍ୟ ଥିଲେ। ଗେମ୍ସ ଅଧିକାର ହାସଲ କରିବା ପାଇଁ ସେ ଜୋର୍‌ଦାର ଲବି କରିଥିଲେ। ଏପରିକି ଦୌଡ଼ରୁ ଓହରିଯିବା ଲାଗି ସେ ଇଟାଲୀର ଏକଚ୍ଛତ୍ରବାଦ ଶାସକ ବେନିଟୋ ମୁସୋଲିନିଙ୍କୁ ପ୍ରବର୍ତ୍ତାଇଥିଲେ। ୧୯୨୩ରେ ବଡ଼ ଧରଣର ଭୂମିକମ୍ପ ଯୋଗୁ ଜାପାନ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଥିଲା। ଏଥିରୁ ଉଦ୍ଧାର ପାଇ ଦେଶ ପୁଣି ଶକ୍ତିଶାଳୀ ହୋଇ ଉଭା ହୋଇଛି। ଅଲିମ୍ପିକ୍ସର ସଫଳ ଆୟୋଜନ ଦ୍ୱାରା ଜାପାନ ବିଶ୍ୱ ଦରବାରେ ପ୍ରମାଣ କରି ଦେଖାଇବାକୁ ଚାହୁଁଥିଲା। ମାତ୍ର ଘଟଣାକ୍ରମେ ୧୯୩୭ରେ ଚାଇନା ସହ ଜାପାନର ଯୁଦ୍ଧ ହେଲା। ଅଲିମ୍ପିକ୍ସ ପାଇଁ ଉଦ୍ଦିଷ୍ଟ ପାଣ୍ଠିରୁ କିଛି ଅଂଶ ଯୁଦ୍ଧ କ୍ଷେତ୍ରରେ ବ୍ୟୟ ହେଲା। ଏଥିପାଇଁ ଜାପାନ ସରକାରଙ୍କୁ ସମାଲୋଚିତ ହେବାକୁ ପଡ଼ିଲା। ପରିସ୍ଥିତି ଏପରି ହେଲା ଯେ, ଜାପାନ ଅଲିମ୍ପିକ କମିଟି ୧୯୩୮ରେ ଗେମ୍ସ ଆୟୋଜନ ନେଇ ଆଇଓସି ନିକଟରେ ଏହାର ଅକ୍ଷମତା ପ୍ରକାଶ କଲା। ପରବର୍ତ୍ତୀକାଳରେ ୧୯୬୪ରେ ଏସିଆର ପ୍ରଥମ ସହର ଭାବେ ଟୋକିଓ ସଫଳତାର ସହିତ ଅଲିମ୍ପିକ୍ସ ଆୟୋଜନ କରିଥିଲା।

### ଲଣ୍ଡନ ୧୯୪୪

ଲଣ୍ଡନରେ ୧୯୩୯ରେ ଅନୁଷ୍ଠିତ ଆଇଓସି ବୈଠକରେ ସହରକୁ ୧୯୪୪ ଅଲିମ୍ପିକ୍ସ ଆୟୋଜନ ଅଧିକାର ମିଳିଥିଲା। ରୋମ୍ ଡେଟ୍ରଏଟ୍, ଲାଉସାନେ ଓ ଏଥେନ୍ସକୁ ପଛରେ ପକାଇ ଲଣ୍ଡନ ବିଡ୍ ହାସଲ କରିଥିଲା। ମାତ୍ର ଏହାର ମାତ୍ର ୩ ମାସ ପରେ ଜର୍ମାନୀ ବିରୋଧରେ ବ୍ରିଟେନ୍ ଯୁଦ୍ଧ ଘୋଷଣା କରିଥିଲା ଯାହାଫଳରେ ଆଉ ଗେମ୍ସ ଆୟୋଜନ ସମ୍ଭବପର ହୋଇ ନ ଥିଲା।

## ସଂକ୍ଷେପରେ

### ଅଲିମ୍ପିକ୍ସ ମଶାଲ ରିଲେ ସ୍ଥଗିତ ରହିଲା



**ଟୋକିଓ,୨୪।୩ (ଏଏଫ୍‌ପି):** ଟୋକିଓରେ ଆୟୋଜନ ହେବାକୁ ଥିବା ଅଲିମ୍ପିକ୍ସର ୩୨ତମ ସଂସ୍କରଣକୁ ଘୁଞ୍ଚାଇ ଦିଆଯାଇଥିବା ବେଳେ ଏହାର ମାଶାଲ ରିଲେକୁ ମଧ୍ୟ ସ୍ଥଗତି ରଖାଯାଇଛି। ଗୁରୁବାରଠାରୁ ଉତ୍ତରପୂର୍ବ ଜାପାନର ଫୁକୁଶିମାରେ ମଶାଲ ରିଲେ ଆରମ୍ଭ ହେବାର କାର୍ଯ୍ୟକ୍ରମ ଥିଲା। ଆସନ୍ତା ୨୬ ତାରିଖରେ ଆରମ୍ଭ ହେବାକୁ ଥିବା ମଶାଲ ରିଲେ ଆରମ୍ଭ ହେବ ନାହିଁ ବୋଲି ଟୋକିଓ ୨୦୨୦ ଅଧକ୍ଷ ୟୋଶିରୋ ମୋରି କହିଛନ୍ତି। ଏବେ ଅଲିମ୍ପିକ ଜ୍ୟୋତି ଫୁକୁଶିମାରେ ହିଁ ରହିବ। ତେବେ ଏହା ଫୁକୁଶିମାରେ କେତେ ଦିନ ରହିବ ସେ ନେଇ ସେ କିଛି ସ୍ପଷ୍ଟ କରିନାହାନ୍ତି। ଉଲ୍ଲେଖଥାଉ କି, ୨୦୧୧ ଭୟଙ୍କର ଭୂମିକମ୍ପ ଅସିଥିଲା। ଏହାଫଳରେ ସୁନାମି ଓ ପରମାଣୁ ଦୁର୍ଘଟଣା କାରଣରୁ ଫୁକୁଶିମା ସହର ସମ୍ପୂର୍ଣ୍ଣ ରୂପେ ଧ୍ୱଂସ ପାଇଥିଲା।

### ତୁର୍କୀ ଫୁଟ୍‌ବଲ ଆଇକନ୍ ତାରିମ୍ କରୋନା ସଂକ୍ରମିତ

**ଇସ୍ତାନବୁଲ୍, ୨୪।୩ (ଏଏଫ୍‌ପି):** ତୁର୍କୀ ଫୁଟ୍‌ବଲ ଆଇକନ୍ ଫାତି ତାରିମ୍ କରୋନା ଭାଇରସ୍‌ରେ ଆକ୍ରାନ୍ତ ହୋଇଛନ୍ତି। ବର୍ତ୍ତମାନ ସେ ଇସ୍ତାନବୁଲ୍‌ର ବଡ଼ ଫୁଟ୍‌ବଲ କ୍ଲବ ଗାଲାଟାସାରେର ମ୍ୟାନେଜର ଅଛନ୍ତି। ମଙ୍ଗଳବାର କୋଭିଡ୍-୧୯ ପାଇଁ ହୋଇଥିବା ଟେଷ୍ଟରେ ତାରିମ୍‌ଙ୍କର ପଜିଟିଭ ଆସିଥିଲା। ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେ ଶୀଘ୍ର ସୁସ୍ଥ ହୋଇ ଫେରିବେ ବୋଲି ଆଶା ପ୍ରକାଶ କରି କହିଛନ୍ତି। ୬୬ ବର୍ଷୀୟ ତାରିମ୍ 'ଏମ୍ପରର୍' ନାମରେ ପରିଚିତ। ଗାଲାଟାସାରେର ସେ ୩ଟି ପର୍ଯ୍ୟାୟ (୧୯୯୬-୨୦୦୦, ୨୦୦୨-୨୦୦୪ ଓ ୨୦୧୧-୨୦୧୩ କୋଚ୍ ରହି ଆସିଛନ୍ତି। ସେ ୨୦୧୭ ଡିସେମ୍ବରରେ ଚତୁର୍ଥ ଥର ପାଇଁ ଦାୟିତ୍ୱ ନେଇଛନ୍ତି। ତୁର୍କୀରେ ୧,୫୨୯ଜଣ କରୋନା ଭାଇରସ୍ ଦ୍ୱାରା ସଂକ୍ରମିତ ହୋଇସାରିଛନ୍ତି। ୩୭ ଜଣ ଲୋକ ଇତିମଧ୍ୟରେ ପ୍ରାଣ ହରାଇ ସାରିଲେଣି।

### ଚାମ୍ପିୟନ୍ସ ଲିଗ୍, ୟୁରୋପା ଲିଗ୍ ଫାଇନାଲ୍ସ ଘୁଞ୍ଚିଲା

**ନିୟନ,୨୪।୩(ଏଏଫ୍‌ପି):** ବିଶ୍ୱରେ କୋଭିଡ- ୧୯ ବା କରୋନା ଭାଇରସ ମହାମାରୀ ରୂପେ ଆତଙ୍କ ସୃଷ୍ଟି କରିଥିବାରୁ ୟୁନିୟନ ଅଫ୍ ୟୁରୋପିଆନ ଫୁଟବଲ ଆସୋସିଏଶନ (ୟୁଇଏଫ୍‌ଏ) ଏକ ବଡ଼ ଘୋଷଣା କରିଛି। ଆସନ୍ତା ମେ'ରେ ଆୟୋଜନ ହେବାକୁ ଥିବା ହାଇପ୍ରୋଫାଇଲ ଚାମ୍ପିୟନ୍ସ ଲିଗ୍, ୟୁରୋପା ଲିଗ୍ ଓ ମହିଳା ଚାମ୍ପିୟନ୍ସ ଲିଗକୁ ଘୁଞ୍ଚାଇବାକୁ ଘୋଷଣା କରିଛି। ତେବେ ଏହି ଲିଗ୍ ପୁଣି କେବେ ଆୟୋଜନ ହେବ ସେ ନେଇ କୌଣସି ଘୋଷଣା କରାଯାଇ ନାହିଁ। ୟୁରୋପୀୟ ଫୁଟବଲର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ୟୁଇଏଫ୍‌ଏ ନୂଆ ନୋଟିସ ଜାରି ନ କରାଯିବା ପର୍ଯ୍ୟନ୍ତ ଏହି ସବୁ ପ୍ରତିଯୋଗିତା ରହିଲା ବୋଲି କହିଛି। ଏବେଠାରୁ କିଛି ନିଷ୍ପତ୍ତି ନେବା ବା ଘୋଷଣା କରିବା ଠିକ୍ ହେବ ନାହିଁ ବୋଲି ସେଫେରିନ କହିଛନ୍ତି।

### ଆଇସୋଲେଶନରେ ମ୍ୟାକ୍‌କ୍ୟାର୍ଥି

**ଲଣ୍ଡନ,୨୪।୩ (ଏଏଫ୍‌ପି):** ଆୟର୍ଲାଣ୍ଡ ଫୁଟ୍‌ବଲ ମ୍ୟାନେଜର ମିକ୍ ମ୍ୟାକ୍‌କ୍ୟାର୍ଥି ଓ ତାଙ୍କ ସ୍ତ୍ରୀ ଫିଓନା ବ୍ରୋମ୍‌ଲିସ୍ଥିତ ନିଜ ବାସଭବନରେ ସେଲ୍‌ଫ ଆଇସୋଲେଶନରେ ଅଛନ୍ତି। ୬୧ବର୍ଷୀୟ ମ୍ୟାକ୍‌କ୍ୟାର୍ଥି କହିଛନ୍ତି ତାଙ୍କର ଦୁଇ ପଡୋଶୀ ପୀଡ଼ିତ ଥିବା ଜଣାପଡ଼ିବା ପରେ ସେ ଓ ତାଙ୍କ ସ୍ତ୍ରୀ ସେଲ୍‌ଫ ଆଇସୋଶେନରେ ରହିବାକୁ ନିଷ୍ପତ୍ତି ନେଇଥିଲେ। ମ୍ୟାକ୍‌କ୍ୟାର୍ଥି ଦ୍ୱିତୀୟ ଥର ପାଇଁ ଆୟର୍ଲାଣ୍ଡ ଫୁଟ୍‌ବଲ ଟିମ୍‌ର ମ୍ୟାନେଜର ହୋଇଛନ୍ତି।

## ହସ୍ପିଟାଲରେ ପରିଣତ ହେଲା ସାଓ ପାଉଲ ଷ୍ଟାଡିୟମ

**ସାଓ ପାଉଲ, ୨୪।୩ (ଏପି)**

ପ୍ରାଣଘାତୀ କରୋନା ଭାଇରସ୍ ସାରା ବିଶ୍ୱରେ ଏହାର ଆତଙ୍କ ଖେଳାଇ ଚାଲିଛି। ଏହାକୁ ମୁକାବିଲା କରିବା ପାଇଁ ବ୍ରାଜିଲ ସାଓ ପାଉଲସ୍ଥିତ ପାକାଏମ୍ବୁ ଷ୍ଟାଡିୟମକୁ ଓପନ୍-ଏୟାର ହସ୍ପିଟାଲରେ ପରିଣତ କରାଯାଇଛି। କରୋନା ଭାଇରସ୍‌ରେ ଆକ୍ରାନ୍ତ ବ୍ୟକ୍ତିଙ୍କ ଚିକିତ୍ସା ଏଠାରେ କରାଯିବ। ୪୫ ହଜାର ଦର୍ଶକ କ୍ଷମତା ବିଶିଷ୍ଟ ଏହି ଷ୍ଟାଡିୟମରେ ୨୦୦ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ ଚିକିତ୍ସିତ ହୋଇପାରିଲା ଭଳି ବ୍ୟବସ୍ଥା କରାଯିବ। ଏହାକୁ ଆଗାମୀ ୧୦ ଦିନ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ନିର୍ମାଣର ୨ୟ ଦିନ ସୁଦ୍ଧା ସାଓ ପାଉଲ ଷ୍ଟାଡିୟମରେ ତାର ଓ କେବୁଲ ପହଞ୍ଚି ସାରିଛି। ବ୍ରାଜିଲର ଏହି ବଡ଼ ସହରର କିଛି ପ୍ରମୁଖ ହସ୍ପିଟାଲ ପାଖରେ ଏହି ଷ୍ଟାଡିୟମ ରହିଛି। ଯାହାକି ଦେଶରେ ଏହି ବେମାରୀର କେନ୍ଦ୍ର। ୨୦୧୪ ଫିଫା ବିଶ୍ୱକପ୍ ସମୟରେ ମ୍ୟାଚ୍ ଆୟୋଜନ ହୋଇଥିବା ସମସ୍ତ ଷ୍ଟାଡିୟମକୁ ଏହିଭଳି ଓପନ୍ ଏୟାର ହସ୍ପିଟାଲ ଓ ସ୍ୱାସ୍ଥ୍ୟ କେନ୍ଦ୍ର କରିବା ପାଇଁ ପ୍ରସ୍ତାବ ଦିଆଯାଇଛି। ଏଠାରେ ପ୍ରକାଶଯୋଗ୍ୟ, ସୋମବାର ଅପରାହ୍ନ ସୁଦ୍ଧା ବ୍ରାଜିଲରେ ୧୬୦୦ ବ୍ୟକ୍ତି କରୋନା ଭାଇରସ୍‌ରେ ଆକ୍ରାନ୍ତ ହୋଇଥିବା ସ୍ପଷ୍ଟ ହୋଇଛି। ଏଥିରେ ୨୫ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି।

## ଇଂଲିଶ ଶିକ୍ଷା, ବହି ପଢ଼ାରେ ସମୟ କଟୁଛି

**ନୂଆ ଦିଲ୍ଲୀ, ୨୪।୩ (ପି.ଟି.)**



ଭାରତୀୟ ହକି ଦଳର ଖେଳାଳିମାନେ।

କୋଭିଡ-୧୯ କାରଣରୁ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ସେଣ୍ଟରକୁ ପୂରା ବନ୍ଦ କରାଯାଇଛି। ଫଳରେ ଭାରତୀୟ ହକି ଖେଳାଳିମାନେ ପର୍ଯ୍ୟାପ୍ତ ପରିମାଣର ସମୟ ପାଇଛନ୍ତି। ସମୟ ବିତାଇବା ପାଇଁ ଏମାନେ ଇଂଲିଶ ଭାଷା ଶିକ୍ଷା କରୁଛନ୍ତି ଓ ବହି ପଢୁଛନ୍ତି। କେବଳ ସେତିକି ନୁହଁ ଖେଳାଳିମାନେ ସେମାନଙ୍କ ଫେଭରାଇଟ୍ ମୁଭି ମଧ୍ୟ ଦେଖୁଛନ୍ତି।

ଭାରତୀୟ ମହିଳା ଓ ପୁରୁଷ ହକି ଦଳ ଏବେ ବେଙ୍ଗାଲୁରୁ ସ୍ଥିତ ସାଇ ସେଣ୍ଟରରେ ଅଭ୍ୟାସ କରୁଛନ୍ତି। ତେବେ କରୋନା ଭାଇରସ୍ କାରଣରୁ କୌଣସି ଅବାଞ୍ଛିତ ବ୍ୟକ୍ତିଙ୍କୁ ସେଣ୍ଟର ଭିତରକୁ ପୂରାଇ ଦିଆଯାଉ ନାହିଁ। ଖେଳାଳିମାନେ କଠିନ ପରିଶ୍ରମ ଜାରି ରଖିଛନ୍ତି। ଅଭିଜ୍ଞ ଗୋଲକିପର ପି.ଆର. ଶ୍ରୀଜେସ ବହି ପଢୁଛନ୍ତି। ରବିବାର ଓ ବୁଧବାର ସନ୍ଧ୍ୟାରେ ଆମେ ଯଥେଷ୍ଟ ସମୟ ପାଉଛୁ। ଫିଟନେସ ଓ ରିକଭରୀ ଉପରେ ଆମେ କାର୍ଯ୍ୟ କରୁଛୁ। ସେହିପରି ମନଦୀପ ସିଂ ସ୍ପୋକନ ଇଂଲିଶ ଉପରେ କାର୍ଯ୍ୟ କରୁଛନ୍ତି। ଦଳର ଆନାଲିଟିକାଲ କୋଚ୍ କ୍ରିସ୍ ସିରିଏଲୋ ସପ୍ତାହରେ ଥରେ ଇଂଲିଶ କ୍ଲାସ ନେଉଛନ୍ତି। ଭାରତୀୟ ମହିଳା ଖେଳାଳିମାନେ ମଧ୍ୟ ସାମାଜିକ ଦୂରତା ରକ୍ଷାକୁ ଗୁରୁତ୍ୱ ଦେଉଛନ୍ତି। ବ୍ୟାୟାମ କରିବା ପୂର୍ବରୁ ଆମେ ଜିମ୍‌କୁ ସାନିଟାଇଜ କରୁଛୁ ବୋଲି ନବନୀତ କୌର କହିଛନ୍ତି। ଗତ ସପ୍ତାହରେ ଆମେ ପାନିପଥ, ପ୍ୟାର କା ପଞ୍ଚନାମା ଓ ୱାର ଭଳି ସିନେମା ମିଟିଂ ରୁମ୍‌ରେ ଦେଖି ବେଶ୍ ମଜା ନେଇଥିଲୁ ବୋଲି ସେ କହିଛନ୍ତି।

## 'ଆଇପିଏଲକୁ ନେଇ ମୋ ପାଖରେ ଉତ୍ତର ନାହିଁ'

**ନୂଆଦିଲ୍ଲୀ, ୨୪।୩ (ପି.ଟି.):** ବିଶ୍ୱର ସବୁଠାରୁ ବ୍ୟୟବହୁଳ ଟି୨୦ କ୍ରିକେଟ୍ ଟୁର୍ନାମେଣ୍ଟ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ତ୍ରୟୋଦଶ ସଂସ୍କରଣକୁ ନେଇ ମୋ ପାଖରେ କୌଣସି ଉତ୍ତର ନାହିଁ। ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର



ସଭାପତି ସୌରଭ ଗାଙ୍ଗୁଲି ମଙ୍ଗଳବାର ଏକ ସାକ୍ଷାତ୍‌କାର ଅବସରରେ ଏହା କହିଛନ୍ତି। ପୂର୍ବରୁ କରୋନା ଭାଇରସ୍‌କୁ ନଜରରେ ରଖି ବିସିସିଆଇ ଆଇପିଏଲ୍-୧୩କୁ ଏପ୍ରିଲ ୧୫ ପର୍ଯ୍ୟନ୍ତ ଘୁଞ୍ଚାଇ ଦେଇଥିଲା। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଏହା ପ୍ରଥମେ ମାର୍ଚ୍ଚ ୨୯ରୁ ଆରମ୍ଭ ହେବାର ଥିଲା। ଏହି ମାରାତ୍ମକ ଭାଇରସ ଲାଗି ଭାରତ ସରକାର ରାଜନୈତିକ ଓ ନିଯୁକ୍ତି ସମ୍ବନ୍ଧୀୟକୁ ଛାଡ଼ି ବାକି ସମସ୍ତ ଭିଜା ଉପରେ ପ୍ରତିବନ୍ଧକ ଲଗାଇଥିଲେ। ଫଳରେ ବିଦେଶୀ ଖେଳାଳି ଆଇପିଏଲ୍‌ରେ ଅଶଂଗ୍ରହଣ କରିବା ନେଇ ରାସ୍ତା ବନ୍ଦ ହୋଇଯାଇଥିଲା।

'ଏଭଳି ସମୟରେ ମୁଁ କିଛି କହିପାରିବି ନାହିଁ। ପୂର୍ବରୁ ଆଇପିଏଲ୍ ସ୍ଥଗିତ ଦିନ ଯେଉଁଠି ଥିଲୁ, ଆମେ ଆଜି ମଧ୍ୟ ସେହି ସ୍ଥାନରେ ରହିଛୁ। ଗତ ୧୦ ଦିନ ହେବ କୌଣସି ପରିବର୍ତ୍ତନ ହୋଇନାହିଁ। ତେଣୁ ମୋ ପାଖରେ ଏହାର ଉତ୍ତର ନାହିଁ' ବୋଲି ଗାଙ୍ଗୁଲି ଏକ ସାକ୍ଷାତକାରରେ କହିଛନ୍ତି। ବିଶ୍ୱବ୍ୟାପୀ ବର୍ତ୍ତମାନର ସ୍ଥିତିକୁ ନଜରରେ ରଖି ଭାରତୀୟ କ୍ରିକେଟ୍ ଦଳର ଏହି ପୂର୍ବତନ ଅଧିନାୟକ ଆହୁରି ମଧ୍ୟ କହିଛନ୍ତି ଯେ ଆଗାମୀ ୩/୪ ମାସ ଲାଗି କୌଣସି ଯୋଜନା ମଧ୍ୟ ପ୍ରସ୍ତୁତ କରିହେବ ନାହିଁ। ସେହିଭଳି ବୀମାରାଶି ମିଳିବା ନେଇ ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି। କାହିଁକି ନା ଏହା ସରକାରଙ୍କ ଦ୍ୱାରା ଲକ୍‌ଡାଉନ୍ ହୋଇଛି। ସରକାରଙ୍କ ଦ୍ୱାରା ହୋଇଥିବା ଲକ୍‌ଡାଉନରେ ବୀମା ରାଶି କଭର୍ ହୋଇଥାଏ କି ନାହିଁ ତାହା ନିଶ୍ଚିତ ନୁହେଁ ବୋଲି ଗାଙ୍ଗୁଲି ଏହି ଅବସରରେ କହିଛନ୍ତି। ବିଶ୍ୱର ସବୁଠାରୁ ବିତ୍ତଶାଳୀ କ୍ରିକେଟ୍ ବୋର୍ଡ ବିସିସିଆଇ ବର୍ତ୍ତମାନ ସୁଦ୍ଧା କରୋନା ଭାଇରସ୍ ସହ ମୁକାବିଲା କରିବା ପାଇଁ କୌଣସି ସହାୟତା ଘୋଷଣା କରିନାହିଁ। ' ଜୟ (ଜୟ ଶାହା, ବିସିସିଆଇ ସମ୍ପାଦକ)ଙ୍କ ସହ କୌଣସି ଆଲୋଚନା କରିନାହିଁ। ଦେଖାଯାଉ, ଆମେ ସ୍ଥିତିର ଆକଳନ ଏବଂ ନିର୍ଦ୍ଦେଶର ଅନୁପାଳନ କରିବୁ। ଦେଖିବୁ କ'ଣ ହୋଇପାରୁଛି' ବୋଲି ଗାଙ୍ଗୁଲି ପ୍ରକାଶ କରିଛନ୍ତି। ଯଦି ରାଜ୍ୟ ସରକାର ଚାହିଁବେ ତାହେଲେ ଇଡେନ ଗାର୍ଡେନ୍ସ ଇନ୍‌ଡୋର ସୁବିଧା ସୁଯୋଗ ଏବଂ ଖେଳାଳିଙ୍କ ହଷ୍ଟେଲକୁ ସାମୟିକ ମେଡିକାଲ ପାଇଁ ଯୋଗାଇ ଦେବାକୁ ପ୍ରସ୍ତୁତ ରହିଛୁ।



## ଏଭଳି ଦିନ ଆସିବ କେବେ ଭାବି ନ ଥିଲି: ଗାଙ୍ଗୁଲି

**କୋଲକାତା, ୨୪।୩ (ପି.ଟି.):** ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ସଭାପତି ତଥା ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି କୋଲକାତାର ଜନଶୂନ୍ୟ ସହରକୁ ଦେଖି ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। 'ମୋ ସହରକୁ ଏହିଭଳି ଦେଖିବି ବୋଲି କେବେ ଭାବି ନ ଥିଲି। ସୁରକ୍ଷିତ ରୁହ। ଖୁବ୍‌ଶୀଘ୍ର ପରିବର୍ତ୍ତନ ଆସିବ' ବୋଲି ଗାଙ୍ଗୁଲି ନିଜ ଟୁଇଟର୍ ଆକାଉଣ୍ଟରେ ଉଲ୍ଲେଖ କରିଛନ୍ତି।

ଏହି ଅବସରରେ ଗାଙ୍ଗୁଲି କୋଲକାତା ସହରର କିଛି ପ୍ରମୁଖ ସ୍ଥାନର ଶୂନ୍‌ଶାନ୍ ରାସ୍ତାର ଫଟୋ ମଧ୍ୟ ପୋଷ୍ଟ କରିଛନ୍ତି। ବିଶ୍ୱରେ ମହାମାରୀ ରୂପ ନେଇଥିବା କରୋନା ଭାଇରସ୍ ଲାଗି ଭାରତର ଅଧିକାଂଶ ସହରକୁ ସରକାର ଲକ୍ ଡାଉନ (ତାଲା ବନ୍ଦ) ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି କାରଣରୁ ପଶ୍ଚିମବଙ୍ଗର ଅଧିକାଂଶ ସହର ମଧ୍ୟ ଲକ୍ ଡାଉନ୍‌ରେ ରହିଛି। ଫଳରେ ଜନସାଧାରଣ ଘରୁ ବାହାରକୁ ବାହାରି ପାରୁନାହାନ୍ତି। ଏହି ପ୍ରାଣଘାତୀ ଭାଇରସ୍ ଲାଗି ଭାରତରେ ବର୍ତ୍ତମାନ ସୁଦ୍ଧା ୫୦୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଆକ୍ରାନ୍ତ ହୋଇସାରିଛନ୍ତି। ସେହିଭଳି ରିପୋର୍ଟ ଲେଖାହେବା ସୁଦ୍ଧା ଦେଶରେ ୯ଜଣ ବ୍ୟକ୍ତିଙ୍କ ମୃତ୍ୟୁ ହୋଇସାରିଛି।



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ